# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୫/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, October 15/2024 | Page 16 | ₹ 7.00

୫୦ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 320 ମୂଲ୍ୟ ₹୭/-




**ମା'ଙ୍କୁ ମେଲାଣି:** ଭୁବନେଶ୍ୱର ଉପକଣ୍ଠ କୂଆଖାଇ ନଦୀ କୂଳରେ ପ୍ରସ୍ତୁତ ଅସ୍ଥାୟୀ ପୋଖରୀରେ ସୋମବାର ଦେବୀ ଦୁର୍ଗାଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଉଛି। **(ଫଟୋ: ବିକାଶ ନାୟକ)**

## ୩ ଆମେରିକୀୟଙ୍କୁ ଅର୍ଥନୀତିରେ ନୋବେଲ

**ଷ୍ଟକ୍‌ହୋମ୍,୧୪।୧୦**

ଚଳିତବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଁ ଆମେରିକାର ୩ ଅର୍ଥନୀତିଜ୍ଞଙ୍କୁ ସୋମବାର ମନୋନୀତ କରାଯାଇଛି। ସେମାନେ ହେଲେ ଡାରୋନ୍ ଆସେମୋଗ୍ଲୁ, ସାଇମନ ଜନ୍‌ସନ ଏବଂ ଜେମ୍ସ ରବିନସନ୍। ସାମାଜିକ ଅନୁଷ୍ଠାନଗୁଡ଼ିକର ଗଠନ ଏବଂ ସମୃଦ୍ଧି ଉପରେ ସେଗୁଡ଼ିକର ପ୍ରଭାବକୁ ନେଇ ସେମାନେ ଅଧ୍ୟୟନ କରୁଥିଲେ। ଏଥିପାଇଁ ସେମାନଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ରୟାଲ ସୁଇଡିସ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ କୁହାଯାଇଛି। ଆଲ୍‌ଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ଦିଆଯାଉଥିବା ଏହି ପୁରସ୍କାର ବାବଦରେ ବିଜେତାଙ୍କୁ ୧୧ ନିୟୁତ ସୁଇଡିସ୍ କ୍ରୋନ୍ (୧.୧ ନିୟୁତ ଡଲାର) ମିଳିବ।

ବିଭିନ୍ନ ଦେଶ ମଧ୍ୟରେ ରହିଥିବା ଆୟ ତାରତମ୍ୟକୁ ହ୍ରାସ କରିବା ବର୍ତ୍ତମାନ ସମୟର ସବୁଠୁ ବଡ଼ ଚ୍ୟାଲେଞ୍ଜ। ଏହା ହାସଲ କରିବା ଦିଗରେ ସାମାଜିକ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱକୁ ଉପରୋକ୍ତ ଅର୍ଥନୀତିଜ୍ଞମାନେ ସେମାନଙ୍କ ଗବେଷଣା ଜରିଆରେ ଦର୍ଶାଇଥିବା ଅର୍ଥନୀତି ବିଜ୍ଞାନ ପୁରସ୍କାର କମିଟିର ଅଧ୍ୟକ୍ଷ ଜାକୋବ ସ୍ୱେନ୍‌ସନ କହିଛନ୍ତି। ଡାରୋନ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଶ୍ମୀରରେ ଗଣତନ୍ତ୍ର**






## ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୪।୧୦(ସତ୍ୟଜିତ୍ ରାଉତ)**

ଦିଲ୍ଲୀରେ ଜଣେ ଓଡ଼ିଆ ଯୁବତୀ ବଳାତ୍କାରର ଶିକାର ହୋଇଛନ୍ତି। ଗତ ୧୦ତାରିଖ ବିଳମ୍ବିତ ରାତିରେ ଦିଲ୍ଲୀର ସରାଇ କାଲେ ଖାନ୍ ଅଞ୍ଚଳରେ ଏହି ଘଟଣା ଘଟିଛି। ବଳାତ୍କାର ପରେ ପୀଡ଼ିତାଙ୍କୁ ଏକ ନିଛାଟିଆ ସ୍ଥାନରେ ଦୁର୍ବୃତ୍ତ ଜଣକ ଫୋପାଡ଼ି ଫେରାର ହୋଇଯାଇଛନ୍ତି। ନର୍ସିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଉକ୍ତ ପୀଡ଼ିତାଙ୍କୁ ଘଟଣାସ୍ଥଳରୁ ପୋଲିସ ଉଦ୍ଧାର କରି ଦିଲ୍ଲୀସ୍ଥିତ ଏମ୍‌ସରେ ଭର୍ତ୍ତି କରିଥିଲା। ପୀଡ଼ିତା ଯୁବତୀ ☞ପୃଷ୍ଠା-୪

# ଦାଦନ ଦୂର ପାଇଁ ଟାସ୍କଫୋର୍ସ

**ରାଜ୍ୟରେ ଦାଦନ ଏକ ପ୍ରମୁଖ ସମସ୍ୟା। ଏହାକୁ ଦୂର କରିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଛନ୍ତି। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ କେତେକ ବିଭାଗର ମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଉନ୍ନୟନ କମିଶନର ପ୍ରମୁଖ ସଦସ୍ୟ ରହିଛନ୍ତି। ପ୍ରତି ୬ମାସରେ ଥରେ ଏହି ଟାସ୍କଫୋର୍ସ ଦାଦନ ସମସ୍ୟାର ସମାଧାନ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବ।**

**ଭୁବନେଶ୍ୱର,୧୪।୧୦(ଅନିଲ ଦାସ)**

ରାଜ୍ୟ ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଓଡ଼ିଶାର ଶ୍ରମିକମାନଙ୍କ ସମସ୍ୟାର ସମାଧାନ ତଥା ଦାଦନଜନିତ ବିସ୍ଥାପନ ରୋକିବା ନିମନ୍ତେ ସବିଶେଷ ଭାବରେ ଆଲୋଚନା କରିବା ସହ ସେସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବ। ଏଥିସହ ବିଭିନ୍ନ ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକୁ ସୁପାରିସ କରିବ। ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରେ କାର୍ଯ୍ୟ କରିବ। ୬ ମାସରେ ଥରେ ଟାସ୍କଫୋର୍ସର ବୈଠକ କରାଯାଇ ଦାଦନ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗଗୁଡ଼ିକର ସମୀକ୍ଷା ହେବ। ଦାଦନ ଦୂରୀକରଣ କ୍ଷେତ୍ରରେ ଉଚ୍ଚକୋଟୀର କାର୍ଯ୍ୟ କରିଥିବା ବିଶେଷଜ୍ଞ, ଶିକ୍ଷାବିତ୍, ଉନ୍ନୟନ ବିଶେଷଜ୍ଞ, ମିଳିତ ଜାତିସଂଘ ଅନୁବନ୍ଧିତ ସଂସ୍ଥାର ପ୍ରତିନିଧିମାନଙ୍କୁ ମଧ୍ୟ ବୈଠକକୁ ନିମନ୍ତ୍ରିତ କରାଯିବାର ବ୍ୟବସ୍ଥା ରହିଛି।

ଟାସ୍କଫୋର୍ସ ଅଞ୍ଚଳ ଅନୁଯାୟୀ ବିସ୍ଥାପନର ପ୍ରକାର ଭେଦ ନିରୀକ୍ଷଣ କରିବା ସହ ଆବଶ୍ୟକ ନିର୍ଦ୍ଦିଷ୍ଟ ପଦକ୍ଷେପ ଦିଗରେ ସୁପାରିସ କରିବ। ଏଥିସହ ବିସ୍ଥାପନଜନିତ ଆଞ୍ଚଳିକ ବୈଷମ୍ୟତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ନିରାକରଣ ନିମନ୍ତେ ପରାମର୍ଶ ଦେବ। ଏହାଛଡ଼ା ଦାଦନଜନିତ ବିସ୍ଥାପନ ହ୍ରାସ ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ଜାରି ରହିଥିବା କାର୍ଯ୍ୟକ୍ରମ ଓ ଏ ସମ୍ବନ୍ଧୀୟ କାର୍ଯ୍ୟ କରୁଥିବା ବ୍ୟବସ୍ଥାର ଅଧ୍ୟୟନ କରାଯିବ। ଦକ୍ଷତା ବିକାଶ, ଋଣ ଯୋଗାଣ, ଦାରିଦ୍ର୍ୟ ନିରାକରଣ ଯୋଜନାରେ ପରିବାରଗୁଡ଼ିକୁ ସାମିଲ କରିବା, ଭିତ୍ତିଭୂମି ଯୋଗାଇ ଦେବା ତଥା ରୋଜଗାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ନିଆଯିବାକୁ ଥିବା ନିର୍ଦ୍ଦିଷ୍ଟ ପଦକ୍ଷେପ ସୁପାରିସ କରିବା, ରାଜ୍ୟ ସରକାରଙ୍କ ଦ୍ୱାରା ☞ପୃଷ୍ଠା-୪

# ଭାରତ-କାନାଡା ତିକ୍ତତା ବଢ଼ିଲା

**■ ଉଚ୍ଚାୟୁକ୍ତଙ୍କୁ ଫେରାଇ ଆଣିଲା ଭାରତ ■ ୬ କାନାଡୀୟ କୂଟନୀତିଜ୍ଞ ବହିଷ୍କୃତ**

**ନୂଆଦିଲ୍ଲୀ,୧୪।୧୦**



ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜାର ହତ୍ୟା ମାମଲାରେ ଭାରତୀୟ ଉଚ୍ଚାୟୁକ୍ତ ଓ ଅନ୍ୟ କୂଟନୀତିଜ୍ଞମାନଙ୍କୁ କାନାଡା ଅଭିଯୁକ୍ତ କରିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ପ୍ରତିବାଦରେ ନୂଆଦିଲ୍ଲୀ ସୋମବାର କାନାଡାରୁ ଭାରତୀୟ ହାଇକମିଶନର ସଞ୍ଜୟ କୁମାର ବର୍ମା ଓ ଅନ୍ୟ ବରିଷ୍ଠ କୂଟନୀତିଜ୍ଞମାନଙ୍କୁ ଫେରାଇ ଆଣିଛି। ଏଥିସହିତ ନୂଆଦିଲ୍ଲୀରେ ଅବସ୍ଥାପିତ କାନାଡାର ୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କରାଯାଇଛି। ସେମାନଙ୍କୁ ଆସନ୍ତା ୧୯ ତାରିଖ ସୁଦ୍ଧା ଭାରତ ଛାଡ଼ି ଚାଲିଯିବାକୁ କୁହାଯାଇଛି। ବହିଷ୍କୃତ କାନାଡା କୂଟନୀତିଜ୍ଞମାନେ ହେଲେ ଏହାର କାର୍ଯ୍ୟକାରୀ ହାଇକମିଶନର ଷ୍ଟିୱାର୍ଟ ରୋସ୍ ହ୍ୱିଲର, ଡେପୁଟି ହାଇକମିଶନର ପାଟ୍ରିକ ହେବର୍ଟ, ପ୍ରଥମ ସଚିବ ମାରି କାଥେରିନ୍ ଜୋଲି, ଇଆନ ରୋସ୍ ଡାଭିଡ୍ ଟ୍ରିଟ୍ସ, ଆଡାମ ଜେମ୍ସ ଚୁଇପ୍‌କା ଏବଂ ପାଉଲା ଓର୍ଜୁଏଲା। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସରକାରର କାର୍ଯ୍ୟ କୂଟନୀତିଜ୍ଞମାନଙ୍କ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିଛି। ଏଭଳି ଉଗ୍ରବାଦ ଏବଂ ହିଂସାତ୍ମକ ପରିବେଶରେ କୂଟନୀତିଜ୍ଞମାନେ ସେଠାରେ ରହିବା ସମ୍ଭବ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। କୂଟନୀତିଜ୍ଞମାନଙ୍କ ସୁରକ୍ଷା ପ୍ରତି କାନାଡାର ବର୍ତ୍ତମାନ ସରକାରଙ୍କ ପ୍ରତିଶ୍ରୁତି ଉପରେ ଭରସା ନାହିଁ। ତେଣୁ ଭାରତ ସରକାର ଏହାର ଉଚ୍ଚାୟୁକ୍ତ ଓ ଟାର୍ଗେଟରେ ଥିବା ଅନ୍ୟ ଅଫିସରମାନଙ୍କୁ ☞ପୃଷ୍ଠା-୪

# ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ ଚାଇନାର ବସ୍ତି ନିର୍ମାଣ

**ନୂଆଦିଲ୍ଲୀ,୧୪।୧୦**



ଭାରତ-ଚାଇନା ସୀମାରେ ଲାଗିରହିଥିବା ଉତ୍ତେଜନା ହ୍ରାସ ଲାଗି ଗୋଟିଏ ପଟେ କୂଟନୈତିକ ଉଦ୍ୟମ ଜାରି ରହିଥିବାବେଳେ ଅନ୍ୟପଟେ ବେଜିଂ ପାଙ୍ଗୋଙ୍ଗ୍ ହ୍ରଦର ଉତ୍ତର ପାର୍ଶ୍ୱ ନିକଟରେ ବିଶାଳ ବସ୍ତି ନିର୍ମାଣ କରୁଥିବା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି। ଏଥିରେ ନିର୍ମିତ ହୋଇଥିବା ଶତାଧିକ ବିଲ୍ଡିଂ ସାମରିକ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇପାରେ। ୨୦୨୦ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଯେଉଁ ସ୍ଥାନରେ ମୁହାଁମୁହିଁ ହୋଇଥିଲା, ତାହାଠାରୁ ୩୮ କିଲୋମିଟର ଦୂରରେ ଏହି ବସ୍ତି ନିର୍ମାଣ କରାଯାଉଥିବାରୁ ଏହାକୁ ଚାଇନା ସେନା ଆଗୁଆ ଘାଟି ଭାବେ ବ୍ୟବହାର କରିପାରେ।

ବିଶ୍ୱର ସର୍ବୋଚ୍ଚ ଲୁଣିଜଳ

**ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହେଲା**

ହ୍ରଦ ପାଙ୍ଗୋଙ୍ଗ ସୋ ଭାରତ ଦାବି କରୁଥିବା ଅଞ୍ଚଳ ବାହାରେ ଅବସ୍ଥିତ। ତେବେ ଭାରତ ଏବଂ ତିବ୍ବତ ମଧ୍ୟରେ ଅବସ୍ଥିତ ଏହି ଅଞ୍ଚଳକୁ ନେଇ ସୀମା ବିବାଦ ରହିଛି। ଗତ ୯ ତାରିଖରେ ଆମେରିକାର ମାକ୍ସାର ଟେକ୍ନୋଲୋଜି ଉକ୍ତ ଉପଗ୍ରହ ଚିତ୍ର ହାସଲ କରିଛି, ଯେଉଁଠି ପ୍ରାୟ ୧୭ ହେକ୍ଟର ଜମି ଉପରେ ନିର୍ମାଣ ☞ପୃଷ୍ଠା-୪







**ତାଇୱାନକୁ ଘେରିଲା ଚାଇନା** ଚାଇନା ସମରାଭ୍ୟାସ ନାଁରେ ସୋମବାର ତାଇୱାନକୁ ଚାରିପଟୁ ଘେରିଛି। ତାଇୱାନ ଚାରିପଟେ ବହୁସଂଖ୍ୟାରେ ଚାଇନାର ଲଢୁଆ ବିମାନ ଏବଂ ଯୁଦ୍ଧଜାହାଜ ଚକ୍କର କାଟିଛନ୍ତି। ଚାଇନା ନିଜର ସ୍ଥଳସେନା, ବାୟୁସେନା ଏବଂ ନୌସେନା ସୈନ୍ୟଙ୍କୁ ବହୁ ସଂଖ୍ୟାରେ ନିୟୋଜିତ କରି ତାଇୱାନକୁ ଡରାଇବାକୁ ଉଦ୍ୟମ କରିଛି। ତାଇପେଇକୁ ପ୍ରତିନିଧିତ୍ୱ କରିବା ଅଧିକାର ଚାଇନାର ନ ଥିବା ତାଇୱାନ ରାଷ୍ଟ୍ରପତି ଲାଇ ଚିଙ୍ଗ-ତେ କହିବା ପରେ ଚାଇନା ଏହାର ସୀମା ନିକଟରେ ଯୁଦ୍ଧାଭ୍ୟାସ ଆରମ୍ଭ କରିଛି।



# ଦୁର୍ଗା ଭସାଣି ବେଳେ ହିଂସା

- ଯୁବକଙ୍କୁ ହତ୍ୟା ପ୍ରତିବାଦରେ ହସ୍ପିଟାଲ, ଦୋକାନ ଜାଳିଦେଲେ
- ସୀମା ସିଲ୍, ଡ୍ରୋନ୍ ମୁତୟନ କଲା ପୋଲିସ

**ଲକ୍ଷ୍ନୌ,୧୪।୧୦**



ଦୁର୍ବୃତ୍ତମାନେ ଏକ ମୋଟରସାଇକେଲ ଶୋ'ରୁମ୍‌ରେ ନିଆଁ ଲଗାଇଦେବାରୁ ବହୁ ବାଇକ୍ ଜଳିଯାଇଛି।

ଉତ୍ତରପ୍ରଦେଶର ବାହରିଚ୍ ଜିଲାରେ ରବିବାର ଦୁର୍ଗା ମୂର୍ତ୍ତି ଭସାଣି ବେଳେ ହିଂସାକାଣ୍ଡ ଘଟିଛି। ଦୁର୍ଗା ମେଢ଼କୁ ଶୋଭାଯାତ୍ରାରେ ନିଆଯାଉଥିବାବେଳେ ଗୀତ ବଜାଇବାକୁ କେନ୍ଦ୍ରକରି ଜଣେ ୨୨ ବର୍ଷୀୟ ଯୁବକଙ୍କୁ ହତ୍ୟା କରାଯିବା ସହ ଅନ୍ୟ କେତେଜଣ ଆହତ ହୋଇଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ବାହରିଚ୍‌ର ମହସି ସବ୍‌ଡିଭିଜନ ଦେଇ ଶୋଭାଯାତ୍ରା ଗଲାବେଳେ ଟେକାମାଡ଼ ସହ ଗୁଳିମାଡ଼ ହୋଇଥିଲା। ଉତ୍ୟକ୍ତ ଲୋକେ ଲକ୍ଷ୍ନୌ ସେବା ହସ୍ପିଟାଲରେ ନିଆଁ ଲଗାଇଦେବା ସହ ଏକ୍ସ-ରେ' ମେଶିନ ଭାଙ୍ଗିଦେଇଛନ୍ତି। ହସ୍ପିଟାଲର କେତେକ ବେଡ୍ ଓ ଝରକା ମଧ୍ୟ ଭଙ୍ଗାଯାଇଛି। ଏଥିସହିତ ହସ୍ପିଟାଲ ନିକଟରେ ଥିବା ଅନେକ ଦୋକାନରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ଏକ ମୋଟରସାଇକେଲ ଶୋ'ରୁମ୍‌ରେ ନିଆଁ ଲଗାଇଦେବାରୁ ବହୁସଂଖ୍ୟାରେ ବାଇକ ପୋଡ଼ିଯାଇଛି।

ସଂଘର୍ଷ ପରେ ଜିଲା ପ୍ରଶାସନ ମହସିରେ ଇଣ୍ଟରନେଟ୍ ସେବା ବନ୍ଦ କରିଥିବାବେଳେ ବହୁସଂଖ୍ୟାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେଠାକୁ ୧୦ କମ୍ପାନୀ ସଶସ୍ତ୍ର ପୋଲିସ, ୨ କମ୍ପାନୀ ସିଏପିଏଫ୍ ଏବଂ ଉତ୍ତରପ୍ରଦେଶ ସ୍ୱତନ୍ତ୍ର ଟାସ୍କଫୋର୍ସର ୫ଟି ଟିମ୍‌କୁ ପଠାଯାଇଛି। ସେଠାରେ ୧୫ ଜଣ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିବା ସହ ଦଙ୍ଗା ନିୟନ୍ତ୍ରଣ ଗାଡ଼ିଗୁଡ଼ିକୁ ମହଜୁଦ୍ ରଖାଯାଇଛି। ପୋଲିସ ଅନ୍ୟୂନ ୩୦ ଜଣଙ୍କୁ ଅଟକ ରଖିବା ସହ ସଲ୍‌ମାନ ନାମକ ଯୁବକଙ୍କୁ ଗିରଫ କରିଛି। ସେ ଶୋଭାଯାତ୍ରା ଉପରକୁ ଗୁଳି ଚଳାଇଥିବାର ପ୍ରମାଣ ମିଳିଛି। ଏଥିସହିତ ଅନ୍ୟ ୧୦ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଉକ୍ତ ଅଞ୍ଚଳକୁ ଯାଇଥିବା ସମସ୍ତ ରାସ୍ତାକୁ ପୋଲିସ ସିଲ୍ କରିବା ସହ ଡ୍ରୋନ୍ ନିୟୋଜିତ କରିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବରିଷ୍ଠ ଅଧିକାରୀମାନଙ୍କ ସହ ଜିଲାର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ବୈଠକରେ ଆଲୋଚନା କରିଛନ୍ତି। ମହସିରେ ହିଂସାକାଣ୍ଡ ଘଟାଇଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ଦଙ୍ଗାକାରୀଙ୍କୁ ତୁରନ୍ତ ଚିହ୍ନଟ କରିବା ସହ ଯେଉଁମାନଙ୍କ ଅବହେଳାରୁ ଏଭଳି ଘଟଣା ଘଟିଲା, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।

## ୩ ଅନ୍ତର୍ଜାତୀୟ ବିମାନକୁ ବୋମା ଧମକ

**ମୁମ୍ବାଇ, ୧୪।୧୦**

ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ବୋମାରେ ଉଡ଼ାଇଦେବାକୁ ସୋମବାର ଧମକ ମିଳିବାରୁ ଏହାକୁ ନୂଆଦିଲ୍ଲୀରେ ଜରୁରୀ ଅବତରଣ କରାଯାଇଛି। ବିମାନରେ ୨୩୯ ଯାତ୍ରୀ ଓ ୧୯ ଜଣ କ୍ରିଉ ସଦସ୍ୟ ଥିଲେ। ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାରପୋର୍ଟକୁ ଯାଞ୍ଚ କରାଯାଇଥିବାବେଳେ କୌଣସି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିଲା। ମଙ୍ଗଳବାର ସକାଳେ ଏହା ନୂଆଦିଲ୍ଲୀରୁ ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିବ ବୋଲି ଏୟାର ଇଣ୍ଡିଆ ସୂଚନା ଦେଇଛି। ସେହିପରି ମୁମ୍ବାଇରୁ ମସ୍କାଟ ଓ ଜେଦ୍ଦା ଅଭିମୁଖେ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ୨ଟି ବିମାନକୁ ମଧ୍ୟ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଫଳରେ ମୁମ୍ବାଇ ବିମାନବନ୍ଦରରେ ଉଭୟ ବିମାନର ତଲାସୀ ନିଆଯାଇଥିଲା। ତେବେ କୌଣସିସନ୍ଦେହଜନକସାମଗ୍ରୀମିଳିନଥିଲା। ତେବେ ଉଭୟ ବିମାନ ଅନେକ ଘଣ୍ଟା ବିଳମ୍ବରେ ଉଡ଼ାଣ ଭରିଥିଲା।

## ୱାକ୍‌ଫ ବିଲ୍ ସଂସଦୀୟ କମିଟି ବୈଠକରୁ ଉଠି ଆସିଲେ ବିରୋଧୀ ଏମ୍‌ପି

**ନୂଆଦିଲ୍ଲୀ, ୧୪।୧୦**

ବିରୋଧୀ ଦଳର ଏମ୍‌ପିମାନେ ସୋମବାର ୱାକଫ୍ ସଂଶୋଧନ ବିଲ୍ ଉପରେ ଜେପିସି ବୈଠକ ଅଧାରୁ ଉଠିଯାଇଛନ୍ତି। କମିଟି ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରୁ ନ ଥିବା ନେଇ ବିରୋଧୀ ଏମ୍‌ପି ଅଭିଯୋଗ କରିବା ସହ ଅଧ୍ୟକ୍ଷ ଜଗଦମ୍ବିକା ପାଲ୍‌ଙ୍କୁ ହଟାଇବାକୁ ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖିଛନ୍ତି। ବିରୋଧୀ ସଦସ୍ୟଙ୍କ ସହ ପକ୍ଷପାତିତା ହୋଇଥିବା ଅଭିଯୋଗ କରି ସେମାନେ ବାଚସ୍ପତିଙ୍କ ସହ ଆଲୋଚନା ପାଇଁ ସମୟ ମାଗିଛନ୍ତି। ବୈଠକ ସମୟରେ କର୍ଣ୍ଣାଟକ ରାଜ୍ୟ ସଂଖ୍ୟାଲଘୁ ଆୟୋଗର ପୂର୍ବତନ ଅଧ୍ୟକ୍ଷ ଅନୱର ମଣିପାଦ୍ଦି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପ୍ରତି ଆପତ୍ତିଜନକ ଟିପ୍ପଣୀ କରିଥିବାରୁ ବିପକ୍ଷ ସଦସ୍ୟ ଏହାକୁ ବିରୋଧ କରିଥିଲେ। କମିଟି ନୀତି ଓ ଆଦର୍ଶ ସହ କାର୍ଯ୍ୟ କରୁ ନ ଥିବାରୁ ବୈଠକ ବର୍ଜନ କଲୁ ବୋଲି ଶିବସେନା (ୟୁବିଟି) ଏମ୍‌ପି ଅରବିନ୍ଦ ସାୱନ୍ତ କହିଛନ୍ତି। ଜେପିସି କମିଟିର କାର୍ଯ୍ୟଧାରାକୁ ବିରୋଧ କରି କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ, ଇମ୍ରାନ ମାସୁଦ, ଏଆଇଏମ୍‌ଆଇଏମ୍‌ର ଅସାଦୁଦ୍ଦିନ ଓୱାଇସି, ଡିଏମ୍‌କେର ଏ. ରାଜା, ଆପ୍‌ର ସଞ୍ଜୟ ସିଂ ପ୍ରମୁଖ ମିଟିଂରୁ ଉଠି ଚାଲିଯାଇଥିଲେ।

## ଷ୍ଟାର ହେଲ୍‌ଥ ଇନ୍‌ସ୍ୟୁରାନ୍ସ ତଥ୍ୟ ପ୍ରଘଟର ତଦନ୍ତ ଦାବି

**ନୂଆଦିଲ୍ଲୀ,୧୪।୧୦**

ଷ୍ଟାର ହେଲ୍‌ଥ ଆଣ୍ଡ ଆଲାଏଡ୍ ଇନ୍‌ସ୍ୟୁରାନ୍ସ ସଂସ୍ଥାର ଗ୍ରାହକମାନଙ୍କ ଗୋପନ ତଥ୍ୟ ଗତ ୯ ତାରିଖରେ ପ୍ରଘଟ ହୋଇଛି। ଉକ୍ତ ଡେଟା ପାଇବାକୁ ହେଲେ ଉକ୍ତ କମ୍ପାନୀକୁ ୬୮,୦୦୦ ଡଲାର ପୈଠ କରିବାକୁ ଏକ ମେସେଜ୍ ମିଳିଥିଲା। କମ୍ପାନୀ ସାଇବର ଆକ୍ରମଣର ସମ୍ମୁଖୀନ ହୋଇଥିଲେ ମଧ୍ୟ ଡେଟା ଲିକ୍ ଯୋଗୁ ଏହାର କାର୍ଯ୍ୟ ପ୍ରଭାବିତ ହୋଇ ନ ଥିବା କହିଛି। ଅନ୍ୟପକ୍ଷରେ ଷ୍ଟାର ହେଲ୍‌ଥ କମ୍ପାନୀର ଗୋପନୀୟ ତଥ୍ୟ ଲିକ୍ ଘଟଣାର ତଦନ୍ତ କରାଯିବାକୁ ଦିଲ୍ଲୀର ଲିଗାଲ ସର୍ଭିସ୍ ସଂସ୍ଥା ସଫ୍ଟୱେର ଫ୍ରିଡମ୍ ଲ' ସେଣ୍ଟର ଇଣ୍ଡିଆ (ଏସ୍‌ଏଫ୍‌ଏଲ୍‌ସିଆଇ) ସୋମବାର ନ୍ୟାଶନାଲ ସାଇବର ଏଜେନ୍ସି ଇଣ୍ଡିଆ କମ୍ପ୍ୟୁଟର ଏମର୍ଜେନ୍ସି ଟିମ୍ (ସିଇଆର୍‌ଟି-ଇନ୍)କୁ ପତ୍ର ଲେଖିଛି। ଦେଶର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା କମ୍ପାନୀ ଷ୍ଟାର ହେଲ୍‌ଥ ଆଣ୍ଡ ଆଲାଏଡ୍ ଇନ୍‌ସ୍ୟୁରାନ୍ସରେ ଏଭଳି ଡେଟା ଲିକ୍ ଭବିଷ୍ୟତରେ ଯେପରି ନ ହୁଏ, ତାହା ସୁନିଶ୍ଚିତ କରାଯିବା ଆବଶ୍ୟକ। ଅତ୍ୟନ୍ତ ସମ୍ବେଦନଶୀଳ ଏହି ବ୍ୟକ୍ତିଗତ ତଥ୍ୟରେ ଗ୍ରାହକଙ୍କ ନାଁ, ଫୋନ୍ ନମ୍ବର, ଠିକଣା, ଟ୍ୟାକ୍ସ ସୂଚନା, ପରିଚୟପତ୍ର ନକଲ, ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଆଦି ରହିଛି। ଟେଲିଗ୍ରାମରେ ଏହିସବୁ ତଥ୍ୟ ପ୍ରଘଟ ହୋଇଥିବାରୁ ଏହାର ଦୁରୁପଯୋଗ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ୩.୧ କୋଟିରୁ ଊର୍ଦ୍ଧ୍ୱ ଗ୍ରାହକଙ୍କ ସମ୍ପୂର୍ଣ୍ଣ ୭.୨୪ ଟିବି ଡେଟାକୁ ୧,୫୦,୦୦୦ ଡଲାରରେ ବିକ୍ରି କରିବାକୁ ହ୍ୟାକର ଏକ ୱେବ୍‌ସାଇଟରେ ଖୋଲା ଆହ୍ୱାନ ଦେଇଛି। ଷ୍ଟାର ହେଲ୍‌ଥକୁ ମଧ୍ୟ ୬୮,୦୦୦ ଡଲାର ପୈଠ ପାଇଁ ମେସେଜ୍ ପଠାଯାଇଛି।

# ଏନ୍‌ସିପି ନେତା ବାବା ସିଦ୍ଦିକୀଙ୍କୁ ହତ୍ୟା

**ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କଲା**

**ମୁମ୍ବାଇ,୧୪।୧୦**



ବାବା ସିଦ୍ଦିକୀ

ବରିଷ୍ଠ ଏନ୍‌ସିପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକୀଙ୍କୁ ଶନିବାର ରାତିରେ ବାନ୍ଦ୍ରା ଅଞ୍ଚଳରେ ୩ ଜଣ ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଥିଲେ। ବିଧାନସଭା ନିର୍ବାଚନ ପୂର୍ବରୁ ଜଣେ ବରିଷ୍ଠ ନେତାଙ୍କ ହତ୍ୟା ଘଟଣାକୁ ନେଇ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଗୁଳିମାଡ଼ରେ ଗୁରୁତର ୬୬ ବର୍ଷୀୟ ସିଦ୍ଦିକୀଙ୍କୁ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ ତଥା ବିଧାୟକ ଜିଶନ ସିଦ୍ଦିକୀଙ୍କ କାର୍ଯ୍ୟାଳୟ ବାହାରେ ଏହି ଆକ୍ରମଣ ହୋଇଥିଲା। ସିଦ୍ଦିକୀ ବାନ୍ଦ୍ରା (ୱେଷ୍ଟ)ରୁ ୩ ଥର ବିଧାୟକ ନିର୍ବାଚିତ ହୋଇଥିବାବେଳେ ସେ ମୁମ୍ବାଇର ଖ୍ୟାତନାମା ମୁସଲମାନ ନେତା ଥିଲେ ଓ ଅନେକ ବଲିଉଡ୍ ତାରକାଙ୍କ ଘନିଷ୍ଠ ଥିଲେ।

ଏନ୍‌ସିପି ନେତାଙ୍କ ହତ୍ୟା ପାଇଁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି। ଏଥିସହିତ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କୁ ଯିଏ ସହାୟତା କରିବେ, ସେମାନେ ଗ୍ୟାଙ୍ଗ୍‌ର ଟାର୍ଗେଟରେ ରହିବେ ବୋଲି ଧମକ ଦିଆଯାଇଛି। ସଲ୍‌ମାନଙ୍କ ଘନିଷ୍ଠ ଥିବା ଅନ୍ୟ ସେଲିବ୍ରିଟିମାନେ ମଧ୍ୟ ଟାର୍ଗେଟରେ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ବିଷ୍ଣୋଇ ଗ୍ୟାଙ୍ଗର ଘନିଷ୍ଠ ଶୁଭମ୍ ରାମେଶ୍ୱର ଲୋଙ୍କାର ଏକ ଫେସ୍‌ବୁକ୍ ପୋଷ୍ଟରେ ସିଦ୍ଦିକୀଙ୍କ ହତ୍ୟା ପାଇଁ ଉକ୍ତ ଗ୍ୟାଙ୍ଗ୍‌କୁ ଦାୟୀ କରିଥିଲେ। ତେବେ ସେ ଜେଲରେ ଥିବାରୁ ତାଙ୍କ ଭାଇ ପ୍ରଭିନ୍ ଉକ୍ତ ପୋଷ୍ଟ କରିଥିବା ସନ୍ଦେହ କରି ପୋଲିସ ତାଙ୍କୁ ଗିରଫ କରିବା ପରେ ୨୧ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେଇଛି। ଗୁଳି ଚଳାଇଥିବା ୩ ଜଣଙ୍କ ମଧ୍ୟରୁ ଗୁରମୈଲ ବଲ୍‌ଜିତ ସିଂ(୨୩)ଙ୍କୁ ହରିୟାଣାରୁ ଏବଂ ଧରମରାଜ କାଶ୍ୟପ(୧୯)ଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରାଯାଇଥିଲା। ତୃତୀୟ ଅଭିଯୁକ୍ତ ୟୁପିର ଶିବକୁମାର ଗୌତମଙ୍କୁ ପୋଲିସ ଚିହ୍ନଟ କରି ଧରିବା ପାଇଁ ତନାଘନା ଚଳାଇଛି।

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ହିଟ୍ ଲିଷ୍ଟରେ ବାବା ସିଦ୍ଦିକୀଙ୍କ ପୁଅ ତଥା ବିଧାୟକ ଜିଶନ ସିଦ୍ଦିକୀ ରହିଥିବା ଜଣାପଡ଼ିଛି। ଉଭୟ ବାପପୁଅଙ୍କୁ ହତ୍ୟା କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ବୋଲି ଗୁଳି ଚଳାଇଥିବା ଅଭିଯୁକ୍ତ ଜେରା ବେଳେ ପୋଲିସକୁ କହିଛନ୍ତି। ଉଭୟ ଘଟଣାସ୍ଥଳରେ ଉପସ୍ଥିତ ଥିବା ନେଇ ସେମାନଙ୍କୁ ସୂଚନା ଦିଆଯାଇଥିଲା। ତେବେ ଉଭୟଙ୍କୁ ଆକ୍ରମଣର ସୁଯୋଗ ନ ମିଳିଲେ, ପ୍ରଥମେ ଯାହାଙ୍କୁ ପାଇବ ହତ୍ୟା କରିବ ବୋଲି ସେମାନଙ୍କୁ ନିର୍ଦ୍ଦେଶ ମିଳିଥିଲା। କଂଗ୍ରେସ ବିଧାୟକ ଜିଶନ ବିଧାନ ପରିଷଦ ନିର୍ବାଚନ ବେଳେ କ୍ରସ୍-ଭୋଟିଂ କରିଥିବା ଜଣାପଡ଼ିବା ପରେ ଦଳ ତାଙ୍କୁ କିଛି ମାସ ପୂର୍ବରୁ ବହିଷ୍କାର କରିଥିଲା।

### ବିଷ୍ଣୋଇଙ୍କ ଗ୍ୟାଙ୍ଗ୍‌ରେ ୭୦୦ ଶୁଟର



ଲରେନ୍ସ ବିଷ୍ଣୋଇ

୨୦୨୨ରେ ପଞ୍ଜାବର ମନସା ଜିଲାରେ ଲୋକପ୍ରିୟ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା ଘଟଣା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ କରାଇଥିଲା। ଏହାର ଦୁଇବର୍ଷ ପରେ ତାଙ୍କ ଗ୍ୟାଙ୍ଗ ମୁମ୍ବାଇର ବରିଷ୍ଠ ରାଜନେତା ବାବା ସିଦ୍ଦିକୀଙ୍କୁ ହତ୍ୟା କରି ପୁଣିଥରେ ଚର୍ଚ୍ଚାକୁ ଆସିଛି। ଗୁଜରାଟର ସାବରମତି ଜେଲରେ ଥିବା ବିଷ୍ଣୋଇ ସେଠାରୁ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛି। ତାଙ୍କ ଅପରାଧର ସାମ୍ରାଜ୍ୟ କେବଳ ଭାରତ ଭିତରେ ସୀମିତ ନୁହେଁ, ଅନେକ ଦେଶକୁ ବ୍ୟାପିଛି। ଭାରତର ପଞ୍ଜାବ, ହରିୟାଣା, ରାଜସ୍ଥାନ, ଦିଲ୍ଲୀ ଏବଂ ହିମାଚଳପ୍ରଦେଶରେ ଉକ୍ତ ଗ୍ୟାଙ୍ଗ୍‌ର ପ୍ରଭାବ ରହିଥିବାବେଳେ ଉକ୍ତ ଅପରାଧ ସିଣ୍ଡିକେଟ୍‌ର ଅନ୍ୟତମ ମୁଖ୍ୟ ସଦସ୍ୟ ଗୋଲ୍ଡି ବ୍ରାର୍ କାନାଡାରେ ରହି ବିଭିନ୍ନ ଦେଶରେ ଅପରାଧ ଚଳାଇଛି। ସେମାନଙ୍କ ପ୍ରଭାବ ଏବଂ ନେଟ୍‌ୱର୍କ ଏତେ ବିଶାଳ ଯେ, ବିଷ୍ଣୋଇ ଜେଲରେ ଥିଲେ ମଧ୍ୟ ଗ୍ୟାଙ୍ଗ୍‌ର ଆପରାଧିକ କାର୍ଯ୍ୟ ଜାରି ରହିଛି। ଭାରତରେ ଏହି ଗ୍ୟାଙ୍ଗ୍‌ର ୭୦୦ ଶୁଟର ରହିଛନ୍ତି। ବିଭିନ୍ନ ଅଞ୍ଚଳର ଗ୍ୟାଙ୍ଗଷ୍ଟରଙ୍କ ସହ ବିଷ୍ଣୋଇ ଗ୍ୟାଙ୍ଗ ଯୋଗାଯୋଗ କରି ସେମାନଙ୍କୁ ତାଲିମ ଦେଇ ଟାର୍ଗେଟରେ ଥିବା ଲୋକଙ୍କୁ ହତ୍ୟା କରିବାରେ ନିୟୋଜିତ କରିଥାଏ। ଏଥିପାଇଁ ଉକ୍ତ ଶୁଟରଙ୍କୁ ମୋଟା ଅଙ୍କର ଆର୍ଥିକ ସହାୟତା ଦିଆଯାଇଥାଏ। ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଡି-କମ୍ପାନୀ ଭଳି ବିଷ୍ଣୋଇଙ୍କ ଗ୍ୟାଙ୍ଗ୍ ଏକ କର୍ପୋରେଟ୍ କମ୍ପାନୀ ଭଳି କାର୍ଯ୍ୟ କରିଥାଏ। ଏହାର ବିଭିନ୍ନ ବିଭାଗ ରହିଛି। ଲଜିଷ୍ଟିକ୍ସର ଦେଖାରଖା କରିବା ସହ ଆଇନଗତ ସହାୟତା ଓ ସୂଚନା ସଂଗ୍ରହ ପାଇଁ ଗ୍ୟାଙ୍ଗ ଅନେକଙ୍କୁ ନିଯୁକ୍ତି ଦେଇଛି।

## ଲେବାନନ୍‌ରେ ଇସ୍ରାଏଲର ମିଶାଇଲ ମାଡ଼, ୨୧ ମୃତ

**ବେରୁଟ, ୧୪।୧୦**

ଉତ୍ତର ଲେବାନନ୍‌ର ଇଟାଉ ସହରରେ ସୋମବାର ଇସ୍ରାଏଲ ପକ୍ଷରୁ ମିଶାଇଲ ମାଡ଼ କରାଯାଇଥିବା ନେଇ ଲେବାନନ୍ ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଉକ୍ତ ମିଶାଇଲ ମାଡ଼ରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ଲେବାନନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ବର୍ତ୍ତମାନ ସୁଦ୍ଧା ଲେବାନନ୍‌ରେ ଚାଲିଥିବା ଇସ୍ରାଏଲର ସାମରିକ ଅପରେଶନର ମୁଖ୍ୟ କେନ୍ଦ୍ର ଦକ୍ଷିଣ ଲେବାନନ୍, ପୂର୍ବ ଲେବାନନ୍‌ର ବେକା ଉପତ୍ୟକା ଏବଂ ବେରୁଟ ଓ ଏହାର ଆଖପାଖ ଅଞ୍ଚଳରେ ଚାଲିଥିବାବେଳେ ପ୍ରଥମ ଥର ପାଇଁ ଇସ୍ରାଏଲ ସେନା ପକ୍ଷରୁ ଉତ୍ତର ଲେବାନନ୍‌କୁ ଟାର୍ଗେଟ କରାଯାଇଛି।

## ମନ୍ତ୍ରୀ, ଆଇଏଏସ୍ ଅଫିସରଙ୍କ ଘରେ ଇଡି ଚଢ଼ାଉ

**ଝାଡ଼ଖଣ୍ଡରେ ଜଳ ଜୀବନ ମିଶନ ଦୁର୍ନୀତି**

**ରାଞ୍ଚି,୧୪।୧୦**

ଝାଡ଼ଖଣ୍ଡର ପାନୀୟ ଜଳ ଓ ପରିମଳ ବିଭାଗର ଜଳ ଜୀବନ ମିଶନ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଏକସଙ୍ଗେ ୨୩ଟି ସ୍ଥାନରେ ଚଢ଼ାଉ କରିଛି। ଏହି ବହୁକୋଟି ଟଙ୍କା ଦୁର୍ନୀତି ସହ ସମ୍ପୃକ୍ତ ଅଭିଯୋଗରେ ବିଭାଗୀୟ ମନ୍ତ୍ରୀ ମିଥିଲେଶ ଠାକୁର ଓ ତାଙ୍କ ସହଯୋଗୀ ଏବଂ ବରିଷ୍ଠ ଆଇଏଏସ୍ ଅଫିସର ମନୀଷ ରଞ୍ଜନଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ଏହା ବ୍ୟତୀତ ମନ୍ତ୍ରୀଙ୍କ ଭାଇ ବିନୟ ଠାକୁର, ବ୍ୟକ୍ତିଗତ ସଚିବ ହରେନ୍ଦ୍ର ସିଂ ଏବଂ ବିଭିନ୍ନ ବିଭାଗର ଯନ୍ତ୍ରୀମାନଙ୍କର ରାଞ୍ଚିର ଇନ୍ଦ୍ରପୁରୀ, ରାତୁ ରୋଡ୍, ହରମୁ ଏବଂ ମୋର୍‌ହାବାଦୀରେ ଥିବା ଘରେ ଚଢ଼ାଉ କରାଯିବା ସହ ଚାଇବାସା ଏବଂ ଗର୍‌ୱାରେ ମଧ୍ୟ ଇଡି ଅଧିକାରୀମାନେ ଚଢ଼ାଉ କରିଛନ୍ତି।

ଠିକାଦାରରୁ ରାଜନେତା ହୋଇଥିବା ମିଥିଲେଶଙ୍କର ବର୍ତ୍ତମାନର ପ୍ରଶାସନ ଉପରେ ଯଥେଷ୍ଟ ପ୍ରଭାବ ରହିଛି। ସେହିପରି ମନୀଷ ରଞ୍ଜନ ପାନୀୟ ଜଳ ଓ ପରିମଳ ବିଭାଗରେ ଦୀର୍ଘଦିନ ଧରି ସଚିବ ରହିଥିଲେ। ଉକ୍ତ ବିଭାଗରେ ୪,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଦୁର୍ନୀତି ହୋଇଥିବା ନେଇ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ବହୁକୋଟି ଟଙ୍କା ଟେଣ୍ଡର ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ମନ୍ତ୍ରୀ ଆଲମଗିର ଆଲମ୍ ଏବେ ଜେଲରେ ଅଛନ୍ତି। ଗତ ମେ'ରେ ଇଡି ତାଙ୍କୁ ଗିରଫ କରିଥିଲା।

## ନାବାଳିକାଙ୍କୁ ନିଶା ଦେଇ ବଳାତ୍କାର

**ଜାଲ୍‌ନା,୧୪।୧୦**

ମହାରାଷ୍ଟ୍ରର ଜାଲ୍‌ନା ସହରରେ ଜଣେ ୯ ବର୍ଷର ବାଳିକାଙ୍କୁ ନିଶା ଦେଇ ବଳାତ୍କାର କରିବା ପରେ ଅଭିଯୁକ୍ତ ତାଙ୍କୁ ରାସ୍ତାରେ ଫିଙ୍ଗିଦେଇଛନ୍ତି। ସହରର ଚନ୍ଦନଝିରି ଅଞ୍ଚଳରେ ରବିବାର ରାତି ୧୧ଟାରେ ଏହି ଘଟଣା ଘଟିଛି। ନାବାଳିକଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ପରେ ଛତ୍ରପତି ସମ୍ଭାଜୀନଗର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅପରାଧରେ ଜଣେ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବାବେଳ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଏବଂ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦାବିରେ ସ୍ଥାନୀୟ ଲୋକେ ଛତ୍ରପତି ସମ୍ଭାଜୀନଗର ରୋଡ୍‌ରେ ରାସ୍ତାରୋକ କରିଛନ୍ତି। ପୋଲିସ କହିବା ଅନୁଯାୟୀ ନାବାଳିକାଙ୍କ ମାଆ ରାଶନ ସଂଗ୍ରହ ପାଇଁ ବାହାରକୁ ଯାଇଥିବାବେଳେ ସେ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଉଠାଇ ଆଣିଥିଲେ।

# ଷ୍ଟାର୍‌ଶିପ୍ ରକେଟ ବୁଷ୍ଟରକୁ ଧରିଲା ଲଞ୍ଚ୍‌ପ୍ୟାଡ୍

**ସ୍ପେସ୍ ଏକ୍ସ'କୁ ସଫଳତା**

**ୱାଶିଂଟନ, ୧୪।୧୦**



ଏଲନ ମସ୍କଙ୍କ ସ୍ପେସ୍ ଏକ୍ସ' ଦ୍ୱାରା ସୋମବାର ମାତ୍ର ୭ ମିନିଟ ମଧ୍ୟରେ ୫ମ ଷ୍ଟାର୍‌ସିପ୍ ରକେଟର ଉତ୍‌କ୍ଷେପଣ ଓ ଅବତରଣ କରାଯାଇଛି, ଯାହା ଇତିହାସ ସୃଷ୍ଟି କରିଛି। ପୂର୍ବ ୪ଟି ପ୍ରୟାସ ପରି ଚଳିତ ଥର ଷ୍ଟାର୍‌ଶିପ୍ ରକେଟର ବୁଷ୍ଟର ଭାସମାନ ସମୁଦ୍ର ପ୍ଲାଟ୍‌ଫର୍ମରେ ଅବତରଣ କରିନାହିଁ। ବରଂ ଏହା ସମୁଦ୍ରରେ ଅବତରଣ କରିବା ପୂର୍ବରୁ ଲଞ୍ଚ୍‌ପ୍ୟାଡ୍‌ର ମେକାନିକାଲ ଆର୍ମସେ ବା ଯାନ୍ତ୍ରିକ ବାହୁ ମେକାଜିଲା ଷ୍ଟାରଶିପ୍ ରକେଟର ବୁଷ୍ଟରକୁ ସଫଳତା ସହ ଆକାଶରେ ଧରିବାକୁ ସକ୍ଷମ ହୋଇଛି। ସ୍ପେସ୍ ଏକ୍ସ' ଏହାର ଲଞ୍ଚ୍‌ପ୍ୟାଡ୍‌ରେ ଯାନ୍ତ୍ରିକ ବାହୁକୁ ବ୍ୟବହାର କରି ଲଞ୍ଚିଂର ମାତ୍ର ୭ ମିନିଟ ମଧ୍ୟରେ ଷ୍ଟାର୍‌ଶିପ୍ ରକେଟର ବୁଷ୍ଟରକୁ ସିଧାସଳଖ ଲଞ୍ଚ୍‌ପ୍ୟାଡ୍‌ରେ ଅବତରଣ କରାଇପାରିଛି। ସ୍ପେସ୍ ଏକ୍ସ' ପକ୍ଷରୁ ସୋସିଆଲ ମିଡିଆରେ ଏହାର ଭିଡିଓ ଜାରି କରାଯାଇଛି। ଚଳିତ ଥର ସ୍ପେସ୍ ଏକ୍ସ' ଏହାର ଲଞ୍ଚ୍‌ପ୍ୟାଡ୍‌ରେ ବିରାଟ ଏବଂ ଶକ୍ତିଶାଳୀ ମେକାନିକାଲ ଆର୍ମସ୍ ମେକାଜିଲାର ବ୍ୟବହାର କରିଛି। ଭବିଷ୍ୟତରେ ରକେଟ ଲଞ୍ଚିଂ ସମୟରେ ମଧ୍ୟ ଉକ୍ତ ଟେକ୍ନୋଲୋଜୀକୁ ବ୍ୟବହାର କରାଯିବ ବୋଲି ଏହି ମହାକାଶଯାନ ନିର୍ମାତା କମ୍ପାନୀ କହିଛି। ସୂଚନାଯୋଗ୍ୟ, ମେକାଜିଲା ହେଉଛି ଏକ ପ୍ରକାରର ଯାନ୍ତ୍ରିକ ବାହୁ ଯାହା ନିକଟତର ହେବା ସମୟରେ ରକେଟ ବୁଷ୍ଟରକୁ ଧରିବାକୁ ସକ୍ଷମ ହୋଇଥାଏ।

# ଭାରତରେ ସ୍ତନ କର୍କଟ ନେଉଛି ସର୍ବାଧିକ ଜୀବନ

**ନୂଆଦିଲ୍ଲୀ, ୧୪।୧୦**

**ପୁରୁଷଙ୍କ କ୍ଷେତ୍ରରେ ମୁଖ ଗହ୍ୱର କର୍କଟ, ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ମାମଲା ସର୍ବାଧିକ**



ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେଥିମଧ୍ୟରେ ମୁଖ ଗହ୍ୱର କର୍କଟ ବା ମାଉଥ କ୍ୟାନ୍‌ସର ରୋଗରେ ସର୍ବାଧିକ ପୀଡ଼ିତ ରହିଛନ୍ତି। ସେହିପରି ଭାରତରେ ପୁରୁଷଙ୍କଠାରେ ମୁଖ ଗହ୍ୱର କର୍କଟ ମାମଲା ସର୍ବାଧିକ ସାମ୍ନାକୁ ଆସୁଥିବାବେଳେ ମହିଳାଙ୍କଠାରେ ସ୍ତନ କର୍କଟ ମାମଲା ସର୍ବାଧିକ ରହିଛି। ଆଇସିଏମ୍‌ଆର୍-ନ୍ୟାଶ୍‌ନାଲ ସେଣ୍ଟର ଫର୍ ଡିଜିଜ୍ ଇନ୍‌ଫର୍‌ମେଟିକ୍ସ ଆଣ୍ଡ ରିସର୍ଚ୍ଚ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଇ-କ୍ୟାନ୍‌ସର ଜର୍ନାଲରେ ସୋମବାର ପ୍ରକାଶିତ ଏହି ଅଧ୍ୟୟନରେ ବ୍ରିକ୍ସ (ବ୍ରାଜିଲ, ରୁଷିଆ. ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା) ଦେଶଗୁଡ଼ିକରେ କର୍କଟ ରୋଗଜନିତ ମୃତ୍ୟୁ, ଜୀବନ ଉପରେ ଏହାର ପ୍ରଭାବ ଆଦି ବିଭିନ୍ନ କ୍ଷେତ୍ରକୁ ବିଶ୍ଳେଷଣ କରାଯାଇଛି। ଅଧ୍ୟୟନ ଅନୁଯାୟୀ, ବ୍ରିକ୍ସ ଦେଶ ଗୁଡ଼ିକରେ କର୍କଟ ରୋଗର ପ୍ରଭାବ ଚିନ୍ତାଜନକ ରହିଛି। ବିଶ୍ୱରେ କର୍କଟଜନିତ ମୃତ୍ୟୁର କେବଳ ୪୨% କେବଳ ବ୍ରିକ୍ସ ଦେଶଗୁଡ଼ିକରୁ ରେକର୍ଡ ହେଉଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରୁ ରୁଷିଆରେ ସର୍ବାଧିକ ସଂଖ୍ୟାରେ କର୍କଟ ରୋଗୀ ରହିଛନ୍ତି। ତେବେ ମହିଳାଙ୍କ କ୍ଷେତ୍ରରେ ଚାଇନାକୁ ଛାଡ଼ି ଅନ୍ୟ ବ୍ରିକ୍ସ ଦେଶଗୁଡ଼ିକରେ ସର୍ବାଧିକ ସଂଖ୍ୟାରେ ସ୍ତନ କର୍କଟ ରୋଗୀ ରହିଛନ୍ତି। ଚାଇନାରେ ଫୁସ୍‌ଫୁସ୍ କର୍କଟ ରୋଗରେ ସର୍ବାଧିକ ମହିଳା ପୀଡ଼ିତ ରହିଛନ୍ତି। ବ୍ରିକ୍ସ ଅନ୍ତର୍ଗତ କର୍କଟ ରୋଗରେ ପୀଡ଼ିତ ହୋଇ ରୁଷିଆରେ ସର୍ବାଧିକ ସଂଖ୍ୟାରେ ପୁରୁଷଙ୍କ ମୃତ୍ୟୁ ଘଟିଥିବାବେଳେ ଦକ୍ଷିଣ ଆଫ୍ରିକାରେ ସର୍ବାଧିକ ମହିଳାଙ୍କର ମୃତ୍ୟୁ ଘଟୁଛି। ଭାରତକୁ ଛାଡ଼ି ଅନ୍ୟ ସମସ୍ତ ବ୍ରିକ୍ସ ଦେଶରେ ଫୁସ୍‌ଫୁସ୍ କର୍କଟ ରୋଗ ସର୍ବାଧିକ ଜୀବନ ନେଉଛି। ତେବେ ଭାରତରେ ସ୍ତନ କର୍କଟ ସର୍ବାଧିକ ଜୀବନ ନେଉଥିବା ଏହି ଅଧ୍ୟୟନ ପ୍ରକାଶ କରିଛି। ଆଗାମୀ ବର୍ଷଗୁଡ଼ିକରେ ଦକ୍ଷିଣ ଆଫ୍ରିକା ଏବଂ ଭାରତରେ ଉଭୟ ନୂତନ କର୍କଟ ମାମଲା ଓ କର୍କଟଜନିତ ମୃତ୍ୟୁ ସର୍ବାଧିକ ବୃଦ୍ଧି ଘଟିବ ବୋଲି ଏହି ଅଧ୍ୟୟନରେ ଗବେଷକମାନେ ଆକଳନ କରିଛନ୍ତି।




# କେନ୍ଦୁଝରରେ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ମଣ୍ଡୁଆସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜଣେ ମହିଳାଙ୍କଠାରୁ ଅଭିଯୋଗ ଶୁଣୁଛନ୍ତି।

**କେନ୍ଦୁଝର,୧୪।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦୁଝର ମଣ୍ଡୁଆସ୍ଥିତ ବାସଭବନରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସୋମବାର ପୂର୍ବାହ୍ନରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣି ତୁରନ୍ତ ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ସମସ୍ୟା ଜିଲାସ୍ତରରେ ହେବ ତାକୁ ଜିଲାପାଳ ସମାଧାନ କରିବାକୁ ନିର୍ଦ୍ଦେଶ ଦେବା ସହ ରାଜ୍ୟସ୍ତରର ସମସ୍ୟା ରାଜ୍ୟ ଅଭିଯୋଗ ପ୍ରକୋଷ୍ଠକୁ ପଠାଇବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

ଅଭିଯୋଗର ତୁରନ୍ତ ଫଇସଲା କରାଯିବା ସହ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ। ଜିଲାସ୍ତରରେ ହେଉଥିବା ଅଭିଯୋଗ ଶୁଣାଣି ପୂର୍ବପରି ହେବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, କେନ୍ଦୁଝର ଶାଖା ସହ ସମନ୍ୱୟ ରକ୍ଷା କରି ଏହା କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ପୂର୍ବରୁ ଅଭିଯୋଗ ନେଇ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଅଯଥା ହଇରାଣ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରରେ ତାଙ୍କ ବାସଭବନରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଶୁଭାରମ୍ଭ ହୋଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମ ପ୍ରତି ବୁଧବାର ଓ ଗୁରୁବାର ଅନୁଷ୍ଠିତ ହେବ। ସରକାରୀ ଛୁଟି ପଡ଼ିଲେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଶୁଣାଣି ହେବ। ଏହା ବ୍ୟତିତ ଆସନ୍ତା ଜୁନ୍ ୨୫ ସୁଦ୍ଧା କାନପୁର ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଅଗ୍ରଗତି ନେଇ ଅନୁଧ୍ୟାନ କରିବାକୁ ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ଇଂ. ହିମାଂଶୁ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ପୂର୍ବରୁ ଅକ୍ଟୋବର ୧୩ ସନ୍ଧ୍ୟା ଏବଂ ୧୪ ସକାଳେ କେନ୍ଦୁଝର ସର୍କିଟ ହାଉସ୍ ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଅଭିଯୋଗ ଗ୍ରହଣ କରି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ବେଳେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି, ଚିଫ୍ ଗ୍ରିଭାନ୍ସ ଅଫିସର ଇଂ. ହିମାଂଶୁ ଶେଖର ସାହୁ, ସ୍ପେଶିଆଲ ଗ୍ରିଭାନ୍ସ ଅଫିସର ଶରତ ଚନ୍ଦ୍ର ବାରିକଙ୍କ ସମେତ ଜିଲାପାଳ ବିଶାଲ ସିଂହ ଏବଂ ଏସ୍‌ପି ନୀତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।

# ୨୩ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

**ବାରିପଦା,୧୪।୧୦**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୩ରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ପ୍ରଥମେ ଜନ୍ମମାଟି ମୟୂରଭଞ୍ଜ ଜିଲାକୁ ଯାଇ ବହୁ ପ୍ରତୀକ୍ଷିତ ୩ଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏନେଇ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲା ଗସ୍ତ କାର୍ଯ୍ୟକ୍ରମ ପରେ ୨୪ତାରିଖ ସକାଳ ୯ଟାରୁ ବାହାରି ପୁରୀ ଜିଲାସ୍ଥିତ ତାଳବଣିଆ ହେଲିପ୍ୟାଡ୍‌ରେ ଅବତରଣ କରିବେ। ସେଠାରୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭୁବନେଶ୍ୱରସ୍ଥିତ ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜିର ୪୦ତମ କନ୍‌ଭୋକେଶନ ଉତ୍ସବରେ ଯୋଗଦେବେ। ସେହିପରି ୨୫ତାରିଖ ସକାଳ ୯ଟା ୨୦ରେ ନୂତନ ଭାବେ ସ୍ଥାପିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି।

# କବାଡ଼ି କୋର୍ଟରେ ଟଳିପଡ଼ିଲେ ଖେଳାଳି

**ନୂଆପଡ଼ା,୧୪।୧୦**
**(ମକାରୁ ବେମାଲ)**



କବାଡ଼ି କୋର୍ଟରେ ଅନ୍ୟ ଖେଳାଳିଙ୍କ ସହ ଖଗେଶ୍ୱର।

ଖେଳ ସରିବାକୁ ଦେଢ ମିନିଟ ବାକି ରହିଥିଲା। କେଇଟା ମୁହୂର୍ତ୍ତ ପରେ ବିଜୟ ସ୍ୱାଦ ଚାଖି ଥାଆନ୍ତେ, ଆଉ ପୁରସ୍କୃତ ମଧ୍ୟ ହୋଇଥାଆନ୍ତେ। ହେଲେ ତା' ପୂର୍ବରୁ କବାଡି କୋର୍ଟରେ ଟଳିପଡିଲେ ଖେଳାଳି। ସୋମବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି ନୂଆପଡ଼ା ଜିଲା କୋମନା ଥାନା ତରବୋଡ଼ ଗାଁରେ। ମୃତ ଖେଳାଳି ହେଉଛନ୍ତି ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲା ସରେଇପାଲି ଥାନା ଡୁମଡୁମଚୁଆଁ ଗାଁର ଖଗେଶ୍ୱର ରାଠିଆ (୨୬)। ସେ ମହାସମୁନ୍ଦ ଜିଲା ପିଥୋରା ଥାନା ପୋଟାପାରା କବାଡି ଦଳ ତରଫରୁ ଖେଳିବା ପାଇଁ ଯାଇଥିଲେ।

ସୂଚନା ମୁତାବକ ପ୍ରତିବର୍ଷ ଭଳି ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ କୋମନା ଥାନା ତରବୋଡ ଗାଁ ସାପ୍ତାହିକ ହାଟ ପଡିଆରେ ଆନ୍ତଃ ରାଜ୍ୟ କବାଡି ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ ନୂଆପଡ଼ା, ବରଗଡ଼, ବଲାଙ୍ଗୀର ଓ ଛତିଶଗଡ଼ ରାଜ୍ୟର ମୋଟ ୨୪ଟି ଦଳ ଭାଗ ନେଇଥିଲେ। ସୋମବାର ଫାଇନାଲ ମ୍ୟାଚ ଖେଳାଯାଉଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଆରମ୍ଭ ହୋଇ ଛତିଶଗଡ ରାଜ୍ୟ ପୋଟାପାରା ଦଳ ୨୪ ପଏଣ୍ଟ କରିଥିବା ବେଳେ ନୂଆପଡା ଜିଲାର ହାତୀସରା ଦଳ ୧୩ ପଏଣ୍ଟ କରି ଖେଳ ଚାଲିଥିଲା। ପ୍ରଥମ ହାଫ୍‌ରୁ ପୋଟାପାରା ଦଳ ଜବରଦସ୍ତ ଖେଳ ପ୍ରଦର୍ଶନ କରିଥିଲା। ପ୍ରତିପକ୍ଷ ଦଳକୁ ଚକ୍‌ମା ଦେଖାଇ ପଏଣ୍ଟ ହାସଲ କରିଚାଲିଥିଲା। ଦ୍ୱିତୀୟ ହାଫ୍‌ରେ ମଧ୍ୟ ଦଳ ଭଲ ଖେଳ ପ୍ରଦର୍ଶନ କରି ପଏଣ୍ଟ ହାତେଇଥିଲା। ଦଳ ବିଜୟ ଦ୍ୱାରରେ ପହଞ୍ଚି ସାରିଥିଲା। ଖେଳ ସରିବାକୁ ମାତ୍ର ଦେଢମିନିଟ ବାକି ରହିଥିଲା। ଶେଷ ପର୍ଯ୍ୟାୟରେ ପୋଟାପାରା ଦଳର ଖଗେଶ୍ୱର ରେଡ୍ କରିବାକୁ ଯାଇଥିଲେ। ପ୍ରତିପକ୍ଷ ଦଳର ଡିଫେଣ୍ଡରମାନେ ତାଙ୍କୁ ଧରିଥିଲେ ମଧ୍ୟ ଏକ ପଏଣ୍ଟ ନେଇ ସେ ନିଜ ପାର୍ଶ୍ୱକୁ ଫେରୁଥିବା ବେଳେ ତଳେ ପଡିଯାଇଥିଲେ। ଆଉ ଉଠିପାରି ନ ଥିଲେ। ସାଥୀ ଖେଳାଳି ଓ ଆୟୋଜକ କମିଟି ସଦସ୍ୟ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କୋମନା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୪) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାସ ସୂଚନା ଦେଇଛନ୍ତି।

# ବାଙ୍ଗିରିପୋଷିରେ ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ



ଲାଇନ୍‌ଚ୍ୟୁତ ମାଲ୍‌ବାହୀ ଟ୍ରେନ୍।

**ବାଙ୍ଗିରିପୋଷି,୧୪।୧୦**
**(ସଞ୍ଜୟ କୁମାର ଅଗ୍ରୱାଲା)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଷ୍ଟେଶନ ନିକଟରେ ସୋମବାର ଏକ ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି।

ସୂଚନା ଅନୁଯାୟୀ, ସନ୍ଧ୍ୟା ୬ଟା ସମୟରେ ମାଲ୍‌ବାହୀ ଟ୍ରେନଟି ବାଙ୍ଗିରିପୋଷି ରେଲୱେ ଟ୍ରାକ୍‌ର ମରାମତି ପାଇଁ ସାମଗ୍ରୀ ନେଇ ଆସିଥିବା ବେଳେ ପ୍ଲାଟଫର୍ମ ନିକଟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ବାଙ୍ଗିରିପୋଷିକୁ ଆସୁଥିବା ଭୁବନେଶ୍ୱର-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍‌କୁ ବାତିଲ କରାଯାଇଛି। ଖବରପାଇ ରେଲୱେ ଉଚ୍ଚ ପଦାଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଲାଇନ୍‌ଚ୍ୟୁତ ମାଲବାହୀ ଟ୍ରେନ୍‌ଟିକୁ ଟ୍ରାକ୍‌କୁ ଉଠାଇବା ପାଇଁ ରେଲୱେ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଫେରୁଛି ମୌସୁମୀ, ଦହଗଞ୍ଜି କଲା ଖରା-ଗୁଳୁଗୁଳି

**ଭୁବନେଶ୍ୱର, ୧୪।୧୦**
**(ଅନୁରାଧା ମହାରଣା)**

ଓଡ଼ିଶାରୁ ଧୀରେ ଧୀରେ ବିଦାୟ ନେଉଛି ମୌସୁମୀ। ସୋମବାର ସୁଦ୍ଧା ୨୫ ଜିଲାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଅନ୍ୟ ସ୍ଥାନରୁ ମଧ୍ୟ ଫେରିବା ପାଇଁ ପାଗ ଅନୁକୂଳ ରହିଛି। ଆସନ୍ତା ୨ଦିନ ମଧ୍ୟରେ ରାଜ୍ୟରୁ ମୌସୁମୀ ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏପରିସ୍ଥିତିରେ ରାଜ୍ୟରେ ଏବେ ଅସହ୍ୟ ଖରା ସହ ଗୁଳୁଗୁଳିରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିବାବେଳେ ଲୋକେ ଦହଗଞ୍ଜି ହେଉଛନ୍ତି। ବିଶେଷକରି ଦିନରେ ଗ୍ରୀଷ୍ମଋତୁର ଅନୁଭବ ହେଉଛି। ଗତ କିଛିଦିନ ଧରି ରାଜ୍ୟକୁ ପୂର୍ବାଳି ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଲଗାତର ପ୍ରବେଶ ସହ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁର ଚଳାଚଳ ଯୋଗୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଅନ୍ୟପଟେ ମଙ୍ଗଳବାର ଓ ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମାତ୍ର ଅନ୍ୟ ସମସ୍ତ ସ୍ଥାନରେ ପାଗ ପ୍ରାୟ ଶୁଖିଲା ରହିବ। ଗୁରୁବାର ରାଜ୍ୟର ୧୦ ଜିଲାକୁ ଭୀଷଣ ଘଡ଼ଘଡ଼ି ଭୟ ରହିଥିବାବେଳେ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ୫ମ ଜାତୀୟ ଜଳ ପୁରସ୍କାର: ଓଡ଼ିଶା ପ୍ରଥମ

**ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)**

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ସୋମବାର ନୂଆଦିଲ୍ଲୀର ଶ୍ରମ ଶକ୍ତି ଭବନଠାରେ ୫ମ ଜାତୀୟ ଜଳ ପୁରସ୍କାର ବିଜେତାଙ୍କ ତାଲିକା ଘୋଷଣା କରିଛନ୍ତି। ଏଥିରେ ଓଡ଼ିଶାକୁ ପ୍ରଥମ, ଉତ୍ତରପ୍ରଦେଶ ୨ୟ ଏବଂ ଗୁଜରାଟ ଓ ପୁଡୁଚେରୀ ମିଳିତ ଭାବେ ୩ୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ପ୍ରଶଂସାପତ୍ର ଓ ଟ୍ରଫି ସହ ନିର୍ଦ୍ଦିଷ୍ଟ ବର୍ଗରେ ନଗଦ ପୁରସ୍କାର ରାଶି ପ୍ରଦାନ କରାଯିବ। ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଜଳ ସମ୍ପଦ, ନଦୀ ଉନ୍ନୟନ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ (ଡିଓଡବ୍ଲ୍ୟୁଆର୍, ଆର୍‌ଡି ଏବଂ ଜିଆର୍) ଶ୍ରେଷ୍ଠ ରାଜ୍ୟ, ଶ୍ରେଷ୍ଠ ଜିଲା, ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ, ଶ୍ରେଷ୍ଠ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଶ୍ରେଷ୍ଠ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ଭଳି ୯ଟି ବର୍ଗର ୫ମ ଜାତୀୟ ଜଳ ପୁରସ୍କାର, ୨୦୨୩ ପାଇଁ ଯୁଗ୍ମ ବିଜେତାଙ୍କ ସମେତ ୩୮ ଜଣ ବିଜେତାଙ୍କ ନାମ ଘୋଷଣା କରିଛି। ଶ୍ରେଷ୍ଠ ଶିଳ୍ପ, ଶ୍ରେଷ୍ଠ ଜଳ ଉପଭୋକ୍ତା ସଂଘ, ଶ୍ରେଷ୍ଠ ଅନୁଷ୍ଠାନ (ବିଦ୍ୟାଳୟ କିମ୍ବା କଲେଜ ବ୍ୟତୀତ) ଏବଂ ଶ୍ରେଷ୍ଠ ନାଗରିକ ସମାଜ ବିଜେତାଙ୍କ ତାଲିକା ଅନ୍ତର୍ଭୁକ୍ତ କରାଯାଇଛି। ପୁରସ୍କାର ବିତରଣ ସମାରୋହ ଆସନ୍ତା ୨୨ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ସ୍ଥିତ ପ୍ଲେନାରି ହଲ୍‌ଠାରେ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

# କେନାଲରେ ଭାସିଗଲେ ୨ ନାବାଳକ

**ସୋର, ୧୪।୧୦(ଜନ୍ମେଜୟ ମିଶ୍ର)**

## ଦୀର୍ଘ ସମୟ ପରେ ଉଦ୍ଧାର ହେଲା ମୃତଦେହ



ସାଇମହେଶ



ହରିହର

ବାଲେଶର ଜିଲା ସୋର ଥାନା ଗୋପୀନାଥପୁର ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ସୋମବାର ଯୋକା ଗ୍ରାମ ନିକଟସ୍ଥ କେନାଲଠାରେ ୩ ଜଣ ନାବାଳକ ଖେଳିବାକୁ ଯାଇଥିବା ବେଳେ ୨ ଜଣ ଭାସିଯାଇ ପ୍ରାଣ ହରାଇଛନ୍ତି। ୧ ଘଣ୍ଟା ପରେ ଜଣଙ୍କ ମୃତଦେହ ବାହାର କରାଯାଇଥିବା ବେଳେ ଅନ୍ୟଜଣଙ୍କ ମୃତଦେହ ସନ୍ଧ୍ୟାରେ ଉଦ୍ଧାର କରାଯାଇଛି।

ଗୋପୀନାଥପୁର ପଞ୍ଚାୟତ ବରିସାହିର ହିମାଂଶୁ ନାୟକଙ୍କ ଏକମାତ୍ର ପୁଅ ସାଇମହେଶ ନାୟକ (୧୦), ଅଲ୍ଲିପୁର ଗ୍ରାମର ଅଶୋକ ଦାସଙ୍କ ପୁଅ ହରିହର ଦାସ (୧୩) ଯିଏକି ଦୁଇଦିନ ତଳେ ତାଙ୍କ ମାମୁ ଘରକୁ ଆସିଥିଲେ ଓ ଅନ୍ୟ ଜଣେ ନାବାଳକ ସାଙ୍ଗ ହୋଇ ନିକଟରେ ଥିବା ସାଳନ୍ଦୀ କେନାଲ ଯୋକା ଗ୍ରାମ କେନାଲ ନିକଟକୁ ଖେଳିବାକୁ ଯାଇଥିଲେ। ଏହି ସମୟରେ ଶିଉଳିରେ ଗୋଡ଼ ଖସିଯିବାରୁ ହରିହର ଓ ସାଇ ମହେଶ ଭାସିଯାଇଥିଲେ। ସାଙ୍ଗରେ ଥିବା ଅନ୍ୟଜଣେ ସାଙ୍ଗ ସ୍ଥାନୀୟ ଲୋକଙ୍କୁ ଡାକ ପକାଇ ପଳାଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଦୀର୍ଘ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଖୋଜାଖୋଜି କରିବା ପରେ ସାଇ ମହେଶଙ୍କୁ ପ୍ରଥମେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ପରେ ହରିହରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଶବ ଜବତ କରି ତଦନ୍ତ ଚଳାଇଛି।

# ୨୩ ଜିଲା ପଞ୍ଚାୟତ ଅଧିକାରୀ ପଦବୀ ପୂରଣ ଦାବି

**ଭୁବନେଶ୍ୱର,୧୪।୧୦**
**(ଅନୁରାଧା ମହାରଣା)**

୨୦୨୩ ମାର୍ଚ୍ଚରେ ଓଡ଼ିଶା ପଞ୍ଚାୟତିରାଜ ସେବା କ୍ୟାଡରରେ ୩୦ ଜିଲା ପଞ୍ଚାୟତ ଅଧିକାରୀ ପଦବୀ ପ୍ରଥମ କରି ସୃଷ୍ଟି କରାଯାଇଥିଲା। ତେବେ ଗୁରୁତର ତ୍ରୁଟି ଯୋଗୁ ଏଥିମଧ୍ୟରୁ ୨୩ଟି ପଦବୀ ବର୍ତ୍ତମାନ ଯାଏ ଖାଲି ପଡ଼ିଛି। ତୁରନ୍ତ ଏହି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ପଞ୍ଚାୟତିରାଜ ସେବା କ୍ୟାଡରର ଅଧିକାରୀମାନେ ଦାବି କରିଛନ୍ତି। ପଞ୍ଚାୟତିରାଜ ବିଭାଗର ଟାଳଟୁଳନୀତି ଯୋଗୁ ପଞ୍ଚାୟତିରାଜ ସେବା କ୍ୟାଡରରେ ଥିବା ତ୍ରୁଟି ସଂଶୋଧନ ହୋଇପାରୁନାହିଁ। ଏହାସହ ଅର୍ଥ ବିଭାଗ ଦ୍ୱାରା ଅନୁମୋଦନ ପାଇଥିବା ୩୦ ପ୍ରତିଶତ ଅତିରିକ୍ତ ବିଡିଓ ପଦବୀ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଚୟନ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ବହୁ ବରିଷ୍ଠ ଅତିରିକ୍ତ ବିଡିଓ ଏବଂ ଉପଖଣ୍ଡ ପଞ୍ଚାୟତ ଅଧିକାରୀମାନେ ଏଥିରୁ ବଞ୍ଚିତ ହୋଇ ଅବସର ନେଉଥିବା ସେମାନେ କହିଛନ୍ତି।



## ଜି.ଏନ୍. ସାଇବାବାଙ୍କ ପରଲୋକ



ହାଇଦ୍ରାବାଦ,୧୪।୧୦: ଦିଲ୍ଲୀ ୟୁନିଭର୍ସିଟିର ପୂର୍ବତନ ପ୍ରଫେସର ଜି.ଏନ୍. ସାଇବାବାଙ୍କର ଶନିବାର ରାତିରେ ହାଇଦ୍ରାବାଦର ନିଜାମ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ପରଲୋକ ହୋଇଯାଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ମାଓବାଦୀ ସଂଗଠନ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ତାଙ୍କୁ ୨୦୧୪ ମେ' ୧୯ରେ ଗିରଫ କରାଯାଇ ନାଗପୁର ସେଣ୍ଟ୍ରାଲ ଜେଲରେ ରଖାଯାଇଥିଲା। ଗତ ମାର୍ଚ୍ଚରେ ସେ ଜେଲରୁ ମୁକ୍ତ ହୋଇଥିଲେ। ଏହି ପ୍ରତିଭାଦୀପ୍ତ ଶିକ୍ଷକ ଏବଂ ମାନବାଧିକାର କର୍ମୀଙ୍କୁ ତାଙ୍କ ବନ୍ଧୁ ଓ ସହକର୍ମୀମାନେ ମନେପକାଉଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଭୁବନେଶ୍ୱରରେ ଯବାନଙ୍କ ଜମିକୁ ମାଫିଆଙ୍କ ହଡ଼ପ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଲାବଣ୍ୟ ଥିଏଟରର ୪୦ତମ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କଟକ

- ଦୁର୍ଗାପୂଜା ପରେ ମୃଣ୍ମୟୀ ମୂର୍ତ୍ତିଙ୍କ ସାମୂହିକ ଭସାଣି ଉତ୍ସବ, ସ୍ଥାନ: ନୂଆପାଟଣା, ତିଗିରିଆ,ସମୟ: ଅପରାହ୍ନ ୩ଟା।

### ପୁରୀ

- ଉମାଶଙ୍କର ଯୋଗାଶ୍ରମର ସ୍ୱନକ୍ଷେତ୍ର ଉତ୍ସବ ଅବସରରେ ପ୍ରାକୃତିକ ଚିକିତ୍ସା ଏବଂ ଯୋଗ ଶିବିର, ସ୍ଥାନ: ଟାଉନହଲ୍, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଅବଦୁଲ କଲାମଙ୍କ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧନା ସଭା, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ସମାଚାର ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳନ, ସ୍ଥାନ: ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- କୁମାର ଉତ୍ସବ ସମିତିର ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୫ଟା।

### ବାଲେଶ୍ୱର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଖଇରା ଶିକ୍ଷକ ସଂଘ ଭବନ, ଖଇରା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ରାବଣପୋଡ଼ି ଉତ୍ସବ, ସ୍ଥାନ: ମୁକୁଳୁସି ଚନ୍ଦନ ପଡ଼ିଆ, ବସ୍ତା, ସମୟ: ସନ୍ଧ୍ୟା ୬ଟା।

### ଭଦ୍ରକ

- ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିଧାୟକଙ୍କ କାର୍ଯ୍ୟାଳୟ, କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଉପଭୋକ୍ତା ମାମଲା ବିଚାର, ସ୍ଥାନ: ଉପଭୋକ୍ତା ଆୟୋଗ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦୁଝର

- ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ହନୁମାନଙ୍କ ମନ୍ଦିରରେ ରାମଚରିତ, ବେଦପାଠ ଏବଂ ହନୁମାନଙ୍କ ପୂଜା, ଯଜ୍ଞ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ଟା।
- ମଙ୍ଗଳାଙ୍କ ପୂଜା ଏବଂ ମେଳା, ସ୍ଥାନ: ତରଭା, ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ ଟା।

### ମୟୂରଭଞ୍ଜ

- ବ୍ୟକ୍ତିତ୍ୱ ବିକାଶ ଶିବିର 'ଜାଗୃତି', ସ୍ଥାନ: ଚିନ୍ମୟ ଗୁରୁପାଦ ଆଶ୍ରମ, ମଧୁବନ, ବାରିପଦା, ସମୟ: ସକାଳ ୮ଟା।
- ଇପିଏଫ୍ ଉପଭୋକ୍ତା ଜିଲା ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟାଡିୟମ କନଫରେନ୍ସ ହଲ୍, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ତୁଳସୀ ଚଉରା, ବାରିପଦା, ସମୟ ସନ୍ଧ୍ୟା ୭ଟା।

### ଗଞ୍ଜାମ

- ଚକରା ଘାଟିର ବିକାଶ ଉପରେ ଆଲୋଚନାଚକ୍ର, ସ୍ଥାନ: ଚକରାଘାଟି, ସମୟ: ପୂର୍ବାହ୍ନ ୧୧ ଟା।

### ଜଗତ୍‌ସିଂହପୁର

- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ବୈଠକ, ସ୍ଥାନ: ଦଳୀୟ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୫ଟା।

### କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତରାସ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼

- ବନମାଳିପୁର ଚାଲେଞ୍ଜ କ୍ରିକେଟର ୮ମ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ ନୟାଗଡ଼ ବନାମ ବନମାଳିପୁର କ୍ରିକେଟ ଟିମ୍, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ସମାଜିକ ନାଟକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପାଣୁସାହୁପାଟଣା, ସମୟ: ରାତ୍ର ୧୦ଟା।

### କୋରାପୁଟ

- ପରବ ପାଳନ ନେଇ ସାଧାରଣ ପରିଷଦର ପ୍ରସ୍ତୁତି ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ସକାଳ ୯ ଟା ୩୦।

### ସମ୍ବଲପୁର

- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା
- ଚଣ୍ଡୀପାଠ ଓ ହୋମ ଯଜ୍ଞ, ସ୍ଥାନ : ତାଲବ ସମଲେଶ୍ୱରୀ ମନ୍ଦିର, ସମୟ : ସକାଳ ୮ଟା।
- ସଡକ ସୁରକ୍ଷା ସଚେତନତା ସଭା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ: ସନ୍ଧ୍ୟା ୫ଟା।
- ବଏଲ ଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ତାଲବ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ଦୁର୍ଗା ମେଢ଼ ଭସାଣି, ସ୍ଥାନ: କଳାପଥର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼

- ମାଁ ପଁଚାପାଟ୍ ଦଶହରା ଷୋହଳ ପୂଜା ମହୋତ୍ସବ, ସ୍ଥାନ: ପଁଚାପାଟ୍ ମନ୍ଦିର ପରିସର, ବରାହଗୋଡ଼ା, ସମୟ: ସକାଳ ୯ଟା।
- ସାର୍ବଜନୀନ ଦୁର୍ଗାପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପଲ୍ଲୀ ବିକାଶ, ବେହେରାମୁଣ୍ଡା ଛକ, ଗାଇସିଲେଟ୍, ସମୟ: ରାତି ୮ଟା।

### ରାଉରକେଲା

- ମହିଳା ସୁରକ୍ଷା ପାଇଁ କରାଟେ ପ୍ରଶିକ୍ଷଣ ଓ ସମ୍ମିଳନୀ, ସ୍ଥାନ: ସେକ୍ଟର-୨୦, ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- କୁମାର ପୂର୍ଣ୍ଣିମା ଉତ୍ସବ ପାଳନ, ସ୍ଥାନ : ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜାର ଦ୍ୱାଦଶ ଦିବସ ପାଳନ, ସ୍ଥାନ: ସେକ୍ଟର-୨୦, ଡି ବ୍ଲକ, ସମୟ: ସକାଳ ୮ଟା।
- ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୬, ପଦ୍ମବେର୍ଣ୍ଣା ସାଂସ୍କୃତିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ଆସର, ସ୍ଥାନ: ଜେଲ୍ ରୋଡ, ଲେବର ଟେନାମେଣ୍ଟ, ସମୟ: ସନ୍ଧ୍ୟା ୫ଟା ୩୦।
- ଗାୟତ୍ରୀ ଶକ୍ତିପୀଠରେ ବିଶ୍ୱଶାନ୍ତି ହୋମଯଜ୍ଞ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ପୀଠ, ସମୟ: ସକାଳ ୬ଟା ୩୦।

### ଦେବଗଡ଼

- ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ପେଟ୍ରୋଲ ପମ୍ପ ସାହି, ପୁରୁଣାଗଡ଼, ସମୟ: ଅପରାହ୍ନ ୫ଟା।
- ବଣିଆ ସାହି ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ପ୍ରଦାନପାଟ ଜଳପ୍ରପାତରୁ ବଣିଆ ସାହି ମେଢ଼, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି

- ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘର ଧାରଣା, ସ୍ଥାନ: ଭବାନୀପାଟଣା ଜିଲା ଶିକ୍ଷାଧିକାରୀ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା

- ବିଞ୍ଝାରୀ ଦେବୀ ପୂଜା ଉପଲକ୍ଷେ ଭଣ୍ଡାରା (ଅନ୍ନଛତ୍ର), ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ବିଶିବାହାଲ ଗାଁ, ସମୟ: ଅପରାହ୍ନ ୫ଟା ୨୧।
- ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମୁଟିମୁଣ୍ଡା ଗାଁ, ସମୟ ଅପରାହ୍ନ ୪ଟା।
- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୩୦।
- ଏକାଦଶୀ ଅବସରରେ ଭାଗବତ ପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

### ବୌଦ୍ଧ

- ମା' ମାହେଶ୍ୱରୀ ଲୋକମହୋତ୍ସବର ଦ୍ୱିତୀୟ ଦିନ, ସ୍ଥାନ: ମା' ମାହେଶ୍ୱରୀ ପୀଠ ବେହେରାପଡା (ଲମ୍ବସରୀ), କନ୍ଧମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ମା' ଖମ୍ବେଶ୍ୱରୀ ପୂଜା ଓ କଂସ ଦରବାରର ଦ୍ୱିତୀୟ ଦିନ, ସ୍ଥାନ: ଲୋକାପଡ଼ା, କନ୍ଧମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ବିଶ୍ୱ ଅର୍ଥନୀତିର ଗ୍ରୋଥ୍ ଇଞ୍ଜିନ ହେବ ଭାରତ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)




ଜାତୀୟ ଶିକ୍ଷାନୀତି ଭାରତୀୟ ଶିକ୍ଷା ପ୍ରଣାଳୀରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଭାରତ ସରକାରଙ୍କ ଶିକ୍ଷାନୀତି ସହ ଅନ୍ୟାନ୍ୟ କ୍ଷେତ୍ରରେ ସଂସ୍କାର ଭାରତକୁ ଆଗାମୀ ୨ ଦଶନ୍ଧି ମଧ୍ୟରେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ଇଞ୍ଜିନ କରାଇବ ବୋଲି ସୋମବାର ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଇଣ୍ଡିଆ ଲିଡରଶିପ୍ ସମ୍ମିଟ -୨୦୨୪ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆମେରିକା-ଇଣ୍ଡିଆ ଷ୍ଟ୍ରାଟେଜିକ୍ ପାର୍ଟନରଶିପ ଫୋରମ(ୟୁଏସ୍‌ଆଇଏସ୍‌ପିଏଫ୍) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅଧୀନରେ ଫାୟାରସାଇଡ୍ ଚାର୍ଟରେ ଜାତୀୟ ଶିକ୍ଷାନୀତି ସହ ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଉତ୍ତର ରଖିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ର ପ୍ରାଥମିକ କ୍ଷେତ୍ର, ଭାରତର ଶିକ୍ଷା ବ୍ୟବସ୍ଥାରେ ନୂଆ ଶିକ୍ଷାନୀତି ଦ୍ୱାରା ହେବାକୁ ଥିବା ପରିବର୍ତ୍ତନ ଉପରେ ମତ ରଖି ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଦେଶରେ ପ୍ରଣୟନ ହୋଇଥିବା ଜାତୀୟ ଶିକ୍ଷାନୀତି ଏକ ଦାର୍ଶନିକ ଦସ୍ତାବିଜ। ଜାତୀୟ ଶିକ୍ଷାନୀତି ଦେଶର ଯୁବପିଢ଼ି ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ସହ ବୈଶ୍ୱିକ ନାଗରିକରେ ପରିବର୍ତ୍ତନ କରିବ। ଏହି ଯୁବଶକ୍ତିମାନେ କେବଳ ଭାରତ ନୁହେଁ ବରଂ ବିଶ୍ୱର କଲ୍ୟାଣ ଦିଗରେ ବ୍ରତୀ ରହିବେ। ଜାତୀୟ ଶିକ୍ଷାନୀତିର ପ୍ରାଥମିକତା କ୍ଷେତ୍ର ଯଥା ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଉପରେ ଫୋକସ ରହିଛି। ଦେଶରେ ଡିଜିଟାଲ ଶିକ୍ଷା ପରିସଂସ୍ଥାନରେ ଅଭୂତପୂର୍ବ ପରିବର୍ତ୍ତନ ହେଉଛି। ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଛି। ଗବେଷଣା ଏବଂ ଇନୋଭେଶନର ପରମ୍ପରାକୁ ପ୍ରୋତ୍ସାହିତ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ମତରେ ଡିଗ୍ରୀ ଓ ସାର୍ଟିଫିକେଟ୍ ଅପେକ୍ଷା ଦକ୍ଷତା ବହୁ ଗୁରୁତ୍ୱପୂର୍ଣ୍ଣ। କୋଭିଡ୍ ସମୟରେ ଦକ୍ଷତା ତଥା ସାମର୍ଥ୍ୟ ବଳରେ ହୋଇଥିବା ଅନେକ ସୃଜନଶୀଳ ଇନୋଭେଶନକୁ ସମସ୍ତେ ପ୍ରଶଂସା କରିଛନ୍ତି। ଭାରତରେ ସବୁଠୁ ଅଧିକ ସଂଖ୍ୟକ ଯୁବବର୍ଗ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜାତୀୟ ଶିକ୍ଷାନୀତି କେବଳ ଶିକ୍ଷା ନୁହେଁ ବରଂ ନିଯୁକ୍ତି ଆଧାରିତ ଶିକ୍ଷା ପ୍ରଦାନ କରିବ। ଛାତ୍ରୀଛାତ୍ରଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍ ସ୍କିଲିଂ କରାଇବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମଦ୍ରାସା ବନ୍ଦ ପାଇଁ ଏନ୍‌ସିପିସିଆର୍‌ର ସୁପାରିସ

ନୂଆଦିଲ୍ଲୀ,୧୪।୧୦

ମଦ୍ରାସାଗୁଡ଼ିକ ଶିଶୁମାନଙ୍କ ଶିକ୍ଷାଗ୍ରହଣ ଅଧିକାରର ଉଲ୍ଲଂଘନ କରୁଛି। ତେଣୁ ମଦ୍ରାସା ବୋର୍ଡଗୁଡ଼ିକୁ ଭାଙ୍ଗିଦେବା ସହ ବନ୍ଦ କରିଦେବା ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ମଦ୍ରାସା ଏବଂ ମଦ୍ରାସା ବୋର୍ଡଗୁଡ଼ିକୁ ରାଜ୍ୟଗୁଡ଼ିକ ପାଣ୍ଠି ଯୋଗାଣ ବନ୍ଦ କରିବା ସହ ସେଠାରେ ନାମ ଲେଖାଇଥିବା ପିଲାମାନଙ୍କୁ ଆନୁଷ୍ଠାନିକ ସ୍କୁଲ୍‌ରେ ସାମିଲ କରିବାକୁ ଏନ୍‌ସିପିସିଆର୍ ସୁପାରିସ କରିଛି। ଅନ୍ୟପକ୍ଷରେ ମଦ୍ରାସାଗୁଡ଼ିକୁ ବନ୍ଦ କରିବା ପାଇଁ କହିବା ପରିବର୍ତ୍ତେ ପ୍ରତିକାର ସମ୍ପର୍କରେ ସୁପାରିସ କରିବା ଆବଶ୍ୟକ ଥିଲା ବୋଲି କର୍ଣ୍ଣାଟକର ଜଣେ କ୍ୟାବିନେଟ ମନ୍ତ୍ରୀ କହିଛନ୍ତି। ସେହିପରି ଭାଜପା ସହଯୋଗୀ ଲୋକ ଜନଶକ୍ତି ପାର୍ଟି ମୁଖପାତ୍ର ଏ.କେ. ବାଜପେୟୀ କହିଛନ୍ତି, ଯଦି ମସ୍‌ଜିଦ ବେଆଇନ ଭାବେ ଚାଲୁଥିବା ଜଣାପଡ଼େ, ତେବେ ତାହାକୁ ବନ୍ଦ କରାଯିବା ଉଚିତ। ଅନ୍ଧ ଭାବରେ କୌଣସି ନିଷ୍ପତ୍ତି ନିଆ ନ ଯାଉ ବୋଲି ସେ କହିଛନ୍ତି।

# ୧୬ରେ ଶପଥ ନେବେ ଓମାର

ଶ୍ରୀନଗର,୧୪।୧୦



ଏନ୍‌ସି ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଆସନ୍ତା ୧୬ ତାରିଖରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ସରକାର ଗଠନ ପାଇଁ ଉପରାଜ୍ୟପାଳ ମନୋଜ ସିହ୍ନା ତାଙ୍କୁ ଆମନ୍ତ୍ରଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଜମ୍ମୁ-କଶ୍ମୀରରୁ ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର କରିନେବା ଫଳରେ ସେଠାରେ ବିଧାନସଭା ନିର୍ବାଚନ ପରେ ପ୍ରଥମ ନିର୍ବାଚିତ ସରକାର ଗଠନ ପାଇଁ ପଥ ପରିଷ୍କାର ହୋଇଯାଇଛି। ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)-କଂଗ୍ରେସ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଗତ ଶୁକ୍ରବାର ଓମାର ଉପରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ପରେ ସିହ୍ନା ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର ପାଇଁ କେନ୍ଦ୍ରକୁ ସୁପାରିସ କରିଥିଲେ। ନିର୍ବାଚିତ ସରକାର ଗଠନ ପାଇଁ ରାଷ୍ଟ୍ରପତି ଶାସନ ରଦ୍ଦ ହେବା ଜରୁରୀ ଥିଲା।

## ପ୍ରଥମ ପୃଷ୍ଠାରୁ...

### ୩ ଆମେରିକୀୟଙ୍କୁ...


ଡାରୋନ୍ ଆସେମୋଗ୍ଲୁ


ସାଇମନ ଜନ୍‌ସନ


ଜେମ୍ସ ରବିନ୍‌ସନ

ଆସେମୋଗ୍ଲୁ ଏବଂ ସାଇମନ୍ ଜନ୍‌ସନ୍ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରେ ଜେମ୍ସ ରବିନସନ ଶିକାଗୋ ୟୁନିଭର୍ସିଟିରେ କାର୍ଯ୍ୟ କରୁଥିଲେ। କେତେକ ଉନ୍ନତ ପ୍ରଯୁକ୍ତି କିପରି ଅଧିକ ନିଯୁକ୍ତି ସୃଷ୍ଟି କରେ ଏବଂ ଅନ୍ୟମାନଙ୍କ ତୁଳନାରେ ସମ୍ପତ୍ତିର ବିସ୍ତାର କରେ ତାହା ଆସେମୋଗ୍ଲୁ ଏବଂ ଜନ୍‌ସନ ଦର୍ଶାଇଛନ୍ତି। ସେମାନେ ନିକଟରେ ମିଳିତ ଭାବେ ସର୍ଭେଇଂ ଟେକ୍‌ନୋଲୋଜି ଉପରେ ଏକ ପୁସ୍ତକ ଲେଖିଛନ୍ତି। ଆଲ୍‌ଫ୍ରେଡ୍ ନୋବେଲ ୧୯୦୧ରେ ବିଜ୍ଞାନ, ସାହିତ୍ୟ ଏବଂ ଶାନ୍ତି ପାଇଁ ନୋବେଲ ପୁରସ୍କାର ଆରମ୍ଭ କରିଥିବା ବେଳେ ୧୯୬୮ରେ ସୁଇଡେନ୍ କେନ୍ଦ୍ରୀୟ ବ୍ୟାଙ୍କ ସହାୟତାରେ ଅର୍ଥନୀତିରେ ଏହି ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।

### ଭାରତ-କାନାଡା ତିକ୍ତତା...

ପ୍ରତ୍ୟାହାର କରିଆଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର କିଛି ସମୟ ପୂର୍ବରୁ ମନ୍ତ୍ରଣାଳୟ କାନାଡା କୂଟନୀତିଜ୍ଞ ଷ୍ଟିୱାର୍ଟ ହ୍ୱିଲରଙ୍କୁ ସମନ ଜାରି କରିଥିଲେ। ଭାରତୀୟ ଉଚ୍ଚାୟୁକ୍ତ ଏବଂ ଅନ୍ୟ କୂଟନୀତିଜ୍ଞ ଓ ଅଧିକାରୀମାନଙ୍କୁ କାନାଡା ସରକାର ଟାର୍ଗେଟ କରିବା ନିରାଧାର ଏବଂ ଆଦୌ ଗ୍ରହଣୀୟ ନୁହେଁ ବୋଲି ହ୍ୱିଲରଙ୍କୁ ଜଣାଇ ଦିଆଯାଇଥିଲା। ଟ୍ରୁଡୋ ସରକାର ଭାରତରେ ଉଗ୍ରବାଦ, ହିଂସା ଏବଂ ବିଚ୍ଛିନ୍ନତାବାଦକୁ ସମର୍ଥନ କରୁଥିବାରୁ ଏହା ବିରୋଧରେ ପଦକ୍ଷେପ ନେବାର ଅଧିକାର ଭାରତର ରହିଛି ବୋଲି ନୂଆଦିଲ୍ଲୀ ଅବଗତ କରାଇଛି। ଭାରତର ବାରମ୍ବାର ଅନୁରୋଧ ସତ୍ତ୍ୱେ ନିଜ୍ଜାର ହତ୍ୟା ସହ ଭାରତର ସମ୍ପୃକ୍ତି ନେଇ କାନାଡା ସରକାର କୌଣସି ପ୍ରମାଣ ଏପର୍ଯ୍ୟନ୍ତ ଶେୟାର କରିନାହାନ୍ତି। ଟ୍ରୁଡୋ ସରକାର କାନାଡା ମାଟିରେ ବିଚ୍ଛିନ୍ନତାବାଦୀ ତତ୍ତ୍ୱଙ୍କୁ କାବୁ କରିବା ପରିବର୍ତ୍ତେ ଭୋଟବ୍ୟାଙ୍କ ରାଜନୀତି କରୁଥିବା ନୂଆଦିଲ୍ଲୀ ଅଭିଯୋଗ କରିଛି।

### ଦାଦନ ଦୂର ପାଇଁ...

ନିଆଯିବାକୁ ଥିବା ଅନ୍ୟାନ୍ୟ ପଦକ୍ଷେପ ଓ ଯୋଜନା ସୁପାରିସ କରିବା, ସମସ୍ୟାର ସାମଗ୍ରିକ ଏବଂ ସ୍ଥାୟୀ ସମାଧାନ ପାଇଁ ରାଜ୍ୟ, ଜିଲା, ପଞ୍ଚାୟତ ସମିତି ସ୍ତରରେ ଆବଶ୍ୟକ ଆନୁଷ୍ଠାନିକ ଢାଞ୍ଚା ଉପଲବ୍ଧ କରାଇବା ନିମନ୍ତେ ପରାମର୍ଶ ଦେବା, ପ୍ରସ୍ତାବିତ ପଦକ୍ଷେପଗୁଡ଼ିକର ଉନ୍ନତ କାର୍ଯ୍ୟାନ୍ୱୟନ ପାଇଁ ବିଶେଷଜ୍ଞ ସଂସ୍ଥା, ନାଗରିକ ସମାଜ ଓ ବୈଷୟିକ ସଙ୍ଗଠନଗୁଡ଼ିକ ସହ ସହଭାଗିତା ଆଦି ବିଷୟରେ ବିଚାର କରାଯିବ। ଏହାବ୍ୟତୀତ ଏହି ସମସ୍ତ ପଦକ୍ଷେପ ପାଇଁ ସମ୍ବଳର ଉପଲବ୍ଧତାକୁ ସୁନିଶ୍ଚିତ କରାଇବା ଓ ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଭାରତ ସରକାର ତଥା ବିଭିନ୍ନ ରାଜ୍ୟ ସରକାରଙ୍କ ସହ ଆବଶ୍ୟକ ସମନ୍ୱୟ ଆଦି ବିଷୟରେ ଟାସ୍କଫୋର୍ସ ଦ୍ୱାରା ଆଲୋଚନା ଓ ସୁପାରିସ କରାଯିବ।

### ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ...

ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଏହି ଘଟଣାକୁ ଓଡ଼ିଶା ପୋଲିସ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇଛି। ଏନେଇ ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରାଙ୍କ ସହ ଓଡ଼ିଶା ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଆଲୋଚନା କରିଛନ୍ତି। ତଦନ୍ତର ଅଗ୍ରଗତି ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି ସଂକ୍ରାନ୍ତରେ ସେ କଥା ହୋଇଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଯୋଗାଇଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିକଟରେ ଆବେଦନ କରାଯାଇଛି।

ଏନେଇ ସୋମବାର ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି ଯେ, ଦିଲ୍ଲୀରେ ଘଟିଥିବା ଘଟଣାକୁ ରାଜ୍ୟ ପୋଲିସ ପକ୍ଷରୁ ଗମ୍ଭୀରତା ଏବଂ ସମ୍ବେଦନଶୀଳତା ସହିତ ଅନୁସରଣ କରାଯାଉଛି। ପୋଲିସ ଯୁବତୀଙ୍କ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗରେ ଅଛି। ଏଥିସହ ଦିଲ୍ଲୀ ପୋଲିସ ସହିତ ସମ୍ପର୍କରେ ରହି ତଦନ୍ତର ଅଗ୍ରଗତି ସଂକ୍ରାନ୍ତରେ ଅନୁଧ୍ୟାନ କରୁଛି। ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଭୁବନେଶ୍ୱରରୁ ଦିଲ୍ଲୀ ପଠାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ଘଟଣାରେ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ଡିଏସ୍‌ପି ପୀଡ଼ିତାଙ୍କ ମାଉସୀଙ୍କ ସହ ଦିଲ୍ଲୀରେ ଅଛନ୍ତି ବୋଲି ସୂଚନା ମିଳିଛି। ପୀଡ଼ିତା ଜଣଙ୍କ ପୁରୀ ଅଞ୍ଚଳର ହୋଇଥିବାବେଳେ ସେ କିଛିବର୍ଷ ହେବ ଦିଲ୍ଲୀରେ ରହୁଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଛନ୍ତି। ଦିଲ୍ଲୀ ପୋଲିସ ଏହି ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିବା ସହ ଘଟଣା ସଂକ୍ରାନ୍ତରେ ତଦନ୍ତ କରୁ। ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଯୋଗାଇଦେବାକୁ ଦିଲ୍ଲୀ ଷ୍ଟେଟ୍ ଲିଗାଲ ସର୍ଭିସେସ୍ ଅଥରିଟିଙ୍କୁ କମିଶନ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଜୟନ୍ତ କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

### ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ ଆଇଜି ଯିବେ ଦିଲ୍ଲୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୧୦(ସୁନିତ୍ ମିଶ୍ର)

ରାଜଧାନୀ ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗମ୍ଭୀରତାର ସହ ନେଇଛନ୍ତି। ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ) ଆଇଜି ଏସ୍. ସାଇନି ଏହି ଘଟଣାର ତଦନ୍ତର ଅଗ୍ରଗତି ନିମନ୍ତେ ଦିଲ୍ଲୀ ଗସ୍ତ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସେ ସେଠାରେ ପୀଡ଼ିତାଙ୍କୁ ସାକ୍ଷାତକରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବେ। ଏହା ବ୍ୟତୀତ ଦିଲ୍ଲୀ ପୋଲିସ ସହ ଉପଯୁକ୍ତ ସମନ୍ୱୟ ରଖି ଘଟଣାର ତଦନ୍ତ ପ୍ରକ୍ରିୟାକୁ ଆଗେଇନେବାକୁ ରାଜ୍ୟ ପୋଲିସ ତରଫରୁ ସମସ୍ତ ସହଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ପାଙ୍ଗୋଙ୍ଗ୍ ହ୍ରଦ ନିକଟରେ...

କାର୍ଯ୍ୟ ଦ୍ରୁତ ବେଗରେ ଆଗେଇ ଚାଲିଛି। ସମୁଦ୍ର ପତ୍ତନଠାରୁ ୪,୩୪୭ ମିଟର ଉଚ୍ଚରେ ୟେମାଗୋଉ ରୋଡ୍ ନିକଟରେ ଉକ୍ତ ଅଞ୍ଚଳ ରହିଛି। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବହୁ ଉପକରଣ ସେଠାରେ ରହିଛି। ଆବାସିକ ଗୃହ ଏବଂ ବୃହତ୍ ପ୍ରଶାସନିକ ବିଲ୍ଡିଂ ସମେତ ଶତାଧିକ ଗୃହ ନିର୍ମାଣ ହେଉଥିବା ତକ୍ଷଶିଳା ଇନ୍‌ଷ୍ଟିଚ୍ୟୁଟ୍‌ର ଜିଓସ୍ପାଟିଆଲ ରିସର୍ଚ୍ଚ ପ୍ରୋଗ୍ରାମ ମୁଖ୍ୟ ପ୍ରଫେସର ୱାଇ. ନିତ୍ୟାନନ୍ଦମ୍ କହିଛନ୍ତି। ଏହାର ଦକ୍ଷିଣପୂର୍ବ କୋଣରେ ୧୫୦ ମିଟର ଦୀର୍ଘ ଏକ ଆୟତାକାର ସ୍ଥାନ ରହିଥିବାରୁ ଏହାକୁ ହେଲିକପ୍ଟର ଉଡ଼ାଣ ପାଇଁ ବ୍ୟବହାର କରାଯାଇପାରେ ବୋଲି ଅନୁମାନ କରାଯାଉଛି। ସାଟେଲାଇଟ୍ ଚିତ୍ର ଅନୁଧ୍ୟାନରୁ ଯାହା ଜଣାପଡୁଛି, ହ୍ରଦ ଆଡ଼କୁ ଯାଇଥିବା ଗଡ଼ାଣିଆ ନଦୀଶଯ୍ୟାରେ ଗତ ଏପ୍ରିଲ ଆରମ୍ଭରୁ ଏହି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଉକ୍ତ ନିର୍ମାଣକୁ ପ୍ରଶାସନିକ ଏବଂ ଅପରେଶନାଲ ଜୋନ୍ ଏଭଳି ଦୁଇଭାଗରେ ବିଭକ୍ତ କରାଯାଇଥିବା ଜଣାଯାଇଛି। ସେଠାରେ ଏକ ମହଲା ଏବଂ ଦୁଇ ମହଲା ବିଲ୍ଡିଂ ସାଙ୍ଗକୁ ଛୋଟ ଘରଗୁଡ଼ିକ ରହିଛି। ଦୁଇଟି ବୃହତ୍ ବିଲ୍ଡିଂକୁ ପ୍ରଶାସନିକ ଏବଂ ଷ୍ଟୋରେଜ୍ ପାଇଁ ବ୍ୟବହାର କରାଯାଇପାରେ। ଘରଗୁଡ଼ିକୁ ଏଭଳି ଲେ'ଆଉଟ୍ ଓ ଡିଜାଇନରେ ନିର୍ମାଣ କରାଯାଉଛି, ଯେପରିକି ଦୀର୍ଘମିଆଦୀ ଆକ୍ରମଣର କ୍ଷୟକ୍ଷତି କମ୍ ହେବ। ଉଚ୍ଚ ଶୃଙ୍ଗଗୁଡ଼ିକ ପଛ ପାର୍ଶ୍ୱରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହା ସାମରିକ ଉପଯୋଗ ପାଇଁ ବ୍ୟବହାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ପାଖ ଅଞ୍ଚଳରୁ ଉକ୍ତ ସ୍ଥାନକୁ ଦେଖିହେବ ନାହିଁ। ଏହାକୁ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଗଲେ, ଏହା ଏକ ଆଡ୍‌ହକ୍ ଫରୱାଡ୍ ବେସ୍ ଭାବେ କାର୍ଯ୍ୟ କରିବ ଏବଂ ଚାଇନା ସେନାର ପ୍ରତିଆକ୍ରମଣ ସମୟକୁ ହ୍ରାସ କରିବ ବୋଲି ସାମରିକ ସୂତ୍ର ଅନୁମାନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣ କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ। ବନ୍ଧୁମାନଙ୍କ ସାହାଯ୍ୟରୁ ଜମିଜମା ବିବାଦରେ, ପରିବହନର ଝଗଡ଼ାରେ ସମାଧାନ ହୋଇପାରିବ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଅର୍ଥ, ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁମିଳନ ହେତୁକ ଖୁସି ରହିବ।

**ବୃଷ** – ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଅଭାବ ନ ଥିଲେ ମଧ ଛୋଟ ଛୋଟ କଥାକୁ କେନ୍ଦ୍ର କରି ପରିବାରରେ ଝଡ଼ ଉଠିପାରେ।

**ମିଥୁନ** – କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଅନୁରୋଧକ୍ରମେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। ମିଠା କଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ। ଅସୁବିଧାରେ ପଡ଼ି ଅର୍ଥ ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରିବନାହିଁ।

**କର୍କଟ** – ସହକର୍ମୀମାନେ ସହଜରେ ହାତ ବଢ଼ାଇବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଯେତେ ପାଇଲେ ମଧ ଅଭାବ ଲାଗି ରହିବା କାରଣରୁ ମନେମନେ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** – ଆଜି ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା, ଜମିଜମା କାରବାର ଏବଂ ଗାଡ଼ି ମୋଟର ମରାମତି ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ, ଯାହାକି ଆପଣଙ୍କ କାମକୁ ବହୁତ ପରିମାଣରେ ସାହାଯ୍ୟ କରିବ।

**କନ୍ୟା** – ଆଜି ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇ ଖୁସି ହେବେ। ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ ଏବଂ ଏଥିପାଇଁ ବନ୍ଧୁ ମହଲରେ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି।

**ତୁଳା** – କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁମିଳନ ଅବକାଶରେ ସନ୍ତାନମାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ସଭାସମିତିରେ ଯୋଗ ଦେଇ ଲାଭବାନ୍ ହେବେ ଓ ସମ୍ମାନ, ପ୍ରତିଷ୍ଠା ପାଇବେ। ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ ଆକସ୍ମିକ ଭବେ ବାତିଲ ହେବାର ଆଶଙ୍କା ରହିଛି।

**ବିଛା** – ଆଶା ପୂରଣ ହେବା କାରଣରୁ ମନ ଉତ୍‌ଫୁଲ୍ଲିତ ରହିବ। ଜମିଜମା କିମ୍ବା ଗୃହ ସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ମୁକ୍ତି ମିଳିବ। ଅନ୍ୟମାନଙ୍କ ଉଦ୍ଦେଶ୍ୟକୁ ବୁଝିନପାରି ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ଆବଶ୍ୟକତା ପୂରଣ ସକାଶେ ଧାର କରିବାକୁ ପଡ଼ିପାରେ।

**ଧନୁ** – ଭୁଲ୍ ବୁଝାମଣାରୁ ପରିବାରରେ କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ସାଙ୍ଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଆଜି ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଠିକ୍ ସମୟରେ ଯାଇପାରିବେ ନାହିଁ।

**ମକର** – ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** – ଦୀର୍ଘଦିନ ହେଲା ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି, ସେଥିରେ ବିଳମ୍ବରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିଲେ ମଧ ଆତ୍ମୀୟମାନଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢ଼ାଇପାରେ।

**ମୀନ** – କର୍ମକ୍ଷେତ୍ରରେ ଟେନସନ୍ କମିଯିବ, ମାତ୍ର ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସନ୍ଦେହ ଓ ଭୁଲ୍ ବୁଝାମଣା ଯୋଗୁଁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବ। ଉଚ୍ଚଶିକ୍ଷା, ସନ୍ତାନ, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। ପରିବାର ସକାଶେ ସେମାନେ ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ଅକ୍ଟୋବର ୧୫ ତାରିଖ, ବିଶ୍ୱ ହାତଧୁଆ ଦିବସ, ବିଶ୍ୱ ଛାତ୍ର ଦିବସ, ଏ.ପି.ଜେ. ଅବଦୁଲ୍ କଲାମ୍‌ଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ ମଙ୍ଗଳବାର, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୪ ଗତେ ଘ.୦୬।୩୧ ମଧ୍ୟେ, ଘ.୩।୮।୧୮ ଗତେ ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୫ ଗତେ ଘ.୩।୫୨ ମଧ୍ୟେ ରାହୁକାଳ।

# ପୂର୍ବ ସରକାରରେ ଅଧିକାରୀ ମଞ୍ଚରେ, ନେତା ତଳେ: ମୁଖ୍ୟମନ୍ତ୍ରୀ




କେନ୍ଦୁଝରର ପଦ୍ମପୁର ଲକ୍ଷ୍ମୀ ପଡ଼ିଆଠାରେ ସୋମବାର ଭାଜପାର ଏକ ମେଗା ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦଳୀୟ ନେତାମାନେ।

**କେନ୍ଦୁଝର,୧୪।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୩ ଦିନିଆ କେନ୍ଦୁଝର ଗସ୍ତ ଅବସରରେ ସୋମବାର ପଦ୍ମପୁର ଲକ୍ଷ୍ମୀ ପଡ଼ିଆଠାରେ ଭାଜପାର ଏକ ମେଗା ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଲୋକଙ୍କୁ ନୂତନ ସଦସ୍ୟ ଭାବେ ଭାଜପାରେ ଯୋଡ଼ିଥିଲେ। ଏହି ଅବସରରେ ଭାଜପା ସରକାରଙ୍କ ଯୋଜନା ବିଷୟରେ ବୁଝାଇଥିଲେ। ବିଜେଡିକୁ ଟାର୍ଗେଟ କରି ପୂର୍ବ ସରକାର ସମୟରେ ଅଧିକାରୀ ମଞ୍ଚରେ ବସୁଥିଲେ ଏବଂ ନେତା, ମନ୍ତ୍ରୀ ମଞ୍ଚ ତଳେ ରହୁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହେଲେ ଭାଜପା ସରକାରରେ ସରପଞ୍ଚ ଓ ୱାର୍ଡମେମ୍ବର ବି ମଞ୍ଚରେ ବସୁଥିବା କହିଥିଲେ। ଏଥିସହ ପୂର୍ବ ସରକାର ଅଧିକାରୀଙ୍କୁ ପଠାଇ ତାଙ୍କ ଜରିଆରେ ନେଇଥିବା ଅଭିଯୋଗର ସମାଧାନ ହୋଇଛି କି ବୋଲି ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭାରତୀୟ ଜନତା ପାର୍ଟିର ସଦସ୍ୟ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପଦ୍ମପୁର ମାଟି ମା' ଲକ୍ଷ୍ମୀଙ୍କ ମାଟି, ଏଠାକାର ଜନତା ବିପୁଳ ପରିମାଣର ଭୋଟ ଦେଇ ଭାଜପାକୁ ଜିତାଇଛନ୍ତି। ମୋଦି ଡବଲ ଇଞ୍ଜିନ ସରକାର ମାଗିଥିଲେ, ଆପଣମାନେ ୨୧ ରୁ ୨୦ ଏମ୍‌ପି ଜିତାଇଛନ୍ତି। ମୋଦି ଏ ଦାନକୁ ଭୁଲି ନାହାନ୍ତି। ଆଉ ଅଭିଯୋଗ ନେଇ ଭୁବନେଶର ଯିବାକୁ ପଡ଼ିବ ନାହିଁ, ଆଜି ସରକାର ଆପଣଙ୍କ ପାଖକୁ ଆସିଛନ୍ତି। ଏହି ଜିଲାକୁ ଏକ ନମ୍ବର କରିବା ପାଇଁ ଆପଣମାନଙ୍କ ସହଯୋଗ ଦରକାର ବୋଲି କହିଥିଲେ। ବିଜେଡିକୁ ଟାର୍ଗେଟ କରି କହିଥିଲେ, ପୂର୍ବ ସରକାରରେ ଜଣେ ଅଧିକାରୀ ଆସି ଦରଖାସ୍ତ ନେଉଥିଲେ, ଆଉ ସମାଧାନ ହୋଇଯିବ କହୁଥିଲେ। ସମସ୍ୟାର ସମାଧାନ ହୋଇଛି କି ବୋଲି ମୁଖ୍ୟମନ୍ତ୍ରୀ ପଚାରିଥିଲେ। ସେତେବେଳେ ଜଣେ ସଚିବ ମଞ୍ଚରେ ଭାଷଣ ଦେଉଥିଲେ, ନେତା, ମନ୍ତ୍ରୀ ତଳେ ଠିଆ ହେଉଥିଲେ। ଆଜି ମଞ୍ଚରେ ସରପଞ୍ଚ, ୱାର୍ଡ ମେମ୍ବର ବସିଛନ୍ତି। ଏଠାରେ ତାଙ୍କର ବସିବାର ଅଧିକାର ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୂର୍ବ ସରକାର ଲୋକଙ୍କ ପାଖକୁ ଗଲେ ନାହିଁ। ଅଫିସରଙ୍କୁ ପଠାଇଲେ। ଗଣତନ୍ତ୍ର ବଦଳରେ ଅମଲାତନ୍ତ୍ର ଚାଲିଲା, ତେଣୁ ଲୋକେ ସରକାର ପରିବର୍ତ୍ତନ କଲେ। ଭାଜପାର ସରକାର ଆସିବା ପରେ ଜିଲାର ମଣ୍ଡୁଆରେ ମଧ୍ୟ ଏକ ଅଭିଯୋଗ ପ୍ରକୋଷ୍ଠର କ୍ୟାମ୍ପ ଅଫିସ ଖୋଲିଛି। ଭୁବନେଶ୍ୱର ଯିବା ଦରକାର ନାହିଁ, ସେହିଠାରେ ଅଭିଯୋଗ ଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଜିଲାର ଉନ୍ନତି ପାଇଁ ଏଠାରେ ନିଶ୍ଚୟ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ହେବ। ଜିଲାର ପିଲାମାନେ ଚାକିରି ପାଇବେ, ମେଡିକାଲ କଲେଜ ଫୁଲଫ୍ଲେଜ୍‌ଡ ଚାଲିବ। ସୁଭଦ୍ରା ଯୋଜନାରେ ଏକ କୋଟି ମହିଳା ପର୍ଯ୍ୟାୟ କ୍ରମେ ୫୦ ହଜାର ଟଙ୍କା ପାଇବେ। ଏଥିସହ ଜଗନ୍ନାଥ ମନ୍ଦିର ୪ ଦ୍ୱାର, ରତ୍ନ ଭଣ୍ଡାର ଖୋଲାଯାଇଛି, ଧାନର ଏମ୍‌ଏସ୍‌ପି ମୂଲ୍ୟ ୩୧୦୦ ହୋଇଛି ବୋଲି କହିଥିଲେ। ତାଙ୍କ ସହ ଏମ୍‌ପି ଅନନ୍ତ ନାଏକ ଓ ତେଲକୋଇ ବିଧାୟକ ଫକିର ନାଏକ ଯୋଗଦେଇଥିଲେ।

# କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ରଖିଲେ ବିରଞ୍ଚି, ଅମରେଶ

**ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)**

### ଭୁବନେଶ୍ୱର ବିଜେଡିରେ ବିଶୃଙ୍ଖଳା ପ୍ରସଙ୍ଗ

ଭୁବନେଶ୍ୱର ବିଜେଡି କନ୍ଦଳକୁ ନେଇ ଚର୍ଚ୍ଚା ଲାଗି ରହିଛି। ବିଶେଷକରି ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବା ପରେ ପରସ୍ପରକୁ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ୨ କର୍ପୋରେଟରଙ୍କ ବିରୋଧରେ ଦଳର ଅନ୍ୟ ୩୨ କର୍ପୋରେଟର ଏକାଠି ହୋଇ ମେଳି କରିଥିଲେ। ଦଳରେ କନ୍ଦଳ ବଢୁଥିବା ଦେଖି ସେପ୍ଟେମ୍ବର ୩୦ରେ ଦଳର ଜିଲା ସଭାପତି ସୁଶାନ୍ତ ରାଉତ ମଧ୍ୟ ନିର୍ବାଚନମଣ୍ଡଳୀ କର୍ପୋରେଟର ଅମରେଶ ଜେନା ଏବଂ ଏକାମ୍ର ନିର୍ବାଚନମଣ୍ଡଳୀ କର୍ପୋରେଟର ବିରଞ୍ଚି ମହାସୂପକାରଙ୍କୁ ବିଶୃଙ୍ଖଳା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ୧୫ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ଦୁଇ କର୍ପୋରେଟର ମିଳିତ ଭାବେ ଜିଲା ସଭାପତିଙ୍କ କାର୍ଯ୍ୟାଳୟରେ ନୋଟିସ୍‌ର ଲିଖିତ ଉତ୍ତର ଦାଖଲ କରିଛନ୍ତି। ଏନେଇ ବିରଞ୍ଚି କହିଛନ୍ତି, ଆମେ ବିଶୃଙ୍ଖଳିତ ବୋଲି ନୋଟିସ୍ ଜାରି କରାଯାଇଥିଲା। ଲିଖିତ ଭାବେ ଏହାର ଉତ୍ତର ରଖାଯାଇଛି। ଏଥିରେ ୧୫/୨୦ଟି ପଏଣ୍ଟ ରହିଛି। ଆମେ ଶୃଙ୍ଖଳିତ ସଭ୍ୟ ଭାବେ ଆଜି ପର୍ଯ୍ୟନ୍ତ ଦଳ ପାଇଁ ଯାହା କରିଛୁ ଏବଂ ଆମ ପାଇଁ କିଏ କ'ଣ କରିଛନ୍ତି ତାହା ଉଲ୍ଲେଖ କରିଛୁ। ଆମେ ପ୍ରକୃତରେ ଶୃଙ୍ଖଳିତ ବୋଲି ନିଜକୁ ପ୍ରମାଣିତ କରିବୁ। ୨୦୦୩ରୁ ୨୦୨୪ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମରେ ସେ ୪ଥର କର୍ପୋରେଟର ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ବିରଞ୍ଚି କହିଛନ୍ତି। ଏବେ ବି ଭୁବନେଶ୍ୱର ଜିଲା କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଆଜି ପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ, କି ଆଗକୁ ଆସିବନାହିଁ। ଆରୋପ ପ୍ରତ୍ୟାରୋପର ଖୁବ୍‌ଶୀଘ୍ର ସମାଧାନ ହେବ। ଏବେ ଦଳର ସଭାପତି ଯାହା ବିଚାର କରିବେ, ତାହା ଗ୍ରହଣ କରିବେ ବୋଲି ବିରଞ୍ଚି କହିଛନ୍ତି।

ସେହିପରି ଅମରେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଗତ ୨ବର୍ଷ ହେବ ସେମାନଙ୍କ ପ୍ରତି ଦଳରେ ଯାହାସବୁ ଅନ୍ୟାୟ ହୋଇଛି, ସେମାନଙ୍କୁ ଯେଉଁଭଳି ଭାବେ ହଇରାଣ କରାଯାଇଛି, ସେସବୁ ଉଲ୍ଲେଖ କରିଛନ୍ତି। ଯେହେତୁ ଦଳରେ ସେମାନଙ୍କ କଥା ବୁଝାଯାଉ ନ ଥିଲା ଏବଂ ବାରମ୍ବାର ଅନ୍ୟାୟ ହେଉଥିଲା, ତେଣୁ ସେମାନେ ଏଭଳି ବିରୋଧ କରୁଥିବା କହିଛନ୍ତି। କିନ୍ତୁ କେବଳ ଦୁହିଁଙ୍କୁ ହିଁ କାରଣ ଦର୍ଶାଅ ମଗାଗଲା। ମାତ୍ର ଯେଉଁମାନେ ଅନ୍ୟାୟ କଲେ, ସେମାନଙ୍କୁ ନୋଟିସ୍ କରାଗଲା ନାହିଁ। ନିଜ ଭିତରେ ଥିବା ଦୁଃଖ, ଅଭିମାନ, ଅଭିଯୋଗ ସବୁକିଛିକୁ ଲିଖିତ ଭାବେ ଜିଲା ସଭାପତିଙ୍କୁ ଅବଗତ କରାଯାଇଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏହା ପ୍ରତିଫଳିତ ହେବ ବୋଲି ଅମରେଶ ସୂଚନା ଦେଇଛନ୍ତି।

# ମୁଁ ବିଜେଡିରେ ନାହିଁ: ଅମର ଶତପଥୀ

**ଯାଜପୁର/ଚଣ୍ଡିଖୋଲ(ହର୍ଷବର୍ଦ୍ଧନ ବେହେରା/ପ୍ରଦୀପ୍ତ କୁମାର ପୃଷ୍ଟି),୧୪।୧୦**



ଅମର ପ୍ରସାଦ ଶତପଥୀ

ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ତଥା ଯାଜପୁର ଜିଲା ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଦଳରେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ତେଣୁ ଦଳର ନୂତନ ସଭ୍ୟ ସଂଗ୍ରହ ଅଭିଯାନ ଇତିମଧ୍ୟରେ ଶେଷ ହୋଇଥିଲେ ମଧ୍ୟ ସେ ତାଙ୍କ ସଦସ୍ୟତା ନବୀକରଣ କରିନାହାନ୍ତି। ସେ ଦଳର ସଦସ୍ୟ ହୋଇ ଆଉ ରହିନାହାନ୍ତି। ଏବେ ସେ ସ୍ୱାଧୀନ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ କହିଛନ୍ତି। ଅମର ଆହୁରି କହିଛନ୍ତି ଯେ, କିଛିଦିନ ହେଲା ସେ ସକ୍ରିୟ ରାଜନୀତିଠାରୁ ଦୂରେଇ ରହିଛନ୍ତି। ଗତ ବିଧାନସଭା ନିର୍ବାଚନ ପରଠାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ କେବେ ଡାକିନାହାନ୍ତି କିମ୍ବା ସେ ନବୀନଙ୍କୁ ଭେଟିନାହାନ୍ତି। ଟିକେଟ ପାଇଁ ସେ କାହାରିକୁ ଭିକ ମାଗି ନ ଥିଲେ, କେବଳ ସ୍ଥିତି ସମ୍ପର୍କରେ ଜଣାଇଥିଲେ। ଦିନ ଥିଲା ସେ ଦଳରେ ଟିକେଟ ବାଣ୍ଟୁଥିଲେ। ଏବେ ଦଳରେ ତାଙ୍କର ଆବଶ୍ୟକତା ନ ଥିବା ଅନୁଭବ କରିଛନ୍ତି ବୋଲି ଅମର କହିଛନ୍ତି।

ଛାତ୍ର ରାଜନୀତିରୁ ଆସିଥିବା ଅମର ବଡ଼ଚଣା ବିଧାନସଭା ଆସନରୁ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଥମେ ସେ ୧୯୯୦ରେ ଜନତା ଦଳ ଟିକେଟ୍‌ରେ ବିଜୟୀ ହୋଇଥିଲେ। ଏହାପରେ ୧୯୯୫ ମସିହାରେ ଜନତା ଦଳ ଏବଂ ୨୦୦୦, ୨୦୧୪ ଓ ୨୦୧୯ରେ ବିଜେଡି ପ୍ରାର୍ଥୀ ଭାବେ ଏହି ଆସନରୁ ନିର୍ବାଚିତ ହୋଇଥିଲେ। ୨୦୦୪ ଏବଂ ୨୦୨୪ରେ ବିଜେଡି ତାଙ୍କୁ ଟିକେଟ୍ ଦେଇ ନ ଥିବାବେଳେ ୨୦୦୯ରେ ଏନ୍‌ସିପି ପ୍ରାର୍ଥୀ ଭାବେ ବିଜେଡି ସମର୍ଥନରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ କୃଷି ବିଭାଗର ମନ୍ତ୍ରୀ, ବିଜେଡିର ମୁଖ୍ୟ ସଚେତକ ଓ ଦଳର ମୁଖପାତ୍ର ଭାବରେ କାର୍ଯ୍ୟ କରିଛନ୍ତି। ୨୦୦୪ରେ ବିଜେଡି ପକ୍ଷରୁ ଗୌତମ ରାୟଙ୍କୁ ବଡ଼ଚଣାରୁ ପ୍ରାର୍ଥୀ କରାଯାଇଥିବା ବେଳେ ୨୦୨୪ରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଦଳର ପ୍ରାର୍ଥୀ ହୋଇଥିଲେ। ୨୦୨୪ରେ ଟିକେଟ ନ ପାଇବାରୁ ଅମର କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ଦଳ ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପାଳନ ହୋଇଥିବାବେଳେ ସେଥିରେ ସେ ଯୋଗଦେଇ ନ ଥିଲେ। ଏପରି କି ସଭ୍ୟ ସଂଗ୍ରହ ଅଭିଯାନରେ ମଧ୍ୟ ସେ ସାମିଲ ହୋଇ ନ ଥିଲେ। ଏବେ କେଉଁ ଦଳରେ ଯୋଗଦେବେ ବୋଲି ପଚରାଯିବାରୁ ଅମର କହିଛନ୍ତି, ତାଙ୍କ ସହ ଭାଜପା ସମେତ ବିଭିନ୍ନ ଦଳ ଯୋଗାଯୋଗ କରିଛନ୍ତି। କିନ୍ତୁ ସେ କୌଣସି ଦଳକୁ ଯାଇନାହାନ୍ତି। ବଡ଼ଚଣାର ଜନତା ଓ ସମର୍ଥକମାନଙ୍କ ସହ ଆଲୋଚନା ପରେ ଆଗାମୀ ପଦକ୍ଷେପ ସମ୍ପର୍କରେ ସ୍ଥିର ହେବ। ସେ ବଡ଼ଚଣାବାସୀଙ୍କ ସହିତ ରହିଛନ୍ତି ଏବଂ ରହିବେ ବୋଲି କହିଛନ୍ତି।

# ଯାହାଙ୍କୁ ଅଣନିଃଶ୍ୱାସୀ ଲାଗୁଛି, ଦଳ ଛାଡ଼ି ଯାଆନ୍ତୁ: ଲେନିନ୍

**ଭୁବନେଶ୍ୱର,୧୪।୧୦(ଅନିଲ ଦାସ)**



ଲେନିନ୍ ମହାନ୍ତି

ବିଜେଡିରେ ଜଣକ ପରେ ଜଣେ ନେତା ଦଳ ବିରୋଧରେ ବିଷୋଦ୍‌ଗାର କରୁଛନ୍ତି। ଦୋଷ-ତ୍ରୁଟି କାଢୁଛନ୍ତି। ବିଜେଡିର ବରିଷ୍ଠ ସଦସ୍ୟ ଅମର ଶତପଥୀ ମଧ୍ୟ ନିର୍ବାଚନ ବେଳେ ଦଳର ରଣନୀତିକୁ ନେଇ ଶାଣିତ ଆକ୍ରମଣ କରିଛନ୍ତି। ଦୁଇଦିନ ତଳେ ଅମର ଦଳର ପରାଜୟ ପାଇଁ ନବୀନ ପଟ୍ଟନାୟକଙ୍କୁ ଦାୟୀ କରିଥିଲେ। ନିର୍ବାଚନ ବିଜୟ ସମୟରେ ଯଦି ନବୀନ ଶ୍ରେୟ ନେଉଥିଲେ ତା'ହେଲେ ପରାଜୟର ଦାୟିତ୍ୱ ବି ସେ ମୁଣ୍ଡାଇବେ ବୋଲି କହିଛନ୍ତି। ଏହାର ଜବାବରେ ଲେନିନ୍ ମହାନ୍ତି କହିଛନ୍ତି, ଯାହାଙ୍କୁ ଦଳରେ ଅଣନିଃଶ୍ୱାସୀ ଲାଗୁଛି, ଛାଡ଼ି ପଳାଇଲେ ଭଲ ହୁଅନ୍ତା। ସେ ନିଜ ପୁତୁରାଙ୍କୁ ଆଗରୁ ଭାଜପାକୁ ଛାଡ଼ିଛନ୍ତି, ଏବେ ନିଜେ ପଳାନ୍ତୁ। ଦଳ ତାଙ୍କୁ ୬ ଥର ବିଧାୟକ କରିଛି, ବିଭିନ୍ନ ପଦପଦବୀ ଦେଇଛି। ତା' ପରେ ଯଦି ତାଙ୍କୁ ଅଣନିଃଶ୍ୱାସୀ ଲାଗୁଛି, ଛାଡ଼ି ପଳାଇଲେ ଭଲ ହେବ। ସେ ଚାଲିଗଲେ ଦଳର ପଇସାଟିଏର କ୍ଷତି ହେବ ନାହିଁ। ଯେଉଁମାନେ ଦଳରୁ ଡେଇଁଛନ୍ତି, ସେମାନେ ଭାଜପା ସମ୍ପର୍କରେ ଥିଲେ। ସେ ଭାଜପାକୁ ଯାଉନାହାନ୍ତି। ଯେଉଁମାନେ ଭାଜପା ଯାଇଛନ୍ତି, ସେମାନେ ସେଠି କ'ଣ ପାଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଯେଉଁମାନେ ଯିବାକୁ ଚାହୁଁଛନ୍ତି ଯାଆନ୍ତୁ। ବହୁ ଯୁବ ନେତା ଅଛନ୍ତି। ବିଜେଡି ଆହୁରି ସୁଦୃଢ଼ ହେବ ବୋଲି ଲେନିନ କହିଛନ୍ତି। ସୂଚନାଯୋଗ୍ୟ, ଅମରଙ୍କୁ ଗତ ନିର୍ବାଚନରେ ବିଜେଡି ବଡ଼ଚଣା ବିଧାନସଭା ଆସନରୁ ଟିକେଟ ଦେଇ ନ ଥିଲା। ତାଙ୍କ ବଦଳରେ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରିଥିଲା। ତେବେ ବର୍ଷା ନିର୍ବାଚନରେ ହାରି ଯାଇଥିଲେ।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

# ମହିଷାସୁର କବଳରୁ ଓଡ଼ିଶା ମୁକୁଳିଛି: ଅମରେନ୍ଦ୍ର

**ଜଗତ୍‌ସିଂହପୁର, ୧୪।୧୦ (ପ୍ରମୋଦ କୁମାର ନାୟକ)**

### ରାବଣପୋଡ଼ି ଉତ୍ସବରେ ବିଜେଡିକୁ ସମାଲୋଚନା

ମହିଷାସୁର ଓ ରାବଣ କବଳରୁ ଓଡ଼ିଶା ମୁକୁଳିଛି ବୋଲି ଜଗତ୍‌ସିଂପୁର ବିଧାୟକ ଅମରେନ୍ଦ୍ର ଦାସ କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ରାବଣ ପୋଡ଼ି ଉତ୍ସବରେ ରବିବାର ସେ ଅତିଥିଭାବେ ଯୋଗଦେଇ ଜିଲାରେ ୨/୩ ବର୍ଷ ହେବ ରାବଣ ପୋଡ଼ି ଉତ୍ସବ ହେଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହଛନ୍ତି ଦଶହରା, ରାବଣ ପୋଡ଼ି ଓ ଭସାଣିକୁ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ତାଙ୍କୁ ଡାକିବାର ଥିଲା। ସେ ଆସିଥିଲେ, ରାବଣ ପୋଡ଼ି ଉତ୍ସବରେ ଆତସବାଜୀ ପ୍ରତିଯୋଗିତା ହେବା କଥା ପ୍ରସ୍ତାବ ରଖିଥାନ୍ତେ। କାରଣ ଯୁଗ ସାଙ୍ଗକୁ ସମୟ ବଦଳିଛି। ସମୟ ପରିବର୍ତ୍ତନ ସହ ଲୋକଙ୍କ ଭାବନାରେ ଆଜି ସରକାର ମଧ୍ୟ ବଦଳିଛି। ତେଣୁ ପୁରୁଣା ବ୍ୟବସ୍ଥା ମଧ୍ୟ ବଦଳିବା ଦରକାର। ଚାରିଆଡ଼େ ଆତସବାଜୀ ପ୍ରତିଯୋଗିତା ହେଉଥିବା ବିଭିନ୍ନ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ତେଣୁ ଜଗତ୍‌ସିଂହପୁରକୁ ଏଥିରୁ ବଞ୍ଚିତ କରିବା ଉଚିତ ନୁହେଁ। ଜିଲାବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଆସନ୍ତା ବର୍ଷଠାରୁ ପାଖାପାଖି ୧ ଘଣ୍ଟା ଧରି ଆତସବାଜୀ ପ୍ରଦର୍ଶନ ହେବ। ଏହାଦ୍ୱାରା କାହାରି କ୍ଷତି ହେବନାହିଁ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କମ୍ପ୍ୟୁଟର ଯୁଗରେ ଫୋଟକା କାହା ମୁଣ୍ଡରେ ପଡ଼ିବ କିମ୍ବା କାହା ଘର ଜଳିଯିବାର ସମ୍ଭାବନା ନାହିଁ। ତେଣୁ ଭୟ କରିବା ଉଚିତ ନୁହେଁ। ବ୍ୟବସ୍ଥାରେ ପରିବର୍ତ୍ତନ ହେବ। ଆଗକୁ ଲୋକଙ୍କୁ ତହସିଲ, ବ୍ଲକ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଧାଇଁବାକୁ ପଡ଼ିବ ନାହିଁ। ଥାନାରେ ଭଲ ବ୍ୟବହାର ମିଳିବ। ଏହି ଅବସରରେ ଅମରେନ୍ଦ୍ର ବିଜେଡି ଆଡ଼କୁ ତେରେଛା ବାଣ ଛାଡ଼ିଥିଲେ। ରାବଣ ଓ ମହିଷାସୁରଙ୍କ ବଧ ହୋଇଛି। ଓଡ଼ିଶା ଏବେ ମହିଷାସୁର ଓ ରାବଣମାନଙ୍କ କବଳରୁ ମୁକୁଳିଥିବା ଅମରେନ୍ଦ୍ର କହି ଚର୍ଚ୍ଚାକୁ ଖୋରାକ ଯୋଗାଇଛନ୍ତି। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମଧ୍ୟ ନାଁ ନ ନେଇ ବିରୋଧୀ ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଜିଲାରେ ସେ ଓ ଅମରେନ୍ଦ୍ର ଭାଜପା ଟିକେଟରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି। ଏବେ ଲୋକଙ୍କ ସରକାର ଚାଲିଛି। ଲୋକଙ୍କ ପାଇଁ ଯେଉଁଭଳି କାମ ଚାଲିଛି ତାହା ଅନେକ ଖଳ ତଥା ରାବଣ ପ୍ରକୃତିର ଲୋକଙ୍କ ପାଇଁ ପୋଡ଼ାଜଳା ଆରମ୍ଭ କଲାଣି ବୋଲି କହି ମନ୍ତ୍ରୀ ସମାଲୋଚନା କରିଥିଲେ। ତେବେ ଆସନ୍ତା ବର୍ଷ ଜଗତ୍‌ସିଂହପୁରରେ ଆହୁରି ଆଡ଼ମ୍ବରପୂର୍ଣ୍ଣ ରାବଣ ପୋଡ଼ି ଉତ୍ସବ ହେବ। ଜଗତ୍‌ସିଂହପୁରକୁ ଆସନ୍ତା ୫ ବର୍ଷରେ ବିକଶିତ ଜିଲା ଭାବେ ଗଢ଼ିତୋଳିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ।

# ଆଗକୁ ମନୁଷ୍ୟରୂପୀ ରାବଣମାନଙ୍କ ପତନ ହେବ : ମନ୍ତ୍ରୀ ସମ୍ପଦ

**ପାରଦୀପ,୧୪।୧୦ (ଶରତ ରାଉତ)**

ଆଗାମୀ ଦିନରେ ମନୁଷ୍ୟରୂପୀ ରାବଣମାନଙ୍କ ପତନ ହେବ ବୋଲି ଶନିବାର ସନ୍ଧ୍ୟାରେ ପାରାଦୀପରେ ଅନୁଷ୍ଠିତ ରାବଣି ପୋଡ଼ି ଉତ୍ସବରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି। ଏହି ରାବଣ ପୋଡ଼ି ଉତ୍ସବକୁ ସ୍ୱାଭିମାନୀ ନେତା ଦାମୋଦର ରାଉତ ଆରମ୍ଭ କରିଥିଲେ। ଦାମବାବୁ କୌଣସି ଅପରାଧୀଙ୍କୁ ପ୍ରଶୟ ଦେଉ ନ ଥିଲେ। ସେ ଯେଉଁମାନଙ୍କୁ ଘୃଣା କରୁଥିଲେ, ଏବେ ତାଙ୍କ ପୁତ୍ର ସେମାନଙ୍କୁ ସାଙ୍ଗରେ ନେଇ ରାଜନୀତି କରୁଛନ୍ତି। ଆଗାମୀ ଦିନରେ ଏହି ମନୁଷ୍ୟରୂପୀ ରାବଣମାନଙ୍କର ପତନ ହେବାକୁ ଯାଉଛି। ଏଭିଳି କହି ସେ ବାପି ସର୍ଖେଲଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଏସମ୍ପର୍କରେ ସାର୍ଖେଲ କହିଛନ୍ତି, ସମୟ ଆସିଲେ ଜଣାପଡ଼ିବ ବାସ୍ତବରେ ରାବଣ କିଏ ଓ ରାମ କିଏ। ପୂର୍ବତନ ବିଧାୟକ ସମ୍ପିତ ରାଉତରାୟ କୁହନ୍ତି, ଏସବୁ ଦେଖି ସ୍ୱର୍ଗରେ ଦାମବାବୁଙ୍କ ଆତ୍ମା କାନ୍ଦୁଥିବ। ବାସ୍ତବରେ ଯେଉଁମାନେ ଠିକାଦାରୀ ମାଧ୍ୟମରେ ସରକାରୀ ସମ୍ପତି ଲୁଟ୍ କରୁଥିଲେ ସେମାନେ ଆଜି ସରକାରକୁ ଆସିବା ପରେ ଅନ୍ୟକୁ ଆଙ୍ଗୁଠି ଦେଖାଉଛନ୍ତି।



ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ରାବଣ ପୋଡ଼ି ଉତ୍ସବରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ ।

ନିଶ୍ଚିତ ଥାଅ- ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ-ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି- ବିଜୟ ସୁନିଶ୍ଚିତ। -ଶ୍ରୀଅରବିନ୍ଦ

-ଶରଣ ଶେଷ ଓ ଗ୍ୟାରୁହ୍ନ ସରିଫ୍



# କଶ୍ମୀରରେ ଗଣତନ୍ତ୍ର



ଆକାର ପଟେଲ

ଜମ୍ମୁ କଶ୍ମୀରରେ ହୋଇଥିବା ନିର୍ବାଚନରେ ଏକ ନୂତନ ସରକାର ଆସିଛି। ସବୁଠାରୁ ବଡ଼ କଥା ହେଉଛି ଏହି ନିର୍ବାଚନ ସମ୍ପୂର୍ଣ୍ଣ ଅବାଧ ଓ ସ୍ୱଚ୍ଛ ଥିଲା। ଏହା ମଧ୍ୟ ଏକ ସକାରାତ୍ମକ ବିକାଶ । କଶ୍ମୀର ପୂର୍ବାପେକ୍ଷା ଅଧିକ ସୁରକ୍ଷିତ ବୋଲି ଦାବି କରାଯାଇଛି। ତେବେ ଏହି ଜଟିଳ ପ୍ରସଙ୍ଗ ଉପରେ ତଥ୍ୟ ଦେଖିବା ଆବଶ୍ୟକ। ୧୯୮୦ ଦଶକର ଶେଷ ଭାଗରେ କଶ୍ମୀରରେ ଉଗ୍ରବାଦ ଆରମ୍ଭ ହୋଇଥିଲା। ସେବେଠାରୁ ଦକ୍ଷିଣ ଏସିଆ ଉଗ୍ରବାଦ ପୋର୍ଟାଲ ସମଗ୍ର ଅଞ୍ଚଳରେ ହିଂସା ସମ୍ପର୍କରେ ତଥ୍ୟ ସଂଗ୍ରହ ଜାରି ରଖିଛି। ୧୯୮୯ରେ କଶ୍ମୀରରେ ମୋଟ ୯୨ ଜଣଙ୍କର ମୃତ୍ୟୁ ଘଟିଥିଲା। ୧୯୯୦ରେ ୧,୧୭୭ ଜଣଙ୍କର ଜୀବନ ଯାଇଥିଲା, ଯେଉଁମାନଙ୍କ ମଧ୍ୟରେ ଥିଲେ ୮୬୨ ଜଣ ସାଧାରଣ ନାଗରିକ, ୧୩୨ ଜଣ ସୁରକ୍ଷା ବାହିନୀ କର୍ମଚାରୀ ଏବଂ ୧୮୩ ଜଣ ଉଗ୍ରବାଦୀ। ପରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଲା। ୧୯୯୧ ରେ ୧୩୯୩ , ୧୯୯୨ରେ ୧୯୦୯ ଏବଂ ୧୯୯୩ ରେ ୨୫୬୭ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିମଧ୍ୟରେ ସାଧାରଣ ନାଗରିକଙ୍କ ସଂଖ୍ୟା ଥିଲା ୧,୦୨୩ ଏବଂ ସୁରକ୍ଷା ବାହିନୀ କର୍ମଚାରୀ (୨୧୬) ପୂର୍ବପରି ସମାନ ରହିଥିଲେ ମଧ୍ୟ ଉଗ୍ରବାଦୀଙ୍କ ମୃତ୍ୟୁ ସଂଖ୍ୟା ୧,୩୨୮ରେ ପହଞ୍ଚିଥିଲା। ପରବର୍ତ୍ତୀ କିଛି ବର୍ଷ ପାଇଁ ଏହି ସ୍ଥିତି ଜାରି ରହିଥିଲା ଏବଂ ସୁରକ୍ଷା ବାହିନୀ ଯବାନଙ୍କ ମୃତ୍ୟୁ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ଘଟି ୨୦୦୦ ରେ ୪୪୧ ହୋଇଥିଲା ଯେତେବେଳେ କଶ୍ମୀରରେ ପ୍ରାୟ ୩୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨୦୦୧ରେ କଶ୍ମୀରରେ ସର୍ବାଧିକ ୪,୦୧୧ ଜଣଙ୍କର ମୃତ୍ୟୁ ଘଟିଥିଲା। ସେଥିମଧ୍ୟରେ ୬୨୮ ଜଣ ସୁରକ୍ଷା ବାହିନୀ, ୧,୦୨୪ ସାଧାରଣ ନାଗରିକ ଏବଂ ୨,୩୪୫ ଉଗ୍ରବାଦୀ ଥିଲେ। ପରବର୍ତ୍ତୀ ବର୍ଷ ୨୦୦୨ରେ ମୃତ୍ୟୁ ସଂଖ୍ୟା ୧୦୦୦ ହ୍ରାସ ପାଇ ୩୦୯୮ରେ ଏବଂ ୨୦୦୩ରେ ଏହା ୨୫୦୭ ଥିଲା। ମୃତ୍ୟୁ ସଂଖ୍ୟା ହ୍ରାସ ପଛରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଅଛି। ପ୍ରଥମେ ଆମେରିକାରେ ୧୧ ସେପ୍ଟେମ୍ବର ଆକ୍ରମଣ ପରେ ପାକିସ୍ତାନ 'ଆତଙ୍କବାଦ ବିରୋଧୀ ଯୁଦ୍ଧ'ରେ ସାମିଲହେବ ବୋଲି କହିଥିଲା। କିନ୍ତୁ ଏହାର ୩ମାସ ପରେ ଡିସେମ୍ବର ୨୦୦୧ରେ ଭାରତର ସଂସଦ ଉପରେ ହୋଇଥିବା ଆକ୍ରମଣ କରିଥିଲା। ଦ୍ୱିତୀୟ ଘଟଣା ପରେ ପାକିସ୍ତାନ ସହିତ ଯୁଦ୍ଧ ପାଇଁ ଭାରତ ଆଗକୁ ବଢ଼ିବା ସହ ଉଗ୍ରବାଦୀଙ୍କୁ ପଠାଉଥିବା ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ଭାରତ ଚାପ ପକାଇଥିଲା। ୧୩ ଜାନୁୟାରୀ ୨୦୦୨ରେ ପାକିସ୍ତାନ କହିଥିଲା ଯେ ପାକିସ୍ତାନର ଲଶ୍କର-ଏ-ତୋଇବା (ଏଲ୍ଇଟି)ଏବଂ ଜୈଶ୍-ଏ-ମହମ୍ମଦ (ଜେଇଏମ୍)କୁ ନିଷିଦ୍ଧ କରିଛି। ଏହି ପ୍ରତିବନ୍ଧକ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଆଉ ଆଗକୁ ବଢ଼ି ନ ଥିଲେ।

ଭାରତ ବହୁଦିନରୁ କହିଆସିଛି ଯେ ଉଗ୍ରବାଦ ରୋକିବାରେ ପାକିସ୍ତାନ ଗମ୍ଭୀର ନୁହେଁ। ଏହା ସତ ଯେ, ପାକିସ୍ତାନୀ ସେନା ଏବଂ ଏହାର ଶାଖାଗୁଡ଼ିକ ଉଗ୍ରବାଦୀ ଗୋଷ୍ଠୀକୁ ଭାରତ ବିରୋଧରେ ବ୍ୟବହାର କରିଆସିଛନ୍ତି। ତଥ୍ୟ ଦେଖିଲେ ବୁଝିପାରିବା। କଶ୍ମୀରରେ ୨୦୦୧ରେ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା ବେଳେ ଏହା କ୍ରମଶଃ ହ୍ରାସ ପାଇ ୨୦୦୨ରେ ୩୦୦୦ ଏବଂ ୨୦୦୩ ରେ ୨,୦୦୦ ଥିଲା। ୨୦୦୪ ରେ ମୃତ୍ୟୁ ସଂଖ୍ୟା ପୁନର୍ବାର ହ୍ରାସ ପାଇ ୧,୭୮୮ ଏବଂ ପରବର୍ତ୍ତୀ ବର୍ଷ ୧,୧୨୫ ରେ ପହଞ୍ଚିଥିଲା। ୨୦୦୭ ରେ ୧୯୯୦ ପରଠାରୁ ପ୍ରଥମ ଥର ପାଇଁ ମୃତ୍ୟୁ ସଂଖ୍ୟା ୧୦୦୦ (୭୪୪ ନିହତ)କୁ ଖସି ଆସିଥିଲା। ଏହା ୨୦୦୮ରେ ୫୪୮, ୨୦୦୯ ରେ ୩୭୩, ତା'ପରେ ୨୦୧୧ ରେ ୧୮୧ କୁ ଖସିଥିଲା। ୨୦୧୪ରେ ମନମୋହନ ସିଂ ଦାୟିତ୍ୱରୁ ଯିବା ପର୍ଯ୍ୟନ୍ତ ଏହା କୌଣସି ବର୍ଷରେ ୨୦୦ ରୁ ଅଧିକ ହୋଇ ନ ଥିଲା। ୨୦୨୩ରେ ୨୦୧୫ ତୁଳନାରେ ପ୍ରଥମ ଥର ପାଇଁ ପୁନର୍ବାର ମୃତ୍ୟୁ ସଂଖ୍ୟା ୨୦୦ ତଳକୁ ଖସିଥିଲା। ତେବେ କେବଳ ଗୋଟିଏ ତଥ୍ୟକୁ ଦୀର୍ଘକାଳୀନ ସୂଚକ ଭାବରେ ଦେଖିବା ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । ସମାନ ସମୟରେ ପାକିସ୍ତାନରେ କ'ଣ ଘଟିଛି ବିଚାର କରାଯାଉ। ୧୯୮୦ ଏବଂ ୧୯୯୦ ଦଶକରେ କରାଚୀରେ ଅତ୍ୟଧିକ ରାଜନୈତିକ ହିଂସା ଘଟିଥିଲା। ୨୦୦୦, ୨୦୦୧ ଏବଂ ୨୦୦୨ରେ ଉଗ୍ରବାଦ ଆକ୍ରମଣରେ ପାକିସ୍ତାନରେ ମୃତ୍ୟୁ ସଂଖ୍ୟା ଯଥାକ୍ରମେ ୧୬୬, ୨୯୫ ଏବଂ ୨୫୭ ଥିଲା। ୨୦୦୩ରେ ତତ୍କାଳୀନ ରାଷ୍ଟ୍ରପତି ଜେନେରାଲ(ଅବସରପ୍ରାପ୍ତ) ପରଭେଜ ମୁଶରଫ ଜେଇଏମ୍ ଏବଂ ଏଲ୍ଇଟିକୁ ନିଷିଦ୍ଧ କରିବାର ବର୍ଷକ ପରେ ଦୁଇଥର ତାଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ପ୍ରଥମରେ ତାଙ୍କ ଗାଡ଼ି ପାରହେଉଥିବା ବ୍ରିଜ୍‌ରେ ଏକ ବୋମା ରଖାଯାଇଥିଲା ଏବଂ ଖ୍ରୀଷ୍ଟମାସ୍ ଦିନ ୨୦୦୩ରେ ଦୁଇଜଣ ଆତ୍ମଘାତୀ ଉଗ୍ରବାଦୀ ତାଙ୍କ କାର୍‌କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏଥିରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିଲା, କିନ୍ତୁ ମୁଶରଫ ବର୍ତ୍ତିଯାଇଥିଲେ। ତା' ପରବର୍ଷ ମୃତ୍ୟୁ ସଂଖ୍ୟାରେ ବୃଦ୍ଧ ଘଟି ୯୨୫ରେ ପହଞ୍ଚିଥିଲା ଏବଂ ସେମାନଙ୍କ ମଧ୍ୟରେ ୨୦୮ ଜଣ ସୁରକ୍ଷା ବାହିନୀ କର୍ମଚାରୀ ଏବଂ ୩୦୨ ଜଣ ଉଗ୍ରବାଦୀ ଥିଲେ। ୨୦୦୬ରେ ଏହି ସଂଖ୍ୟା ୧,୪୬୬ ରେ ପହଞ୍ଚିଥିଲେ। ୨୦୦୭ରେ ମୋଟ ୩,୫୯୪ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୦୮ରେ ଏହା ୨ଗୁଣ ବୃଦ୍ଧି ହୋଇ ୬,୬୮୩ରେ ପହଞ୍ଚିଥିଲା। ୨୦୦୯ରେ ସବୁଠୁ ଅଧିକ ୧୧,୩୧୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଆମ ଦେଖିବାରେ ଏହି ସମୟରେ କଶ୍ମୀରରେ ୩୭୩ ଜଣଙ୍କର ମୃତ୍ୟୁ ଘଟିଥିଲା।

୨୦୧୦ରେ ପାକିସ୍ତାନୀ ସେନା ହିଂସା ରୋକିବାକୁ ଚେଷ୍ଟାକଲା ଏବଂ ମୃତ୍ୟୁ ସଂଖ୍ୟା ୭,୩୪୨କୁ ଖସି ଆସିଥିଲା । ପରବର୍ଷ ପୁଣି ୬,୦୫୦ରେ ପହଞ୍ଚିଥିଲା। ୨୦୧୩ ଏବଂ ୨୦୧୪ ରେ ମୃତ୍ୟୁ ସଂଖ୍ୟା ୫,୦୦୦ ଥିଲା, କିନ୍ତୁ ୨୦୧୫ରେ ୩,୬୮୫କୁ , ୨୦୧୬ରେ ୧,୭୯୭ ଏବଂ ୨୦୧୭ରେ ଏହା ୧,୨୬୯ କୁ ଖସି ଆସିଥିଲା। ୨୦୧୯ରେ ଏହି ସଂଖ୍ୟା ୪୦୦ରୁ କମ୍ ହୋଇଯାଇଥିଲା। କିନ୍ତୁ ଏହା ଗତ ୨ ବର୍ଷରେ ପ୍ରତ୍ୟେକଟିରେ ପାଖାପାଖି ୧୫୦୦କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ କଶ୍ମୀରରେ ହିଂସାର ଦୀର୍ଘକାଳୀନ ଧାରାକୁ ରୋକିବାକୁ ପଡ଼ିବ। ବୁଝିବାକୁ ହେବ ଯେ, ମୁକ୍ତ ନିର୍ବାଚନ ହେଉଛି ଗଣତନ୍ତ୍ରର ସର୍ବୋତ୍ତମ ପ୍ରତିକ୍ରିୟା।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 6 | 7 | | |
| 9 | | | | | 8 | | 1 | |
| | 8 | | | 2 | | | | |
| | | 2 | 4 | | | 3 | | 5 |
| | | | | | | | | 4 |
| 8 | | | | 5 | 1 | | | |
| | | 7 | | 3 | | 5 | | |
| | | | | | 2 | 9 | 6 | |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 8 | 3 | 5 | 9 | 1 | 4 |
| 9 | 4 | 1 | 7 | 6 | 2 | 3 | 5 | 8 |
| 5 | 3 | 8 | 4 | 9 | 1 | 2 | 7 | 6 |
| 1 | 7 | 4 | 2 | 5 | 9 | 8 | 6 | 3 |
| 3 | 8 | 5 | 1 | 4 | 6 | 7 | 9 | 2 |
| 6 | 9 | 2 | 3 | 8 | 7 | 1 | 4 | 5 |
| 4 | 2 | 9 | 6 | 7 | 8 | 5 | 3 | 1 |
| 7 | 1 | 6 | 5 | 2 | 3 | 4 | 8 | 9 |
| 8 | 5 | 3 | 9 | 1 | 4 | 6 | 2 | 7 |

ଗତ ସଂସ୍କରଣର ଉତ୍ତର

# ଦୋଛକିରେ ନୋବେଲ ବିଜେତା ହିଣ୍ଟନ୍



ଡ. ଗୌରୀଶଙ୍କର ସାହୁ

କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)ର ଗଡ଼ଫାଦର ଜେଫ୍ରେ ହିଣ୍ଟନ୍ ଗୁଗୁଲ୍ କମ୍ପାନୀ ଛାଡ଼ିଦେଲେ ଓ ପ୍ରକାଶ୍ୟରେ ନିଜ ଉଦ୍ଭାବନ ପାଇଁ ପଶ୍ଚାତ୍ତାପ କରୁଛନ୍ତି ବୋଲି କହିଥିଲେ। ଗତବର୍ଷ ମେ' ପହିଲା ଦିନ ନ୍ୟୁୟର୍କ ଟାଇମ୍ସ ଓ ପରଦିନ ବି.ବି.ସି., ଦ ଗାର୍ଡିଆନ୍ ପ୍ରଭୃତି ପ୍ରତିଷ୍ଠିତ ଗଣମାଧ୍ୟମ ଏଇ ଚାଞ୍ଚଲ୍ୟକର ଶୀର୍ଷକରେ ଖବରଟିଏ ଛାପିଥିଲେ। ସେଦିନଠାରୁ ଡ. ହିଣ୍ଟନ୍ କୃତ୍ରିମ ବୁଦ୍ଧିମତ୍ତାଯୁକ୍ତ ମେଶିନ୍ ମଣିଷ ଜାତିର ସତ୍ତାକୁ ଭବିଷ୍ୟତର ବିପଦରେ ପକାଇବ ବୋଲି ଆକଳନ କରି, ନିଜ ପକେଟ୍‌ରୁ ପଇସା ଖର୍ଚ୍ଚ କରି ପୃଥିବୀସାରା ବୁଲି ବୁଲି କୃତ୍ରିମ ବୁଦ୍ଧିମତ୍ତା ମାନବ ଜାତି ପାଇଁ କିପରି ବିପଦ ତାହା ବୁଦ୍ଧିଜୀବୀମାନଙ୍କୁ ବୁଝାଉଛନ୍ତି।

'କୃତ୍ରିମ ସ୍ନାୟବିକ ଜାଲି' (ଆର୍ଟିଫିସିଆଲ୍ ନ୍ୟୁରାଲ୍ ନେଟ୍‌ୱର୍କ) ମାଧ୍ୟମରେ ମେଶିନ୍ ଲର୍ନିଂକୁ ଅଭିନବ ରୂପ ଦେଇ ପାରିଥିବାରୁ ଜନ୍ ଯୋଶେଫ୍ ହପ୍‌ଫେଲ୍‌ଡଙ୍କ ସହ ଯୁଗ୍ମ ଭାବରେ ୨୦୨୪ ବର୍ଷ ପାଇଁ ନୋବେଲ୍ ପୁରସ୍କାରରେ ସମ୍ମାନିତ ହେବେ ଜେଫ୍ରେ ଏଭରେଷ୍ଟ ହିଣ୍ଟନ୍। ସାଢ଼େ ଚାରିକୋଟି ଟଙ୍କା ପୁରସ୍କାର ରାଶି ଭାବେ ଲାଭ କରିବେ ହିଣ୍ଟନ୍। ଏବେ ଡ. ହିଣ୍ଟନ୍ ଆଗଠାରୁ ଯଥେଷ୍ଟ ଅଧିକ ଜନପ୍ରିୟ। କେବଳ ଉଚ୍ଚ ଶିକ୍ଷିତ ନୁହନ୍ତି, ଅର୍ଦ୍ଧଶିକ୍ଷିତ ଓ ସାଧାରଣ ଲୋକେ ଯେଉଁମାନେ ନୋବେଲ୍ ପୁରସ୍କାର କିଏ ପାଇଲେ ଶୁଣିବାକୁ ଅପେକ୍ଷା କରିବସିଥାନ୍ତି, ହିଣ୍ଟନ୍ ନାମ ସହ ପରିଚିତ ହେଲେ। ତେଣୁ ହିଣ୍ଟନ୍ ପୁରସ୍କାର ରାଶି ଖର୍ଚ୍ଚ କରି ପୃଥିବୀସାରା ବୁଲି ବୁଲି କୃତ୍ରିମ ବୁଦ୍ଧିମତ୍ତାର ଭୟଙ୍କର ରୂପ ଦେଖାଇପାରିବେ ସାଧାରଣ ଲୋକଙ୍କୁ ଓ ଏଇ କ୍ଷେତ୍ରରେ ଗବେଷଣାକୁ ବାଧିତ କରି ଭବିଷ୍ୟତର ବିପଦକୁ ଏଡ଼ାଇପାରିବେ। ସେପଟେ ନୈତିକତାର ବେଡ଼ି। ନୋବେଲ୍ ବିଜେତା ଭାବେ ତାଙ୍କୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ଗବେଷଣାଗାର ତରଫରୁ ନିମନ୍ତ୍ରଣ ମିଳିବ କୃତ୍ରିମ ବୁଦ୍ଧିମତ୍ତାର ଆଧାରଶିଳା କୃତ୍ରିମ ସ୍ନାୟବିକ ଜାଲିର ଗହନ ଓ ଜଟିଳ ତତ୍ତ୍ୱସବୁକୁ ସରଳ ଓ ସହଜ ଉପାୟରେ ବୁଝାଇଦେବା ପାଇଁ, ଯାହା ସେ ଅକ୍ଳେଶରେ କରିପାରିବେ। ଏହା ଏଇ ବିଭାଗରେ ଗବେଷଣା ଦ୍ୱାରା ତ୍ୱରାନ୍ୱିତ ହେବ ଯେ କେବଳ ସେତିକି ନୁହେଁ, ବରଂ ଖରାପ ନେତା ଓ ଦୁର୍ଜନ ଜନ ହାତରେ ପଡ଼ିବାର ସମ୍ଭାବନା ରହିବ ଏଇ ଜ୍ଞାନ, ବିଜ୍ଞାନ, ଯାହା ମଣିଷ ଜାତିକୁ ବିପଦର ଗହ୍ୱର ଭିତରକୁ ନେଇଯିବ। ଦୋଛକିରେ ଡ. ଜେଫ୍ରେ ହିଣ୍ଟନ୍! କେଉଁ ରାସ୍ତାର ପଥିକ ହେବେ ଆଗକୁ?

ଆମେ ଯାହାକୁ ଭବିଷ୍ୟତର ବିପଦ ବୋଲି ଭାବୁଛେ, ନୋବେଲ୍ ସମିତି ଓ ବିଶ୍ୱର ବିଭିନ୍ନ ଗଣମାଧ୍ୟମ ଆଜି ତା'ର ଜନମଙ୍ଗଳକାରୀ ପ୍ରଭାବ ସବୁ ବଖାଣିଛନ୍ତି। ଏଇ ଯେମିତି, କୃତ୍ରିମ ବୁଦ୍ଧିମତ୍ତା ଓ ମେଶିନ୍ ଲର୍ନିଂ କମ୍ପ୍ୟୁଟରର ଗଣନା କରିବା କ୍ଷମତା ବହୁଗୁଣିତ କରିଛି, ମୁହଁ ଚିହ୍ନିବା, ଭାଷାନ୍ତର ଓ ଅନୁବାଦ ସହଜ, ସୁଗମ ହୋଇପାରିଛି, ସ୍ୱୟଂକ୍ରିୟ ଚାରିଚକିଆ ଯାନ ରାଜପଥରେ ଦୌଡ଼ୁଛି, ଅଣୁ ଓ



ଏଥିରୁ ସଂଶ୍ଳେଷିତ ପଦାର୍ଥର ଗୁଣାବଳୀ ନିର୍ଣ୍ଣୟ, ମହାଜାଗତିକ ଘଟଣାକୁ ନିରୀକ୍ଷଣ କରୁଥିବା ଦୂରବୀକ୍ଷଣ ଯନ୍ତ୍ରର ଦକ୍ଷତା ବୃଦ୍ଧି, ପଦାର୍ଥର ନିର୍ଦ୍ଦିଷ୍ଟ ପ୍ରାବସ୍ଥା ପୁନରୁତ୍ପାଦନ, ଜଳର ତାପଗତି ଗୁଣାବଳୀ ନିର୍ଣ୍ଣୟ ସହ ପ୍ରାବସ୍ଥା ରୂପାନ୍ତରଣର ସଠିକ ଆକଳନ, ଆଲ୍‌ଫାଫୋଲ୍‌ଡ ମାଧ୍ୟମରେ ପୁଷ୍ଟିସାର ଅଣୁର ତ୍ରିବିମୀୟ ସଂରଚନା ନିରୂପଣ, ଏମ୍.ଆର୍.ଆଇ. ସ୍କାନ୍ ଠାରୁ ସ୍ତନକର୍କଟ ନିରୂପଣକୁ ପ୍ରଭାବୀ କରିପାରିଛି କୃତ୍ରିମ ବୁଦ୍ଧିମତ୍ତାରେ ଋଦ୍ଧିମନ୍ତ ମେଶିନ୍ ଲର୍ନିଂ। ଜେପ୍ଟୋ ସେକେଣ୍ଡ ମଧ୍ୟରେ ସୃଷ୍ଟି ହୋଇ ଲୋପ ପାଇଯାଏ ଈଶ୍ୱର କଣିକା (ହିଗ୍ସ ବୋଷନ)। ନିକଟ ଅତୀତରେ ସର୍ନ ଗବେଷଣାଗାରରେ ହିଗ୍ସର ସଂକେତ ଚିହ୍ନଟ ହୋଇପାରିଲା, କାରଣ ମେଶିନ୍ ଲର୍ନିଂ ଅସଂଖ୍ୟ ନଏଜ୍ ସଂକେତ ମଧ୍ୟରୁ ହିଗ୍ସ ସଂକେତକୁ ଚିହ୍ନି ଆମକୁ ଚିହ୍ନାଇଦେଲା। ଦୁଇଟି କୃଷ୍ଣଗହ୍ୱରର ସଂଘାତରୁ ସୃଷ୍ଟ ମାଧ୍ୟାକର୍ଷଣ ତରଙ୍ଗ ଆମେ ଗବେଷଣାଗାରରେ ଚିହ୍ନଟ କରିପାରିଲେ, କାରଣ କୃତ୍ରିମ ବୁଦ୍ଧିମତ୍ତା ଏଇ ଦୁର୍ବଳ ସଂକେତକୁ ସବଳ ନଏଜ୍ ସଂକେତମାନଙ୍କଠାରୁ ଅଲଗା କରି ଆମକୁ ଦେଖାଇଦେଲା। ଆଇସ୍‌କ୍ୟାବ୍ ନ୍ୟୁଟ୍ରିନୋ ଡିଟେକ୍ଟର ଦ୍ୱାରା ଆମେ ଆକାଶଗଙ୍ଗାର ଛବି ଉତ୍ତୋଳନ କରିପାରିଲେ ଏଇ ଗବେଷକ ଦ୍ୱୟଙ୍କ ମୌଳିକ ଗବେଷଣା ଯୋଗୁ।

ହପ୍‌ଫେଲ୍‌ଡ ଓ ହିଣ୍ଟନ୍‌ଙ୍କ ମୌଳିକ ଗବେଷଣା କିପରି ଅସୀମିତ ତଥ୍ୟ ଅଧିଗ୍ରହଣ ଓ ସଂରକ୍ଷଣ ପାଇଁ ସକ୍ଷମ ସ୍ମୃତିକୋଷ ଗଢ଼ିବାର ବାଟ ଦେଖାଇଛି ଓ ସ୍ୱୟଂ ଅନୁଶୀଳନ ଓ ବିଶ୍ଳେଷଣ ପୂର୍ବକ ମେଶିନ୍‌କୁ ମଣିଷ ପରି ଚିନ୍ତା କରିବାର ସାମର୍ଥ୍ୟ ଦେଇଛି ତାହା ପ୍ରଣିଧାନଯୋଗ୍ୟ। ବାଳୁତ ପିଲାଟି ଆଗରୁ ଦେଖିନଥିବା ବାଛୁରୀ, ଛେଳି, ବିଲେଇ, ଗୁଣ୍ଡୁଚିକୁ ଚଟ୍‌କିନା ଚିହ୍ନିଦେବ। ଦେଖି ଦେଖି ଶିଖେ ଶିଶୁ, ଅନେକାଂଶରେ ବୁଝାଇବା ଆବଶ୍ୟକ ହୋଇନଥାଏ। ଶିଶୁର ସ୍ମୃତି, ସ୍ନାୟବିକ ଜାଲିର ଲୀଳାଖେଳା। ସ୍ନାୟବିକ କୋଷ ସମୂହର ଜଟିଳ ଜାଲ ସଠିକ ଢାଞ୍ଚା ବା ପାର୍ଟର୍ନ୍ ନିରୂପଣ କରି ବିଶ୍ଳେଷଣ ଓ ଅନୁଶୀଳନ ପୂର୍ବକ ଅବିକଳ ଚିତ୍ର ସ୍ମୃତିପଟଳରେ ଆଙ୍କିଥାଏ। ଶବ୍ଦ ଚିହ୍ନଟ ପ୍ରକ୍ରିୟା ମଧ୍ୟ ଏହିପରି। ସିନେମା ହଲ୍‌ର ଦର୍ଶକ ଗ୍ୟାଲେରିକୁ ମନେପକାଇବାବେଳେ ଏହା ବହିଥାକ ପରିନୁହେଁ ବରଂ ଘରର ଶିଡ଼ିପରି ବୋଲି ଆମେ ତୁରନ୍ତ ଧରିଦେଉ। ପ୍ରେକ୍ଷାଳୟ କଥା ଚିନ୍ତା କଲାବେଳକୁ ଶିଡ଼ିର ରୂପ ଓ ଏଇ ଶିଡ଼ି ଶବ୍ଦ ଆମ ସ୍ମୃତିପଟଳରେ ଭାସିଆସିବା ସମ-ସ୍ମୃତି (ଆସୋସିଏଟ୍ ମେମୋରି) କହିଲେ ଅତ୍ୟୁକ୍ତି ହେବନାହିଁ। ଜନ୍ ହପ୍‌ଫେଲ୍‌ଡଙ୍କ ଗବେଷଣା ଏଇ ସମ-ସ୍ମୃତି ବିଷୟକ।

ଆମ ମସ୍ତିଷ୍କରେ ଯେମିତି ଡେନ୍‌ଡ୍ରାଇଟ୍ ଓ ଆକ୍ସନର ସମାହାରରେ ପ୍ରାକୃତିକ ସ୍ନାୟବିକ ଜାଲ ବିଛେଇ ହୋଇରହିଛି ଓ ସିନାପ୍‌ସ ବିନ୍ଦୁଦେଇ ତଥ୍ୟ ଅଧିଗ୍ରହଣ ଓ ପ୍ରେରଣ ସମ୍ଭବପର ହୁଏ, ଠିକ୍ ସେମିତି କୃତ୍ରିମ ସ୍ନାୟବିକ ଜାଲିରେ ଗଣ୍ଠି(ନୋଡ୍) ସ୍ଥାନରେ ଥିବା ଶୂନ ବା ଏକସଂଖ୍ୟା କୋଡ୍ ପରି କାମ କରେ ଓ ସୂଚନା ପ୍ରସାରଣର ଦିଗ ନିର୍ଦ୍ଧାରଣ କରେ। ଗଣ୍ଠିରୁ କେଉଁ ଦିଗରେ ସୂଚନା ପ୍ରେରିତ ହେବ ଓ କେଉଁ ଦିଗରୁ ସୂଚନା ଅଧିଗୃହୀତ ହେବ ତାହା ପରିସଂଖ୍ୟାନ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ୧୯୮୨ ସାଲ୍‌ରେ ଜନ୍ ହପ୍‌ଫେଲ୍‌ଡ ସରଳ ଉଦାହରଣ ମାଧ୍ୟମରେ ବଡ଼ ଜଟିଳ ତତ୍ତ୍ୱ ବୁଝାଇଦେଲେ। ଯେମିତି ଚୁମ୍ବକୀୟ ପଦାର୍ଥରେ ଗୋଟିଏ ଅଣୁର ସ୍ପିନର ଦିଗ ନିର୍ଣ୍ଣୟ କରେ, ଆଖପାଖର ଅଣୁଗୁଡ଼ିକ କେଉଁ ଦିଗ ଆଡ଼କୁ ମୁହାଁଇ ରହିବେ, ସେମିତି ହପ୍‌ଫେଲ୍‌ଡଙ୍କ କୃତ୍ରିମ ସ୍ନାୟବିକ ଜାଲରେ ଗଣ୍ଠିଗୁଡ଼ିକ କେଉଁ ନିର୍ଦ୍ଦିଷ୍ଟ ଦିଗରେ ସୂଚନା ପ୍ରେରିତ କରିବେ, ତାହା ପଦାର୍ଥ ବିଜ୍ଞାନର ନିୟମ ଦ୍ୱାରା ନିର୍ଦ୍ଧାରିତ। ଚୁମ୍ବକୀୟ ପଦାର୍ଥରେ ଅଣୁଗୁଡ଼ିକର ସ୍ପିନ ଗୋଟିଏ ନିର୍ଦ୍ଦିଷ୍ଟ ଦିଗ ଆଡ଼କୁ ମୁହାଁଇ ସିଷ୍ଟମଟିକୁ ସର୍ବନିମ୍ନ ଶକ୍ତିଯୁକ୍ତ କରିଥାଏ, ସେହିପରି ବିରୂପ ଓ ବିକୃତ ଛବି, ପରିବର୍ତ୍ତିତ ହୋଇ ବାସ୍ତବ ରୂପକୁ ରୂପାନ୍ତରିତ ହେବା ପରେ ହିଁ ସର୍ବନିମ୍ନ ଶକ୍ତିଯୁକ୍ତ ଜାଲକୁ ପ୍ରଦର୍ଶିତ କରିଥାଏ।

ପାରମ୍ପରିକ କମ୍ପ୍ୟୁଟର ସଫ୍ଟୱେୟର ବାହାରୁ ତଥ୍ୟ ପାଇବାମାତ୍ରେ ପୂର୍ବରୁ ସଂରକ୍ଷିତ ନିର୍ଦ୍ଦେଶାବଳୀ ମାନି ଫଳାଫଳ ଜଣାଇଥାଏ। ଏଇ ଯେମିତି ପାଞ୍ଚଟି ସଂଖ୍ୟା ନେଇ ଯୋଗ କରିବାକୁ କହିଲେ କମ୍ପ୍ୟୁଟର ଯୋଗଫଳ ବଢ଼ାଇଥାଏ। ଅପରପକ୍ଷରେ ମେଶିନ୍ ଲର୍ନିଂ ଜରିଆରେ ଆଧୁନିକ କମ୍ପ୍ୟୁଟର ଉଦାହରଣଗୁଡ଼ିକ ମାଧ୍ୟମରେ ସ୍ୱୟଂ ଶିଖେ ଓ ଜଟିଳ ସମସ୍ୟା ସବୁର ସମାଧାନ କରିଦେଖାଏ କୃତ୍ରିମ ବୁଦ୍ଧିମତ୍ତା ବଳରେ। ହପ୍‌ଫେଲ୍‌ଡ ତଥ୍ୟ ସଞ୍ଚୟ ଓ ପୁନରୁଦ୍ଧାର ପୂର୍ବକ ସ୍ମୃତି ରୋମନ୍ଥନର କୌଶଳ ଶିଖାଇଲେ। ବିସ୍ମୃତ ସ୍ମୃତି ପୁନରୁଦ୍ଧାର ପରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍ କିପରି ଅନୁଶୀଳନ ଓ ବିଶ୍ଳେଷଣ ଦ୍ୱାରା ଆହୁରି ପ୍ରଭାବଶାଳୀ ହୋଇପାରିବ ସେ ସୂତ୍ର ଆବିଷ୍କାର କଲେ ଜେଫ୍ରିହିଣ୍ଟନ୍।

ଜେଫ୍ରିହିଣ୍ଟନ୍ ପଦାର୍ଥ ବିଜ୍ଞାନର ଏକ ମୌଳିକ ପରିସଂଖ୍ୟାନ ତତ୍ତ୍ୱ ବୋଲ୍‌ଜମ୍ୟାନ୍ ପରିସଂଖ୍ୟାନ ବ୍ୟବହାର କରି ଅସମ୍ଭବକୁ ସମ୍ଭବ କରି ଦେଖାଇଲେ। ଦୃଶ୍ୟମାନ କୃତ୍ରିମ ସ୍ନାୟବିକ ଗଣ୍ଠିରୁ ଅଦୃଶ୍ୟ କୃତ୍ରିମ ସ୍ନାୟବିକ ଗଣ୍ଠିରୁ ପରିସଂଖ୍ୟାନର ନିୟମ ଦ୍ୱାରା ସୁସଂଗତ ଭାବେ ତଥ୍ୟ ଆଦାନପ୍ରଦାନ କରାଯାଇପାରିଲା ହିଣ୍ଟନ୍‌ଙ୍କ ଗବେଷଣା ଦ୍ୱାରା। ପ୍ରଥମେ ମେଶିନ୍ ଲର୍ନିଂର ଶିକ୍ଷାନବୀସ ଥିଲା- ବୋଲ୍‌ଜମ୍ୟାନ ମେଶିନ୍, ଏବେ ତ ଅତ୍ୟାଧୁନିକ ମେଶିନ୍ ତିଆରି ହେଲାଣି। ଏଇ ମେଶିନ୍ ପୂର୍ବରୁ ପ୍ରଦତ୍ତ ନିର୍ଦ୍ଦେଶରୁ ନୁହେଁ, ବରଂ ଉଦାହରଣରୁ ଶିଖେ। ସବୁଠାରୁ ଅଧିକ ସମ୍ଭାବ୍ୟ ଚିତ୍ର, ଶବ୍ଦ, ଚରିତ୍ରକୁ ପୁନରୁଦ୍ଧାର ପୂର୍ବକ ଅବିକଳ ଢାଞ୍ଚା ପ୍ରଦର୍ଶିତ କରେ ଏଇ ମେଶିନ୍ ବା ଯନ୍ତ୍ର। ମେଶିନ୍ ଲର୍ନିଂ ଓ ତତ୍ ସଂଲଗ୍ନ କୃତ୍ରିମ ବୁଦ୍ଧିମତ୍ତା ମଣିଷର ସ୍ମୃତି ପରି ତୀକ୍ଷ୍ଣ। ଜଣେ କବି ଲେଖିଥିଲେ, 'ଯନ୍ତ୍ର ତତେ କି ମନ୍ତ୍ର ଦେଇଛି ମଣିଷ ଆରେ?' ସେ ମନ୍ତ୍ର ଜପି ମେଶିନ୍ କେତେବେଳେ ମହିଷାସୁର ହୋଇ ମଣିଷ ଜାତି ପାଇଁ ବିପଦକୁ ବାଟେଇ ଆଣିବ ଏଇ ଆଶଙ୍କାରେ ବର୍ଷେହେଲା ପରିବ୍ରାଜକ ସାଜି ମଣିଷକୁ ବୁଝାଇ ଆସୁଛନ୍ତି ହିଣ୍ଟନ୍। ଆଗକୁ ତାଙ୍କର ରାସ୍ତା କ'ଣ ରହିବ, ସମୟ କହିବ।

ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ହିମାଚଳ ପ୍ରଦେଶ
ମୋ: ୭୯୭୮୪୨୧୮୩୫

# ଧାଡ଼ି ଶେଷର ମଣିଷ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଧାଡ଼ିର ଶେଷରେ ଠିଆ ହୋଇଛନ୍ତି ଆପଣ। ଧୀରେ ଧୀରେ ଲୋକମାନେ ଆଗକୁ ବଢୁଛନ୍ତି। ନିଜ ଭିତରେ ବିରକ୍ତ ହେଉଥିବେ। କ' ଣ ପାଇଁ ଆସିଲି। ଟିକେ ପୂର୍ବରୁ ଆସିଥିଲେ ହୋଇଥାନ୍ତା। କେତେବେଳେ ଯାଏ ଏମିତି ଠିଆ ହେବାକୁ ପଡ଼ିବ କେଜାଣି। ତେଣିକି ଏଣୁଅ ଭଳି ଏପଟସେପଟ ଚାହୁଁଥିବେ। କୋଉଠି ଗଳାବାଟ ଗୋଟେ ମିଳିଯିବ। ଶୀଘ୍ର ଚାଲିଯିବେ। ଧାଡ଼ିରେ ଠିଆହେବାକୁ ଲୋକଙ୍କ ଆଗ୍ରହ ନାହିଁ କି ଧୈର୍ଯ୍ୟ ବି ନାହିଁ। ଲୋକେ ଭାବନ୍ତି ଧାଡ଼ିରେ ଠିଆ ହୋଇଥିବା ମଣିଷ ସବୁ ମାମୁଲି ଲୋକ। ଧାଡ଼ିରେ ଠିଆ ହେଲେ ସମ୍ମାନ ହାନି ହୋଇଯାଏ ବୋଲି ଥୋକେ ଲୋକଙ୍କ ଗୋଟେ ଜମାଣିଆ ବିଶ୍ୱାସ ରହିଛି। ସେଇଟା ବିଶ୍ୱାସ ବୋଲି କୁହାଯିବନି। ବରଂ କୁହାଯାଉ ଗୋଟେ ବିରାଟ ଅହଂଭାବର ବୋଝକୁ ବୋହିଚାଲିଛି ତଥାକଥିତ ମଣିଷ। ନିଜକୁ ଅନ୍ୟଠୁ ଅଲଗା ଭାବେ ସେ। ଫାଙ୍କ ଖୋଜେ। ଧାଡ଼ିର ପାଖ ଦେଇ ଆଗକୁ ଆସି ଜବରଦସ୍ତି ପଶିବାକୁ ଉଦ୍ୟମ କରିବେ। ଧାଡ଼ିରେ ଠିଆ ହୋଇଥିବା ମଣିଷ କିଛି କହିଲେ ତା' ଉପରେ ରାଗିବେ। ବାକି ଲୋକ ରାହା ଧରି କହିଲେ ଲାଙ୍ଗୁଡ ଜାକି ପଛକୁ ଯିବେ। ସେତେବେଳେ ତଥାକଥିତ ଲୋକର ମୁହଁ ଦେଖିବା ଯୋଗୁ। ଆଉ କିଛି ଆଗୁଆ ବନ୍ଦୋବସ୍ତ କରି ଆସିଥିବେ। ଧାଡ଼ିରେ ଠିଆ ନ ହୋଇ ସଗର୍ବ ଏପଟସେପଟ ଟହଲ ମାରିବେ। କିଏ ପଚାରିଲେ ବାହାଦୁରି ମାରି ପଦେ ଦି ପଦେ କହିବେ - କିଏ ଏ ଲାଇନରେ ଠିଆ ହେବ। ଭିତରେ ଜଣେ ଚିହ୍ନା ଅଛି। ସେ ଫୁରୁସତ ଦେଖି ମୋ କାମ କରିଦେବ। ଆଉ କିଛି ଲୋକ ଆସିବେ। ସିଧା ଯିବେ କାମ ସାରି ତୁରନ୍ତ ଫେରିବେ। ଏଇ ଆଗ ଧାଡ଼ିର ମଣିଷମାନେ ଧାଡ଼ି ପଛର ଲୋକଙ୍କ ଉପରକୁ ଗୋଟେ କରୁଣ ଦୃଷ୍ଟି ଫିଙ୍ଗି ଚାଲିଯିବେ। ଧାଡ଼ି ଶେଷର ମଣିଷ ନିର୍ବାକ ହୋଇ ଚାହିଁଥିବ ସେମିତି। ଧାଡ଼ିରେ ଠିଆ ନ ହେବା ଲାଗି ଅବଶ୍ୟ ଏବେ ଅନେକ ପନ୍ଥା ବାହାରିଲାଣି। ନିଜ ବଦଳରେ ଗାମୁଛା, ଛତା, ବ୍ୟାଗ, ରୁମାଲ ଭଳି ଜିନିଷ ମଧ୍ୟ ପ୍ରତିନିଧିତ୍ୱ କରିପାରନ୍ତି। ସହମତି ଭିତ୍ତିରେ ଏହା କେତେକସ୍ଥଳରେ କାର୍ଯ୍ୟକାରୀ ହୁଏ। ଆଉ କିଛି ଲୋକ ଭଡାଟିଆଙ୍କୁ ଲଗାଇ କାମ ଆଦାୟ କରନ୍ତି। ଆଉ କେଉଁଠି ବ୍ରୋକରମାନେ ଭିତିରି ଭିତିରି କାମ କରେଇ ଦେଇ ପାରନ୍ତି। ଧାଡିର ଭିଡ କମେଇବା ପାଇଁ ଆଜିକାଲି ଅନଲାଇନ ବ୍ୟବସ୍ଥା ଅଛି। ଅଧିକା ଅର୍ଥ ଦେଇ ଧାଡ଼ିରେ ଠିଆ ହେବା ଝିନ୍‌ଝଟରୁ ମୁକ୍ତି ମିଳୁଛି। ପଇସା ଖର୍ଚ୍ଚ ହେଉ ପଛେ ଧାଡିରେ ଠିଆରୁ ମୁକ୍ତି ମିଳୁ। ଏଇ ମାନସିକତାରେ ଅନେକ ଲୋକ ଅନଲାଇନକୁ ପସନ୍ଦ କରନ୍ତି।

ଧାଡ଼ି ଶେଷର ମଣିଷମାନେ ଅସହାୟ ଓ ନିରୁପାୟ। କଳ ବଳ କୌଶଳ ନିକଟରେ ହାରିଥିବା ମଣିଷ। କେବଳ ସ୍ୱାଭିମାନ ଟିକକ ନେଇ ବଞ୍ଚିଥାନ୍ତି ସମାଜରେ। ହୁଏତ ସେମାନଙ୍କ ନିକଟରେ ଅର୍ଥ ଓ ପ୍ରତିପତ୍ତି ନଥାଇ ପାରେ। କିନ୍ତୁ ମଣିଷ ପରି ମଣିଷ ତୁଲ୍ୟ ବଞ୍ଚିବାର ମନ ଓ ହୃଦୟ ଥିବ। ନିଜର ସରଳପଣ ଓ ସରଳ ବିଶ୍ୱାସ ନିକଟରେ ନିଜେ ଠକି ହୋଇଯାଆନ୍ତି ପ୍ରତିଥର। ଏମାନେ ମଣିଷରେ ଗଣା ହୁଅନ୍ତି ସତ। କିନ୍ତୁ ଆବଶ୍ୟକସ୍ଥଳେ ପୋକମାଛି



ପଶୁ ଭଳି ବ୍ୟବହାର କରାଯାଏ। ସହିବାର ଅସୀମ ଶକ୍ତି ରହିଛି। ସଂଘର୍ଷ କରି ବଞ୍ଚିବାର ସାହସ ରହିଛି। ସମସ୍ୟାକୁ ବୋହିବାର ସାମର୍ଥ୍ୟ ଅଛି। ଅଳ୍ପରେ ଅନେକ ତତ୍ତ୍ୱରେ ଖୁବ ବିଶ୍ୱାସୀ। ସ୍ୱପ୍ନ ଛୋଟ, ସଂସାର ବଡ଼। ଭୋକ ବହୁତ, ଖାଦ୍ୟ କମ୍। ଆବେଗ ଅଧିକ, ତୃପ୍ତି କମ୍। ସମସ୍ୟା ଜବର, ସମାଧାନ କଷ୍ଟକର। ତଥାପି ଧାଡ଼ି ଶେଷର ମଣିଷ ଭିତରେ ଗୋଟେ ଆତ୍ମପ୍ରତ୍ୟୟ ଥାଏ। ମୋ ବେଳ ବି ଆସିବ। ସବୁକିଛି ଠିକ ହେବ। ନୂଆ ସୂର୍ଯ୍ୟ ଉଇଁବ। ନୂତନ ଆଭାରେ ଆଲୋକିତ ହେବ ଜୀବନ।

ଧାଡ଼ି ଶେଷର ମଣିଷକୁ ନେଇ ସବୁବେଳେ ଅଧିକ ଚର୍ଚ୍ଚା ହୁଏ। ତାଙ୍କୁ ନେଇ କୁମ୍ଭୀର କାନ୍ଦଣା ଚାଲେ। ଯୋଜନା ପରେ ଯୋଜନା ହୁଏ। ବିକାଶର ଗଚ୍ଛପ ଗତିରେ ସାମିଲ ହୁଅନ୍ତି ଧାଡ଼ି ଶେଷର ମଣିଷ। ସମାଜର ଶେଷ ଧାଡ଼ିର ଲୋକଟି ଯେମିତି ନ୍ୟାୟ ଓ ସହାୟତା ପାଇବ ସେଥିପାଇଁ ବିଚାରବିମର୍ଶ ଚାଲେ। ରାଜନୀତି ହୁଏ। ସହଜରେ କ୍ଷମତା ହାସଲ କରିହୁଏ। ପୁଣି ଅକ୍ଳେଶରେ କ୍ଷମତାଚ୍ୟୁତ ମଧ୍ୟ ହୋଇପାରନ୍ତି। ଧାଡି ଶେଷର ମଣିଷମାନଙ୍କ କ୍ଷମତା ବି ନିରଙ୍କୁଶ ବେଳେବେଳେ। ସଭାସମିତିରେ ଭିଡ଼ ଜମେଇବାକୁ ହେଲେ, ଭୋଟ ରାଜନୀତିରେ କ୍ଷମତା ଦଖଲ କରିବାକୁ ହେଲେ ଏହି ମଣିଷମାନଙ୍କ ମନ ଜିଣିବାକୁ ହୁଏ। ବଡ଼ବଡ଼ିଆମାନେ ନିଚ୍ଛକ ଅଭିନୟ କରନ୍ତି। ଗାଁକୁ ଚାଲ ଯାତ୍ରା ଆରମ୍ଭ ହୁଏ। ପଦଯାତ୍ରାରେ ଆଗ ଧାଡ଼ିର ମଣିଷମାନେ ସାମିଲ ହୁଅନ୍ତି। ଧାଡ଼ି ଶେଷର ମଣିଷମାନଙ୍କୁ ଭେଟିବାକୁ ଆଗ ଧାଡ଼ିର ମଣିଷମାନେ ବ୍ୟାକୁଳ ହୋଇପଡନ୍ତି। ପୁଣି ଚାଲେ ସ୍ୱପ୍ନ ବୁଣିବାର ପ୍ରୟାସ। ମାଗଣା ଦେବାର ପ୍ରତିଶ୍ରୁତି। ଅନେକ ସମୟରେ ଧାଡ଼ି ଶେଷର ମଣିଷଙ୍କ ବି ଗୁରୁତ୍ୱ ବଢ଼ିଯାଏ। ଯେତେବେଳେ ଧାଡ଼ିର ଦିଗ ପରିବର୍ତ୍ତନ ହୁଏ, ସେତେବେଳେ ଆଗୁଆମାନେ ପଛ ହୋଇଯାନ୍ତି।। ପଛମାନେ ଆଗକୁ ବଢ଼ନ୍ତି। ଗଣତନ୍ତ୍ର ପ୍ରକ୍ରିୟାରେ ମତଦାନବେଳେ କିନ୍ତୁ ଆଗ ଧାଡ଼ିର ମଣିଷମାନେ ବି ସମାଜର ଶେଷ ଧାଡ଼ିର ଲୋକମାନଙ୍କ ପଛରେ ଠିଆ ହେବାକୁ ବାଧ୍ୟ ହୁଅନ୍ତି। ନିଜ ପାଳିକୁ ଅପେକ୍ଷା କରନ୍ତି। ସେତେବେଳେ ସର୍ବଦା ଧାଡ଼ି ପଛରେ ଥିବା ମଣିଷ ଭିତରେ କ୍ଷଣକ ପାଇଁ ହେଉପଛେ ନିଜ ଭିତରେ ପ୍ରଚୁର ଆନନ୍ଦ ଖେଳିଯାଏ। ମନେ ମନେ ଭାବନ୍ତି - ଯାହା ହେଉ କେଉଁଠି ନା କେଉଁଠି ତଥାକଥିତ ବଡ଼ବଡ଼ିଆମାନେ ପଛରେ ଠିଆ ହେବାକୁ ତ ବିବଶ ହୁଅନ୍ତି। ଅବଶ୍ୟ ସମୟ ଚାଲିଗଲା ପରେ ଆଗ ଧାଡ଼ିର ମଣିଷଙ୍କ ଆଉ ଦେଖା ମିଳେନି।

ସବା ଶେଷ ଧାଡ଼ିର ମଣିଷ ଅନ୍ୟର କରୁଣା, ସହାୟତା, ଦୟା, କୃପା ପାଇଁ କାକୁତିମିନତି ହୋଇ ଗୋଡ଼ ଭାଙ୍ଗି ଠିଆ ହେବାକୁ ବାଧ୍ୟ ହୁଅନ୍ତି। ଯେତେବେଳେ ଧାଡ଼ି ଶେଷର ମଣିଷ ନିଜର ଗୁରୁତ୍ୱକୁ ବୁଝିବ, ସେତେବେଳେ ଆଗ ଧାଡ଼ିର ମଣିଷମାନଙ୍କ ଭିତର ଆଷ୍ଟପଣ ଭାଙ୍ଗି ଚୂରମାର ହୋଇଯିବ। କାରଣ ଧାଡ଼ି ଶେଷର ମଣିଷମାନେ ବେଶ୍ କ୍ଷମତାଶାଳୀ।। ଦେଶ, ସମାଜ ପରିବର୍ତ୍ତନ କରିବାର ମନ୍ତ୍ର ସେମାନଙ୍କୁ ଜଣା। ଗୋଟିଏ ଭୋଟ ବି ବେଳେବେଳେ ଗାଦିଚ୍ୟୁତ କରିପାରେ ଏଠି।

ଇନ୍ଦିରା ନଗର , ୪ର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୌରବଙ୍କ ଉଦ୍ୟମରେ ଝାଡ଼ଖଣ୍ଡର ଏକ ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ ପ୍ରତିଶତ ବୃଦ୍ଧି ହେବା ବିଷୟ ଶୁଣିଲେ ଆଶ୍ଚର୍ଯ୍ୟ ଲଗୁଥିବ। କିନ୍ତୁ ଏହା ସତ ଓ ସମ୍ଭବ ହୋଇଛି ଆଇଏଏସ୍ ଅଧିକାରୀ ଗୌରବଙ୍କ ଉଦ୍ୟମରେ। ଝାଡ଼ଖଣ୍ଡର ଗୁମଲା ଜିଲାକୁ ସେ ମାଣ୍ଡିଆ ରାଜଧାନୀରେ ପରିଣତ କରିଦେଇଛନ୍ତି। ୨୦୧୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୁମଲା ଜିଲାର ଡେପୁଟି କମିଶନର ଭାବେ ନିଯୁକ୍ତି ପାଇବା ପରେ ମାଣ୍ଡିଆ ଚାଷକୁ ବ୍ୟାପକ କରିବା ଲାଗି ପଦକ୍ଷେପ ନେଇଥିଲେ। ଦୀର୍ଘ ବର୍ଷର ଉଦ୍ୟମ ପରେ ଏବେ ୨୦ ହଜାର କୃଷକ ୩୦ ହଜାର ଏକରରୁ ଅଧିକ ଜମିରେ ମାଣ୍ଡିଆ ଚାଷ କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଏମାନଙ୍କ ମଧ୍ୟରେ ୫,୦୦୦ରୁ ଅଧିକ ମହିଳାଚାଷୀ ଅଛନ୍ତି। ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ପ୍ରତିଶତ ବୃଦ୍ଧି ପାଇବା ଦ୍ୱାରା ଚାଷୀମାନେ ବହୁଗୁଣ ଲାଭ ପାଇପାରୁଛନ୍ତି। ଏହି ଚାଷରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇଛି। ଚାଷୀମାନେ ଜୈବିକ ପରିବେଶ ଉପଯୋଗୀ ପଦ୍ଧତିରେ ଚାଷ କରୁଛନ୍ତି। ମହିଳାମାନଙ୍କ ଦ୍ୱାରା ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫ୍‌ପିଓ) ଚାଲିଛି। ଏହା ମାଧ୍ୟମରେ ମହିଳାମାନେ ମାଣ୍ଡିଆରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହାକୁ ସେମାନେ ବିନା ମଧ୍ୟସ୍ଥରେ ବିକ୍ରିକରି ପୂର୍ବାପେକ୍ଷା ଅଧିକ ରୋଜଗାର କରିବାକୁ ସକ୍ଷମ ହେଉଛନ୍ତି।

## ଚିରନ୍ତନୀ

କେତେ ରୂପ ରସ ସାଇତି ରଖଇଁ ଚିତ୍ତରେ
ଗାଇଦେବା ପାଇଁ ସବୁ କଥା ଦିନେ ଗୀତରେ
ଗାଇଦେବା ପାଇଁ ଜୀବନ ଯାତନା
ଅପାସୋରା ସବୁ ସପନ ରଚନା
ମିଛ ଦୁନିଆରେ କହିବାକୁ ପଦେ ସତରେ
ମୁଦିଦେବା ପାଇଁ ଡୋଳା ଦୁଇ ଶେଷେ ଗୀତରେ।
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଦୃଷ୍ଟି ଦିଅନ୍ତୁ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଅଧୀନରେ ଲକ୍ଷ ଲକ୍ଷ ସରକାରୀ ପଦବୀ ବର୍ଷ ବର୍ଷ ଧରି ଖାଲିପଡ଼ିଛି। ତାଜା ତଥ୍ୟ ଅନୁସାରେ କେନ୍ଦ୍ରୀୟ ସ୍ତରରେ ୧୦ ଲକ୍ଷ ଓ ଓଡ଼ିଶା ସରକାରଙ୍କ ଅଧୀନରେ ୨ ଲକ୍ଷରୁ ଅଧିକ ପଦବୀ ଖାଲିପଡିଛି। ଦେଶରେ ବେକାରି ବଢ଼ି ବଢ଼ି ଚାଲିଥିବା ବେଳେ ସରକାର ଏସବୁ ପଦବୀ କାହିଁକି ପୂରଣ କରୁନାହାନ୍ତି । ଏଣେ ବହୁ ପଦବୀରେ ଅସ୍ଥାୟୀ ଓ ଠିକା କର୍ମଚାରୀଙ୍କୁ ସ୍ୱଳ୍ପ ଦରମାରେ ନିଯୁକ୍ତି ଦିଆଯାଇଛି। ସେମାନେ ଅର୍ଥାଭାବରେ ହନ୍ତସନ୍ତ ହେଉଛନ୍ତି। ସମସ୍ତ ଖାଲି ପଡିଥିବା ପଦବୀ ପୂରଣ ହେବା ସହ ସବୁ ଅସ୍ଥାୟୀ ଓ ଠିକା କର୍ମଚାରୀଙ୍କୁ ନିୟମିତ କରିଦେବା ଉଚିତ। ଏହା ହେଲେ କର୍ମଚାରୀମାନେ ଉପକୃତ ହେବା ସହ ବିଭିନ୍ନ କମ୍ପାନୀ ଉପକୃତ ହୁଅନ୍ତେ। କର୍ମଚାରୀଙ୍କ ଆୟ ଓ କ୍ରୟ ଶକ୍ତି ବୃଦ୍ଧି ପାଇବା ଫଳରେ ସେମାନେ ଅଧିକ ଖର୍ଚ୍ଚ କରନ୍ତେ ଓ ବଜାର ଚଳଚଞ୍ଚଳ ହୁଅନ୍ତା। ସରକାରଙ୍କ ଆୟ ମଧ୍ୟ ବୃଦ୍ଧି ପାଆନ୍ତା ଓ ତାହା ବିକାଶ ଦିଗରେ ଖର୍ଚ୍ଚ ହୁଅନ୍ତା। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

-ଅକ୍ଷୟ କୁମାର ମହାନ୍ତି, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରେରା ଆଇନ ସଂଶୋଧନ ହେବ

ସମ୍ବଲପୁର,୧୪।୧୦(ପ୍ରମୋଦ ବହିଦାର)

ରେରା ଆଇନ ସଂଶୋଧନ ହେବ। ଆବଶ୍ୟକସ୍ଥଳେ ସମ୍ପୂର୍ଣ୍ଣ ଜମି ବଦଳରେ କିଛି ଅଂଶକୁ ଜମି ମାଲିକମାନେ ବିକ୍ରି କରିପାରିବେ। ସୋମବାର ସମ୍ବଲପୁର ସହକାରୀ ଉପନିବନ୍ଧକ(ଡିଏସ୍ଆର୍)ଙ୍କ କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି।

ଏହି ଅବସରରେ ସେ ଜମି ଦଲାଲମାନଙ୍କୁ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି, ସହକାରୀ ଉପନିବନ୍ଧକ (ଡିଏସ୍ଆର୍)ଙ୍କ କାର୍ଯ୍ୟାଳୟରେ ଜମି ବିକ୍ରୟକୁ ନେଇ ଅବହେଳା ସମ୍ପର୍କରେ ଅଭିଯୋଗ ହସ୍ତଗତ ହୋଇଛି। ଜମି ବିକ୍ରୟ ପାଇଁ ଲାଗୁ ହୋଇଥିବା ରେରା(ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି) ଆଇନରେ କେଉଁ ପରିସ୍ଥିତିରେ ଆଂଶିକ ଜମି ବିକ୍ରୟ କରାଯାଇ ପାରିବ ତାହା ଉଲ୍ଲେଖ ରହିଛି। କେଉଁ ଜମି ବିକ୍ରୟ କ୍ଷେତ୍ରରେ ଉକ୍ତ ଆଇନ ଅନ୍ତର୍ଭୁକ୍ତ ନୁହେଁ ସେହି ଅନୁସାରେ ସହକାରୀ ଉପନିବନ୍ଧକ ଲୋକଙ୍କୁ ସେବା ଯୋଗାଇଦେବାର ଆବଶ୍ୟକତା ରହିଛି। ତେବେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ(ଏସ୍ଡିଏ)ଙ୍କ ପକ୍ଷରୁ ଡିଏସ୍ଆର୍ଙ୍କ କାର୍ଯ୍ୟାଳୟକୁ ପ୍ରେରିତ ଚିଠିରେ ସହରାଞ୍ଚଳରେ ଆଂଶିକ ଜମି ବିକ୍ରୟ ଉପରେ ନିଷେଧାଦେଶ ଜାରି କରାଯାଇଛି। ଫଳରେ ସ୍ୱାସ୍ଥ୍ୟଗତ କାରଣ ବା ଅନ୍ୟ ଜରୁରିକାଳୀନ ପରିସ୍ଥିତିରେ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ଆଂଶିକ ଜମି ବିକ୍ରିକରି ନ ପାରି ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏସ୍ଡିଏ ପକ୍ଷରୁ କେଉଁ ପରିସ୍ଥିତିରେ ଉକ୍ତ ଆଦେଶ ଜାରି କରାଯାଇଛି, ପ୍ରକୃତରେ ଏହା ରେରା ଆଇନ ଅନ୍ତର୍ଭୁକ୍ତ ନା ନାହିଁ ତାହାର ତର୍ଜମା କରାଯିବ। ପ୍ରକୃତପକ୍ଷେ ସହରର ବିକାଶ ଯୋଜନା ଅନୁସାରେ ଆଂଶିକ ଜମି ବିକ୍ରୟକୁ ଅନୁମତି ପ୍ରଦାନ କରାଯିବା ଆବଶ୍ୟକ। ଏହାକୁ ନେଇ ଏସ୍ଡିଏ କର୍ତ୍ତୃପକ୍ଷ, ଡିଏସ୍ଆର୍, ରାଜସ୍ୱ ବିଭାଗ କର୍ମଚାରୀଙ୍କ ସହ ଆଲୋଚନା କରିବାକୁ ସେ ସମ୍ବଲପୁର ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ହେଲେ ରେରା ଆଇନର ସଂଶୋଧନ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

ସେହିପରି କାମ ନ ଥାଇ ବାରମ୍ବାର ଅଫିସ୍କୁ ଆସୁଥିବା ଯେକୌଣସି ବ୍ୟକ୍ତିବିଶେଷଙ୍କୁ ଜମି ଦଲାଲ ବୋଲି ଧରାଯିବ। ସିସିଟିଭି ଫୁଟେଜ୍ ଆଧାରରେ ଏଭଳି ବ୍ୟକ୍ତିଙ୍କୁ ଚିହ୍ନଟ କରି ତାଙ୍କ ଫଟୋକୁ ଡିଏସ୍ଆର୍ ଅଫିସ୍ କାନ୍ଥରେ ଲଗାଯିବ। ସେହିପରି ମନ୍ଦ ଉଦ୍ଦେଶ୍ୟ ରଖି ସେବା ଦେବାରେ ଅବହେଳା କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତୁରନ୍ତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ପୂଜାରୀ ବିଭିନ୍ନ କାର୍ଯ୍ୟରେ ଡିଏସ୍ଆର୍ କାର୍ଯ୍ୟାଳୟ ଆସିଥିବା ଜନ ସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଏହାସହ ସ୍ଲଟ୍ ବୁକିଂ କରି କାର୍ଯ୍ୟାଳୟକୁ ପଞ୍ଜୀକରଣ ପାଇଁ ଆସୁଥିବା ଲୋକଙ୍କ ଏକ ତାଲିକା ପ୍ରସ୍ତୁତ କରିବା ତଥା ସେମାନେ ଡିଏସ୍ଆର୍ଙ୍କ ସେବାରେ ସନ୍ତୁଷ୍ଟ ବା ଅସନ୍ତୁଷ୍ଟ ତା'ର ମଧ୍ୟ ହିସାବ କରି ରାଜସ୍ୱ ବିଭାଗକୁ ଜଣାଇବା ପାଇଁ ସେ ଡିଏସ୍ଆର୍ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍ସାଇଟ : www.ireps.gov.in ରେ ଅପ୍ଲୋଡ କରାଯାଇଛି।

ସଂ. MCS/Stores/E-Procure/Tender Notice/EOT, ତା.05.10.2024ରିଖ

(1) ଟେଣ୍ଡର ସଂ. 92245826

ବିବରଣୀ : ଅନୁସୂଚୀ-V ଅନୁଯାୟୀ ସହବର୍ତ୍ତୀ ସହାୟକ ଉପକରଣ ଏବଂ ରକ୍ଷଣାବେକ୍ଷଣ ଉପକରଣ, ରକ୍ଷଣାବେକ୍ଷଣ ଯନ୍ତ୍ରାଂଶ ସହିତ ଅନୁସୂଚୀ-Iର ପ୍ରମୁଖ ପାରାମିଟର ଅନୁଯାୟୀ ଏବଂ ବୈଷୟିକ ବିନିର୍ଦ୍ଦେଶ COFMOW ବିନିର୍ଦ୍ଦେଶ ସଂ. COFMOW/IR/EOTC-2022, REV-0 ଅନୁଯାୟୀ 05 ଟନ୍ କ୍ଷମତା ବିଶିଷ୍ଟ EOT କ୍ରେନ୍ର ଯୋଗାଣ, ସଂସ୍ଥାପନ, ଟ୍ରାଏଲ ରନ୍, ପ୍ରଶିକ୍ଷଣ ଏବଂ ପ୍ରଚଳନ, ପରିମାଣ : 01 ସଂଖ୍ୟକ, ଅନୁମାନିତ ମୂଲ୍ୟ : ₹40,55,200/-।

(2) ଟେଣ୍ଡର ସଂ. 92245827

ବିବରଣୀ : ଅନୁସୂଚୀ-V ଅନୁଯାୟୀ ସହବର୍ତ୍ତୀ ସହାୟକ ଉପକରଣ ସହିତ ଏବଂ ରକ୍ଷଣାବେକ୍ଷଣ ଉପକରଣ, ରକ୍ଷଣାବେକ୍ଷଣ ଯନ୍ତ୍ରାଂଶ ସହିତ ଅନୁସୂଚୀ-Iର ପ୍ରମୁଖ ପାରାମିଟର ଅନୁଯାୟୀ ଏବଂ ବୈଷୟିକ ବିନିର୍ଦ୍ଦେଶ COFMOW ବିନିର୍ଦ୍ଦେଶ ସଂ. COFMOW/IR/EOTC-2022, REV-0 ଅନୁଯାୟୀ 05 ଟନ୍ କ୍ଷମତା ବିଶିଷ୍ଟ EOT କ୍ରେନ୍ର ଯୋଗାଣ, ସଂସ୍ଥାପନ, ଟ୍ରାଏଲ ରନ୍, ପ୍ରଶିକ୍ଷଣ ଏବଂ ପ୍ରଚଳନ, ପରିମାଣ : 01 ସଂଖ୍ୟକ, ଅନୁମାନିତ ମୂଲ୍ୟ : ₹38,00,000/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.10.2024, 1500 ଘଟିକାରେ (ଉଭୟ ଟେଣ୍ଡର ପାଇଁ)।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-615/P/24-25


# ଡ୍ୟାମ୍‌ଗୁଡ଼ିକରେ ନିର୍ମାଣ ହେବ ସ୍ୱୟଂଚାଳିତ ଫାଟକ

- ଫାଟକବିହୀନ ଡ୍ୟାମ୍‌ରେ ଲାଗିବ ଫାଟକ
- ବନ୍ୟା ନିୟନ୍ତ୍ରଣ, ଅତିରିକ୍ତ ଜଳସେଚନ ଲକ୍ଷ୍ୟ

ଯାଜପୁର,୧୪।୧୦ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ବିଶେଷକରି ଉପକୂଳ ଅଞ୍ଚଳରେ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ, ବିରୂପା, ମହାନଦୀ, ଖରସ୍ରୋତା ଆଦି ନଦୀ ଏବଂ ଏହାର ଶାଖାନଦୀଗୁଡ଼ିକରେ ପ୍ରାୟ ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। କେତେକ ନଦୀବନ୍ଧ ନିର୍ମାଣ କରାଯାଇ ବନ୍ୟା ମୁକାବିଲା ହୋଇପାରିଥିବା କୁହାଯାଉଛି। କିନ୍ତୁ ଏହାର ସ୍ଥାୟୀ ପ୍ରତିକାର ଦିଗରେ କାହାରି ଆନ୍ତରିକତା ନ ଥିବା ମନେହେଉଛି। ଏହି କ୍ରମରେ ଡ୍ୟାମ୍, ବ୍ୟାରେଜ ଓ ଆନ୍ତଃଜଳ ସଂରକ୍ଷଣ ଭିତ୍ତିଭୂମିଗୁଡ଼ିକରେ ସ୍ୱୟଂଚାଳିତ ଫାଟକ ନିର୍ମାଣ ଏବଂ ଫାଟକ ବିହୀନ ଡ୍ୟାମ୍‌ରେ ଫାଟକ ସଂଯୋଗୀକରଣ ଯୋଜନା ହାତକୁ ନିଆଯାଇଛି। ଏହାଦ୍ୱାରା ବନ୍ୟାଜଳକୁ ଠିକ ସମୟରେ ମୁକ୍ତ, ବନ୍ୟା ସ୍ଥିତି ନିୟନ୍ତ୍ରଣ ଓ ଜଳଧାରଣ କ୍ଷମତା ବୃଦ୍ଧି ଉଦ୍ଦେଶ୍ୟ ରହିଛି। ଫାଟକ ବିହୀନ ଡ୍ୟାମ୍‌ରେ ଫାଟକ ସଂଯୋଗୀକରଣ ଯୋଜନାରେ ଆସନ୍ତା ୩ ବର୍ଷ ପାଇଁ ୨୩୯.୬୦ କୋଟି ଟଙ୍କା ଏବଂ ସ୍ୱୟଂଚାଳିତ ଫାଟକ ନିର୍ମାଣ ପାଇଁ ୪ ବର୍ଷରେ ୮୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯୋଜନା ହୋଇଛି।

ଜଳ ସମ୍ପଦ ବିଭାଗର ସଙ୍କଳ୍ପ ପତ୍ର ଅନୁସାରେ ସ୍ୱୟଂଚାଳିତ ଫାଟକ ନିର୍ମାଣ ହେଲେ ଲଗାଣ ବର୍ଷା ସମୟରେ ତଳମୁଣ୍ଡରେ ବନ୍ୟା ସ୍ଥିତିକୁ ନିୟନ୍ତ୍ରଣ କରିପାରିବ। ତେଣୁ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୪ଟି ଡ୍ୟାମ୍‌ର ୭୬ଟି ଫାଟକ, ୧୦ଟି ବ୍ୟାରେଜରେ ୧୫୩ଟି ଫାଟକ ଓ ୨୭ଟି ଆନ୍ତଃଜଳ ସଂରକ୍ଷଣ ଭିତ୍ତିଭୂମିରେ ୩୪୪ଟି ଫାଟକକୁ ସ୍ୱୟଂଚାଳିତ ଫାଟକରେ ପରିଣତ କରାଯିବ। ଏହି ଫାଟକଗୁଡ଼ିକ ଯାନ୍ତ୍ରିକ ଭାବେ ନିୟନ୍ତ୍ରଣ ହୋଇପାରିବ। ଏହାଦ୍ୱାରା ବିପଦପୂର୍ଣ୍ଣ ଫାଟକଗୁଡ଼ିକ ସୁରକ୍ଷିତ ଭାବେ ଠିକ୍ ନିୟନ୍ତ୍ରଣ ସହିତ ସମୟ ଅନୁସାରେ କାର୍ଯ୍ୟ କରିପାରିବ। ଏହାବାଦ ମାନବ ତ୍ରୁଟିରେ ହ୍ରାସ, ଡ୍ୟାମ କର୍ମଚାରୀଙ୍କ ସୁରକ୍ଷା ଇତ୍ୟାଦିରେ ଏହା ସହଯୋଗୀ ହୋଇପାରିବ ବୋଲି ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ଯୋଜନା ୨୦୨୪-୨୫ଠାରୁ ଆରମ୍ଭ ହୋଇ ୨୦୨୭-୨୮ ପର୍ଯ୍ୟନ୍ତ ୮୦ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ସେହିପରି ଫାଟକ ବିହୀନ ଡ୍ୟାମ୍‌ରେ ଫାଟକ ସଂଯୋଗୀକରଣ ଦ୍ୱାରା ଜଳଭଣ୍ଡାରର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ବୃଦ୍ଧି ସହ ସର୍ବାଧିକ ଜଳସ୍ତର ରଖାଯାଇପାରିବ। ଏହାଦ୍ୱାରା ପାନୀୟ ଜଳ, ଅତିରିକ୍ତ ସେଚାଞ୍ଚଳ ସୃଷ୍ଟି ଏବଂ ଶିଳ୍ପ ଆବଶ୍ୟକତାରେ ବ୍ୟବହୃତ ହୋଇପାରିବ। ଏଥିରେ ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ୪୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପ୍ରାୟ ୧୨୪ ମିଲିୟନ କ୍ୟୁବିକ ମିଟର(ଏମ୍‌ସିଏମ୍)ର ଅତିରିକ୍ତ ଜଳଧାରଣ କ୍ଷମତା ସୃଷ୍ଟି ହୋଇପାରିବ। ଏହାସହ ୧୯୦୯୭ ହେକ୍ଟର ଜମିରେ ଜଳସେଚନ ଓ ୨୭୫୦ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ବ୍ୟବସ୍ଥା ହୋଇପାରିବ। ଜଳଭଣ୍ଡାରରେ ଜଳସ୍ତର ନିୟନ୍ତ୍ରଣ ଦ୍ୱାରା ଜଳାଭାବ ଦୂର ହେବ।

# ଜନସେବା କେନ୍ଦ୍ର ମାଲିକ ଗିରଫ

**ଆଧାରରେ ନମ୍ବର ଲିଙ୍କ୍ ବେଳେ ଅର୍ଥ କଟିବା ଘଟଣା**

କେନ୍ଦୁଝର,୧୪।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଗିରଫ ଅଭିଯୁକ୍ତ

କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ ବେଣାମୁଣ୍ଡା ଓ ରାଇସୁଆଁରେ ଥିବା ଜନସେବା କେନ୍ଦ୍ରରେ ସୁଭଦ୍ରା ହିତାଧିକାରୀ ଆଧାର ସହିତ ମୋବାଇଲ ନମ୍ବର ଲିଙ୍କ୍ ବେଳେ ବ୍ୟାଙ୍କ ଜମା ଖାତରୁ ଟଙ୍କା କଟିଯାଇଥିଲା। ଏଥିରେ ଠକାମୀର ଶିକାର ହୋଇଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଖୋଳତାଡ଼ କରି ଜନସେବା କେନ୍ଦ୍ରର ମାଲିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ଜିଲା ନୟାକୋଟ ଥାନା କଲଣ୍ଡା ଗ୍ରାମର ରାମ ମୁଣ୍ଡା।

ସୂଚନା ଅନୁଯାୟୀ, ରାମ ମୁଣ୍ଡା ବେଣାମୁଣ୍ଡା ଓ ରାଇସୁଆଁରେ ଥିବା ତାଙ୍କ ଜନସେବା କେନ୍ଦ୍ରରେ ୨ ଜଣ ଯୁବକଙ୍କୁ ନିଯୋଜିତ କରିଥିଲେ। ସୁଭଦ୍ରା ହିତାଧିକାରୀ ଆଧାର ସହିତ ଫୋନ୍ ନମ୍ବର ଲିଂ କରିବାକୁ ଯାଇଥିବା ବେଳେ ଯୁବକ ଦ୍ୱୟ ସାଇବର ଅପରାଧୀମାନେ ଦେଇଥିବା ଲିଙ୍କ୍‌ରେ ସେମାନଙ୍କ ଆଇଡି ଓ ପାସୱାର୍ଡ ଦେଇ ହିତାଧିକାରୀଙ୍କ ଆଧାର ଲିଙ୍କ୍ କରୁଥିଲେ। ହିତାଧିକାରୀ ତାଙ୍କର ଫିଙ୍ଗର ପ୍ରିଣ୍ଟ ଦେବା ମାତ୍ରେ ଆଧାର ଲିଙ୍କ୍ ହୋଇଥିବା ଆକାଉଣ୍ଟରୁ ସାଇବର ଅପରାଧୀ ବ୍ୟାଙ୍କ ଖାତରୁ ଟଙ୍କା ହଡପ କରୁଥିଲେ। ଘଟଣାରେ ପୋଲିସ ଏକ ମାମଲା(ନଂ.୨୭୮/୨୦୨୪) ରୁଜୁ କରି ରାମଙ୍କୁ କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଶୀଘ୍ର ଗିରଫ ହେବେ ବୋଲି ପୋଲିସ ସୂଚନା ଦେଇଛି। ଲିଙ୍କ୍ ସେୟାର କରି ଏଭଳି ଠକେଇ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରିମାଣ୍ଡରେ ଆଣିବା ପରେ ଘଟଣାରେ କେତେ ଠକେଇ ହୋଇଛି। ଆଉ କିଏ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବ ବୋଲି ତେଲକୋଇ ଥାନା ଅଧିକାରୀ ସୁଶାନ୍ତ ପରିଡ଼ା କହିଛନ୍ତି।


## ଦ.ପୂ. ରେଳପଥ ଇ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିଜି), ଦକ୍ଷିଣ ପୂର୍ବ ରେଳପଥ, ଆଦ୍ରା ନିମ୍ନ ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: (୧) ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୩୪-୨୪, ତାରିଖ: ୧୦।୦୯।୨୦୨୪; କାର୍ଯ୍ୟର ବର୍ଣ୍ଣନା: ୧) ଆଦ୍ରା ଡିଭିଜନରେ ସାନ୍ତାଲଡିହ ଷ୍ଟେଶନଠାରେ ପୂର୍ଣ୍ଣ ଦୈର୍ଘ୍ୟ ସିଏସ୍‌ଏଲ୍ ପାଇବା ପାଇଁ ବିଜେଇ ଆଡ଼କୁ ପଏଣ୍ଟ ଏବଂ କ୍ରସ୍‌ଓଭର୍ ନଂ. ୧୧୨ ଏ/ବିର ସ୍ଥାନାନ୍ତରଣ ଦ୍ୱାରା ଲାଇନ୍ ନଂ.-୪ର ସମ୍ପ୍ରସାରଣ । ୨) କୋଟଶିଳା-ବୋକାରୋ ଷ୍ଟିଲ୍ ସିଟି - ଟିଟିଆର୍ (ସିଏସ୍+ସିଏମ୍‌ଏସ୍‌ସି)-୧୨୭ ସେଟ୍ ଓ ଟିଟିଆର୍(ଡିଏସ୍)-୪ ସେଟ୍ । ୩) ୫୬ ଗୋଟି ଏସ୍‌ଇଜେର ନବୀକରଣ । ୪) ଆଦ୍ରା ଡିଭିଜନ - ଟିଟିଆର୍ (ଟିଏଫ୍‌ଆର୍)-୯୫ ସେଟ୍, ଟିଟିଆର୍ (ଟିଏସ୍‌ଆର୍)-୧୫ ସେଟ୍ ଏବଂ ଟିଟିଆର୍ (ଟିଡବ୍ଲ୍ୟୁଏସ୍+ଡବ୍ଲ୍ୟୁସିଏମ୍‌ଏସ୍‌ସି)-୨୪ ସେଟ୍ । ୫) ଆର୍‌ୟୁଆଇ-ବିଜେଇ-୧.୭୬୧ଟିଆର୍. କିମି, କେଏସ୍‌ଏକ୍ସ-ବିକେଏସ୍‌ସି-୪.୦୫ ଟିଆର୍. କିମି ମଧ୍ୟରେ ଟିଏଫ୍‌ଆର୍ ଏବଂ କିମି ୩୨୬.୦୩୮ରୁ ୩୪୫.୨୭୯ କିମି ପର୍ଯ୍ୟନ୍ତ ଜିଆର୍‌ଏସ୍‌ପିର ନବୀକରଣ (୨୯୫୧୫ ଗୋଟି) । ୬) ଡିଇଏନ୍/ଉତ୍ତର/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଅର୍ଡିନାରୀ ସିଏମ୍‌ଏସ୍ କ୍ରସିଂର ନବୀକରଣ । ଟେଣ୍ଡର ମୂଲ୍ୟ: ₹୩,୦୭,୩୮,୩୭୩.୭୧ (୨) ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୩୫-୨୪, ତାରିଖ: ୦୯।୧୦।୨୦୨୪; କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା ଡିଭିଜନରେ ବନ୍ଧଡିହ ଗୁଡ୍‌ସ ଶେଡ଼ଠାରେ ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ; ଟେଣ୍ଡର ମୂଲ୍ୟ: ₹୮,୪୨,୫୬,୮୮୨.୫୧; (୩) ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୩୬-୨୪, ତାରିଖ: ୦୯।୧୦।୨୦୨୪; କାର୍ଯ୍ୟର ବର୍ଣ୍ଣନା: ବିକ୍ୟୁଏ-ଏମ୍‌ଏସ୍‌ଏଇ ସେକ୍ସନର ଡଗରିଆ (ଡିଜିଏଫ୍), ପତ୍ରାସାୟେର (ପିଏସ୍‌ଏଫ୍), ବେଟୁର (ବିଟିଆର୍‌ବି), କୁମରୁଲ୍ (କେଆର୍‌ଏମ୍‌ଏଲ), ଇନ୍ଦାସ (ଆଇଏନ୍‌ଏସ୍), ସାହସପୁର ରୋଡ୍ (ଏସ୍‌ଏଚ୍‌ଜେ), ଶେରାବଜାର (ଏସ୍‌ଆର୍‌ବିଜେଡ୍), ଶ୍ୟାମସୁନ୍ଦର (ଏସ୍‌ଏଚ୍‌ଏମ୍‌ଆର୍), ବୋଙ୍କା (ବିଓକେଏ) ଏବଂ ମଠନଶିପୁର (ଏମ୍‌ଟିଆଇପି) ପାସେଞ୍ଜର ହଲ୍ଟରେ ପାନୀୟ ଜଳ ସୁବିଧା ପାଇଁ ଡିପ୍ ବୋର୍ ୱେଲ୍‌ର ବ୍ୟବସ୍ଥା କରିବା । ମୂଲ୍ୟ: ₹୨,୦୭,୯୮,୬୭୨.୫୫ । (୪) ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଡିଆର୍‌ଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୧୩୭-୨୪, ତାରିଖ: ୦୯।୧୦।୨୦୨୪; କାର୍ଯ୍ୟର ବର୍ଣ୍ଣନା: ୧) ପୁରୁଲିଆ ଜଂ.-ଚାନ୍ଦିଲ ଜଂ.- ଟିଟିଆର୍ (ଏଫ୍‌ଏସ୍+ସିଏସ୍+ସିଏମ୍‌ଏସ୍‌ସି)-୨୫ ସେଟ୍ ଏବଂ ଟିଟିଆର୍ (ଡିଏସ୍)-୨୩ ସେଟ୍ । ୨) ଆଦ୍ରା ଡିଭିଜନରେ ସାମର୍ଥ୍ୟ ପରିବର୍ଦ୍ଧନ ପାଇଁ ଡବ୍ଲ୍ୟୁଆର୍‌ଡି/ଆଦ୍ରାର ମୁଖ୍ୟ ଶେଡ୍ ଭିତର ଟ୍ରାକର ସମ୍ପ୍ରସାରଣ । ୩) ଡିଇଏନ୍ (ସେଣ୍ଟ୍ରାଲ)/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟିଏଫ୍‌ଆର୍ (ଥ୍ରୁ ଫିଟିଂ ରିନିୱାଲ)=୬୮.୩୮୫ ଟିଆର୍‌କେଏମ୍ । (୪) ଡିଇଏନ୍ (ସେଣ୍ଟ୍ରାଲ)/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟିଟିଆର୍ (ଟିଏଫ୍‌ଆର୍), ଟିଟିଆର୍ (ଟିଡବ୍ଲ୍ୟୁଏସ୍+ଡବ୍ଲ୍ୟୁସିଏମ୍‌ଏସ୍‌ସି) ଏବଂ ଟିଟିଆର୍ (ଟିଏସ୍‌ଆର୍) । ଟେଣ୍ଡର ମୂଲ୍ୟ: ₹୨,୫୩,୮୭,୮୩୭.୩୧। ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା।୧୧।୧୧।୨୦୨୪ରିଖ ୧୫.୦୦ ଘଟିକା। ଉପରୋକ୍ତ ଇ-ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଦେଖାଯାଇପାରିବ। (PR-699)


# କିଙ୍ଗ୍ କୋବ୍ରାକୁ ଧରି ପ୍ରାଣ ହରାଇଲେ ସାପଧରାଳି

ନୟାଗଡ,୧୪।୧୦(ଲୋକନାଥ ମିଶ୍ର)

- ସାପ ଧରିବା ପାଇଁ ଡାକି ନେଇଥିଲେ ବନ କର୍ମଚାରୀ
- ପିନ୍ଧି ନ ଥିଲେ ସୁରକ୍ଷା ଉପକରଣ

ନୟାଗଡ଼ ରେଞ୍ଜ ନବଘନପୁର ପଞ୍ଚାୟତ ଗୋପାଳପୁର ଗାଁରେ କିଙ୍ଗ୍ କୋବ୍ରା (ଅହିରାଜ)କୁ ଧରି ପ୍ରାଣ ହରାଇଛନ୍ତି ସାପଧରାଳି ଅଧିକାରୀ ବେହେରା(୬୫)। ଗତ ୧୧ ତାରିଖରେ ଅଧିକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ସେ ସୁରକ୍ଷା ଉପକରଣ ପିନ୍ଧି ନ ଥିଲେ। ତେବେ ତାଙ୍କୁ ବନ ବିଭାଗ କର୍ମଚାରୀ ସାପ ଧରିବାକୁ ଡାକି ନେଇଥିଲେ ବୋଲି ଅଭିଯୋଗ ହୋଇଛି।

ଅଧିକାରୀଙ୍କ ଘର ନୟାଗଡ଼ ବ୍ଲକ କଇଥଗାଡ଼ିଆ ଗାଁରେ। ସେ ବନ ବିଭାଗ ଓ ସାଧାରଣ ଲୋକଙ୍କ ଡାକରାରେ ୨୦ ବର୍ଷ ହେଲା ସାପକୁ ଧରି ଜଙ୍ଗଲରେ ଛାଡ଼ି ଆସୁଥିଲେ। କିଛିଦିନ ତଳେ ବନ ବିଭାଗର ଡାକରାରେ ଅଧିକାରୀ ଗୋପାଳପୁର ଗାଁକୁ ଯାଇ ସାପ ଧରିଥିଲେ। ତେବେ ସାପଟି ଅଧିକାରୀଙ୍କ ଡାହାଣ ଜଙ୍ଘକୁ କାମୁଡ଼ି ଦେଇଥିଲା। ଫଳରେ ସେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। କିଛିଦିନ ପରେ ସେ ଘରକୁ ଫେରିଥିଲେ। ଘରେ ୪ରୁ ୫ଦିନ ରହିବା ପରେ ଅଧିକାରୀଙ୍କର ମୃତ୍ୟୁ ହୋଇଯାଇଛି। ଅଧିକାରୀ ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ମୃତ୍ୟୁ ପୂର୍ବରୁ ଅର୍ଥାତ୍ ଆହତ ସମୟରେ ଅଧିକାରୀ ସାପ ଧରିବା ସମ୍ପର୍କରେ ସ୍ନେକ ହେଲ୍‌ପଲାଇନ୍ ସଦସ୍ୟ ଶୁଭେନ୍ଦୁ ମଲ୍ଲିକଙ୍କୁ କହିଥିବା କେଇପଦ କଥା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେଥିରୁ ତାଙ୍କୁ ବନ ବିଭାଗ କର୍ମଚାରୀ ଡାକି ନେଇଥିବା ଏବଂ ସାପ ଧରିବା ବେଳେ ସେ କୌଣସି ସୁରକ୍ଷା ଉପକରଣ ବଦଳରେ କେବଳ ଲିଙ୍ଗି ପିନ୍ଧିଥିବା ଜଣାପଡ଼ିଛି। ତେବେ ସେ ସୁରକ୍ଷା ଉପକରଣ ପିନ୍ଧି ନ ଥିଲେ ସୁଦ୍ଧା ବନ ବିଭାଗ କର୍ମଚାରୀ କାହିଁକି ବିରୋଧ କରି ନ ଥିଲେ ସେନେଇ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳଙ୍କୁ ପଚାରିବାରେ ବନ ବିଭାଗ ପକ୍ଷରୁ ଅଧିକାରୀ ବେହେରାଙ୍କୁ ସାପ ଧରିବାକୁ ଡକାଯାଇନାହିଁ ବୋଲି ସେ କହିଛନ୍ତି। ତେବେ ଏହାର ନିରପେକ୍ଷ ତଦନ୍ତ କରିବାକୁ ଅଧିକାରୀଙ୍କ ଗାଁ ଲୋକେ ଦାବି କରିଛନ୍ତି।

# ପୋଖରୀରେ ବୁଡ଼ି ମହିଳା ମୃତ

ବାଲେଶ୍ୱର,୧୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା କସିପଦା ପଞ୍ଚାୟତ ଅଧୀନ ଆଗରଗୋହିରା ଗ୍ରାମର ମହିଳା ସିଗନ ରୁଡୁ (୭୨) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ଘର ନିକଟ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ଅସାବଧାନତାବଶତଃ ସେ ପୋଖରୀରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପୋଖରୀରୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


## "e"-PROCUREMENT NOTICE
GOVERNMENT OF ODISHA
WORKS DEPARTMENT
OFFICE OF THE EXECUTIVE ENGINEER
QUALITY CONTROL (R&B) DIVISION,
KEONJHAR-758001

No.B-387

Bid Identification No. 01/EE/QCKJR/2024-25

E-mail : eeqerbdivisionkjr@yahoo.com

Letter No. 920/Dt. 03.10.2024

| | | | |
|---|---|---|---|
| 1 | Name of the work | : | Supply & Installation of Equipments/ Machineries, For different laboratories under Quality Control (R&B) Division, Keonjhar, During the Financial Year 2024-25 |
| 2 | Estimated Cost | : | Rs. 99.49 Lakhs (Including GST) |
| 3 | Period of completion | : | 02 (Two) Calendar Months |
| 4 | Cost of Tender Paper | : | Rs. 10,000.00 |
| 5 | Availability of bid document on the website | : | From 11.00 A.M. of 15.10.2024 to 5.00 P.M. of 25.10.2024 |
| 6 | Date of opening of Bid | : | Dt. 28.10.2024 at 11.30 A.M. |
| 7 | Name and address of the officer inviting Bid : Executive Engineer, Quality Control (R&B) Division, Keonjhar | | |
| 8 | The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- Executive Engineer, Quality Control (R&B) Division, Keonjhar

OIPR-34144/11/0001/2425

## E-Procurement Cell
OFFICE OF EXECUTIVE OFFICER
URBAN DEVELOPMENT & HOUSING DEPARTMENT
MIHIJAM NAGAR PARISHAD, JHARKHAND.

### TENDER CANCELLATION NOTICE

E-Tender Reference No.- NPM/SBD/02/2024-25
PR Ref. No. :- 337822
NIT No. :- 05/2024-25, Date :- 01.10.2024
Name of the work :- NPM/SBD/02/2024-25 :- मिहिजाम नगर परिषद अन्तर्गत फुटबॉल स्टेडियम निर्माण

The tender for above referenced work (E-Tender Reference No.- NPM/SBD/02/2024-25), of E-Tender NIT No. :- 05/2024-25, Date :- 01.10.2024 is hereby cancelled due to technical reason.

Executive Officer
Nagar Parishad Mihijam

PR 338890 (Urban Development and Housing) 24-25 (D)

## OFFICE OF THE ENGINEER-IN-CHIEF (CIVIL) ODISHA
NIRMAN SOUDHA, UNIT-V, BHUBANESWAR

E-mail ID:cebuildings_orissa@yahoo.co.in, Tel.-(0674)-2391523

No.B-IV-H(H&D)-66/22 Letter No.39238 Dt.7th October 2024

No.B-405: **Invitation For Bids**

Bid Identification No.CE (B)- 10/2024-25

| | | | |
|---|---|---|---|
| 1. | The Chief Engineer, Buildings on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade/Class registered with Central Government/ MES/ Railways for the Building works (STP, ETP) on Turnkey basis (i.e. Design & execution of ETP & STP) | | |
| 2. | Nature of Work | : | Building works (Establishment of STP & ETP) |
| 3. | Nos. of Work | : | 01 No. |
| 4. | Cost of Bid document | : | Rs.10,000/- (Each) |
| 5. | Class of Contractor | : | Super Class |
| 6. | Availability of Bid documents in the website | : | From dt.15.10.2024 to 05.30 P.M. of dt.04.11.2024 |
| 7. | Pre-Bid Meeting | : | Dt.23.10.2024 at 11.30 AM |
| 8. | Last dt. of submission of hardcopy | : | Dt.08.11.2024 upto 5.30 PM |
| 9. | Date of Opening of Bid | : | Dt.11.11.2024 at 11.30 AM |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

Sd./- Chief Engineer, Buildings, Odisha

OIPR-34117/11/0024/2425

## OFFICE OF THE EXECUTIVE ENGINEER,
Road Construction Department,Road Division,Manoharpur.

### e-Procurement Notice
For National Competitive Bidding
Very Short e-Tender Reference No.
RCD/MANOHARPUR/09/2024-25 दिनांक : 09.10.2024

| | | |
|---|---|---|
| 1. | Name of the work | पथ प्रमण्डल, मनोहरपुर अन्तर्गत " आनन्दपुर (NH-320G, Old SH-04 पर) सारिवा (NH-320G, Old SH-04 पर) भाया रोबोकेरा पथ (कुल लम्बाई–22.59 कि0मी0) का पुनर्निर्माण/मजबूतीकरण (पुल सहित) कार्य। |
| 2. | Estimated Cost of Work (in INR) | Rs. 57,89,24,400.00 (Rupees Fifty Seven Crore Eighty Nine Lakh Twenty Four Thousand and Four Hundred) Only. |
| 3. | Time of Completion | 2 (Two) Years. |
| 4. | Date of Publication of Tender on Website | 21.10.2024 from 10.30 A.M. |
| 5. | Last date & Time for online bidding | 28.10.2024up to 3.00 P.M. |
| 6. | Date & time for opening of Tender Bid | 29.10.2024up to 3.30 P.M. |
| 7. | Name and address of office Inviting tender | Executive Engineer, R.C.D. Road Division, Manoharpur. |
| 8. | Contact no. of Procurement officer | 7870404723 |
| 9. | Helpline number of e-Procurement cell | 0651-2403007 |

Note :- Estimate Cost may be increase or decrease.
Further details can be seen on website http://jharkhandtenders.gov.in

PR 338765 West Singhbhum(24-25).D

Executive Engineer,
R.C.D. Road Division, Manoharpur.

## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गोड्डा

### अति अल्पकालीन ई–पुनर्निविदा आमंत्रण सूचना (पंचम कॉल)

अति अल्पकालीन ई0–निविदा संख्या:– 07/2024-25/R5/RWD/EE/GODDA दिनांक: 09-10-2024

कार्य का विवरण: मुख्यमंत्री ग्राम सड़क योजना अन्तर्गत कार्यपालक अभियंता, ग्रामीण कार्य विभाग, कार्य प्रमण्डल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या/ पैकेज संख्या | प्रखंड | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की तिथि/ अवधि |
|---|---|---|---|---|---|---|
| 1 | RWD/GODDA/ 14/STPKG/02/ 2023-24 | पथरगामा | पी0डब्ल्यू0डी0 रोड से खुर्द तक पथ का सुदृढीकरण कार्य। (लं0–1.250 कि0मी0) | 1231.753 | बारह करोड़ इकतीस लाख पचहत्तर हजार तीन सौ रूपये मात्र | 15(पन्द्रह) माह |
| 2 | | बसंतराय | बाघाकोल से मोकलचक तक पथ का सुदृढीकरण कार्य।(लं0– 1.715 कि0मी0) | | | |
| 3 | | पथरगामा | द्वारीचक से चंदरपुर तक पथ का सुदृढीकरण कार्य। (लं0– 1.125 कि0मी0) | | | |
| 4 | | बसंतराय | महेशपुर से वरण तक पथ का सुदृढीकरण कार्य। (लं0–2.575 कि0मी0) | | | |
| 5 | | बसंतराय | कैथपुरा से सोहरा तक पथ का सुदृढीकरण कार्य। (लं0–3.600 कि0मी0) | | | |
| 6 | | बसंतराय | सोहरा से राहा तक पथ का सुदृढीकरण कार्य। (लं0–1.800 कि0मी0) | | | |
| 7 | | पथरगामा | कोरका मोड़ से बरहारा तक पथ का सुदृढीकरण कार्य। (लं0–3.600 कि0मी0) | | | |
| 8 | | पथरगामा | लतौना से देवघरा जागीर तक पथ का सुदृढीकरण कार्य। (लं0–4.600 कि0मी0) | | | |
| 9 | | पथरगामा | पश्चिमी पड़वा से बंशीपुर भाया सोनवर्षा तक पथ का सुदृढीकरण कार्य। (लं0–2.700 कि0मी0) | | | |

1. वेबसाईट में निविदा प्रकाशन की तिथि:– 15.10.2024
2. ई–निविदा प्राप्ति की अंतिम तिथि एवं समय:– 24.10.2024 अपराह्न 05.00 बजे तक।
3. निविदा खोलने की तिथि एवं समय:–25.10.2024 अपराह्न 05.00 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबावदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गोड्डा

PR 338792 Rural Work Department(24-25)#D

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍ ନଂ.: ୦୬୭୪-୨୫୩୭୯୦୦

### ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୯.୧୦.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଜାମିନଦାର ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଢେଙ୍କାନାଳ ଶାଖା, ଫୋନ୍ ନଂ.: ୮୦୧୮୮୦୮୧୮୨/** ଋଣଗ୍ରହୀତା: ଶ୍ରୀ କୈଳାଶ ରାଉତ, ପିତା: ଶ୍ରୀ ରାମଚନ୍ଦ୍ର ରାଉତ, ସା: ତେନ୍ତୁଳିଆପଡ଼ା, ପୋ.: ବଉଳପୁର, ଥାନା: ସଦର, ଥାନା ନଂ.: ୧୦, ତହସିଲ: ଓଡାପଡା, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା - ୭୫୯୦୨୫/ ଜାମିନ୍‌ଦାର: ଶ୍ରୀ ରାମଚନ୍ଦ୍ର ରାଉତ, ପିତା: ୰ ସୁଦର୍ଶନ ରାଉତ, ସା: ତେନ୍ତୁଳିଆପଡ଼ା, ପୋ.: ବଉଳପୁର, ଥାନା: ସଦର, ଥାନା ନଂ.: ୧୦, ତହସିଲ: ଓଡାପଡା, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା - ୭୫୯୦୨୫/ **ବକେୟା ରାଶି: ୨୯.୦୨.୨୦୨୪ ସୁଦ୍ଧା ଟ.୯,୪୩,୯୨୧.୦୫**+ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ରାମଚନ୍ଦ୍ର ରାଉତ,** ପିତା: ୰ ସୁଦର୍ଶନ ରାଉତଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୯୫୬/୪୮୮୩, ଖାତା ନଂ.: ୩୦୯/୨୦୧, ମୌଜା: ତେନ୍ତୁଳିଆପଡ଼ା, ତହସିଲ: ଢେଙ୍କାନାଳ, ପରିମିତ କ୍ଷେତ୍ର: ଏକର୦.୨୦୦ ଡିସିମିଲି, ଏହାର ଚତୁର୍ପାର୍ଶ୍ୱରେ ଉତ୍ତର: ଗଦାଧର ପ୍ରଧାନ, ଦକ୍ଷିଣ: ପ୍ରସନ୍ନ କୁମାର ବାରିକ, ପୂର୍ବ: ରାସ୍ତା, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ | ଟ.୩୩,୮୩,୦୦୦/- / ଟ.୩,୩୮,୩୦୦/- / ଟ.୩୩,୮୩୦/- | ଆକାଉଣ୍ଟ ନଂ.: ୧୯୭୯୨୧୯୮୦୦୫୦୦୦୦ IFSC Code: UBIN0919799 |
| ୨. | **ସାଲେପୁର ଶାଖା, ଫୋନ୍ ନଂ.: ୮୯୭୧୨୦୭୧୦୦/** ୧) ମେସର୍ସ ଶ୍ରୀ ଗଣେଶ ଜୁଏଲାରୀ, ସ୍ୱତ୍ୱାଧିକାରୀ: କମଳାକାନ୍ତ ସାହୁ, ୨) ଶ୍ରୀ କମଳାକାନ୍ତ ସାହୁ, ଉଭୟଙ୍କ ଠିକଣା ସା: ଧୁନାସାହି, ପୋ.: ସୁନୁଗୁଡ଼ା, ସାଲେପୁର, ଜିଲ୍ଲା: କଟକ - ୭୫୪୨୨୧, ୩) ଶ୍ରୀ ପ୍ରତାପ ଚନ୍ଦ୍ର ସାହୁ, ପିତା: ୰ ବାବାଜି ଚରଣ ସାହୁ, ୪) ଶ୍ରୀମତୀ ଝରଣା ସାହୁ, ସ୍ୱାମୀ: ୰ ବାବାଜି ଚରଣ ସାହୁ, ୫) ଶ୍ରୀ ରାଜ କିଶୋର ସାହୁ, ପିତା: ୰ ଦୁର୍ଗା ଚରଣ ସାହୁ, ସମସ୍ତ(୩, ୪ ଏବଂ ୫)ଙ୍କ ଠିକଣା ସା: କୁସମ୍ବି, ପୋ.: ସୁନୁଗୁଡ଼ା, ସାଲେପୁର, କଟକ - ୭୫୪୨୨୧/ **ବକେୟା ରାଶି: ୩୧.୦୧.୨୦୨୪ ସୁଦ୍ଧା ଟ.୯,୪୩,୯୨୧.୦୫**+ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବାବାଜି ଚରଣ ସାହୁ, ଶ୍ରୀ ରାଜ କିଶୋର ସାହୁ, ପିତା: ୰ ଦୁର୍ଗା ଚରଣ ସାହୁଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୧୬/୨୮୯୯, ଖାତା ନଂ.: ୯୮୭/୨୦୮, ମୌଜା: କୁସୁମ୍ବି, ତହସିଲ/ଥାନା: ସାଲେପୁର, ଜିଲ୍ଲା: କଟକ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୫୯ ଡିସିମିଲି, ଏହାର ଚତୁର୍ପାର୍ଶ୍ୱରେ ବଳରାମ ସାହୁ ଏବଂ ଅହଲ୍ୟ ସିଂହ, ଦକ୍ଷିଣ: ରାସ୍ତା, ପୂର୍ବ: କ୍ରେତାମାନେ, ପଶ୍ଚିମ: କ୍ରେତାମାନେ | ଟ.୧୦,୬୧,୦୦୦/- / ଟ.୧,୦୬,୧୦୦/- / ଟ.୧୦,୬୧୦/- | ଆକାଉଣ୍ଟ ନଂ.: ୩୦୧୦୧୧୯୮୦୦୫୦୦୦୦ IFSC Code: UBIN080101 |
| ୩. | **ସାଲେପୁର ଶାଖା, ଫୋନ୍ ନଂ.: ୮୯୭୧୨୦୭୧୦୦/** ଋଣଗ୍ରହୀତା: ଶ୍ରୀ ଅକ୍ଷୟ ମଲ୍ଲିକ, ପିତା: ୰ ଉତ୍ତମ ମଲ୍ଲିକ, ସା: କୁଳଣପୁର, ପୋ.: ସାଲେପୁର, ଜିଲ୍ଲା: କଟକ, ଓଡ଼ିଶା- ୭୫୪୨୦୨/ **କୋ-ଆପ୍ଲିକାଣ୍ଟ: ଶ୍ରୀ ନରୋତ୍ତମ ସ୍ୱାଇଁ,** ପିତା: ଭାଗୀରଥି ସ୍ୱାଇଁ, ସା: ଜିଜିନିପୁର, ପୋ.: ସାଲେପୁର, ଜିଲ୍ଲା: କଟକ, ଓଡ଼ିଶା - ୭୫୪୨୦୨/ **ବକେୟା ରାଶି: ୩୧.୦୧.୨୦୨୪ ସୁଦ୍ଧା ଟ.୧,୮୮,୫୧୧.୮୨**+ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଅକ୍ଷୟ ମଲ୍ଲିକ,** ପିତା: ୰ ଉତ୍ତମ ମଲ୍ଲିକଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୭୨, ଖାତା ନଂ.: ୫୧, ମୌଜା: କୁଳଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ପରିମିତ କ୍ଷେତ୍ର: ଏକର୦.୧୦୦ ଡିସିମିଲି, ଏହାର ଚତୁର୍ପାର୍ଶ୍ୱରେ ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ଟ.୪,୧୧,୦୦୦/- / ଟ.୪୧,୧୦୦/- / ଟ.୪,୧୧୦/- | ଆକାଉଣ୍ଟ ନଂ.: ୩୦୧୦୧୧୯୮୦୦୫୦୦୦୦ IFSC Code: UBIN080101 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୨୮.୧୦.୨୦୨୪ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଇ-ନିଲାମ ତାରିଖ ଏବଂ ସମୟ : ତା.୨୯.୧୦.୨୦୨୪ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ ibapi/index.jsp, www.unionbankofindia.co.in ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୧୪.୧୦.୨୦୨୪, ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ଝାରପଡାଠାରେ ଅନୁଷ୍ଠିତ ରାବଣପୋଡି।

# ୧୨ ସ୍ଥାନରେ ରାବଣ ପୋଡି ଦେଖିଲେ ଲୋକେ

## ନୟାପଲ୍ଲୀରେ ରାବଣ ଦହନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ୧୪।୧୦(ବନ୍ଦନା ସେଠୀ)

ରାଜଧାନୀର ବିଭିନ୍ନ ଅଞ୍ଚଳରେ ଶତାଧିକ ପୂଜା କମିଟି ପକ୍ଷରୁ ଦେବୀଙ୍କ ପୂଜା କରାଯାଇଥିବାବେଳେ ଭୁବନେଶ୍ୱର ଓ ଉପକଣ୍ଠର ୧୨ ସ୍ଥାନରେ ରାବଣପୋଡିର ଆୟୋଜନ ହୋଇଥିଲା। ନୟାପଲ୍ଲୀଠାରେ ଆୟୋଜିତ ରାବଣପୋଡି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ରାବଣ ଦେହରେ ଅଗ୍ନିସଂଯୋଗ କରିଥିଲେ। ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍, ମଧ୍ୟ ଭୁବନେଶ୍ୱରର ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ଦୁର୍ଗା ମଣ୍ଡପର ପଦାଧିକାରୀ ଉପସ୍ଥିତ ଥିଲେ। ସେହିପରି ବରମୁଣ୍ଡା ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ୫୫ଫୁଟ ଉଚ୍ଚର ରାବଣପୋଡ଼ି ଅନ୍ୟତମ ଆକର୍ଷଣ ସାଜିଥିଲା। ଏଥିରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅତିଥି ଭାବେ ଯୋଗଦେଇ ରାବଣ ପ୍ରତିକୃତିରେ ଅଗ୍ନିସଂଯୋଗ କରିଥିଲେ। ଡମଣାରେ ଆୟୋଜିତ ରାବଣପୋଡି କାର୍ଯ୍ୟକ୍ରମରେ ଏହାର ପ୍ରତିଷ୍ଠାତା ସଭାପତି ନିଶାକର ରାଉତ, ଝାରପଡ଼ା ରାବଣପୋଡ଼ିରେ ପୂଜା କମିଟି ସଭାପତି ଶିଖର ଜେନା, କୋରଡ଼କଣ୍ଟା ରାବଣପୋଡିରେ ଗ୍ରାମ ସଭାପତି ଜ୍ଞାନରଞ୍ଜନ ଜେନା ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ଏହାବାଦ୍ ପଟିଆ, ନହରକଣ୍ଟା, ବାଙ୍କୁଆଳ, ଗୋପାଳପୁର, ଭଗବାନପୁର, ଛତାବର ଏବଂ କପିଳପ୍ରସାଦରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିବା ସହିତ ଦଶମୀରେ ରାବଣପୋଡ଼ିର ଆନନ୍ଦ ଉଠାଇଥିଲେ।



ନୟାପଲ୍ଲୀଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାବଣ ଦେହରେ ଅଗ୍ନି ସଂଯୋଗ କରୁଛନ୍ତି।



ବରମୁଣ୍ଡା ଏବଂ ନହରକଣ୍ଟାଠାରେ ଅନୁଷ୍ଠିତ ରାବଣପୋଡ଼ି।

# ରାବଣପୋଡ଼ିର ମଜାନେଲେ ଦର୍ଶକ

ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠର ୩ଟି ମଣ୍ଡପରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଯାଇଛି। ଷଷ୍ଠୀଠାରୁ ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗାଙ୍କର ରବିବାର ବିଜୟା ଦଶମୀ ଅବସରରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଥିଲା। କଳିଙ୍ଗ ଦୁର୍ଗା ପୂଜା କମିଟି ଦାରୁଠେଙ୍ଗର ରାବଣପୋଡ଼ି ଉତ୍ସବ କିଟ୍ ରୋଡ଼ଠାରେ ଅନୁଷ୍ଠିତ ହୋଇଥିଲା। ୮୦ ଫୁଟ୍ ଉଚ୍ଚର ନିର୍ମିତ ରାବଣରେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଓ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥି ଭାବେ ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ଚନ୍ଦକା ଗ୍ରାମ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ରାବଣପୋଡ଼ି ଉତ୍ସବ କ୍ଲବ ପଡ଼ିଆରେ ହୋଇଥିଲା। ୫୦ ଫୁଟ ଉଚ୍ଚର ରାବଣକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରାଜ୍ୟସଭା ସଦସ୍ୟ ସୁଲତା ଦେଓ ଅତିଥି ଭାବେ ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ଶିମିଳିପାଟଣା ଗ୍ରାମ କମିଟି ପକ୍ଷରୁ ମହାରଣାସାହି, ପରମେଶ୍ୱର ପୂଜା କମିଟି, ନେବଡ଼ ସାହି, ପାଲା ଛକ ଓ ମଝି ସାହି ଶାନ୍ତି କମିଟିକୁ ମିଶାଇ ୫ ସାହି ପକ୍ଷରୁ ଆୟୋଜିତ ରାବଣପୋଡ଼ି ଉତ୍ସବରେ ୭୫ ଫୁଟ ଉଚ୍ଚର ରାବଣ ନିର୍ମାଣ କରାଯାଇଥିଲା। ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ଅତିଥି ଭାବେ ଯୋଗଦେଇ ରାବଣରେ ଅଗ୍ନି ସଂଯୋଗ କରିଥିଲେ। ସେହିଭଳି ଭାବେ ରଘୁନାଥପୁର ଗ୍ରାମରେ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ଦୁର୍ଗାପୂଜା ଭସାଣି ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମଠସାହି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣିରେ ପାରମ୍ପାରିକ ବାଦ୍ୟକୁ ପ୍ରାଧାନ୍ୟ ଦିଆଯାଇଥିଲା। ଗ୍ରାମ ପରିକ୍ରମା କରାଯାଇ ମା' ଦୁର୍ଗାଙ୍କ ମୂର୍ତ୍ତିକୁ ଗ୍ରାମ ପାଖ ନିର୍ମିତ ପୋଖରୀରେ ବିସର୍ଜନ କରାଯାଇଥିଲା।





କଟକ ଚୌଧୁରୀ ବଜାର ପୂଜା ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ମା'ଙ୍କ ବିଜୟାଦଶମୀରେ ଏଜି କଲୋନୀସ୍ଥିତ ଏକ ମଣ୍ଡପରେ ମହିଳାମାନେ ସିନ୍ଦୂର ଖେଳ ଖେଳୁଛନ୍ତି।

# ଶିକ୍ଷା ଅଧିକାରୀଙ୍କୁ ଘେରିଲେ ଛାତ୍ରୀ, ଅଭିଭାବକ

## ପ୍ରତିଭା ଚୟନରେ ପ୍ରିୟାପ୍ରୀତି ଅଭିଯୋଗ

ବାଲକାଟୀ,୧୪।୧୦(ମନୋଜ ମଣ୍ଡଳ)

ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରତିଭା ଚୟନରେ ପ୍ରିୟାପ୍ରୀତି ଅଭିଯୋଗ ନେଇ ଶିକ୍ଷା ଅଧିକାରୀଙ୍କୁ ଛାତ୍ରୀ ଓ ଅଭିଭାବକ ଘେରି ଯୁକ୍ତିତର୍କ କରିଛନ୍ତି। ବାଲକାଟୀ ନୂଆପାଟଣା ବାଲିଅନ୍ତା ଶିକ୍ଷା ଅଧିକାରୀଙ୍କ କାର୍ଯାଳୟରେ ଏଭଳି ଘଟଣା ସୋମବାର ପୂର୍ବାହ୍ନରେ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଗତ ୮ ତାରିଖରେ ବାଲକାଟୀସ୍ଥିତ ପ୍ରତାପ ଶାସନ ଉଚ୍ଚ ବାଳିକା ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ସିନିୟର ଓ ଜୁନିୟର ବିଭାଗରେ ବିଭକ୍ତ କରାଯାଇ ବ୍ଲକର ୧୦ଟି କ୍ଲଷ୍ଟରରୁ ବିଭିନ୍ନ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରାୟ ଶତାଧିକ ପ୍ରତିଭା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରବନ୍ଧ, ଗୀତ, ନାଚ, ଆର୍ଟ, ହାଣ୍ଡ ରାଇଟିଂ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଭା ଚୟନ ନିମନ୍ତେ ୩ ଜଣ ଆମନ୍ତ୍ରିତ ଜଜ୍ ମଞ୍ଚାସୀନ ଥିଲେ। ଅଭିଯୋଗ ଅନୁଯାୟୀ ଆୟୋଜକ ପ୍ରତାପ ଶାସନ ବିଦ୍ୟାଳୟର ଛାତ୍ରୀମାନେ ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରିଥିଲେ। ମାତ୍ର ତାଙ୍କୁ ପ୍ରଥମ ସ୍ଥାନ ଚୟନ ପରିବର୍ତ୍ତେ ବାଲିଅନ୍ତାର ପଞ୍ଚବଟୀ ଅପର ପ୍ରାଇମେରୀ ସ୍କୁଲ ଛାତ୍ରୀଙ୍କୁ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଭା ଚୟନରେ ପ୍ରିୟାପ୍ରୀତି ନେଇ ସେଦିନ ଅଭିଭାବକଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖାଦେଇଥିଲା। ମାତ୍ର ତା ପରଦିନ ପୂଜା ପାଇଁ ସ୍କୁଲ ଓ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଛୁଟି ଥିବାରୁ ଅଭିଯୋଗ କରିବା ସମ୍ଭବ ନ ଥିଲା। ସୋମବାର ପୂଜା ଛୁଟି ପରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପୂର୍ବାହ୍ନ ୧୧ଟା ୩୦ ସମୟରେ ପ୍ରତାପ ଶାସନ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଭାଜପା ଯୁବ ନେତା ଶିବ ମଲ୍ଲିକ, ସାମାଜିକ କର୍ମୀ ବେଣୁଧର ଭୋଇ, ନୃତ୍ୟରେ ପ୍ରଥମ ସ୍ଥାନ ପାଇବାରୁ ନିରାଶ ହୋଇଥିବା ପ୍ରତିଯୋଗୀ ଓ ସେମାନଙ୍କ ଅଭିଭାବକ ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଘେରି ପ୍ରଶ୍ନ ବାଣରେ ପୋତିଥିଲେ। ପ୍ରଥମ ସ୍ଥାନ ପାଇଥିବା ପଞ୍ଚବାଟୀ ସ୍କୁଲ ଓ ତାଙ୍କ ନୃତ୍ୟର ଭିଡିଓ ରେକର୍ଡିଂକୁ ଆଉଥରେ ସର୍ବ ସମ୍ମୁଖରେ ପ୍ରଦର୍ଶିତ କରି ତର୍ଜମା କରାଯିବାକୁ ଅନୁରୋଧ କରିଥିଲେ। ମାତ୍ର ଶିକ୍ଷା ଅଧିକାରୀ ଜେନା କହିଥିଲେ, ଯାହା ନିଷ୍ପତି ହୋଇଛି ଜଜ୍‌ଙ୍କ ଦ୍ୱାରା ହୋଇଛି, ସେଥିରେ ତାଙ୍କର କିଛି କରିବାର ନାହିଁ ବୋଲି ରୋକ୍‌ଠୋକ କହିଥିଲେ। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନାଯୋଗ୍ୟ, ସୁରଭି ପାଇଁ ଶିକ୍ଷକଙ୍କଠାରୁ ଚାନ୍ଦା ଆଦାୟ କରାଯାଇଥିବା ଚର୍ଚ୍ଚା ନ ଥମୁଣୁ ଏବେ ପ୍ରତିଭା ଚୟନରେ ପ୍ରିୟାପ୍ରୀତି ଅଭିଯୋଗ ଆଲୋଚନାର ବିଷୟ ପାଲଟିଛି।



ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀ ଓ ଅଭିଭାବକ।

# ଆଧ୍ୟାତ୍ମିକତାବାଦୀ, ସୁବକ୍ତା ଥିଲେ ସତ୍ୟପ୍ରିୟ

## ୧୧୯ତମ ରାଜ୍ୟସ୍ତରୀୟ ଜୟନ୍ତୀ

ବାଲକାଟୀ,୧୪।୧୦(ମନୋଜ ମଣ୍ଡଳ)

ବର୍ଷୀୟାନ ଜନନାୟକ ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ୧୧୯ତମ ଜୟନ୍ତୀ ରବିବାର ଜନ୍ମମାଟିରେ ପାଳିତ ହୋଇଯାଇଛି। ବାଲକାଟୀସ୍ଥିତ ଶ୍ରୀ କନଭେନସନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ସଭାପତି ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର କୀର୍ତ୍ତନ ପାତ୍ର, ମୁଖ୍ୟବକ୍ତା ଭାବେ ଭାଜପା ନେତ୍ରୀ ରଶ୍ମି ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପୂର୍ବତନ ସଭାପତି ସଂଗ୍ରାମ କେଶରୀ ପାଇକରାୟ, ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଯୋଗଦେଇଥିଲେ। ସ୍ୱର୍ଗତ ମହାନ୍ତି ଜଣେ ଦେଶ ଭକ୍ତ, ଆଧ୍ୟାତ୍ମିକତାବାଦୀ, ସୁବକ୍ତା ଭାବରେ ଓଡ଼ିଶା ଜନ ମାନସରେ ସୁପରିଚିତ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ସନ୍ତୋଷ କୁମାର ମହାନ୍ତି, ସଂଳାପକାର ଡ. ରଜନୀ ରଞ୍ଜନ, ଆଇନଜୀବୀ ଉପେନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ ବେଣୁଧର ଭୋଇ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ଆବାହକ ସୁବ୍ରତ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ରାଜ୍ୟସ୍ତରୀୟ ଜୟନ୍ତୀକୁ ଅଧିକ ଆକର୍ଷଣୀୟ କରିବାକୁ ଆବାହକଙ୍କ ପକ୍ଷରୁ ଉଦ୍‌ଘାଟକ ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଏକାମ୍ର ବିଧାୟକ ବାବୁସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସଂଗ୍ରାମ କେଶରୀ ପାଇକରାୟଙ୍କ ନାମ ରହିଥିଲା। ତେବେ ଅଧିକାଂଶ ଅତିଥି ଯୋଗ ଦେଇ ନ ଥିଲେ।



ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ୧୧୯ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ମଞ୍ଚାସୀନ ଅତିଥି।

## ଦୋକାନରୁ ଚୋରି କରି ୩ ଗିରଫ

ଚୌଦ୍ୱାର,(ଆଶୁତୋଷ ଦାସ) :ବିଳମ୍ବିତ ରାତିରେ ଦୋକାନଗୁଡ଼ିକରୁ ଚୋରି କରୁଥିବା ୩ ଜଣ ଯୁବକଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଅଞ୍ଚଳର ଓମ୍ ବେହେରା, ଓମ୍ ମହୋନ୍ତ ଓ ସୌମ୍ୟ ରଞ୍ଜନ ଭଦ୍ର। ଏନେଇ ପୋଲିସ ୫୩୪ ଓ ୫୩୫/୨୪ରେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ୩ ଅଭିଯୁକ୍ତ ଗତ ୬ ଓ ୮ ତାରିଖ ବିଳମ୍ବିତ ରାତିରେ ନୁନଟିକିରୀ ଓ ମୁଣ୍ଡମାଳ ଛକରେ ଥିବା ୨ଟି ଦୋକାନ ଘରର ତାଲା ଭାଙ୍ଗି ବହୁ ସାମଗ୍ରୀ ଚୋରି କରିବା ସହିତ ଦୋକାନୀ ରଖିଥିବା ଟଙ୍କା ପଇସା ମଧ ଲୁଟି ନେଇଥିବା ଦୋକାନୀମାନେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ୨୨ ଗ୍ରାମ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

କଟକ ସଦର,୧୪।୧୦ (ସୁଶାନ୍ତ କୁମାର ଜେନା):

୪୨ ମୌଜା ଥାନା ଅଧୀନ ଝିଙ୍କିରିଆ ଗ୍ରାମର ହୃଷୀକେଶ ସ୍ୱାଇଁଙ୍କୁ ବ୍ରାଉନସୁଗାର ପୁଡ଼ିଆ ବିକ୍ରି ଅଭିଯୋଗରେ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ପୋଲିସ ୨୨.୯୬୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ୩୨୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ହୃଷୀକେଶ ରବିବାର ସ୍କୁଟିରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ତାଙ୍କୁ ସ୍କୁଟି ସହ ଧରାଥିଲା।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଖୁଣ୍ଟୁଣୀ,୧୪।୧୦(ସଚ୍ଚିଦାନନ୍ଦ ପଣ୍ଡା):

ଖୁଣ୍ଟୁଣୀ ଥାନା ଅଧୀନ ରାଧାଦାମୋଦରପୁର ଓଭର ବ୍ରିଜ୍ ଉପରେ ରବିବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଯୋବ୍ରା ଅଞ୍ଚଳର ଲକ୍ଷ୍ମୀଧର ବେହେରା(୨୮)। ଲକ୍ଷ୍ମୀଧର ରବିବାର ରାତି ୯ଟା ୩୦ରେ ଖୁଣ୍ଟୁଣୀରୁ ତାଙ୍କର ଜଣେ ସାଙ୍ଗଙ୍କ ସହ ଘରକୁ ଫେରୁଥିଲେ। ସେହି ସମୟରେ ତାଙ୍କୁ ଏକ ଗାଡ଼ି ଆସି ଧକ୍କା ଦେଇଥିଲା। ସେ ବାଇକ୍ ସହିତ ସେଠାରେ ପଡ଼ିଯାଇଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ଡାକ୍ତ ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ଲକ୍ଷ୍ମୀଧରଙ୍କ ସାଙ୍ଗଙ୍କ କୌଣସି କ୍ଷତି ହୋଇ ନ ଥିଲାବେଳେ ପୋଲିସ ବାଇକ୍ ଜବତ କରିଛି। ହେଲେ ଏ ପର୍ଯ୍ୟନ୍ତ ମୃତ ଲକ୍ଷ୍ମୀଧରଙ୍କ ଘର ଲୋକ ଖୁଣ୍ଟୁଣୀ ଥାନାରେ କୌଣସି ରିପୋର୍ଟ ଦେଇ ନ ଥିବା ଏଏସ୍ଆଇ ଅମ୍ବିକା ପ୍ରସାଦ ଦାସ କହିଛନ୍ତି।

### ଯାତ୍ରାରେ ଖାଦ୍ୟ ମାନ ଯାଞ୍ଚ ପାଇଁ ଦାବିପତ୍ର

ଚୌଦ୍ୱାର,୧୪।୧୦(ଆଶୁତୋଷ ଦାସ)

ଆଗକୁ ଚୌଦ୍ୱାର ପ୍ରସିଦ୍ଧ କୁମାରୋତ୍ସବ ଓ ରୂପଯାତ୍ରା ଆସୁଛି। ରୂପଯାତ୍ରା ଉପଲକ୍ଷେ ଚୌଦ୍ୱାର ଯାତ୍ରା ପଡ଼ିଆରେ ପ୍ରବଳ ଜନସମାଗମ ହେବା ସହ କିଣାବିକା ପାଇଁ ବିଭିନ୍ନ ଘରୋଇ ଉପକରଣ ସହିତ ଖାଦ୍ୟ ସାମଗ୍ରୀ ଦୋକାନ ଲାଗିଥାଏ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ ଦୋକାନରେ ବିକ୍ରୟ ପାଇଁ ରଖାଯାଉଥିବା ଖାଦ୍ୟର ଠିକ୍ ମାନ ଯାଞ୍ଚ କରାଯିବା ନିମନ୍ତେ ସ୍ଥାନୀୟ ଉଦ୍ଧାର ଫାଉଣ୍ଡେଶନ ପକ୍ଷରୁ ଏକ ନିବେଦନ ପତ୍ର ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ପ୍ରଦାନ କରାଯାଇଛି। ଫାଉଣ୍ଡେଶନ ସଭାପତି ନରୋତ୍ତମ ଦାସ, କିରଣବାଳା ନାୟକ, ଗୋଲାପ ସିଂ, ବିନୋଦ ପ୍ରଧାନ, ମୀନା ଚୌଧୁରୀ, ଖୁଲଣା ସାହୁ, ଶରତ ସାହୁ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ଭେଟି ଏହି ପତ୍ର ପ୍ରଦାନ କରିବା ସହ ଯାତ୍ରାରେ ଭୋଜାଳ ତଥା ବାସି ଖାଦ୍ୟ ବିକ୍ରୟ କରୁଥିବା କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅନୁରୋଧ କରିଥିଲେ। ତେବେ ଏନେଇ ପୌରପାଳିକା ପକ୍ଷରୁ ଏକ କମିଟି ଗଠନ କରାଯାଇ ଅସାଧୁ ବ୍ୟବସାୟୀଙ୍କ ଉପରେ ନଜର ରଖାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

### ବୃଦ୍ଧଙ୍କ ଉପରେ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି ,୧୪।୧୦
(ଅଶୋକ କୁମାର ମହାପାତ୍ର)

ପୂର୍ବଶତ୍ରୁତାକୁ କେନ୍ଦ୍ର କରି ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନ ତରତଶାସନ ପଞ୍ଚାୟତର ଦେବରାଳ ଗ୍ରାମରେ ରବିବାର ସକାଳେ ଜଣେ ବୃଦ୍ଧଙ୍କୁ ଯୋଜନାବଦ୍ଧଭାବେ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ହେଲେ ଗ୍ରାମର ମକର ମଳିକ(୬୫)। ସେ ଘର ନିକଟରେ ଫୁଲ ତୋଳୁଥିଲା ବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଏସମ୍ପର୍କରେ ସ୍ତ୍ରୀ ମାତାଜୀ ମଳିକ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# କଟକ ହେବ ସ୍ମାର୍ଟ ସିଟି: ମୁଖ୍ୟମନ୍ତ୍ରୀ

## ୪୦ ପୂଜାମଣ୍ଡପ ବୁଲିଲେ ମୋହନ, ଦହିବରା-ଆଳୁଦମ୍ ଖାଇଲେ

କଟକ,୧୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଶାରଦୀୟ ଦୁର୍ଗାପୂଜାର ମହାନବମୀ ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଗସ୍ତରେ ଆସିଥିଲେ। ସେ ପ୍ରତାପ ନଗରୀ, ଗୋପାଳପୁର, ଚାଉଳିଆଗଞ୍ଜ, ନୂଆବଜାର, ପୋତାପୋଖରୀ, ଶିଖରପୁର-ଗଣ୍ଡରପୁର-ମହାନଦୀବିହାର, ଯୋବ୍ରା, ରାଣୀହାଟ, କଲେଜଛକ ସମେତ କଟକର ପ୍ରାୟ ୪୦ଟି ପୂଜାମଣ୍ଡପ ବୁଲି ମା'ଦୁର୍ଗାଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। ସେ ମା'ଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ ସହ ଆଳତି କରିଥିଲେ। ବିଭିନ୍ନ ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପୂଜାମଣ୍ଡପ ବୁଲିବା ସହ ସେ କଟକ ଦହିବରାର ସ୍ୱାଦ ଚାଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ପୂଜାମଣ୍ଡପ ବୁଲିବା ପରେ ମଧ୍ୟାହ୍ନରେ ସେ ମାଛୁଆବଜାରସ୍ଥିତ ସର୍କିଟ ହାଉସ୍‌ରେ କିଛି ସମୟ ଅତିବାହିତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'କଟକ ଦଶହରା ଓ ବିଶେଷକରି ନବମୀ ପୂଜାରେ ମା'ଙ୍କ ଦର୍ଶନ କରିବା ମୋ ପାଇଁ ସୌଭାଗ୍ୟ। ନୂଆ ଓଡ଼ିଶା ଗଠନ ପାଇଁ ନୂଆ ସରକାର ଗଠନ ହୋଇଛି। ଆଗାମୀ ଦିନରେ କଟକ ସ୍ମାର୍ଟସିଟି ହେବ। ଏନେଇ ଭାଜପା ସରକାର ସଚେତନ ଅଛନ୍ତି। ଐତିହାସିକ କଟକ ସହରକୁ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ବହୁଦିନରୁ ଦାବି ହୋଇଆସୁଛି। ପରବର୍ତ୍ତୀ ସମୟରେ କଟକ ଆସିଲେ ଏ ନେଇ ସମୀକ୍ଷା କରିବି' ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଭାଜପା କଟକ ନଗର (ଜିଲା) ସଭାପତି ଲଲାଟେନ୍ଦୁ ବସ୍ତୁ, କଟକ-ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ପୂର୍ବତନ ମନ୍ତ୍ରୀ ସମୀର ଦେ, ବରିଷ୍ଠ ନେତା ନୟନ କିଶୋର ମହାନ୍ତିଙ୍କ ସମେତ ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବିଜୟା ଦଶମୀରେ ରବିବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କଟକର ବିଭିନ୍ନ ପୂଜାମଣ୍ଡପ ବୁଲିଥିଲେ। ଅନ୍ୟପଟେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ମହାନବମୀରେ ବିଭିନ୍ନ ପୂଜାମଣ୍ଡପ ବୁଲିବା ସହ ଜନସାଧାରଣଙ୍କୁ ଭେଟିଥିଲେ। ତାଙ୍କ ସହିତ କଂଗ୍ରେସର ବହୁ କର୍ମୀ ଉପସ୍ଥିତ ଥିଲେ।



ଚୌଧୁରୀ ବଜାର ପୂଜା କମିଟି ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ରୋଗୀଙ୍କୁ ୪ଦିନ ହେବ ମିଳିନି କେମୋ

କଟକ,୧୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

## ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆଶଙ୍କା

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ହେମାଟୋଲୋଜି ବିଭାଗରେ ଚିକିତ୍ସିତ ରୋଗୀଙ୍କୁ ୪ଦିନ ହେବ କେମୋ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କେମୋ ଥେରାପିର ନିର୍ଦ୍ଦିଷ୍ଟ ସମୟ ରହିଥାଏ। କିନ୍ତୁ ବିଭାଗରେ କେମୋ ନ ଥିବାରୁ ଠିକ ସମୟରେ କେମୋ ମିଳିପାରି ନାହିଁ। ପୂଜା ସମୟରେ କେମୋ ନ ଥିବା କହି ରୋଗୀଙ୍କୁ ଡାକ୍ତର ଫେରାଇ ଦେଇଛନ୍ତି। ଫଳରେ ବିଭାଗରେ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବା ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏନେଇ ମେଡିକାଲର ଜନୈକ ବରିଷ୍ଠ ଡାକ୍ତର କହିଛନ୍ତି, ଏଭଳି ଅଭିଯୋଗ ଭିତ୍ତିହୀନ। କୌଣସି ରୋଗୀଙ୍କୁ ଫେରାଇ ଦିଆଯାଇନାହିଁ। ମେଡିକାଲରେ ଯେତିକି ପରିମାଣର କେମୋ ପଲବ୍ଧ ରହିଛି ସେତିକି ରୋଗୀଙ୍କୁ ଯୋଗାଉଛୁ। ସୂଚନାଯୋଗ୍ୟ, ରକ୍ତ କର୍କଟ ଏକ ଗୁରୁତର ସମସ୍ୟା। ଠିକ ସମୟରେ ରୋଗ ନିରୂପଣ, ପରୀକ୍ଷା ନିରୀକ୍ଷା ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ଜଟିଳ ବ୍ୟାଧି ଭଲ ହୋଇପାରିବ। ଏଥିପାଇଁ ଏସ୍‌ସିବି ହେମାଟୋଲୋଜି ବିଭାଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ସହ, ଅସ୍ଥିମଜ୍ଜା ପ୍ରତିରୋପଣ ଓ କେମୋ ଥେରାପି ଭଳି ଚିକିତ୍ସା ମାଗଣାରେ ଉପଲବ୍ଧ କରାଯାଇଛି। ପ୍ରତ୍ୟେକ ଦିନ ୧୦୦ରୁ ୧୨୦ ଜଣ ରୋଗୀଙ୍କୁ କେମୋ ଦିଆଯାଉଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଦୁର୍ଗାପୂଜା ମେଲୋଡିରେ ଝୁମିଲେ ଦର୍ଶକ

ଡିଗିରିଆ, ୧୪।୧୦(ଜାଫର ଖାଁ):

ଡିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାରେ ଯାକ ଜମକରେ ଦୁର୍ଗାପୂଜା ପାଳିତ ହୋଇଯାଇଛି। ବିଜୟା ଦଶମୀ ପରେ ସୋମବାର ଆପାଟଣାର ଦୁର୍ଗାବଜାରରେ ଓ ଚଣ୍ଡୀବଜାରରେ ମେଲୋଣି ଆୟୋଜନ କରାଯାଇଥିଲା। ଚଣ୍ଡୀବଜାରଠାରେ ୪ ବଜାର କମିଟି ସଭାପତି ପ୍ରକାଶ ଦାସ ମୁଖ୍ୟଅତିଥିଭାବେ ଯୋଗ ଦେଇ ମେଲୋଡି କଳାକାରଙ୍କୁ ସ୍ୱାଗତ କରିଥିଲେ। ସେହିପରି ମଙ୍ଗଳାବଜାରଠାରେ ୨ ଦିନ ଧରି ସାମାଜିକ ନାଟକ ମଞ୍ଚସ୍ଥ ହୋଇଛି। ରବିବାର ବିଜୟା ଦଶମୀ ରେ ପୋଲିସର ମନମୁଖୀ କାର୍ଯ୍ୟ ଯୋଗୁ ପ୍ରବଳ ଗହଳି ହୋଇ ଟ୍ରାଫିକ ସମସ୍ୟା ଉପୁଜିଥିଲା। ମାତ୍ର ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ କୌଣସି ଅସୁବିଧା ହୋଇ ନ ଥିଲା। ମଙ୍ଗଳବାର ଦୁର୍ଗାପୂଜାର ସାମୁହିକ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ୪ ବଜାର କମିଟି ସଭାପତି ପ୍ରକାଶ ଦାସ କହିଛନ୍ତି।



ଡିଗିରିଆରେ ନୂଆପାଟଣାଠାରେ ଆୟୋଜିତ ମେଲୋଡି କାର୍ଯ୍ୟକ୍ରମ ।

# ରେଷ୍ଟୁରାଣ୍ଟ କର୍ମଚାରୀଙ୍କୁ ଆକ୍ରମଣ, ୪ ଗିରଫ

ମଙ୍ଗୁଳି-ଜଗତପୁର,୧୪।୧୦(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ମଙ୍ଗୁଳି ଛକସ୍ଥିତ ମିଡ୍‌ନାଇଟ ବାର୍ ଆଣ୍ଡ ରେଷ୍ଟୁରାଣ୍ଟରେ ଗଣ୍ଡଗୋଳ ସହ ରେଷ୍ଟୁରାଣ୍ଟ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଟାଙ୍ଗୀ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଶିଖରପୁର ଅଞ୍ଚଳର ସୁବ୍ରତ ଗୋଛାୟତ ଓରଫ ବବୁଲୁ, ବାଳି, ଗୁରୁଡ଼ିଝାଟିଆ ଅଞ୍ଚଳର ଦିଲୀପ ବିଶ୍ୱାଳ, ଚୌଦ୍ୱାର ଥାନା ଅଧୀନ ବଡ଼ଚାଞ୍ଚୋ ଗ୍ରାମର ରାଜେଶ ପଣ୍ଡା ଓରଫ ବାପୁନା ଓ କଟକ ଜୋବ୍ରା ମଝି ସାହିର ଦୀପକ ବୋଷ। ଏନେଇ ପୋଲିସ ୧୩୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାଥାଉକି, ଗତ ୮ ତାରିଖ ରାତିରେ ୪ ଜଣ ଯୁବକ ଏକ କାର୍(ଓଡ଼ି ୦୫ ବିଜି ୭୯୯୧)ରେ ଆସି ରେଷ୍ଟୁରାଣ୍ଟରେ ଖାଇ ସାରି ରେଷ୍ଟୁରାଣ୍ଟ କର୍ମଚାରୀଙ୍କୁ ବିଲ୍ ମାଗିଥିଲେ। ମାତ୍ର କୌଣସି କଥାରୁ ୪ ଜଣ ଉତ୍କ୍ଷିପ୍ତ ହୋଇ କର୍ମଚାରୀ ସୁମନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମଦ ବୋତଲରେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ପରେ ରେଷ୍ଟୁରାଣ୍ଟର ସୁରକ୍ଷା କର୍ମଚାରୀଙ୍କୁ ମଧ ଆକ୍ରମଣ କରିଥିଲେ। ଏଥିରେ ଜଣଙ୍କ ବାମ ଆଖି ଡୋଳାରେ ଗଭୀର ଆଘାତ ଲାଗିଥିଲା। ଏନେଇ ସୁମନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସେମାନଙ୍କୁ କାବୁ କରିଛି।

# କେନାଲରେ ବୁଡ଼ି ବାଳକ ମୃତ

ନିଶ୍ଚିନ୍ତକୋଇଲି,୧୪।୧୦
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କେନାଲରେ ବୁଡ଼ି ଜଣେ ୭ ବର୍ଷର ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଆପଦା ଗ୍ରାମର ସୁଶାନ୍ତ କୁମାର ସାହୁଙ୍କ ପୁତ୍ର ଉମାକାନ୍ତ । ସେ ସକାଳେ ତାଙ୍କ ଘର ପାଖରେ ଥିବା ଏକ କେନାଲରେ ବନିଶୀ ସାହାଯ୍ୟରେ ମାଛ ଧରୁଥିଲେ। ଏହି ସମୟରେ ତାଙ୍କର ଗୋଡ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ଉମାକାନ୍ତଙ୍କୁ ଗୁରୁତର ଅବସ୍ଥାରେ ପାଣିରୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ନେମାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହା ପରେ ପୋଲିସ ପକ୍ଷରୁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ଉମାକାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଧରାପଡ଼ିଲା ମାଙ୍କଡ଼, ଗ୍ରାମବାସୀ ଆଶ୍ୱସ୍ତ

କଣ୍ଟାପଡ଼ା,୧୪।୧୦(ସୁରନାରାୟଣ ସାହୁ)

## ୫ ଦିନର ପରିଶ୍ରମ ପରେ ବନ ବିଭାଗ ସଫଳ

ଗତ କିଛି ଦିନ ହେଲା କଣ୍ଟାପଡ଼ା ବ୍ଲକ ବାଗଲପୁର ଗ୍ରାମ ପଞ୍ଚାୟତ କୁଆଁରପୁର ଗ୍ରାମରେ ଉତ୍ପାତ କରୁଥିବା ଏକ ହନୁ ମାଙ୍କଡ଼କୁ କଟକ ଗୋପାଳପୁର ବନ ବିଭାଗ ଓ ନନ୍ଦନକାନନ ଟ୍ରାଙ୍କୁଲାଇଜ ଟିମ୍ ରବିବାର ସକାଳେ ଟ୍ରାଙ୍କୁଲାଇଜ୍ କରି କାବୁ କରିଛି। ଏହାପରେ ଗ୍ରାମବାସୀ ଆଶ୍ୱସ୍ତି ଅନୁଭବ କରିଛନ୍ତି।

ସୂଚନା ମୁତାବକ, କୁଆଁରପୁର ଗ୍ରାମ ଦେଉଳି ସାହିରେ ଏକ ମାଙ୍କଡ଼ ଅନେକ ଲୋକଙ୍କ ଘରେ ପଶି ଆସବାବ ପତ୍ର ନଷ୍ଟ କରିବା ସହ ଦର୍ପଣ ଭାଙ୍ଗୁଥିଲା। ଏଥିସହ ଗାଁଦାଣ୍ଡରେ ଥିବା ବାଇକ୍‌ର ମିରର୍ ମଧ ଭାଙ୍ଗି ଦେଉଥିଲା। ମାଙ୍କଡ଼ଟି କାହାରିକୁ କ୍ଷତାକ୍ତ କରି ନ ଥିଲେ ମଧ ନିଜର ପ୍ରତିବିମ୍ବ ଦେଖି ବାଇକ୍ ମିରର୍ ଓ ଘର ଭିତରେ ପଶି ଦର୍ପଣ ଭାଙ୍ଗୁଥିଲା। ଖବରପାଇ ଗୁରୁବାର ନନ୍ଦନକାନନର ଏକ ୭ ଜଣିଆ ଟ୍ରାଙ୍କୁଲାଇଜର ଟିମ୍ ଗୋପାଳପୁର ବନ ବିଭାଗ ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ନେତୃତ୍ୱରେ ଆସି ମାଙ୍କଡ଼କୁ ଅପରାହ୍ନ ୫ଟା ବେଳେ ଟ୍ରାଙ୍କୁଲଇଜ୍ କରିଥିଲା। ମାତ୍ର ମାଙ୍କଡ଼ଟି ନିକଟସ୍ଥ ବଣ ଭିତରକୁ ପଳାଇଥିଲା। ଅନ୍ଧାର ହୋଇଯିବାରୁ ବନ ବିଭାଗ ଟିମ୍ ନିରାଶରେ ଫେରିଥିଲା। ପର ଦିନଠାରୁ ବନବିଭାଗ ଟିମ୍ ଓ ଟ୍ରାଙ୍କୁଲାଇଜର ଟିମ୍ ମାଙ୍କଡ଼କୁ ଧରିବାକୁ କୁଆଁରପୁରରେ ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଡେରା ପକାଇଥିଲେ। ରବିବାର ସକାଳୁ ମାଙ୍କଡ଼ଟି ଜଣେ ବ୍ୟକ୍ତିଙ୍କ ଘରେ ଲାଗିଥିବା ଝରକା କାଚକୁ ଭାଙ୍ଗିବାକୁ ଚେଷ୍ଟା କରୁଥିବାବେଳେ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଫଳରେ ମାଙ୍କଡ଼ଟି ୧୦୦ ମିଟର ଦୂରରେ ନିସ୍ତେଜ ହୋଇ ପଡିବା ପରେ ବନ ବିଭାଗ ଟିମ୍ ତାକୁ କାବୁ କରି ନେଇଥିଲା। ମାଙ୍କଡ଼କୁ ଚିକିତ୍ସା କରିବା ପରେ ତାକୁ ଚନ୍ଦକା ଅଭୟାରଣରେ ଛାଡ଼ି ଦିଆଯାଇଥିବା ବନାଧିକାରୀ ବେହେରା ସୂଚନା ଦେଇଛନ୍ତି। ସିଟି ବନଖଣ୍ଡ ଅଧିକାରୀ ଅଜିତ ଶତପଥୀଙ୍କ ନିର୍ଦ୍ଦେଶ ଓ ଏସିଏଫ୍ ସ୍ୱାଗତିକା ସାହୁଙ୍କ ତତ୍ତ୍ୱାବଧାନରେ ବନବିଭାଗ କର୍ମଚାରୀ ଧନେଶ୍ୱର ସାହୁ ଫୁଲନଖରା ବନ ବିଭାଗର ସମସ୍ତ କର୍ମଚାରୀ ଓ ନନ୍ଦନକାନନର ଟ୍ରାଙ୍କୁଲାଇଜର ଦୁଷ୍ମନ୍ତ ନାୟକ ଏହି ଅପରେଶନରେ ସାମିଲ ଥିଲେ।

# ଜିଲାପାଳ ଶୁଣିଲେ ୧୦୦ ଅଭିଯୋଗ

## ୧୧ ସାମୂହିକ, ୮୯ ବ୍ୟକ୍ତିଗତ

ଆଠଗଡ,୧୪।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଡିଓ ବିଜୟ କେତନ ଚୌଧୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ୧୧ ସାମୂହିକ ଓ ୮୯ ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ସିନ୍ଦେ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୩୭ ଅଭିଯୋଗର ତତ୍କାଳୀନ ସମାଧାନ ହୋଇଥିଲା। ଆଠଗଡ ଏନ୍‌ଏସି ୧୭ନଂ. ୱାର୍ଡର ହୁସେନ ଖାଁଙ୍କୁ ଜିଲା ରେଡ୍‌କ୍ରସ ପାଣ୍ଠି, ୱାର୍ଡ ନଂ. ୧୦ର ଶାନ୍ତିଲତା ବେହେରା ଓ ମଞ୍ଜୁଲତା ଜେନାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଉକ୍ତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ, ଜିଲା ଚିକିତ୍ସାଧିକାରୀ ଡ. ମକରନ୍ଦ ବେହେରା, ଡ. ବିଜୟ କୁମାର ମିଶ୍ର, ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

# ପେଟ୍ରୋଲ ଢାଳି ବୃଦ୍ଧଙ୍କୁ ହତ୍ୟା ଉଦ୍ୟମ

ନିଶ୍ଚିନ୍ତକୋଇଲି,୧୪।୧୦
(ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନେମାଳ ଥାନା କଳମିଶ୍ରୀ ପଞ୍ଚାୟତ ଅନ୍ତର୍ଗତ ଲେଣ୍ଡୁରା ଭଗବାନପୁର ଗ୍ରାମରେ ଜଣେ ବୃଦ୍ଧଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ଦେବଦତ୍ତ ଭୋଇ ଓରଫ ଜଗା। ପୀଡ଼ିତ ବୃଦ୍ଧ ହେଲେ ଝୁଲିଆ ଭୋଇ(୭୫)। ଦେବଦତ୍ତ ହେଲେ ତାଙ୍କ ସମ୍ପର୍କୀୟ ପୁତୁରା। ସମ୍ପତ୍ତିକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ହେଲା ବିବାଦ ଲାଗି ରହିଥିଲା। ଝୁଲିଆଙ୍କୁ ବୋମା ପକାଇ ଜୀବନରୁ ମାରି ଦେବାକୁ ଦେବଦତ୍ତ ପୂର୍ବରୁ ଧମକ ଦେଇଥିଲେ। ଏହାପରେ ଝୁଲିଆଙ୍କ ପରିବାର ତରଫରୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। କିନ୍ତୁ ପୋଲିସ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏନେଇ ଝୁଲିଆଙ୍କ ପରିବାର ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ କୌଣସି ସଫଳତା ମିଳି ନ ଥିଲା। ଏହାର ସୁଯୋଗ ନେଇ ପ୍ରତିଶୋଧ ନେବା ନିମନ୍ତେ ଶୁକ୍ରବାର ରାତିରେ ଝୁଲିଆ ଓ ତାଙ୍କ ପରିବାର ଲୋକେ ଶୋଇଥିଲାବେଳେ ଦେବଦତ୍ତ ଯୋଜନାବଦ୍ଧ ଭାବେ ଝୁଲିଆଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଝୁଲିଆ ନିଆଁରେ ଚିତ୍କାର କରୁଥିବା ଶୁଣି ପରିବାର ଲୋକେ ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ସମ୍ପର୍କରେ ଝୁଲିଆଙ୍କ ବୋହୂ ନିର୍ମଳା ଭୋଇ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ ୧୬୨/୨୦୨୪) ରୁଜୁ କରିଛି।

# 'ରାଜନୀତିରେ ଅନେକ ବିଜ୍ଞ ବ୍ୟକ୍ତିଙ୍କ ପ୍ରବୃତ୍ତି ରାବଣ ଭଳି'

## ବାରବାଟୀ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ୩୪ତମ ରାବଣପୋଡ଼ି

କଟକ,୧୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ୩୪ତମ ରାବଣପୋଡ଼ି ଉତ୍ସବ ରବିବାର ବାଲିଯାତ୍ରା ତଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ ହେବାର ଆବଶ୍ୟକତା ରହିଛି। ପୂର୍ବ ସମୟରେ ରାବଣ ପୋଡ଼ି ଯେଉଁଥିପାଇଁ ହୋଇଥିଲା, ଆଜି ବି ସମାଜରେ ରାବଣ ପ୍ରବୃତ୍ତିର ବ୍ୟକ୍ତି ଅଛନ୍ତି। ସମାଜରେ ଏବେ ବି ଛଦ୍ମବେଶରେ ରାବଣ ଘୂରିବୁଲୁଛନ୍ତି। ତେଣୁ କେବଳ ରାବଣ ଦହନ କରି କାର୍ଯ୍ୟକ୍ରମ ସାରିଦେବା ଉଚିତ୍ ନୁହେଁ, ବରଂ ସମାଜରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଅଛି। ଏଥିପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ରାଜନୀତି ସମେତ ସମସ୍ତ ସ୍ଥାନରେ ରାବଣ ରହିଛନ୍ତି। ରାବଣ ଜଣେ ରାଜନୀତି ବିଶାରଦ ଥିଲେ ମଧ କିଛି ଚାରିତ୍ରିକ ଦୋଷ ଯୋଗୁ ଖରାପ କାର୍ଯ୍ୟ କରିଥିଲେ। ରାଜନୀତିରେ ଅନେକ ବିଜ୍ଞ ବ୍ୟକ୍ତି ରହିଛନ୍ତି, ଯେଉଁମାନଙ୍କ ପ୍ରବୃତ୍ତି ରାବଣ ଭଳି। ସେମାନଙ୍କୁ ସମାଲୋଚନା ନ କରି ତାଙ୍କ ଚରିତ୍ର ସୁଧାରିବା ଆବଶ୍ୟକ ବୋଲି ହରିଚନ୍ଦନ କହିଛନ୍ତି। ଅନୁଷ୍ଠାନର ଆବାହକ ଆଶୀର୍ବାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ମେୟର ସୁବାସ ସିଂ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ସମୀର ଦେ, କଟକ ବାର୍ ଆସୋସିଏଶନ ସଭାପତି ବିଜୟ ଦାସ, ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ ଯୋଗଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରାତି ୧୨ଟାରେ ଅତିଥିମାନେ ଅଗ୍ନି ସଂଯୋଗ କରି ରାବଣ ଦହନ କରିଥିଲେ। ଉତ୍ସବରେ ଭାଜପା କଟକ ନଗର (ଜିଲା) ସଭାପତି ଲଲାଟେନ୍ଦୁ ବସ୍ତୁ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ସ୍ଥାନୀୟ କର୍ପୋରେଟର ଏବଂ ବାରବାଟୀ ସର୍ବଧର୍ମ ସାଂସ୍କୃତିକ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ।




ରାବଣପୋଡି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥିମାନେ ।

# ସାମ୍ପ୍ରଦାୟିକ ଭାଇଚାରାର ଅନନ୍ୟ ନିଦର୍ଶନ

■ ୧୩ ଜାତିର ଲୋକଙ୍କ ସହଯୋଗରେ ହୁଏ ଅପରାଜିତା ହୋମ
■ ମୁସଲମାନ୍ ଦଳବେହେରା କୁଶବଟୁ ପିନ୍ଧି ସାଜନ୍ତି ମୁଖ୍ୟ କର୍ତ୍ତା

ବୋଲଗଡ଼,୧୪।୧୦(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକଗୋଡ଼ା ଗ୍ରାମରେ ପବିତ୍ର ଦଶହରା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ଏହି ଅବସରରେ ହିନ୍ଦୁ ଓ ମୁସଲମାନ୍ ସମ୍ପ୍ରଦାୟ ମଧ୍ୟରେ ଭାଇଚାରାର ବାର୍ତ୍ତା ତଥା ସାମ୍ପ୍ରଦାୟିକ ସଂପ୍ରୀତିର ଅନନ୍ୟ ନିଦର୍ଶନ ଦେଖିବାକୁ ମିଳିଥାଏ। ଗ୍ରାମରେ ୪୦ପ୍ରତିଶତ ମୁସଲମାନ ଥିବା ବେଳେ ୬୦ ପ୍ରତିଶତ ହିନ୍ଦୁଲୋକ ବସବାସ କରିଆସୁଛନ୍ତି। ଧାର୍ମିକ ଚିନ୍ତାଧାରାର ଭିନ୍ନତା ସତ୍ତ୍ୱେ ଏହି ଗ୍ରାମରେ ଦୀର୍ଘ ୫ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଦୁର୍ଗାପୂଜାରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ନ ହୋଇ କେବଳ କନକଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଏ। ସବୁବର୍ଷ ଭଳି ଚଳିତବର୍ଷ ଏହି ଦୁର୍ଗାପୂଜାରେ ଦିବ୍ୟସିଂହପୁରର ରାଜପ୍ରତିଷ୍ଠିତ ବ୍ରାହ୍ମଣ ଦେବେନ୍ଦ୍ର ହୋତାଙ୍କ ଘରୁ ମା' କନକଦୁର୍ଗା ମାଣିକାଗୋଡ଼ା ଗ୍ରାମର ଭଗବତୀ ପୀଠକୁ ସପ୍ତମୀ ଦିନ ମଧ୍ୟରାତିରେ ପଟୁଆର ସହ ଆସି ବିଜେ ହୋଇଥିଲେ। କରଣ ଜାତିର କୋଠକରଣ ଅବନୀ ପଟ୍ଟନାୟକଙ୍କ ଘରୁ ଲେଖନି ଓ ତାଳପତ୍ର, ମୁସଲମାନ ଦଳବେହେରାଙ୍କ ଘରୁ ଖଣ୍ଡା, ମହିଷାଶୁଣୀଙ୍କ ପୀଠରୁ କଟରା ମଧ୍ୟ ଅଣାଯାଇ ରଖାଯାଇଥିଲା। ବଢ଼େଇ ଜାତିର ବ୍ୟକ୍ତିମାନେ ରୁଖା ଓ ପିଢ଼ା ଦେଇଥିବା ବେଳେ ଏହି ରୁଖା ଓ ପିଢ଼ା ତିଆରି କରିବା ପାଇଁ ଧୋବାଜାତିର ଜଣେ ବ୍ୟକ୍ତି ବେଲ ଓ ବର କାଠ ଯୋଗାଇଥିବା ସୂଚନା ମିଳିଛି। ଭୋଇ ଜାତିର ଜଣେ ବ୍ୟକ୍ତି ବିଭିନ୍ନ ଗଛର ଡାଳ ଆଣି ଏଠାରେ ଏକ କୁଡ଼ିଆ କରିଥିଲେ ଏବଂ ଏହିସବୁ କାର୍ଯ୍ୟରେ ମାଳିଠାରୁ ଆରମ୍ଭକରି ପ୍ରାୟ ୧୩ ଜାତିର ଲୋକ ସହଯୋଗ କରିଥିଲେ। ଅଷ୍ଟମୀ ଓ ନବମୀ ଦୁଇଦିନ ପଂକ୍ତି ଭୋଜନ, ଶଙ୍ଖୁଡ଼ି ଭୋଗ ହୋଇଥିଲା। ଉଲ୍ଲେଖନୀୟ, ଏହି ଭୋଗ ପାଇଁ ମୁସ୍‌ଲିମ ଦଳବେହେରାଙ୍କ ଘରୁ ଅରୁଆ ଚାଉଳ, ଗୁଡ଼ ଓ ଅନ୍ୟାନ୍ୟ ସାମଗ୍ରୀ ଆସିଥାଏ। ଦଶମୀ ଦିନ ୪ଟାରେ ସଜଉଠା କାର୍ଯ୍ୟ ସମାପନ ହୋଇଥିଲା। ଏହାପରେ ଗ୍ରାମର ପାଇକ ଆଖଡ଼ାମେଳ ସେମାନଙ୍କ କ୍ରୀଡ଼ାକୌଶଳ ଦର୍ଶାଇ ମାଣିକସାଗର କୂଳରେ ଥିବା ଭୂୟାଁଣୀ ଠାକୁରାଣୀଙ୍କ ନିକଟକୁ ଯାଇ ତାଙ୍କୁ ଆବାହନ କରି ଆଣିଥିଲେ। ମା' ଭୂୟାଁଣୀ ଓ ଯୋଗମାୟା ଦୁଇ ଭଉଣୀଙ୍କୁ ନେଇ ପାଇକସାହି, ବଢ଼େଇସାହି, ସନ୍ତରା ସାହିର ପ୍ରତ୍ୟେକ ଦୁଆରେ ଭୋଗ ଖାଇ ଭଗବତୀ ପୀଠରେ ପହଞ୍ଚିବା ପରେ ଏହିଠାରୁ ମୁସଲମାନ ଦଳବେହେରାଙ୍କୁ ସାଙ୍ଗରେ ନିଆଯାଇ ପୂର୍ବରୁ ପୂଜା ପାଉଥିବା ଖଣ୍ଡା, କଟରା (କଟୁରି), ତାଳପତ୍ର, ଲେଖନି ସହ ଏକ କିଲୋମିଟର ଦୂର ମାଳିସାହିର ପ୍ରସିଦ୍ଧ ଶୈବପୀଠ ସୋମନାଥ ଦେବଙ୍କ ମନ୍ଦିର ନିକଟରେ ଥିବା ଏକ ତ୍ରିଛକିଠାରେ ବିଳମ୍ବିତ ରାତ୍ରରେ ଅପରାଜିତା ହୋମସ୍ଥଳରେ ପହଞ୍ଚିଥିଲେ। ଏହି ହୋମରେ ଦିବ୍ୟସିଂହପୁର ଶାସନର ରାଜପ୍ରତିଷ୍ଠିତ ବୈଦିକ ବ୍ରାହ୍ମଣ ଦେବେନ୍ଦ୍ର ନାଥ ହୋତା ଓ ରାଜପୁରୋହିତ ଜଗଦାନନ୍ଦ ହୋତା ଅପରାଜିତା ହୋମ ସମ୍ପନ୍ନ କରିଥିଲେ। ମୁସଲମାନ ଦଳବେହେରା ସେକ୍ ଅଜିଜୁର ରହେମାନ କୁଶବଟୁ ପିନ୍ଧିବା ସହ ମୁଖ୍ୟକର୍ତ୍ତା ହୋଇ ମା'ଙ୍କୁ ଷୋଡ଼ଶ ଉପଚାରରେ ପୂଜା କରିବା ସହିତ ହୋମରେ ଆହୁତି ଦେଇଥିଲେ। ହୋମ ପରେ ଏଠାରୁ ଆବାହନ ହୋଇ ଆସିଥିବା ଦେବଦେବୀ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ମା' କନକଦୁର୍ଗାଙ୍କ ଆଖିରେ ଅନ୍ଧପୁତୁଳି ବନ୍ଧାଯାଇଥିବା ଦେଖାଯାଇଥିଲା। ଅପରାଜିତ ହୋମ ଓ ଦଶହରା ଉତ୍ସବ ଅବଲୋକନ କରିବା ପାଇଁ ବିଧାୟକ ପ୍ରଦୀପ ସାହୁ, ତାରା ପଟ୍ଟନାୟକ, ଲୋତକବିନ୍ଦୁ ପଟନାୟକ, ଜୟଶ୍ରୀ ପଟନାୟକ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟି ଅମିୟ କୁମାର ପଟ୍ଟନାୟକ, ଦଶହରା କମିଟି ସଂଯୋଜକ ଇଂ. କର୍ପୁର ସାହୁ, ନାସିର ଖାଁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଚଳନ୍ତା କାର୍, ବାଇକ୍‌ରେ ନିଆଁ





ନିରାକାରପୁର/ଟାଙ୍ଗୀ,୧୪।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ/ ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ବଡ଼ପୋଖରିଆ ଛକ ନିକଟ ବାଉତି ଠାକୁରାଣୀଙ୍କ ନିକଟରେ ରବିବାର ଅପରାହ୍ଣରେ ଏକ ଚଳନ୍ତା କାର୍‌ରେ ନିଆଁ ଲାଗି ଜଳିଯାଇଛି। କାର୍‌ଟି ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ହଠାତ୍ କୌଣସି କାରଣରୁ ଇଞ୍ଜିନ୍‌ରୁ ଧୂଆଁ ବାହାରିଥିଲା। ଏହା ଦେଖି କାର୍‌ରେ ଥିବା ଲୋକମାନେ ବାହାରକୁ ପଳାଇ ଆସିଥିଲେ। ଏହାପରେ କାରରେ ନିଆଁ ଲାଗିଯାଇଥିଲା। ଖବରପାଇ ଟାଙ୍ଗୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କାର୍‌ଟି ସେତେବେଳକୁ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବୋଲି ପୋଲିସ କହିଛି।

ଚାନ୍ଦପୁର ବଜାରଠାରେ ହଠାତ୍ ଏକ ଚଳନ୍ତା ବାଇକ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ନିକଟରେ ଥିବା ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ବାଇକ୍ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲେ। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ୨ଗୋଷ୍ଠୀ ମଧ୍ୟରେ ମାରପିଟ ଅଭିଯୋଗ

ବାଣପୁର,୧୪।୧୦ (ଦିଲୀପ କୁମାର ସ୍ୱାଇଁ)

ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଦୁର୍ଗାପୂଜା ଅବସରରେ ଶନିବାର ରାତିରେ ମେଲୋଡି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗମ୍ଭାରୀମୁଣ୍ଡା ଅଞ୍ଚଳର ଘାସଡିହ ନୂଆସାହି ଏବଂ ଖଜୁରିଆ ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହେବା ପରେ ଉଗ୍ରରୂପ ନେଇଥିଲା। ନୂଆସାହି ଗ୍ରାମର କେତେଜଣ ଯୁବକ କାଠଫଳିଆରେ ଆଶିଷ ପ୍ରଧାନଙ୍କୁ ଆକ୍ରମଣ କରିଥିବା ନାଚୁଣୀ ଥାନାରେ ଅଭିଯୋଗ ହୋଇଛି। ଅନୁରୂପଭାବେ ନୂଆସାହି ଗ୍ରାମର କେତେଜଣ ଯୁବକଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଉପସ୍ଥିତ ଦର୍ଶକ ମଧ୍ୟ ଆହତ ହୋଇଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୩୦/୨୪) ରୁଜୁକରି ତଦନ୍ତ ଚଳାଇଛି।

## ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ବେଗୁନିଆ,୧୪।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ମା' ହରପାର୍ବତୀ ନାଟ୍ୟସଂସଦ ପକ୍ଷରୁ ଦଶହରା ଉପଲକ୍ଷେ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା ଏବଂ କାର୍ତ୍ତିକ ଜେନା ଓ ଶିକ୍ଷକ ପଠାଣି କୁମାର ସାହୁଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ପତ୍ରକାର ମହାସଂଘର ସଭାପତି ଡ. ପବିତ୍ର ମୋହନ ସାମନ୍ତରାୟ ମୁଖ୍ୟବକ୍ତା, ଗାୟକ ଶ୍ୟାମସୁନ୍ଦର ତ୍ରିପାଠୀ, ଶିକ୍ଷାବିତ୍ ବିଜୟ କୁମାର ସାମନ୍ତରାୟ, ସରପଞ୍ଚ ଲତା ସେଠୀ, ସମିତିସଭ୍ୟ ଅଲେଖ ବେହେରା, ସେବା ସମବାୟ ସମିତି ସଭାପତି ସୁଦର୍ଶନ ମାଣିକ, ପ୍ରଭାକର ମହାନ୍ତି, ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ଉତ୍କଳ ନାଟ୍ୟଚେତନା ପ୍ରଥମ ଓ ପତନିବର ମା'ବାଉତି ନାଟ୍ୟ ଅନୁଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବାଉରି ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।

## ମାନସ ମନ୍ଥନ, ମରଣଯନ୍ତା ନାଟକ ମଞ୍ଚସ୍ଥ



ଜଟଣୀ,୧୪।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଉତ୍ତରାୟଣୀ କ୍ଲବର ୯୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଦୁଇଟି ସାମାଜିକ ନାଟକ କ୍ଲବର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର, ନିର୍ଦ୍ଦେଶକ ବିପ୍ଳବ କେଶରୀ ଶତପଥୀଙ୍କ ରଚିତ ନାଟକ ମାନସ ମନ୍ଥନ ପରିବେଷଣ କରାଯାଇଥିଲା। ଏହି ନାଟକରେ ଅଭିନେତା ଦୀପନ ଦାଶ, ଗୋବିନ୍ଦଚନ୍ଦ୍ର ସାହୁ, ପଞ୍ଚାନନ ମହାପାତ୍ର, ନିରଞ୍ଜନ ବେହେରା, ସ୍ମୃତିରଞ୍ଜନ ମହାନ୍ତି, ମନୋଜ ପ୍ରଧାନ, ସଙ୍ଗୀତା ରାୟ, ଲିପ୍ସା ସାମନ୍ତରାୟ, ପ୍ରଭାସିନୀ ନାୟକ, ପୁଷ୍ପାଞ୍ଜଳି ନାୟକ, ବିନିକା ଶତପଥୀ ପ୍ରମୁଖ ଅଭିନୟ କରିଥିଲେ। ଦ୍ୱିତୀୟ ଦିବସରେ ବିପ୍ଳବ ଶତପଥୀଙ୍କ ରଚିତ ଏବଂ ଉମାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶିତ ନାଟକ 'ମରଣଯନ୍ତା' ମଞ୍ଚସ୍ଥ ହୋଇଥିଲା। ଉମାକାନ୍ତ ମୁଦୁଲି, ସରୋଜ ସାମଲ, ବୀର ସ୍ୱାଧୀନ ପଟ୍ଟନାୟକ, ରଞ୍ଜିତ ମହାରଣା, ସୌମ୍ୟରଞ୍ଜନ ବେହେରା, ଚନ୍ଦ୍ରଶେଖର ବେଉରା, ବୈଭବ କେଶରୀ ଶତପଥୀ, ସଙ୍ଗୀତା ରାୟ ଅଭିନୟ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ସିନେ କଳାକାର ସରୋଜ ପରିଡା ଅତିଥିଭାବେ ଯୋଗଦେଇ ଉଭୟ ନାଟକରେ ଅଭିନୟ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉମାକାନ୍ତ ମୁଦୁଲି, ରଞ୍ଜିତ, ଦିଲୀପ ଦାଶ, ମନୋଜ ଶତପଥୀ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## କବିତାରେ ଶାରଦୀୟ ଉତ୍ସବ

କଳାପଥର,୧୪।୧୦(ଗଙ୍ଗାଧର ସାହୁ)

ବାଙ୍କୀର 'ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ' ସଂସଦ ଆନୁକୂଲ୍ୟରେ ଚକାପଦାସ୍ଥିତ ଯୁବବନ୍ଧୁ ଭବନ ପରିସରରେ କବିତାରେ ଶାରଦୀୟ ଉତ୍ସବ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଅକ୍ଷୟ ସାମଲ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା କବି ଲଲାଟେନ୍ଦୁ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ କୁମାର ଅମୀୟ ଯୋଗଦେଇ ଶାରଦୀୟ ଉତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ୍ ମନୋଜ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା, କବି ମନୋଜ ରାଉତ ପ୍ରମୁଖ ଯୋଗଦେଇ ଶାରଦୀୟ ଉତ୍ସବର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। କବି ବଂଶୀଧର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ବାବୁଲି ରଣା, ନିରଞ୍ଜନ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଅକ୍ଷୟ ସାମଲ ଧନ୍ୟବାଦ ଦେଇଥିଲେ।

## ଝାଁଳାକୁ ଫାଇନାଲରେ ହରାଇଲା ଭାଲିଆବାଡ଼ି



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳି ଏବଂ ଅନ୍ୟମାନେ।

ଝାଁଳା,୧୪।୧୦(ବୁଲା ବାରିକ)

ଝାଁଳା ରାଧାମାଧବ ଖେଳ ପଡ଼ିଆରେ ଅନୁଷ୍ଠିତ ୭ମ ପଞ୍ଚାୟତସ୍ତରୀୟ କର୍କ ବଲ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାଲିଆବାଡ଼ି ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଝାଁଳା ଓ ଭାଲିଆବାଡ଼ି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂକରି ଭାଲିଆବାଡ଼ି ଟିମ୍ ୨୦ ଓଭରରେ ୮ ଉଇକେଟ ବିନିମୟରେ ୨୭୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟ ନାରାୟଣ ମହାପାତ୍ର ସର୍ବାଧିକ ୮୪, ପ୍ରୀତିବ୍ରତ ପଟ୍ଟନାୟକ ୬୫ ରନ୍ କରିଥିଲେ। ଜବାବରେ ଝାଁଳା ଟିମ୍ ୧୦ ଉଇକେଟ ହରାଇ ୨୩୭ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୫୧, ଶ୍ରୀକାନ୍ତ ମହାରଣା ୫୨, ଶିତିକଣ୍ଠ ପଟ୍ଟନାୟକ ୪୮ ଓ ଅଭିମନ୍ୟୁ ସ୍ୱାଇଁ ଅପରାଜିତ ୪୮ ରନ୍ କରିଥିଲେ। ଭାଲିଆବାଡ଼ି ଟିମ୍‌ର ଦେବାଶିଷ ମିଶ୍ର ଓ ସୌମ୍ୟ ନାରାୟଣ ମହାପାତ୍ର ୩ଟି ଲେଖାଏ ଉଇକେଟ ନେଇଥିଲେ। ସୌମ୍ୟ ନାରାୟଣ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଫିଲ୍ଡର ଶୁଭମ୍ ନାୟକ, ଶ୍ରେଷ୍ଠ ବୋଲର ଦେବାଶିଷ ମିଶ୍ର, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଅଭିଷେକ ପଟ୍ଟନାୟକ ଏବଂ ଶ୍ରେଷ୍ଠ ଖେଳାଳିଭାବେ ବସନ୍ତ ସାହୁ ବିବେଚିତ ହୋଇଥିଲେ। ସୁକାନ୍ତ ପ୍ରଧାନ ଓ ଅନିଲ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଖବରଦାତା ବୁଲା ବାରିକ, ଏଚ୍‌ଏସ୍‌ଏସ୍ ଗ୍ରୁପ୍‌ର ସଦସ୍ୟ ସତ୍ୟନାରାୟଣ ଦାସ, ହରେକୃଷ୍ଣ ସାମନ୍ତସିଂହାର, ସଦାଶିବ ପ୍ରଧାନ, ରାଧାବଲ୍ଲଭ କର୍ପୋରେଟ୍ସ ମ୍ୟାନେଜର ଦୀପକ ବାରିକ, ଆପଲ ହାଉସ୍‌ର ମୁଖ୍ୟ ଜିତେନ୍ଦ୍ର ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ
## ମାଟିରେ ମିଶିଲା ୧୦ ବଖରା

ବୋଲଗଡ଼,୧୪।୧୦(ଦେବବ୍ରତ ହୋତା)



ବୋଲଗଡ଼ ତହସିଲ ଅଞ୍ଚଳର ବିଭିନ୍ନ ଗ୍ରାମରେ ସରକାରୀ ଜମି ଜବରଦଖଲରେ ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହିକ୍ରମରେ ଡାବରଧୁଆ ପଞ୍ଚାୟତ ଅସନପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତି ସରକାରୀ ଜମିରେ ବେଆଇନଭାବେ ୧୦ ବଖରା କୋଠାଘର ନିର୍ମାଣ କରିଥିବା ବେଳେ ଏହାକୁ ସୋମବାର ଉଚ୍ଛେଦ କରାଯାଇଛି। ପୂର୍ବରୁ ଦିଆଯାଇଥିବା ବିଜ୍ଞପ୍ତି ମୁତାବକ ନିର୍ଦ୍ଧାରିତ ସମୟରେ ଉଚ୍ଛେଦ କରାଯାଇଥିବା ବେଳେ ତହସିଲଦାର ନିବେଦିତା ପରିଡ଼ା, ବୋଲଗଡ଼ ଥାନା ନିରୀକ୍ଷିକା ଜ୍ୟୋସ୍ନାମୟୀ ବରାଳ ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ୧୦ ବଖରା ଉଚ୍ଛେଦ ହୋଇ ମାଟିରେ ମିଶିବା ସହ ଉକ୍ତ ସରକାରୀ ଜମି ଜବରଦଖଲମୁକ୍ତ ହୋଇଛି। ଏନେଇ ତହସିଲଦାର ପରିଡ଼ା କହିଛନ୍ତି, ତହସିଲ ଅଧୀନ ବିଭିନ୍ନ ଗ୍ରାମରେ ଅନେକ ସରକାରୀ ଜମି ଜବରଦଖଲ ନେଇ ଅଭିଯୋଗ ରହିଛି। ପର୍ଯ୍ୟାୟକ୍ରମେ ଜବରଦଖଲ ଉଚ୍ଛେଦ କରାଯାଇ ଜମିକୁ ସରକାରୀ ଖାତାକୁ ଫେରାଇ ଅଣାଯିବ। ପ୍ରକାଶ ଯେ, ଏହି ଘର ନିର୍ମାଣ ସମୟରେ ଗ୍ରାମବାସୀ ବିରୋଧ କରିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ବିଭିନ୍ନ ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଏପରିକି ଗ୍ରାମର ଶତାଧିକ ମହିଳାପୁରୁଷ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବା ସହ ଜବରଦଖଲ ମୁକ୍ତ ପାଇଁ ତହସିଲଦାରଙ୍କୁ ନିବେଦନ କରିଥିଲେ। ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା।

## ବରିଷ୍ଠଙ୍କୁ ହରାଇ କନିଷ୍ଠ ବିଜୟୀ

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦପ୍ରସାଦର କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। କନିଷ୍ଠ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୬ ଉଇକେଟ ବିନିମୟରେ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ବରିଷ୍ଠ ଟିମ୍ ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୭୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। କନିଷ୍ଠ ଟିମର ସୁରୁ ରଥ ସର୍ବାଧିକ ୩୧ରନ କରିଥିବା ବେଳେ ନିତ୍ୟାନନ୍ଦ ମଙ୍ଗରାଜ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶଶି ଜେନା ଏବଂ ଏର୍ଷଦା ମ୍ୟାଚ୍ ପରିଚାଳନା କରିଥିଲେ।

## ନବନିଯୁକ୍ତ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଟାଙ୍ଗୀ,୧୪।୧୦(ରଘୁନାଥ ସାହୁ)

ଚିଲିକା ବ୍ଲକ ଅନ୍ତର୍ଗତ ମାନସିଂହପୁରସ୍ଥିତ କାଳିଜାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନଭାବେ ଯୋଗ ଦେଇଥିବା ୮ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚକ୍ରଧର ବେହେରା, ସିଆର୍‌ସିସି ବିଶ୍ୱଭୂଷଣ ଦାସ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟର ଶୈକ୍ଷିକ ପରିବେଶ ଉନ୍ନତ ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ଶିକ୍ଷକ ପ୍ରଫୁଲ୍ଲ ବେହେରା, ପୂର୍ଣ୍ଣାନନ୍ଦ ସାହୁ, ଅଶୋକ କୁମାର ମାନସିଂହ, ପ୍ରତିମା ମହାନ୍ତି, ଝିଲ୍ଲିରାଣୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାମେଶ୍ୱର ପ୍ରିମିୟର ଲିଗ୍ ଜିତିଲା ଏସ୍‌ଏସ୍‌ବିବି ୱାରିୟର



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ନିରାକାରପୁର,୧୪।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ଖେଳପଡ଼ିଆରେ ଅନୁଷ୍ଠିତ ୩ୟ ବାର୍ଷିକ ରାମେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଏସ୍‌ଏସ୍‌ବିବି ୱାରିୟର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଏସ୍‌ଏସ୍‌ବିବି ୱାରିୟର ଏବଂ ଲାୟନ୍ସ ଫୋର୍ସ ରାମେଶ୍ୱର ମଧ୍ୟରେ ହୋଇଥିଲା। ଏସ୍‌ଏସ୍‌ବିବି ୱାରିୟର ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ବିନିମୟରେ ୧୦୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଲାୟନ୍ସ ଫୋର୍ସ ରାମେଶ୍ୱର ସମସ୍ତ ଉଇକେଟ ହରାଇ ୮୭ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଶାନ୍ତନୁ ସ୍ୱାଇଁ ଓ ଦୀପକ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଲିଗ୍‌ର ଉପଦେଷ୍ଟା ଚକ୍ରଧର ବାରିକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ୮ହଜାର ସହ ଟ୍ରଫି ଏବଂ ରନର୍ସଅପ୍ ଟିମକୁ ୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏସ୍‌ଏସ୍‌ବିବି ୱାରିୟର ଟିମ୍‌ର ଓମ୍ ପ୍ରସାଦ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଉଭୟ ଟିମ୍‌ର ଖେଳାଳିମାନଙ୍କୁ ପଦକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆର୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ, ବିଜୟା ଦଶମୀ ଉତ୍ସବ

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ଖୋର୍ଦ୍ଧା ନଗର ପକ୍ଷରୁ ସଂଘର ପ୍ରତିଷ୍ଠା ଦିବସ ତଥା ବିଜୟା ଦଶମୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରୁ ସ୍ୱୟଂସେବକମାନେ ବାହାରି ପୂର୍ଣ୍ଣ ଗଣବେଶରେ ଘୋଷବାଦ୍ୟ ସହ ପଥ ସଞ୍ଚାଳନରେ ବାହାରି ନୂଆ ବସ୍‌ଷ୍ଟାଣ୍ଡ ଦେଇ ପୁନଃ ଶିଶୁମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ନଗର ସଂଘଚାଳକ ଶିକ୍ଷାବିତ୍ କିଶୋର ଚନ୍ଦ୍ର ବରାଳ ଏବଂ ଗଞ୍ଜାମ ବିଭାଗ କାର୍ଯ୍ୟବାହ ଇଂ. ମନୋଜ ଚୌଧୁରୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ନଗର କାର୍ଯ୍ୟବାହ ପ୍ରଶାନ୍ତ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଚୌଧୁରୀ କହିଥିଲେ, ହିନ୍ଦୁ ସଂସ୍କୃତି ପରମ୍ପରାରେ ବିଜୟା ଦଶମୀ ଉତ୍ସବର ବିଶେଷ ମହତ୍ତ୍ୱ ରହିଛି। ବିଜୟା ଦଶମୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍‌ଏସ୍) ପ୍ରତିଷ୍ଠା କରିଥିଲେ। ସାରା ବିଶ୍ୱରେ ସଂଘ ଏକ ମହାଦ୍ରୁମ ଭାବେ ଠିଆ ହୋଇଛି। ଏହା ପଛରେ ରହିଛି ନିତ୍ୟ ଶାଖା, ସାଧନା, ତପସ୍ୟା। ସଂଘ ଭାରତୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ଗୈରିକ ଧ୍ୱଜାକୁ ଗୁରୁ ଭାବେ ଗ୍ରହଣ କରିଛି। ସଂଘର ପ୍ରମୁଖ ଆଧାର ହେଉଛି ନିତ୍ୟ ଶାଖା। ଏହା ବ୍ୟକ୍ତି ନିର୍ମାଣ, ସଂସ୍କାରର କେନ୍ଦ୍ରବିନ୍ଦୁ। ଶାଖାରୁ ପ୍ରସ୍ତୁତ ସ୍ୱୟଂସେବକମାନେ ସମାଜ ପରିବର୍ତ୍ତନରେ ଲାଗିଛନ୍ତି। ସ୍ୱୟଂସେବକମାନେ ସାମାଜିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସମସ୍ତଙ୍କ ମଧ୍ୟରେ ଏକତ୍ୱଭାବ ସହ ରାଷ୍ଟ୍ରୀୟତା, ଜାତୀୟତା ଜାଗ୍ରତ କରିବାରେ ଲାଗିପଡିଛନ୍ତି ବୋଲି ଚୌଧୁରୀ କହିଥିଲେ।

## ପିପିଲିକୁ ହରାଇ ବାରଙ୍ଗ ଚାମ୍ପିୟନ



ବୋଲଗଡ଼,୧୪।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ କଟେରିବର ଖେଳପଡ଼ିଆରେ ମା'ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୪ ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟରେ ବାରଙ୍ଗ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ପିପିଲି ଓ ବାରଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ପିପିଲି ୭ ପଏଣ୍ଟ ହାସଲ କରିଥିବା ବେଳେ ବାରଙ୍ଗ ୧୮ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ପିପିଲି ୧୮ ପଏଣ୍ଟ ପାଇଥିବା ବେଳେ ବାରଙ୍ଗ ୨୮ ପଏଣ୍ଟ ପାଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଭଞ୍ଜକିଶୋର ମହାପାତ୍ର, ଭାଗୀରଥି ଜେନା, ଗଣେଶ୍ୱର ମହାପାତ୍ର, ନୀଳକଣ୍ଠ ବେହେରା, ଅଜୟ ବଳିୟାରସିଂହ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେଶ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟବକ୍ତା ବିଜେଡି ନେତା ମନ୍ମଥ ରାଉତରାୟ, ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ପ୍ରଫୁଲ୍ଲ ପ୍ରଧାନ, ସୁବାସ ରାୟଗୁରୁ, ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଭାସ୍କର ରାଉତରାୟ, ରଞ୍ଜନ ଲେଙ୍କା, କୁଳମଣି ହୋତା, ମାଧବ ବିଶ୍ୱାଳ, ଜୟକୃଷ୍ଣ ଫତେସିଂହ, ଦିଲୀପ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ପ୍ରମୋଦ ମହାପାତ୍ର, ଉମା ବିଶ୍ୱାଳ, ବିଶ୍ୱରଞ୍ଜନ ବିଶ୍ୱାଳ, ଶିବାଜୀ ମଙ୍ଗରାଜ, ଅଶୋକ ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୬ ହଜାର ଏବଂ ରନର୍ସଅପ୍ ଟମ୍‌କୁ ଟ୍ରଫି ସହ ୪ ହଜାର ଟଙ୍କା ପ୍ରଦାନ କରିଥଲେ।

# ହବିଷିଆଳିଙ୍କ ପାଇଁ ୪ ରହଣିକେନ୍ଦ୍ର ପ୍ରସ୍ତୁତ

## ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ପରିଚାଳନା କର: ଜିଲାପାଳ

ପୁରୀ,୧୪।୧୦(ଅଜିତ କୁମାର ମହାନ୍ତି)

ଚଳିତ ମାସ ୧୮ ତାରିଖରୁ ପବିତ୍ର କାର୍ତ୍ତିକ ମାସର ରାଈଦାମୋଦର ବ୍ରତ ବା ହବିଷ ବ୍ରତ ଆରମ୍ଭ ହେବ। ପଞ୍ଜୀକରଣ କରିଥିବା ମା' (ହବିଷିଆଳି)ମାନେ ଏକମାସ ଧରି ୪ଟି ହବିଷିଆଳି ଶିବିର ଯଥା-ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା ଓ ମୋଚିସାହି କଲ୍ୟାଣମଣ୍ଡପରେ ରହି ବ୍ରତ ପାଳନ କରିବେ। ମା'ମାନଙ୍କର ରହଣି ସୁବିଧା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରାମର୍ଶ ଦେଇଛନ୍ତି। ଏ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ରହଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସନ୍ଧ୍ୟାରେ ଭଜନ, ପ୍ରବଚନ ଇତ୍ୟାଦିର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷର ଅଭିଜ୍ଞତା ଆଧାରରେ ଚଳିତବର୍ଷ ମଧ୍ୟ ଆହୁରି ଭଲ ଭାବେ ଏହାକୁ ପରିଚାଳନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ କହିଥିଲେ, ହବିଷିଆଳି ମା'ମାନଙ୍କର ମନ୍ଦିର ଦର୍ଶନକୁ ଶୃଙ୍ଖଳିତ କରିବା ସହ ଆଇନଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ କରିଛି। ପରସ୍ପର ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିବା ସହ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ୪ଟିଯାକ ରହଣିସ୍ଥଳକୁ ପ୍ରସ୍ତୁତ କରାଯାଇଛି। ସେହିପରି ସ୍ୱାସ୍ଥ୍ୟସେବା ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା, ଅନ୍ତେବାସୀ ମା'ମାନଙ୍କୁ ପରିଚୟପତ୍ର ପ୍ରଦାନ, ସହାୟକ ସ୍ୱେଚ୍ଛାସେବୀ ନିୟୋଜନ, ସୁରକ୍ଷା, ଅଗ୍ନି ନିର୍ବାପକ, ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ, ପାନୀୟଜଳ, ବିଦ୍ୟୁତ୍, ମହାପ୍ରସାଦ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବେଦନ କରିଥିବା ଯୋଗ୍ୟ ହବିଷିଆଳି ମା'ମାନଙ୍କୁ ସେମାନଙ୍କ ପ୍ରଦତ୍ତ ମୋବାଇଲ ଏବଂ ଇ-ମେଲ୍ ମାଧ୍ୟମରେ ସୂଚନା ଦିଆଯିବାର ବ୍ୟବସ୍ଥା ହୋଇଛି। ଏହି ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ସୁଶୀଲ କୁମାର ମିଶ୍ର, ଉପଜିଲାପାଳ ଗୋପୀନାଥ କୁଅଁର, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝି, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ, ଏନ୍‌ଆଇସିର ଡିଆଇଓ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜଗନ୍ନାଥ ବଲ୍ଲଭ ସମ୍ମୁଖରେ ଦଶହରା ନୀତି ସମ୍ପନ୍ନ କରାଯାଉଛି ।

## ସଂକ୍ଷେପରେ

### କେନାଲରେ ବୁଡ଼ିଗଲା ୩ ବର୍ଷର ଶିଶୁପୁତ୍ର

ଗୋପ,୧୪।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ସାପୁଆ ମହଲାରେ ରବିବାର ମଧ୍ୟାହ୍ନରେ ସାପୁଆ ମହଲା କେନାଲରେ ବୁଡ଼ି ଅବଦୁଲ କଲାମଙ୍କ ୩ ବର୍ଷର ନାତିଙ୍କ ମୃତ୍ୟୁ ଘଟିଛି। ଏପରି ଏକ ଅଭାବନୀୟ ଘଟଣା ଗୋପ ଅଞ୍ଚଳରେ ଘଟିଯାଇଛି। ପ୍ରକାଶ ଯେ, ଅବଦୁଲ କଲାମଙ୍କ ଘର ଗୋପ ବ୍ରାଞ୍ଚ କେନାଲ କଡ଼ରେ ହୋଇଥିବା ବେଳେ କୌଣସି କାରଣବଶତଃ ୩ ବର୍ଷର ଶିଶୁପୁତ୍ରଟି ଏହି କେନାଲରେ ବୁଡ଼ି ଯାଇଥିଲା। କିଛି ସମୟ ପରେ ପରିବାର ସଦସ୍ୟ ଖୋଜାଖୋଜି କରିବା ପରେ କେନାଲରୁ ଶିଶୁପୁତ୍ରକୁ ପାଇ ସଙ୍ଗେସଙ୍ଗେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କିନ୍ତୁ ୩ ବର୍ଷର ହୋଇଥିବାରୁ ପୋଲିସ ଓ ଡାକ୍ତରଙ୍କ ସହମତିରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

### ବାଇକ୍‌କୁ ପଛରୁ ପିଟିଲା ଡାଲା ଅଟୋ, ଜଣେ ମୃତ

ନିମାପଡ଼ା,୧୪।୧୦
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ଅଣ୍ଡିଆ ସାହି ନିକଟ କୁଶଭଦ୍ରା ନଦୀବନ୍ଧ ରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିରେ ଆଉ ୨ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସ ଏବଂ ଅଗ୍ନିସେବା ସଂସ୍ଥା ଗାଡ଼ିରେ ନେଇ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ମୃତକ ହେଲେ ନିମାପଡ଼ା ଥାନା ଅଧୀନ ଡେଣ୍ଡୁଅଁ ଗ୍ରାମର ସହଦେବ ସାବୁତ (୫୫)। ଅନ୍ୟ ୨ ଆହତ ବ୍ୟକ୍ତି ହେଲେ ଅଭିମନ୍ୟୁ ସାବତ୍(୫୪) ଓ ଅନ୍ୟ ଜଣଙ୍କ ପରିଚୟ ମିଳି ପାରିନାହିଁ। ଅଭିମନ୍ୟୁଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ଡାଲା ଅଟୋ ଚାଳକ ଘଟଣାସ୍ଥଳରୁ ଖସି ପଳାଇଛନ୍ତି। ଏନେଇ ମୃତକ ସହଦେବଙ୍କ ଭାଇ ଭୀମସେନ ସାବୁତ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୩୧୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମେଡିକାଲରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକକୁ ପଠାଇଛି। ନଦୀବନ୍ଧ ରାସ୍ତାରେ ଯାଉଥିବା ଜଣେ ବାଇକ୍ ଚାଳକଙ୍କୁ ଅଟକାଇ ସହଦେବ ଓ ଅଭିମନ୍ୟୁ ଲିଫ୍ଟ ମାଗିଥିଲେ। ସେ ତାଙ୍କ ଗ୍ରାମକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

### ବାଲି ବୋଝେଇ ହାଇୱା ଜବତ, ଡ୍ରାଇଭର ଅଟକ

ଅସ୍ତରଙ୍ଗ,୧୪।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ଥାନା ପକ୍ଷରୁ ବାଲି ବୋଝେଇ ଏକ ହାଇୱା ଜବତ କରାଯାଇଥିବା ବେଳେ ଡ୍ରାଇଭର୍‌ଙ୍କୁ ଅଟକ ରଖାଯାଇଥିବା ଜଣାପଡିଛି। ସୂଚନା ଯେ, ଅସ୍ତରଙ୍ଗ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲୁଥିବା ବେଳେ ଏକ ବାଲି ବୋଝଇ ହାଇୱାକୁ ସବ୍‌ଇନ୍ସପେକ୍ଟର ଦୀପକ ସାମନ୍ତସିଂହାର ଉକ୍ତ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଆବଶ୍ୟକୀୟ ଅନୁମତିପତ୍ର ନ ଥିବାରୁ ହାଇୱାକୁ ଜବତ କରାଯାଇଥିଲା। ଅସ୍ତରଙ୍ଗ ଥାନା କେସ୍ ନମ୍ବର ୨୧୯/୨୪ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଗାଡ଼ି ଚାଳକ ପିପିଲି ଅଞ୍ଚଳର ଜ୍ୟୋତିରଞ୍ଜନ ପ୍ରଧାନ (୨୫) ଥାନାରେ ଅଟକ ଅଛନ୍ତି।

# ରାବଣପୋଡ଼ି ମହୋତ୍ସବ



ମହୋତ୍ସବରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପିପିଲି,୧୪।୧୦(ଦୁର୍ଗାମାଧବ ମିଶ୍ର)

ବିଜୟା ଦଶମୀ ଅବସରରେ ପିପିଲି ଇନ୍ଦିରା ଗାନ୍ଧୀ ପଡ଼ିଆ ପଦାସାହିରେ ଦଶମ ବାର୍ଷିକୀ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାବଣ ପୋଡ଼ି ମହୋତ୍ସବ କମିଟି ତଥା ସଚେତନ ନାଗରିକ ମଞ୍ଚର ସଭାପତି ଆଡ୍‌ଭୋକେଟ ସୁରେଶ କୁମାର ରଥଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାଢ଼ୀ, ଅତିରିକ୍ତ ତହସିଲଦାର ବସନ୍ତ କୁମାର ବେହେରା, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ପିପିଲି ଥାନା ଭାରପ୍ରାପ୍ତ ଅଧିକାରୀ ସୌମ୍ୟେନ୍ଦୁ କୁମାର ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ଭଗବାନ ସେଠୀ, ପ୍ରଫୁଲ୍ଲ କୁମାର ଦାଶ, ବିଘ୍ନେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର, ସମାଜସେବୀ, ସାମ୍ବାଦିକ ତଥା ଫଟୋଗ୍ରାଫର୍ ହେମନ୍ତ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭ୍ୟ ସାରଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦକ ସୁଦାମ ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କଳିଙ୍ଗ ଭାରତୀ ଫୋକ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ ରିସର୍ଚ୍ଚ, ଯାଜପୁର ଦ୍ୱାରା ଘୋଡ଼ା ନାଚ, ସମ୍ବଲପୁରୀ, ଦଣ୍ଡ ନାଚ ଓ ବାରମାସରେ ତେର ପର୍ବ ଭଳି ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିମୂର୍ତ୍ତିରେ ପୁରୀ ଜିଲା ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପାଢ଼ୀ ଅଗ୍ନି ସଂଯୋଗ କରିଥିଲେ। ସଚେତନ ନାଗରିକ ମଞ୍ଚର ସଭାପତିଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଲାଲା ବ୍ରଜ ବିହାରୀ ପ୍ରସାଦ ରାୟ, ଜୟନ୍ତ ବାରିକ, ନିରଞ୍ଜନ ପ୍ରଧାନ, ଗୋକୁଳ ଚନ୍ଦ୍ର ସାହୁ, ଲିଙ୍ଗରାଜ ସାହୁ, ବିଜୟ କୁମାର ବେହେରା, ସଦାଶିବ କର, ହୁଲାସ ଚନ୍ଦ୍ର ସାହୁ, ସୁରେନ୍ଦ୍ର ବେହେରା, ଜୟନ୍ତୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

ବଳଙ୍ଗା,୧୪।୧୦(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ କାଶିଆ ଗ୍ରାମର ଶ୍ମଶାନ ନିକଟରେ ରବିବାର ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡା ଗ୍ରାମର ଜଳନ୍ଧର ଭୋଇ। ସୂଚନା ଯେ, ଜଳନ୍ଧର ବଳଙ୍ଗା ଦଶହରା ବୁଲିବାକୁ ଆସି ଫେରୁଥିବା ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିବା ବଡ଼ଭାଇ ବିଜୟ କୁମାର ଭୋଇ ଅଭିଯୋଗ କରିଛନ୍ତି। କାଶିଆ ଗ୍ରାମର ମଶାଣି ନିକଟରେ ଅଜଣା ଗାଡ଼ି ଧକ୍କାରେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ପରିବାର ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବଳଙ୍ଗା ଥାନାରେ ୨୮୨/୨୪ରେ ଏକ ମାମଲା ରୁଜୁ କରାଯାଇ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି।

## ମହାପ୍ରଭୁଙ୍କ ସୁନାବେଶ ସହ ଆୟୁଧ ପୂଜା

ପୁରୀ,୧୪।୧୦(ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶ୍ରଦ୍ଧା ଓ ଭକ୍ତିର ସହ ରବିବାର ଦଶହରା ଉତ୍ସବ ପାଳିତ ହୋଇଯାଇଛି। ଦ୍ୱାରଫିଟା, ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲାଗି ଓ ଶ୍ରୀବିଗ୍ରହମାନଙ୍କୁ ନୂଆଲୁଗା ଲାଗି କରାଯାଇଥିଲା। ପରେ ସୁନାବେଶ ହୋଇଥିଲା। ବେଶ ସମୟରେ ଶ୍ରୀବିଗ୍ରହମାନଙ୍କୁ ଆୟୁଧ ଲାଗି କରାଯାଇନଥିଲା। ବେଶ ବଢି ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ଦଶହରା ଅବସରରେ ଶ୍ରୀମନ୍ଦିରରେ ଆୟୁଧ ପୂଜାନୀତି ସମ୍ପନ୍ନ କରାଯାଇଥିଲା। ଏହି ବେଶରେ ପାଞ୍ଚଖଣ୍ଡ ଆଜ୍ଞାମାଳ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ସକାଳ ଧୂପ ସରିବା ପରେ ଆୟୁଧମାନଙ୍କୁ ମହାସ୍ନାନ ପୂର୍ବକ ବରୁଣ ପୂଜା କରାଯାଇଥିଲା। ପାଳିଆ ମେକାପ ତିନିଟି ରୁପାଥାଳିରେ ଆୟୁଧ ରଖି ତଳୁଛ ଓ ପ୍ରଧାନୀ ସେବାୟତଙ୍କ ସହ ତିନିଥର ବଡ଼ଦେଉଳକୁ ପରିକ୍ରମା କରିବା ପରେ ପୁଷ୍ପାଳକ ବଳଭଦ୍ରଙ୍କ ବାଡ଼ରେ ହଳମୂଷଳ, ସୁଭଦ୍ରାଙ୍କ ବାଡ଼ରେ ସୁବର୍ଣ୍ଣ ତଡ଼କୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶଙ୍ଖ ଚକ୍ର ଆୟୁଧ ଲାଗି କରିଥିଲେ। ପରେ ମଦନମୋହନ ଓ ରାମକୃଷ୍ଣ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ମହାଖଲାକୁ ବିଜେ କରିବା ନିମନ୍ତେ ବୀରବେଶ ଧାରଣ କରିଥିଲେ। ମଦନ ମୋହନ ଏବଂ ରାମକୃଷ୍ଣଙ୍କ ସହ ଦୁର୍ଗାମାଧବ ଜଗନ୍ନାଥ ବଲ୍ଲଭ ନିକଟକୁ ବିଜେ କରିଥିଲେ। ସେଠାରେ ତିନି ବାଡ଼ରେ ମଙ୍ଗଳାର୍ପଣ କରାଯାଇଥିଲା। ଏହି ଅବସରରେ ଜଗନ୍ନାଥ ବଲ୍ଲଭ ମଠରେ ଠାକୁରଙ୍କୁ ପ୍ରସାଦ ଲାଗି ଓ ବନ୍ଦାପନା ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପବିତ୍ର ଦଶହରାରେ ଭକ୍ତମାନେ ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରି ଆନନ୍ଦିତ ହୋଇଥିଲେ। ଦଶହରା ଅବସରରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।

# ସାକ୍ଷୀଗୋପାଳ ମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ

ସାକ୍ଷୀଗୋପାଳ,୧୪।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ମନ୍ଦିରରେ ବର୍ଷର ବିଭିନ୍ନ ସମୟରେ ନାନା ପର୍ବପର୍ବାଣି ପାଳନ କରାଯାଉଥିବା ବେଳେ କାର୍ତ୍ତିକ ମାସରେ ପୀଠର ସ୍ୱତନ୍ତ୍ରତା ବାରି ହୋଇପଡ଼େ। ପୂର୍ଣ୍ଣମାସ ମହାକାର୍ତ୍ତିକରେ ରାଈ ଦାମୋଦର ପୂଜା କରୁଥିବା ଶ୍ରଦ୍ଧାଳୁମାନେ ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଏଠାରେ ଭିଡ଼ ଲଗାନ୍ତି। ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ସୋମବାରଠାରୁ ସାକ୍ଷୀଗୋପାଳ ମନ୍ଦିରରେ ମହାକାର୍ତ୍ତିକ ନୀତି ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ମନ୍ଦିର ଦ୍ୱାର ଖୋଲା, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ପରେ ଆକର୍ଷଣୀୟ ନଟବର ବେଶରେ ଠାକୁର ସଜ୍ଜିତ ହୋଇଛନ୍ତି। ଏହି ବେଶରେ ଠାକୁର ପାଟ ପିତାମରୀ, ପାଟଡୋରୀ, ପାଉଁଜିମାଳ, ବେଙ୍ଗପାଟିଆ, ବାଙ୍କି, ନୂପୁର, ତାବିଜ, ଚାପସରୀ, ହରଡ଼ଫାଳ ମାଳ, ମକର କୁଣ୍ଡଳ, ନୁଡୁକ, ହୀରା ମୁଦ୍ରିକା, ମୟୂର ଚନ୍ଦ୍ରିକା ଖଚିତ ସୁବର୍ଣ୍ଣ କିରୀଟ, ସୁବର୍ଣ୍ଣ ବଂଶୀ ସହିତ ପ୍ରଭାଘୋଡ଼ରେ ଡାଳିଲତା ଓ ଗଳାରେ ଅଧରମାଳ, ମଥାରେ ପାଟିଚନ୍ଦନ ଚିତାଧାରଣ କରି ଛନ୍ଦାଚରଣ ନୃତ୍ୟରତ ଭଙ୍ଗୀରେ ଶୋଭା ପାଇଥିଲେ। ଠାକୁରଙ୍କ ବାମପାର୍ଶ୍ୱରେ ରାଧାରାଣୀ, ହାତରେ ଆଲଟ ଧାରଣକରି ସେବା କରିବା ନିମିତ୍ତ ଦଣ୍ଡାୟମାନ ରହିଥିବା ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଥିଲା। ଏହି ବେଶ ପ୍ରତ୍ୟହ ସକାଳ ୯ ଟାରୁ ବାଲଧୂପ ଶେଷ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦର୍ଶନ ସୁଯୋଗ ମିଳିଥାଏ। ପହିଲି କାର୍ତ୍ତିକରୁ ବାଲଧୂପ ସମୟରେ ସନ୍ତରାଶ ଲୀଳା ସଙ୍ଗୀତ ପରିବେଷଣ ସାଙ୍ଗକୁ ଆଳତୀ ଦର୍ଶନ, କାର୍ତ୍ତିକ ପୁରାଣପାଠ ଓ ସନ୍ଧ୍ୟାରେ ତୁଳସୀ ଚଉରା ପାଖରେ ଆକାଶ ଦୀପଦାନ ପାଇଁ ଶ୍ରଦ୍ଧାଳୁଙ୍କ ସହ ହବିଷିଆଳିଙ୍କର ବେଶ୍ ଭିଡ଼ ଲାଗିଥାଏ।

## ଶୋଭାଯାତ୍ରା ପରେ ପ୍ରାଚୀ ନଦୀରେ ବିସର୍ଜନ ହେଲେ ମା'

ଯୋଗେଶ୍ୱରପୁର,୧୪।୧୦(ରଶ୍ମିରଞ୍ଜନ ସାହୁ)

ନୟାହାଟ ବଜାରରେ ୪୫ତମ ଦୁର୍ଗାପୂଜା ୪ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ୪ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ଶେଷ ଦିନରେ ମା'ଙ୍କ ଭସାଣି ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବା ସହ ପ୍ରାଚୀ ନଦୀ ଘାଟରେ ମା'ଙ୍କ ମୂର୍ତ୍ତି ବିସର୍ଜନ କରାଯାଇଛି।

## କୁମାର ଉତ୍ସବ ସମିତି ପକ୍ଷରୁ ପ୍ରତିଯୋଗିତା

ପୁରୀ,୧୪।୧୦(ଅଜିତ କୁମାର ମହାନ୍ତି)

ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ୫୭ତମ କୁମାର ଉତ୍ସବ ଚଳିତ ମାସ ୧୭,୧୮, ୧୯ ତାରିଖ ତିନିଦିନ ଧରି ଶରଧାବାଲିଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରେ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ପୁରୀର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ କୁମାର ଉତ୍ସବ ପାଳନ ପରିପ୍ରେକ୍ଷୀରେ ମୁକ୍ତାକାଶ ରଙ୍ଗମଞ୍ଚରେ ପୁରସ୍କୃତ କରାଯିବ ବୋଲି ପ୍ରତିଯୋଗିତା କମିଟି ଅଧ୍ୟକ୍ଷ ସୁକାନ୍ତ ପଣ୍ଡା ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ବିଚାରକ ଭାବେ ଦୁର୍ଗାମାଧବ କର, ସତ୍ୟନାରାୟଣ ପୃଷ୍ଟି, ମିଟୁ ସୁବୁଦ୍ଧି, ସନ୍ତୋଷ କୁମାର ସେଠୀ ବିଚାରକ ଦାୟିତ୍ୱ ତୁଲାଇଥିଲେ।

## ମୂର୍ତ୍ତି ଗୋଦାମରେ ଲାଗିଲା ନିଆଁ

ଗୋପ,୧୪।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଛକ ନିକଟସ୍ଥ ଗୋଟିଏ ମୂର୍ତ୍ତି ଗୋଦାମରେ ସୋମବାର ସନ୍ଧ୍ୟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିବା ଜଣାପଡ଼ିଛି। ଫଳରେ ଗୋଦାମ ଭିତରେ ଥିବା ଗୋଟିଏ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯିବାରୁ ଅଧିକ ମାତ୍ରାରେ ନିଆଁ ବ୍ୟାପିଥିଲା। ଖବରପାଇ ଗୋପ ଅଗ୍ନିଶମ ବିଭାଗ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଥିଲା। ପ୍ରକାଶ ଯେ, କିଛିଦିନ ଧରି ରଞ୍ଜିତ ସାହୁଙ୍କ ଏହି ମୂର୍ତ୍ତି ଗୋଦାମରେ ୧୦ରୁ ଊର୍ଦ୍ଧ୍ୱ କାରିଗର ରହି କାମ କରି ଜୀବିକା ନିର୍ବାହ କରୁଥିଲେ। କୌଣସି କାରଣରୁ ଆଜି ନିଆଁ ଲାଗିଯିବାରୁ କାରିଗରମାନେ ବାହାରକୁ ପଳାଇ ଆସିଥିଲେ। ମାତ୍ର ଏହି ଘରେ ଆଉ କେତେକ ଜିନିଷପତ୍ର ଥିବାବେଳେ କାରିଗରମାନଙ୍କର ଆସବାବପତ୍ର ସହିତ କିଛି ଟଙ୍କା ମଧ୍ୟ ରହିଥିଲା। ସମସ୍ତ ଜିନିଷ ପୋଡ଼ିଯାଇଛି। ତୁରନ୍ତ ଏହି କାରିଗରଙ୍କ ସହିତ ଗୋଦାମ ମାଲିକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଦୁର୍ଗାପୂଜାରେ ୪୫ ପ୍ରତିଭା ସମ୍ମାନିତ

କଣାସ,୧୪।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ପାଇକମରା ଗ୍ରାମରେ ଅନୁଷ୍ଠିତ ଦୁର୍ଗା ପୂଜା ଉତ୍ସବର ଉଦ୍‌ଯାପନୀ ଅବସରରେ ୪୫ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସର୍ବେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ କବି କସ୍ତୁରୁ ଦିଲ୍ଲୀପ ଶ୍ରୀଚନ୍ଦନ ଉପସ୍ଥିତ ଥିଲେ। ଶଶିକାନ୍ତ ଜେନା, ନାରାୟଣ ସ୍ୱାଇଁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ବିଜୟ ପ୍ରଧାନ, ଅଜୟ ସେଠୀ, କିଶୋର ସାମନ୍ତସିଂହାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ କୁଇଜ୍, ପ୍ରବନ୍ଧ, ସଙ୍ଗୀତ ପ୍ରତିଯୋଗିତା ଅରୁଣ ପ୍ରଧାନ, ଅମର ସାହୁ, ସୁବାସ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ୪୫ ଜଣ ପ୍ରତିଭାଙ୍କୁ ମୁଖ୍ୟ ଅତିଥି ବିଧାୟକ ସାମନ୍ତରାୟ ସମ୍ମାନିତ କରିଥିଲେ।



ପ୍ରତିଭାମାନଙ୍କୁ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ସମ୍ବର୍ଦ୍ଧିତ କରୁଛନ୍ତି ।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୧୪।୧୦(ଅଜିତ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ୫୨ଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରେ ୩୯ଟି ବ୍ୟକ୍ତିଗତ, ୧୦ଟି ଗ୍ରାମ୍ୟ ଅଭିଯୋଗ, ୨ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଓ ଗୋଟିଏ ରେଡ୍‌କ୍ରସରୁ ସହାୟତା ସମ୍ପର୍କିତ ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ୯ଟିର ତୁରନ୍ତ ସମାଧାନ କରାଯାଇଥିଲା। ଏସ୍‌ପି ବିନୀତ ଅଗ୍ରୱାଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ତହସିଲଦାର ଅଭିଷେକ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ୟାନ୍ସ ଅସ୍ତରଙ୍ଗ ଡ୍ୟାନ୍ସରେ ପ୍ରତିଭା ଦେଖାଇଲେ କୁନି ପ୍ରତିଭା

## ନଇଗୁଆଁ ମଣ୍ଡପରେ ବିଜୟା ଦଶମୀରେ ଚକ୍ରଆଳତି

ଅସ୍ତରଙ୍ଗ,୧୪।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)

ବିଜୟା ଦଶମୀରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଇଗୁଆଁ ଦୁର୍ଗା ପୂଜା କମିଟି ତରଫରୁ ଚଳିତ ବର୍ଷ ଦ୍ୱାଦଶ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ପୂଜା କମିଟି ତରଫରୁ ବିଜୟା ଦଶମୀ ଅବସରରେ ମା ଦୁର୍ଗାଙ୍କ ନିକଟରେ ଏକ ୧୦୮ଦୀପରେ ପ୍ରସ୍ତୁତ ଚକ୍ରଆଳତି ପ୍ରସ୍ତୁତ ହୋଇଥିଲା।

ବିଶ୍ୱାସ ରହିଛି, ବିଜୟା ଦଶମୀରେ ଏହି ଚକ୍ରଆଳତିରେ ମାନସିକ ରଖି ଦୀପ ବସାଇଲେ ମାନସିକ ପୂରଣ ହୋଇଥାଏ। ଏହି ଉତ୍ସବ ଦେଖିବାକୁ ଅସ୍ତରଙ୍ଗ କାକଟପୁର ଅଞ୍ଚଳର ବହୁଲୋକଙ୍କ ସମାଗମ ହୋଇଥିଲା। ଭିଡ଼ ଦୃଷ୍ଟି ରଖିବା ସେ ସୁବନ୍ଦୋବସ୍ତ ଭାବେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ଅସ୍ତରଙ୍ଗ ଦୁର୍ଗା କ୍ଲବ ତରଫରୁ ୫୬ ବର୍ଷରେ ଦୁର୍ଗା ପୂଜାରେ ବିଜୟା ଦଶମୀରେ ମା' ଅପରାଜିତା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଦୁର୍ଗା କ୍ଲବ ତରଫରୁ ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତର କୁନି ପ୍ରତିଭାମାନଙ୍କୁ ନେଇ ଡ୍ୟାନ୍ସ ଅସ୍ତରଙ୍ଗ ଡ୍ୟାନ୍ସ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସନ୍ଧ୍ୟା ସମୟରେ ସ୍ଥାନୀୟ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ମୀନା ବଜାରର ଭରପୂର ମଜା ନେଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇଥିଲେ।



ମହୋତ୍ସବରେ କୃତୀ ପ୍ରତିଯୋଗୀମାନେ ।

# ପରୀକ୍ଷା ପାଇଁ ଗଲା ୫ ନଳକୂପ ପାଣି

- ଭୋଗ ଖାଇ ୪୪ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ
- ଓତାଙ୍ଗ ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ

ଗୋପ,୧୪।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ମହାଷ୍ଟମୀ ଭୋଗ ଖାଇ ଗୋପ ବ୍ଲକ ଅନ୍ତର୍ଗତ ଓତାଙ୍ଗ ଗାଁର ଝାଡ଼ାବାନ୍ତିରେ ୪୪ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଗାଁରେ ଥିବା ୫ଟି ନଳକୂପର ପାଣି ସୋମବାର ପରୀକ୍ଷା ପାଇଁ ପଠା ଯାଇଥିବା ବେଳେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନୀ ଆପ୍ରୋଜ୍‌ଙ୍କ ନିର୍ଦ୍ଦେଶରେ ଏକ ଡାକ୍ତରୀ ଦଳ ଗାଁରେ ପହଞ୍ଚିଛି। ଏଥିନେଇ ସ୍ୱାସ୍ଥ୍ୟ ଅଧିକାରିଣୀ ଡ. ଆପ୍ରୋଜ କହିଛନ୍ତି, ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ ଥିବାବେଳେ ଡାକ୍ତରୀ ଦଳ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ଚିକିତ୍ସାଧୀନ ରୋଗୀଙ୍କ ଉପରେ ଦୃଷ୍ଟି ରଖିଛନ୍ତି।

ପ୍ରକାଶ ଯେ, ଗତ ନବରାତ୍ର ମହାଷ୍ଟମୀ ତିଥିରେ ଗାଁର ମା' ତାରାଦେଈଙ୍କ ନିକଟରେ ଭୋଗ କରାଯାଇଥିଲା। ଏହି ଭୋଗ ଖାଇବାର ୨ଦିନ ପରେ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଆକ୍ରାନ୍ତ ଲୋକମାନେ ଗୋପ ଡାକ୍ତରଖାନା ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହି ଝାଡ଼ାବାନ୍ତି ବ୍ୟାପିବା ନେଇ ଖବର ଆସିବା ପରେ ତୁରନ୍ତ ଗୋପ ଡାକ୍ତରଖାନାର ଡ. ବିଭୁପ୍ରସାଦ ନାୟକ, ଡ. ସରିତା ମିଶ୍ରଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କୁ ସେବା ଯୋଗାଇଦେବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଅଧିକ ମାତ୍ରାରେ ଆକ୍ରାନ୍ତ ରୋଗୀଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଓତାଙ୍ଗ ଗ୍ରାମର କାଶୀନାଥ ସାହୁ (୪୮), ରଘୁନାଥ ସ୍ୱାଇଁ(୭୦), ରଶ୍ମିତା ସାହୁ(୪୫) ଓ ମାମାଲି ସାହୁ (୨୫)ଙ୍କ ସମେତ ୪୪ ଜଣ ଆକ୍ରାନ୍ତ ହେବା ଡାକ୍ତରଖାନା ପକ୍ଷରୁ ଜଣାପଡ଼ିଛି। ଏହି ଗାଁରେ ଘର ସଂଖ୍ୟା ୭୫ ହୋଇଥିବା ବେଳେ ଲୋକସଂଖ୍ୟା ୪୫୦ରୁ ଊର୍ଦ୍ଧ୍ୱ ଥିବା ଜଣାପଡ଼ିଛି। ଗାଁରେ ବ୍ୟବହୃତ ୫ ନଳକୂପର ଜଳ ପରୀକ୍ଷା ପାଇଁ ଯାଇଥିବା ବେଳେ ଭୋଗ ଖାଇବା ପରେ ଏହି ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିଛି।



ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓତାଙ୍ଗ ଗ୍ରାମର ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରାଯାଉଛି ।

# ମେଲାଣି ନେଲେ ମା'

## ଭସାଣି ଶୋଭାଯାତ୍ରାରେ କମ୍ପିଲା ରାଜଧାନୀ

ଭୁବନେଶ୍ୱର,୧୪।୧୦(ବନ୍ଦନା ସେଠୀ/ ଅନୁରାଧା ମହାରଣା)



ଧରବତରଣ ପରେ ଷଷ୍ଠୀରୁ ଦଶମୀ ୫ଦିନ ଧରି ମଣ୍ଡପରେ ଜଗଜ୍ଜନନୀ ମା' ଦୁର୍ଗା ପାଇଥିଲେ। ରାଜଧାନୀ ଭୁବନେଶ୍ୱରରେ ଶତାଧିକ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ, ରଙ୍ଗିନ ଆଲୋକ ସାଜସଜ୍ଜା ସହ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ମା'। ଠାକୁର ଦର୍ଶନ ସହ ମେଲୋଡିର ଧୁମ୍, ମୀନାବଜାରରେ କିଣିକିଣି ଓ ଖିଆପିଆ ଭିତରେ କଟିଥିଲା ଦଶହରା ବୁଲା। ବିଜୟାଦଶମୀରେ ସ୍ୱତନ୍ତ୍ର ରୀତିନିତି ସହକାରେ ପୂଜା ସମ୍ପନ୍ନ ହୋଇଥିବାବେଳେ ସହରର ୧୨ ସ୍ଥାନରେ ରାବଣପୋଡ଼ି ଆୟୋଜିତ ହୋଇଥଲା। ଅସତ୍ୟ ଉପରେ ସତ୍ୟର ବିଜୟର ଏହି ଦୃଶ୍ୟ ଦେଖିବାକୁ ଲୋକଙ୍କର ନାହିଁ ନ ଥିବା ଭିଡ଼ ଜମିଥିଲା। ଶେଷରେ ସୋମବାର ମା' ମେଲାଣି ନେଇଛନ୍ତି। ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ବଦନରେ ଅଶ୍ରୁଳ ନୟନରେ ମା'ଙ୍କୁ ବିଦାୟ ଦେଇଛନ୍ତି। ପାରମ୍ପରିକ ବାଦ୍ୟର ତାଳେ ତାଳେ ଭସାଣି ଶୋଭାଯାତ୍ରାରେ ସାରା ସହର ପ୍ରକମ୍ପିତ ହୋଇଉଠିଛି।

ରାଜଧାନୀ ମନ୍ଦିର ସୁରକ୍ଷା ଓ ଭସାଣି କମିଟି, ଉତ୍ତର ଭୁବନେଶ୍ୱର ଭସାଣି କମିଟି, ଉତ୍ତର ଭୁବନନେଶ୍ୱର ଭସାଣି ସମିତି, ଭୁବନେଶ୍ୱର ଭସାଣି ସମିତି ପକ୍ଷରୁ ୪ଟି ସ୍ଥାନରୁ ସାମୂହିକ ଭସାଣି ଶୋଭାଯାତ୍ରା ବାହାରିଥିଲା। ଭୁବନେଶ୍ୱର ଭସାଣି ସମିତିରେ ଶହୀଦନଗର ଦୁର୍ଗା ପୂଜା ସମିତି, କଟକ ରୋଡ୍ ବ୍ୟବସାୟ ସଂଘ, ଲକ୍ଷ୍ମୀ ସାଗର, ନହରକଣ୍ଟା, ବାଲିଅନ୍ତା, କୋରଡ଼ କଣ୍ଟା, କେଶୁରା, ବାଙ୍କୁଆଳ ଆଦି ୧୭ଟି ମେଢ଼ ସାମିଲ ହୋଇଥିବାବେଳେ ସବୁମେଢ଼ ବାଣୀବିହାରଠାରେ ଏକାଠି ହୋଇ ରାଜମହଲ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ପ୍ରତି ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ଭସାଣ ଯାତ୍ରା କୁଆଖାଇ ଅଭିମୁଖେ ବାହାରିଥିଲା। ପଞ୍ଜାବୀ ଢ଼ୋଲ, ଘୁମୁରା, ଘୋଡାନାଚ, ବାଘନାଚ, ଘଣ୍ଟଘଣ୍ଟାର ତାଳେତାଳେ ମା'ଙ୍କୁ କୁଆଖାଇ ନଦୀ ତଟକୁ ନିଆଯିବା ପରେ ସେଠାରେ ତିଆରି ହୋଇଥିବା ଅସ୍ଥାୟୀ ପୁଷ୍କରିଣୀରେ ଆଗପଛ ହୋଇ ବିସର୍ଜନ କରାଯାଇଥିଲା ବୋଲି ସମିତିର ସାଧାରଣ ସମ୍ପାଦକ ହରିଶ ପ୍ରସାଦ ରଥ ଓ ସଭାପତି ମନୋରଞ୍ଜନ ଦାଶ କହିଛନ୍ତି।

ସେହିଭଳି ରାଜଧାନୀ ମନ୍ଦିର ସୁରକ୍ଷା ଓ ଭସାଣି କମିଟି ଶୋଭାଯାତ୍ରାରେ ପ୍ରାୟ ୧୫ଟି ମେଢ ନୟାପଲ୍ଲୀ ଦୁର୍ଗାମଣ୍ଡପ ପଡିଆରେ ଏକତ୍ର ହୋଇଥିଲେ। ସେଠାରୁ ୟୁନିଟ୍-୬ସ୍ଥିତ ଝାଡେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇ କୁଆଖାଇ ଅସ୍ଥାୟୀ ପୋଖରୀ ଅଭିମୁଖେ ଯାତ୍ରା କରିଥିଲା। ଏଥିରେ ନୂଆପଲ୍ଲୀ, ପାତ୍ରପଡ଼ା, ଡୁମୁଡୁମା, ଶ୍ରୀ ଶ୍ରୀ ମହାବୀର ପୂଜା କମିଟି, ସାଲିଆସାହି ଭଳି ବିଭିନ୍ନ ପୂଜା କମିଟିର ମେଢ ସାମିଲ ହୋଇଥିଲେ। ସେହିପରି ଉତ୍ତର ଭୁବନେଶ୍ୱର ଭସାଣି ସମିତି ଶୋଭାଯାତ୍ରାରେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ୍, ନୀଳାଦ୍ରି ବିହାର, କୈବଲ୍ୟ ନଗର, ଲୁମ୍ବିନୀ ବିହାର, ଶୈଳଶ୍ରୀ ବିହାର ଭଳି ୯ଟି ପୂଜା କମିଟି କ୍ଲବ୍‌ଟାଉନ୍ ଆପାର୍ଟମେଣ୍ଟ ନିକଟ ମେଲଣ ପଡିଆରେ ଏକାଠି ହୋଇଥିଲେ। ସେଠାରୁ କଳିଙ୍ଗ ହସ୍ପିଟାଲ ଛକ ଦେଇ ଶୋଭାଯାତ୍ରାରେ କୁଆଖାଇ ନଦୀ ପର୍ଯ୍ୟନ୍ତ ଯାଇ ମା'ଙ୍କୁ ବିଦାୟ ଦେଇଥିଲେ। ଅପରପକ୍ଷେ ଉତ୍ତର ଭୁବନେଶ୍ୱର ଭାସାଣି କମିଟି ପକ୍ଷରୁ ମଧ ପ୍ରାୟ ୧୦ଟି ମେଢକୁ ନେଇ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ ପୂଜା କମିଟି ଡମଣା ପୂଜା ମଣ୍ଡପରେ ଏକତ୍ରିତ ହୋଇଥିଲେ। ସେଠାରୁ ମା'ଙ୍କୁ ରୋସଣି ଶୋଭାଯାତ୍ରାରେ ସୈନିକ ସ୍କୁଲ ଛକଦେଇ ଡମଣା ଛକ, ହାଉସିଂବୋର୍ଡ ଛକ, ବିଡିଏ କଲୋନୀ ଛକ ଏବଂ କଳିଙ୍ଗ ହସ୍ପିଟାଲ ଛକ ଦେଇ କୁଆଖାଇ ନଦୀ ପଠାକୁ ନିଆଯାଇ ବିସର୍ଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷରେ ପୁରୁଣା ଭୁବନେଶ୍ୱର, ସାମନ୍ତରାପୁର ଆଦି ଅଞ୍ଚଳର ମେଢ଼ ଦୟାନଦୀ କୂଳରେ ନିର୍ମିତ ୨ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ ହୋଇଥିଲେ।



କୁଆଖାଇ ନଦୀପଠାରେ ପ୍ରସ୍ତୁତ ଅସ୍ଥାୟୀ ପୋଖରୀରେ ମା'ଙ୍କୁ ବିସର୍ଜନ କରାଯାଉଛି।




ଭୁବନେଶ୍ୱର ଭସାଣି ସମିତି ପକ୍ଷରୁ ଆୟୋଜିତ ଭସାଣି ଶୋଭାଯାତ୍ରାରେ ସାମିଲ ମେଢ଼ଗୁଡିକ ବିସର୍ଜନ ପାଇଁ କୁଆଖାଇ ନଦୀ ଅଭିମୁଖେ ଯାଉଛନ୍ତି।



ନୟାପଲ୍ଲୀସ୍ଥିତ ନାବାର୍ଡ ପଡିଆଠାରେ ଏକାଠି ହୋଇଥିବା ବିଭିନ୍ନ ମଣ୍ଡପର ମେଢ଼ ଦେଖିବାକୁ ଲୋକଙ୍କ ଭିଡ।

## ଶୋଭାଯାତ୍ରାରେ ବାଧକ ସାଜିଲା କଟକଣା

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

**ଡିଜେକୁ ଅନୁମତି ନ ମିଳିବାରୁ ଉତ୍ତେଜନା**

ମା' ଦୁର୍ଗାଙ୍କ ଭସାଣ ଉତ୍ସବ ପାଳନ ନେଇ ଭୁବନେଶ୍ୱରରେ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଟ୍ରାଫିକ୍ ପରିଚାଳନାକୁ ସୁବନ୍ଦୋବସ୍ତ କରାଯିବା ସହ ମେଢ଼ ଶୋଭାଯାତ୍ରା ଓ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ରୁଟ୍ ଚାର୍ଟ ଜାରି କରାଯାଇଥିଲା। ମାତ୍ର ରାତ୍ରି ବଢ଼ିବା ସହ ଭିଡ଼ ଅସମ୍ଭାଳ ହେବାରୁ କିଛି କମିଟି ପକ୍ଷରୁ ନିର୍ଦ୍ଧାରିତ ମାର୍ଗରେ ମେଢ଼ ନିଆଯାଇପାରି ନ ଥିଲା। ସେହିପରି ପୂର୍ବରୁ ଭସାଣି ଉତ୍ସବରେ ଡିଜେ ସାଉଣ୍ଡକୁ ବାରଣ କରାଯାଇଥିବା ସତ୍ତ୍ୱେ କେତେକ ପୂଜା କମିଟି ପକ୍ଷରୁ ସାଉଣ୍ଡର ବନ୍ଦୋବସ୍ତ କରାଯାଇଥିଲା। ମାତ୍ର କମିଶନରେଟ ପୋଲିସ ପକ୍ଷରୁ ଭସାଣ ଉତ୍ସବରେ ତାହାକୁ ଅନୁମତି ଦିଆଯାଇ ନ ଥିଲା। ଲିଙ୍ଗରାଜ ଥାନା ଅନ୍ତର୍ଗତ କେଉଟ ସାହିରେ ଦୀର୍ଘ ସମୟ ମେଢ ଅଟକି ରହିଥିଲା। ସୁନ୍ଦରପଦା ପୂଜା କମିଟି ପକ୍ଷରୁ ମଧ ଡିଜେ ସାଉଣ୍ଡ ଅଣାଯାଇଥିଲେ ମଧ ପୋଲିସ ବାରଣ କରିବାରୁ ଡିଜେ ଗାଡିକୁ ଫେରିବାକୁ ପଡ଼ିଥିଲା। ଫଳରେ ପୋଲିସ ସହ ପୂଜା କମିଟି ସଦସ୍ୟଙ୍କ ମଧରେ କିଛି ସ୍ଥାନରେ ଯୁକ୍ତିତର୍କ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପାରମ୍ପରିକ ବାଦ୍ୟରେ ଭସାଣି ଉତ୍ସବ ହୋଇଥିଲା। ଅନ୍ୟପଟେ ବମିଖାଲ, ରସୁଲଗଡ଼, ପଳାଶୁଣି ଓ ପୁରୁଣା ଷ୍ଟେଶନ ବଜାର ମେଢ଼ କୌଣସି ଭସାଣି କମିଟି ସହ ଶୋଭାଯାତ୍ରାରେ ସାମିଲ ନ ହୋଇ ନିରାଡମ୍ବରରେ କୁଆଖାଇ ଅଭିମୁଖେ ଯାତ୍ରା କରି ମା'ଙ୍କୁ ମେଲାଣି ଦେଇଥିଲେ।








ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଆୟୋଜିତ ଭସାଣୀ ଉତ୍ସବରେ ପାରମ୍ପରିକ ନୃତ୍ୟ ଓ ବାଦ୍ୟ ପରିବେଷଣ।

(ଫଟୋ: ବିକାଶ ନାୟକ, ମନୋରଞ୍ଜନ ମିଶ୍ର)



ଖୋର୍ଦ୍ଧାରେ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମା'ଦୁର୍ଗାଙ୍କ ମେଢ଼।


ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ପରିବେଷଣ କରାଯାଉଛି।

# ମେଲାଣି ନେଲେ ମା' ଜଗଜ୍ଜନନୀ

**ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)**

ସୋମବାର ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ମା' ଜଗଜ୍ଜନନୀ। ଖୋର୍ଦ୍ଧା ଟିଏଲ୍‌ସି ଛକ ନିକଟ ଅସ୍ଥାୟୀ ଖଣି ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଛି। ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ଗୁରୁଜଙ୍ଗ, ପୁରୁଣା ଦମକଳ ରୋଡ, କଣ୍ଟା ଛକରେ ମା'ଦୁର୍ଗା ଏବଂ ଟ୍ରାଫିକ ଛକ, ମାଛ ମାର୍କେଟ ଆଦି ସ୍ଥାନରେ ହରପାର୍ବତୀଙ୍କ ପୂଜା ଅନୁଷ୍ଠିତ ହୋଇଥଲା। ଷଷ୍ଠୀରେ କଳସ ସ୍ଥାପନ, ବିଲ୍ୱବରଣ ପରେ ସପ୍ତମୀରେ ଚକ୍ଷୁଦାନ, ମହାଷ୍ଟମୀ ଓ ନବମୀ ପୂଜା ହୋଇଥିଲା। ଦଶମୀରେ ମଣ୍ଡପ ଗୁଡିକରେ ପ୍ରବଳ ଜନ ସମାଗମ ହୋଇଥିଲା। ସୋମବାର ମେଲାଣି ନେଇଛନ୍ତି ଜଗଜ୍ଜନନୀ। ପୂଜା କମିଟି ପକ୍ଷରୁ ବିରାଟ ପଟୁଆରରେ ଭସାଣି ଶୋଭାଯାତ୍ରା ହୋଇଥିଲା। ପାରମ୍ପରିକ ବାଦ୍ୟରେ କମ୍ପିଉଠିଥିଲା ସହର। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ମା' ଭଗବତୀଙ୍କ ପୀଠରେ ସରିଲା ଶାରଦୀୟ ପର୍ବ

**ବାଣପୁର,୧୪।୧୦(ଦିଲୀପ କୁମାର ସ୍ୱାଇଁ)**

ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ଶକ୍ତିପୀଠ ତଥା ବାଣପୁରର ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ଶାରଦୀୟ ପର୍ବ ସମାପନ ହୋଇଯାଇଛି। ପାର୍ବଣ ସମୟରେ ମା' ଭଗବତୀ ଭଉଣୀମାନଙ୍କୁଆମନ୍ତ୍ରଣ କରିଥିବା ବେଳେ ଷୋଡ଼ଶ ପୂଜା ସମ୍ପନ୍ନ ପରେ ନିଶାର୍ଦ୍ଧରେ ସ୍ୱମନ୍ଦିରକୁ ମେଲାଣି ଦେଇଛନ୍ତି।

ଦୀର୍ଘ ଷୋଳଦିନର ମହାର୍ଘ୍ୟ ବେଳାରେ ଭିତର ଓ ବାହାର ପର୍ବଗୃହରେ ମା'ଙ୍କ ଆବାହନ, ସଂସ୍ଥାପନ, ଚଣ୍ଡିପାଠ, ବଗଳା ସ୍ତୋତ୍ର ପଠନ, ଦୀପ ଧୂପ ନୈବେଦ୍ୟ ଅର୍ପଣ, ଯାଗଯଜ୍ଞ, ଆଳତି, ଗୁପ୍ତପୂଜା, ବନ୍ଦାପନା ପରେ ପହଡ଼ ଭଳି ବିଭିନ୍ନ ନୀତିକାନ୍ତି ହୋଇଥିଲା। ପ୍ରତ୍ୟହ ମା' ଭଗବତୀଙ୍କ ସହିତ ଭଉଣୀମାନଙ୍କର ଅଙ୍ଗରାଗ ମାଜଣା, ମହାପ୍ରସାଦ ଅର୍ପଣ, ବେଶ ବଲ୍ଲଭ ପରେ ଶଙ୍ଖୁଡ଼ି ଧୂପ, ସନ୍ଧ୍ୟାରେ ନିଶଙ୍ଖୁଡ଼ି ପୂଜା ପରେ ଦେବୀ ନୃତ୍ୟ, 'କାଠିନୃତ୍ୟ' ବଳି ଜେନା ନୃତ୍ୟ ଇତ୍ୟାଦି ପାରମ୍ପରିକ ନୀତିକାନ୍ତି ଓ ମଧ୍ୟରାତ୍ରରେ ଗୁପ୍ତପୂଜା ଦର୍ଶନ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଜୟ ମା' ଭଗବତୀଙ୍କର ଜୟ ଜୟ ଧ୍ୱନିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମୂଳାଷ୍ଟମୀଠାରୁ କୃଷ୍ଣ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ମା'ଙ୍କ ମନ୍ଦିର ବେଢ଼ା ଭିତର ପର୍ବଗୃହରେ କେବଳ ମା' ଭାଗବତୀ ଓ ଗଡ଼ଦେବୀ ମା' କନକଦୁର୍ଗାଙ୍କ ସପ୍ତଦିନ ବ୍ୟାପୀ ପର୍ବ (ଯାହାକୁ ଭିତର ପର୍ବ କୁହାଯାଏ) ପାଳିତ ହୋଇଥିଲା। ମହାଳୟା ଅମାବାସ୍ୟାରେ ସପ୍ତମାତୃକା ପୂଜାର ପ୍ରତୀକ ମା' ଭଗବତୀଙ୍କ ସହିତ ମା' ବିରିଜାଇ, ମା' ନାରାୟଣୀ, ମା' ଶିଦ୍ଧେଶରୀ, ମା' କନକଦୁର୍ଗା ଓ ସ୍ଥାନାଧିପତି ମା' ବୁଢ଼ୀ ଠାକୁରାଣୀଙ୍କ ମିଳନ ମହୋତ୍ସବ 'ଭେଟ'କୁ ଭେଟ ଅମାବାସ୍ୟା ବୋଲି କୁହାଯାଏ। ଏହି ଦିନଠାରୁ ସାତ ଭଉଣୀ ଦଶହରା ପର୍ଯ୍ୟନ୍ତ ମନ୍ଦିର ବେଢ଼ା ବାହାରେ ଥିବା ବଙ୍କାଡ଼ଗଡ଼ର ରାଜପ୍ରତିଷ୍ଠିତ ସାତବଖରା ଘରେ ରହି ଦଶହରା ପର୍ଯ୍ୟନ୍ତ ପର୍ବ ପାଳନକରି ଶେଷରେ ବିଜୟା ଦଶମୀର ମଧ୍ୟରାତ୍ରରେ ଛଅ ଭଉଣୀଙ୍କୁ ଶାଢ଼ି, ଚୁଡ଼ି, ଅଳତା, ସିନ୍ଦୂର ସହ ବିଦାୟ ଦେଇ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ମା' ଭଗବତୀ ବାହୁଡ଼ିଥିଲେ। ଏହି ପର୍ବ ଷୋଳଦିନ ଆଲୋକୀକରଣ, ତୋରଣମାଳା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମା'ଙ୍କ ଭେଟଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ସ୍ଥାନୀୟ ବାଣପୁର ଥାନା ଓ ବାଲୁଗାଁ ଥାନା ଅଧିକାରୀ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ସ୍ଥାନୀୟ ପ୍ରଶାସନ, ମନ୍ଦିର ପରିଚାଳନା କମିଟି, ସ୍ଥାନୀୟ ବିଦ୍ୟୁତ୍ ବିଭାଗ କର୍ମଚାରୀ, ଦେବୋତ୍ତର କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ମନ୍ଦିରର ସମସ୍ତ ନିଯୋଗ ଏବଂ ସେବାୟତଙ୍କ ସହଯୋଗରେ ଏହି ପର୍ବ ଶାନ୍ତିପୂର୍ଣ୍ଣଭାବେ ସମାପନ ହୋଇଛି ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ସୂଚନା ଦେଇଛନ୍ତି।



# ସିନ୍ଦୂର ଖେଳି ମା'ଙ୍କୁ ବିଦାୟଦେଲେ ବଙ୍ଗୀୟ ମହିଳା


ବଙ୍ଗୀୟ ସମ୍ପ୍ରଦାୟର ମହିଳାମାନେ ପାରମ୍ପରିକ ନାଚଗୀତ ସହ ପରସ୍ପରକୁ ସିନ୍ଦୂର ଲଗାଉଛନ୍ତି।

**ଜଟଣୀ,୧୪।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ସହରର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଦୁର୍ଗାଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଯାଇଛି। ମହାଷଷ୍ଠୀଠାରୁ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କଲୋନୀସ୍ଥିତ ପ୍ରଗତି ସାଂସ୍କୃତିକ ଚକ୍ର ପୂଜା କମିଟି ପକ୍ଷରୁ ମା'ଙ୍କୁ ଆବାହନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତିଦିନ ଭକ୍ତଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମା'ଙ୍କୁ ବିଦାୟ ଦେବା ପୂର୍ବରୁ ପାରମ୍ପରିକ ବାଦ୍ୟ ତାଳେତାଳେ ନୃତ୍ୟ କରି ବଙ୍ଗୀୟ ମହିଳାମାନେ ମା'ଦୁର୍ଗାଙ୍କ ଆଗରେ ସିନ୍ଦୁର ଖେଳିଥିଲେ। ମା'ଙ୍କୁ ପୂଜାର୍ଚ୍ଚନା, ବନ୍ଦାପନା କରିବା ସହ ମିଠା ଖୁଆଇଥିଲେ। ପରେ ସମସ୍ତ ମହିଳାମାନେ ନୃତ୍ୟ କରି ପରସ୍ପରକୁ ସିନ୍ଦୁର ଲଗାଇଥିଲେ। ମା'ଙ୍କୁ ସିନ୍ଦୁର ଲଗାଇବା ପରେ, ସେହି ସିନ୍ଦୁରକୁ ସାନବଡ଼ ସମସ୍ତେ ପରସ୍ପରକୁ ଲଗାଇଲେ ପରିବାରରେ ଶାନ୍ତି ଆସିଥାଏ ବୋଲି ବିଶ୍ୱାସ ରହିଥିବା ବଙ୍ଗୀୟମହିଳାମାନେ କହିଛନ୍ତି।

# ଗ୍ରାମ ପରିକ୍ରମା କଲେ କପିଳେଶ୍ୱର ଦେବ

**ନିରାକାରପୁର,୧୪।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଡିଆ ପଞ୍ଚାୟତର ଇଷ୍ଟଦେବ କପିଳେଶ୍ୱର ଦେବଙ୍କ ପୀଠରେ ନିଆରା ପରମ୍ପରା ଦେଖିବାକୁ ମିଳିଛି। ଶ୍ରୀଜୀଉ ନିଜର ତିନି ଭଉଣୀ ମହାଲକ୍ଷ୍ମୀ, ସରସ୍ୱତୀ, ମହାକାଳୀଙ୍କ ସହ ସ୍ଥାନୀୟ କପିଳେଶ୍ୱରପୁର (ବାଲିଗାଁ)ସ୍ଥିତ ଦଶହରା ମେଳଣ ପଡ଼ିଆରେ ସୁସଜ୍ଜିତ ବିମାନରେ ବିଜେ କରିଥିଲେ। ସେଠାରେ ଗ୍ରାମବାସୀଙ୍କ ପକ୍ଷରୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରୀଜୀଉମାନେ ବିମାନରେ ଗ୍ରାମ ପରିକ୍ରମା କରି ଭୋଗ ଖାଇଥିଲେ। ବିଭିନ୍ନ ପ୍ରକାର ଆତସବାଜି ସାଙ୍ଗକୁ ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ରାବଣ ଛାୟା, ଛଉନୃତ୍ୟ ମନ ମୋହିଲା

## ରାବଣପୋଡ଼ି ଉତ୍ସବ ଉଦ୍‌ଯାପିତ

**ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଓରବରସିଂ ପଞ୍ଚାୟତ ରାୟପୁରଠାରେ ରାବଣପୋଡ଼ି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମାଜସେବୀ ତଥା ଭାରତର ପ୍ରମୁଖ ଅର୍ଥ ଲଗାଣକାରୀ ସଂସ୍ଥା ଅର୍ଣ୍ଣପୂର୍ଣ୍ଣା ପ୍ରା.ଲି. ର ମୁଖ୍ୟ ପରିଚାଳନା ଅଧିକାରୀ ଡ.ସଞ୍ଜୟ ପଟ୍ଟନାୟକ, ସରପଞ୍ଚ ସାଗରିକା ରାଟସିଂ ଅତିଥିଭାବେ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ରାବଣ ଛାୟା ଓ ଛଉ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସାଇ ରତନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଶ୍ୱିନୀ କୁମାର ବଳିୟାରସିଂ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଶିକ୍ଷାବିତ୍ ତଥା ସମାଜସେବୀ ଧନୁର୍ଦ୍ଧର ରାଟସିଂ ଓ ବଂଶୀଧର ଜଗଦ୍ଦେବଙ୍କୁ ସମାନିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ସଞ୍ଜୟ ରାଟସିଂ, ଦେବାଶିଷ ଗୁମାନସିଂ, ଅମର ବଳିୟାରସିଂହ, ରଞ୍ଜନ ରାଟସିଂ, ଆଲୋକ ଜଗଦ୍ଦେବଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ସହ କଳାକାର ଏବଂ ଅନ୍ୟମାନେ।

# ଜନଶୁଣାଣି ଶିବିରରେ ୧୦୩୪ ଅଭିଯୋଗ


ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ସାଗରିକା ନାଥ ଏବଂ ଅନ୍ୟମାନେ।

**ବାଣପୁର,୧୪।୧୦(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଅନ୍ତର୍ଗତ ଦାମିଆ ବରବରା ପଞ୍ଚାୟତର ଭାଟପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏସ୍‌ପି ସାଗରିକା ନାଥ, ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ସହକାରୀ ନିର୍ଦ୍ଦେଶକ କସ୍ତୁରୀ ଜେନା, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ତହସିଲଦାର ଟି. ପଦ୍ମନାଭ ଦୋରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗର ଶୁଣାଣି କରିବା ସହ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ମୋଟ୍ ୧୦୩୪ଟି ଅଭିଯୋଗ ହୋଇଥିବା ବେଳେ ମୁଖ୍ୟତଃ ଆବାସ ଯୋଜନାରେ ୫୯୨, ଖାଉଟିକାର୍ଡ ଓ ଭତ୍ତା ସମ୍ପର୍କିତ ୨୮୩ଟି ଅଭିଯୋଗ ରହିଥିଲା। ତେବେ ୧୦୦୦ଟି ବ୍ୟକ୍ତିଗତ ଏବଂ ୨୪ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ତତ୍କାଳୀନ ୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଜଣେ ହିତାଧିକାରୀଙ୍କୁ ୨୦ହଜାର ଟଙ୍କା ଏବଂ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଜଣଙ୍କୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଉତ୍ସବ

**ଜଟଣୀ/ଟାଙ୍ଗୀ,୧୪।୧୦ (ରବୀନ୍ଦ୍ରନାଥ ମହାକୁଡ଼/ରଘୁନାଥ ସାହୁ)**

ଦଶହରା ଅବସରରେ 'କର୍ମ ମନ୍ଦିର' ଜଟଣୀ ଅନୁଷ୍ଠାନ ପକ୍ଷରୁ ୧୦ମ ଶାରଦୀୟ ମହୋତ୍ସବ ଏବଂ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟଙ୍କ ନେତୃତ୍ୱରେ ରବିବାର ସନ୍ଧ୍ୟାରେ ରାମଚନ୍ଦ୍ରପୁର ବଜାରସ୍ଥିତ ଥାନା ଛକ ଯାତ୍ରା ପଡିଆରେ ଆୟୋଜିତ ଉତ୍ସବରେ ଆୟୋଜକ ଅନୁଷ୍ଠାନ 'କର୍ମ ମନ୍ଦିର'ର ଅଧ୍ୟକ୍ଷା ସବିତା ରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଭାରତୀୟ ତୈଳ ନିଗମର ସିଜିଏମ୍(ଓଡ଼ିଶା) ପିୟୁଷ ମିତଲ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଓଟିଭିର ବାର୍ତ୍ତା ସମ୍ପାଦକ ରାଧାମାଧବ ମିଶ୍ର, ସମାଜସେବୀ ତ୍ରିଲୋଚନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ରାବଣପୋଡି ଉତ୍ସବ ଅବସରରେ ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାକୁ ସରସ ସୁନ୍ଦର ଓ ଲୋକାଭିମୁଖୀ କରିଥିବା ଜଟଣୀର ବିଭିନ୍ନ ବ୍ୟବସାୟ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ମେଧାବୀ ଛାତ୍ରୀଛାତ୍ର, ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବର ଅନ୍ତିମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ୬୦ଫୁଟ ଉଚ୍ଚ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରାଯାଇଥିଲା। ପ୍ରଦୀପ ଜେନା, ଗୁଣ୍ଡୁ ବଡ଼ୁଆ, କବି ପାଇକରାୟ,ତିରୁପତି ଶତପଥୀ, ନାଗଭୂଷଣ ରାୟ, ମନୋଜ ମିଶ୍ର, ମହେଶ ମିଶ୍ର, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଟାଙ୍ଗୀ ଚିଲିକା ଷ୍ଟାଡିୟମ ଓ ଚାନ୍ଦପୁର ଦଶଦୋଳ ପଡିଆରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦପୁର କନ୍ଧନୟାଗଡ଼ ମିଳିତ ଦୁର୍ଗାପୂଜା କମିଟି ପକ୍ଷରୁ ରବିବାର ରାତିରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାଚସ୍ପତି ସୁରମା ପାଢୀ, ଏମ୍‌ପି ଡା.ସମ୍ବିତ ପାତ୍ର, ନୟାଗଡ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ନୈତିକତା ମୂଲ୍ୟବୋଧକୁ ବଜାୟ ରଖି ଦେଶକୁ ବିକାଶ ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ରାବଣର ବିରାଟ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।



# ପରସ୍ପର ସହ ସମ୍ପର୍କ ରହିଲେ ସମାଜ ଶୃଙ୍ଖଳିତ ହେବ

## ବଡ଼ିଜୋନ୍ ପକ୍ଷରୁ ୨୦ତମ ରାବଣପୋଡ଼ି ଉତ୍ସବ

**ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)**

ପବିତ୍ର ବିଜୟାଦଶମୀ ଅବସରରେ ସ୍ଥାନୀୟ ହାବେଳି ପଡ଼ିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଡ଼ିଜୋନ୍ ପକ୍ଷରୁ ୨୦ତମ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦୁଇଦିନ ଧରି ଏହା ପାଳନ କରାଯାଇଥିଲା। ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡ଼ିଜୋନ୍ ପ୍ରତିଷ୍ଠାତା ତଥା ଯୁବନେତା ଜିତେନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଓଡ଼ିଶା ମୋ ପରିବାର ରାଜ୍ୟ ଆବାହକ ତଥା ବିଜେଡି ନେତା ଅରୂପ ପଟ୍ଟନାୟକ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଏସ୍‌ପି ସାଗରିକା ନାଥ, ଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାରକ କାଳୀ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ରାବଣ ଜଣେ ବିଶିଷ୍ଟ ପଣ୍ଡିତ, ଜ୍ଞାନୀ, ଅଗାଧ ପାଣ୍ଡିତ୍ୟ ସତ୍ତ୍ୱେ ଚରିତ୍ରଗତ ତ୍ରୁଟି, ଅମାନବୀୟତା, ଅହଙ୍କାର ଯୋଗୁ ଆଜି ମଧ୍ୟ ସମାଜରେ ତିରସ୍କାର କରାଯାଉଛି। ନିଜ ଭିତରେ ରାବଣତ୍ୱ ଦୂର ସହ ସମାଜରେ ଶାନ୍ତି ମୈତ୍ରୀ ଭ୍ରାତୃତ୍ୱ ଭାବ ଜାଗ୍ରତ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରସ୍ପର ମଧ୍ୟରେ ସମ୍ପର୍କ ରହିଲେ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୭୦ ଫୁଟ ଉଚ୍ଚତାବିଶିଷ୍ଟ ରାବଣ ଦେହରେ ବିଧାୟକ ଅଗ୍ନି ସଂଯୋଗ କରିଥିଲେ। ୧୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ ବଡ଼ିଜୋନ୍‌ର ସଭ୍ୟମାନଙ୍କ ସମେତ ସୌମେନ୍ଦ୍ର ପ୍ରଧାନ, କୁନାଲ ବାରିକ, ଚନ୍ଦନ ଛୋଟରାୟ, ଟିକୁ ପାତ୍ର, ଶୁଭେନ୍ଦୁ ସ୍ୱାଇଁ, ସମର ହରିଚନ୍ଦନ ପ୍ରମୁଖ ପରିଚାଳନା କରିଥିବା ବେଳେ ସୂର୍ଯ୍ୟନାରାୟଣ ପାତ୍ର ସଂଯୋଜନା କରିଥିଲେ।


ବଡ଼ିଜୋନ୍ ପକ୍ଷରୁ ଅନୁଷ୍ଠିତ ୨୦ତମ ରାବଣପୋଡ଼ି ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।





# ଦେବସଭାରେ ଏକାଠି ହେଲେ ଗୋଷାଣି, ନାଗା

ପୁରୀ,୧୪।୧୦(ଅଜିତ୍ କୁମାର ମହାନ୍ତି)

## ମନ ମୋହିଲା ସମ୍ପାତି, ବୁଢ଼ାବୁଢ଼ୀ ନାଚ

ଶେଷହୋଇଛି ଚଳିତ ବର୍ଷର ଶାରଦୀୟ ଦୁର୍ଗାପୂଜା। ଭସାଣି ସହ ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ଜଗଜ୍ଜନନୀ ମା'ଦୁର୍ଗା। ଦୁର୍ଗାପୂଜା ଅବସରରେ ପୁରୀରେ ଗୋଷାଣି ପୂଜନ ସହ ନାଗା ପରମ୍ପରା ଦେଖିବାକୁ ମିଳିଥିଲା। ମହାସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ଗୋଷାଣି, ନାଗା ସହ ସମ୍ପାତି ଚଢ଼େଇ, ଅଷ୍ଟବୀର, ବୁଢ଼ାବୁଢ଼ୀ, ଶିବପାର୍ବତୀ, ହନୁମାନ, ଦଶଶିର ରାବଣ ଆଦି ଶୋଭାପାଇଥିଲେ। ଗୋଷାଣିମାନଙ୍କୁ ଦୁର୍ଗାମନ୍ତ୍ରରେ ଓ ନାଗାମାନଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥିଲା। ଦଶହରାରେ ମା' ବିମଳାଙ୍କ ପ୍ରତିନିଧି ଭାବେ ପୂଜିତ ମା' କାକୁଡ଼ିଖାଇଙ୍କ ପ୍ରତିମୂର୍ତ୍ତି ସମେତ ସହରର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହେବା ପରେ ଏକାଦଶୀ ତିଥି ସୋମବାର ସନ୍ଧ୍ୟାରେ ଗୋଷାଣି ଓ ନାଗାଙ୍କର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦେବସଭା ବସିବା ସହ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୁରୀ ସହରର ବିଭିନ୍ନ ମଣ୍ଡପରୁ ଗୋଷାଣି, ନାଗା ପ୍ରଭୃତି ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ସିଂହଦ୍ୱାର ସମ୍ମୁଖ ଦେବସଭାକୁ ଅଣାଯାଇଥିଲା। ପରେ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ଶ୍ରୀମନ୍ଦିର ଚୂଡ଼ାକୁ ଏକାଦଶୀ ଦୀପ ଉଠିବା ପରେ ଗୋଷାଣି ବିସର୍ଜନ ପର୍ବ ଆରମ୍ଭ ହୋଇଥିଲା। ଏହି ସମୟରେ ସିଂହଦ୍ୱାର ସମ୍ମୁଖରେ ବିପୁଳ ଜନସମାଗମ ହୋଇଥିଲା। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ହରଚଣ୍ଡୀ ସାହିର ବାରବାଟୀ ଗୋଷାଣି ପରମ୍ପରା ଅନୁଯାୟୀ ପ୍ରଥମେ ମଣ୍ଡପରୁ ବାହାରିଥିଲେ। ପରେ ଦୋଳମଣ୍ଡପ ସାହିର ଜହ୍ନିଖାଇ ସମେତ ବିଭିନ୍ନ ସାହିରେ ପୂଜା ପାଉଥିବା ବନଦୁର୍ଗା, ଗେଲବାଇ, ଶୂନ୍ୟ ଗୋଷାଣି, ବାସେଳିସାହିର ବନଦୁର୍ଗା, ମଣିକର୍ଣ୍ଣିକା ସାହିର ବନଦୁର୍ଗା, ଭୋଗଜାଗା ଗୋଷାଣି, ଗୌଡ଼ବାଡ଼ ଜହ୍ନିଖାଇ, ହରଚଣ୍ଡୀ ସାହି ଜହ୍ନିଖାଇ, ହାଡ଼ବାଇ, ଗେଲବାଇ, ପଣାପ୍ରିୟା, ଚକ୍ରକୋଟ, ବେଲବାଇ, ତ୍ରିପୁରା ସୁନ୍ଦରୀ ପ୍ରମୁଖ ସେମାନଙ୍କ ଆସ୍ଥାନ ଛାଡ଼ି ଦେବସଭା ନିମନ୍ତେ ସିଂହଦ୍ୱାର ନିକଟକୁ ଆସି ମେଳଣରେ ସାମିଲ ହୋଇ ରାତିରେ ଭସାଣିକୁ ଯାଇଥିଲେ। ସେହିପରି ପୁରୀ ସହରର ଅନ୍ୟତମ ଆକର୍ଷଣ ହେଉଛି ନାଗା ପରମ୍ପରା। ଏହି ମେଳଣରେ ବାଲିସାହି, ହରଚଣ୍ଡୀ ସାହି, ବଳଗଣ୍ଡି, ନରେନ୍ଦ୍ରକୋଣ, ପଶ୍ଚିମଦ୍ୱାର ପ୍ରଭୃତି ସାହିର ନାଗାମୂର୍ତ୍ତି ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଦେବସଭାର ସବୁଠୁ ଆକର୍ଷଣ ଥିଲା ମାର୍କଣ୍ଡେଶ୍ୱର ସାହିର ସମ୍ପାତି ଚଢ଼େଇ ଓ ବୁଢ଼ାବୁଢ଼ୀ। ଏହା ଦେଖିବାକୁ ଗହଳି ଲାଗିଥିଲା। ବିଭିନ୍ନ ଆଲୋକମାଳାରେ ଶ୍ରୀମନ୍ଦିର ସିଂହଦ୍ୱାର ଝଲସି ଉଠିଥିଲା। ଅପରପକ୍ଷରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ମରୀଚିକୋଟ ଛକଠାରୁ ଯାନବାହନଗୁଡ଼ିକୁ ଶ୍ରୀମନ୍ଦିର ଆଡ଼କୁ ଛଡ଼ାଯାଇ ନ ଥିଲା।























ଫଟୋ- ଯଜ୍ଞେଶ୍ୱର ମହାନ୍ତି







ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ପୁରୀଘାଟ ଦେବୀଗଡ଼ା କାଠଯୋଡ଼ି ନଦୀତଟକୁ ନିଆଯାଉଛି।

# ଦେବୀଗଡ଼ାରେ ମା’ଙ୍କୁ ମେଲାଣି

**ବିଭିନ୍ନ ବାଦ୍ୟରେ କମ୍ପିଲା କଟକ ସହର**

**କଟକ,୧୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଶେଷହୋଇଛି ଦୁର୍ଗାପୂଜା। ଧରାପୃଷ୍ଠରୁ ମେଲାଣି ନେଲେ ମା’ ଜଗଜ୍ଜନନୀ ଦୁର୍ଗା। ରବିବାର ବିଳମ୍ବିତ ରାତିରୁ ଭସାଣି ଉତ୍ସବ ଆରମ୍ଭ ହୋଇ ସୋମବାର ସକାଳ ପର୍ଯ୍ୟନ୍ତ ଚାଲିଥିଲା। ଚଳିତବର୍ଷ କଟକ ସହରରେ ୧୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା। ଗତ ୪ ଦିନ ଧରି ଧୁମ୍‌ଧାମ୍‌ରେ ପୂଜାର୍ଚ୍ଚନା ଚାଲିଥିଲା। ଶେଷରେ ବିରାଟ ଶୋଭାଯାତ୍ରାରେ ମେଢ଼ଗୁଡ଼ିକୁ ନଗର ପରିକ୍ରମା କରାଯିବା ପରେ ଦେବୀଗଡ଼ାର ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ୭୦ଟି ମେଢ଼ ବିସର୍ଜନ ହୋଇଥିବା ଜଣାପଡ଼ିଛି। ବିଦାୟ ଶୋଭାଯାତ୍ରାରେ ଘଣ୍ଟ, ଘଣ୍ଟା, ମାଦଳ ବାଦ୍ୟ, କୋଲ୍‌କାତାର ଢାକ୍ ବାଦ୍ୟ ଓ ଶଙ୍ଖଧ୍ୱନି ସମେତ ପାରମ୍ପରିକ ବାଦ୍ୟରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଭସାଣି ଦେଖିବା ପାଇଁ ଦେବୀଗଡ଼ାଠାରେ ପ୍ରବଳ ଜନସମାଗମ ହୋଇଥିଲା। ସେଠାରେ ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ଆଲୋକୀକରଣ, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରରେ ୬୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭସାଣି ସମୟରେ ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ଜାରି ହୋଇଥିଲା।



ଶୋଭାଯାତ୍ରାରେ ସାମିଲ ଥିବା ଇଲେକ୍ଟ୍ରୋନିକ୍ ଲାଇଟ୍।

# କନକଦୁର୍ଗାଙ୍କ ପୀଠରେ ଶାରଦୀୟ ପୂଜା

**ଖୁଣ୍ଟୁଣୀ,୧୪।୧୦(ସଚ୍ଚିଦାନନ୍ଦ ପଣ୍ଡା)** ଖୁଣ୍ଟୁଣୀ ରମ୍ଭେଇ ଗ୍ରାମର ଆରାଧ୍ୟ ଗ୍ରାମ ଦେବତୀ ମା’କନକଦୁର୍ଗା ଠାକୁରାଣୀଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ଓ ରାବଣ ପୋଡ଼ି ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ୮ ତାରିଖରେ ଶୁଭାଧିବାସରେ କଳସ ଶୋଭାଯାତ୍ରା, ପୀଠରେ ପୂର୍ଣ୍ଣକୁମ୍ଭ ସ୍ଥାପନ, ୯ରେ ମହାସପ୍ତମୀ ପୂଜା, ୧୦ରେ ମହାଅଷ୍ଟମୀ ପୂଜା, ୧୧ରେ ପୀଠରେ ମହାନବମୀ ପୂଜା ସହିତ ସନ୍ଧିପୂଜା ଏବଂ ରାତ୍ରି ୯ଟା୩୦ରେ ପୂର୍ଣ୍ଣାହୁତି ହୋଇଥିଲା। ୧୨ ତାରିଖ ବିଜୟା ଦଶମୀର ପ୍ରତ୍ୟୁଷରେ ଅପରାଜିତା ପାଠ ସହ ଦଶମୀ ପୂଜା ନୀତି ସମ୍ପନ୍ନ ହୋଇଥିଲା। ପଣ୍ଡିତ ମଳୟ କର ଓ ସନ୍ତୋଷ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସୁବାସ ଚନ୍ଦ୍ର ରାଉଳ ଓ ତାଙ୍କ ସ୍ତ୍ରୀ ସୁଜାତା ପ୍ରଧାନ ପୂଜାର କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ବହନ କରିଥିଲେ। ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶ ଓ ସରକାରଙ୍କ ଗାଇଡ୍‌ଲାଇନ ମୁତାବକ, ଖୁଣ୍ଟୁଣୀ ଆଇଆଇସି ରବୀନ୍ଦ୍ର ନାଥ ବେହେରାଙ୍କ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରବିବାର ଦଶହରା ରାତି ୮ଟା ୩୦ରେ ରାବଣପୋଡ଼ି ଉତ୍ସବ ଦୁର୍ଗାଙ୍କ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା।

## ରାବଣପୋଡ଼ି ଉତ୍ସବ

ଏଥିରେ ଢେଙ୍କାନାଳ ସିଆରିଆ ଆଶ୍ରମର ଆଧ୍ୟାତ୍ମିକ ଗୁରୁ ସାଧୁ ସଦାନନ୍ଦ ଦାସଜୀ ମହାରାଜ ଓ ଆଠଗଡ଼ ଭାଜପା ନେତା ଅଭୟ ବାରିକ୍ ଅତିଥି ଭାବେ ଯୋଗଦେଇ ୪୦ ଫୁଟ ଉଚ୍ଚର ନିର୍ମିତ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। କନକଦୁର୍ଗା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ସଚ୍ଚିଦାନନ୍ଦ ପଣ୍ଡା, ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି କିଶୋର ସାମନ୍ତରାୟ, ଗ୍ରାମ କମିଟି ସଭ୍ୟ ବିଜୟ ସାହୁ, ରଜନୀକାନ୍ତ ଜେନା, ଗୋବିନ୍ଦ ଚନ୍ଦ୍ର ବେହେରା, ସଞ୍ଜୟ ବେହେରା ଓ ଗ୍ରାମର ବରିଷ୍ଠ ମୁରବି ବିଚିତ୍ରାନନ୍ଦ ପ୍ରଧାନଙ୍କ ସମେତ ଗ୍ରାମବାସୀ ପୂଜାଉତ୍ସବ ଓ ରାବଣପୋଡ଼ି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ଅଞ୍ଚଳର ଶହ ଶହ ସଂଖ୍ୟାରେ ଜନସାଧାରଣ ମହିଳା ଉପସ୍ଥିତ ରହି ଏହି ରାବଣପୋଡ଼ିକୁ ଉପଭୋଗ କରିଥିଲେ।



ବାଲିଯାତ୍ରା ତଳପଡ଼ିଆରେ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ରାବଣପୋଡ଼ି ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ବିସର୍ଜନ ଶୋଭାଯାତ୍ରାରେ ବାଘ ନୃତ୍ୟ।

# ବିଭିନ୍ନ ସ୍ଥାନରେ ମା’ ଦଶଭୁଜାଙ୍କ ଭସାଣି

**ସାଲେପୁର,୧୪।୧୦(ଅରବିନ୍ଦ ଭୂୟାଁ)**

ସାଲେପୁର ଅଞ୍ଚଳର ଜପକୁଦ, ପଟୁଆହାଟ, କଲ୍ୟାଣପୁର, ମୁର୍କୁଣ୍ଡି ପୂଜା କମିଟି ଏବଂ ଲୁଣାହାର ଗ୍ରାମରେ ଥିବା ସାଲେପୁର ହାଟଦୁର୍ଗାଙ୍କ ସମେତ ବିଭିନ୍ନ ସ୍ଥାନରେ ମା’ ଦୁର୍ଗାଙ୍କ ଭସାଣି ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ସୋମବାର ଶେଷ ହୋଇଛି। ଘଣ୍ଟ ଘଣ୍ଟା, ଶିଙ୍ଗ ବାଜା ନାଦରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା’ଙ୍କ ପ୍ରତିମୂର୍ତ୍ତି ପୂଜାମଣ୍ଡପରୁ ଶୋଭାଯାତ୍ରାରେ ବାହାର କରି ବେଙ୍ଗସାହୁ କଲୋନୀ ପର୍ଯ୍ୟନ୍ତ ଯାଇଥିଲା। ପରେ ସାଲେପୁର–କୁଆଁପାଳ ରାସ୍ତା ଦେଇ ଡାକପୋଲ ନିକଟ ନଦୀରେ ମା’ଙ୍କ ବିଗ୍ରହକୁ ବିସର୍ଜନ କରାଯାଇଥିଲା। ସେହିପରି ମାଛୁଆଡି ଦୁର୍ଗାପୂଜା କମିଟି, ବେଲହୁଡ଼ା ଦୁର୍ଗାପୂଜା କମିଟି ଏବଂ ରୋଧପୁର ମା’ଶାରଳା ଦୁର୍ଗାପୂଜା କମିଟି ପକ୍ଷରୁ ମା’ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା’ଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ଘଣ୍ଟଘଣ୍ଟା ନାଦରେ ଅଣାଯାଇ ସାଲେପୁର ବଜାର ପରିକ୍ରମା କରାଯିବା ସହ କଲେଜ ପୋଲ ନିକଟରେ କେନ୍ଦ୍ରାପଡ଼ା କେନାଲରେ ବିସର୍ଜନ କରାଯାଇଥିଲା। ମେଲାଣି ଯାତ୍ରା ଦେଖିବାକୁ ଭକ୍ତଙ୍କ ସମାଗମ ହୋଇଥିଲା। ଭସାଣି ଉତ୍ସବ ପାଇଁ ସାଲେପୁର ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



# ପାଞ୍ଚଗାଁରେ ୧୪ତମ ରାବଣପୋଡ଼ି

**ତିଗିରିଆ, ୧୪।୧୦(ଜାଫର ଖାଁ):** ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁରେ ରବିବାର ବିଜୟା ଦଶମୀରେ ୧୪ତମ ରାବଣ ପୋଡ଼ି ଉତ୍ସବ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ପାଞ୍ଚଗାଁ ଦୁର୍ଗାବଜାର ସଂଲଗ୍ନ ପଞ୍ଚାନନେଶ୍ୱର ମନ୍ଦିରଠାରେ ପଞ୍ଚାନନେଶ୍ୱର ରାବଣପୋଡ଼ି ଯୁବଗୋଷ୍ଠୀ ପକ୍ଷରୁ ଏହି



କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରକାର ଆତସବାଜି ମଧ୍ୟରେ ଯୁବଗୋଷ୍ଠୀର କର୍ମକର୍ତ୍ତା ରାବଣ ପ୍ରତିକୃତିରେ ଅଗ୍ନିସଂଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଦୁର୍ଗାବଜାର କମିଟି ସହଯୋଗ କରିଥିଲା। ସୋମବାର ଶାନ୍ତିଶୃଙ୍ଖଳା ର ସହିତ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ବିଜୟା ଦଶମୀ ଅବସରରେ ବାଲିଯାତ୍ରା ତଳପଡ଼ିଆରେ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ରାବଣପୋଡ଼ି।

# ବାଜା, ବାଣରେ ବିଦାୟ ନେଲେ ମା’

**ଖୁଣ୍ଟୁଣୀ,୨୪।୧୦(ସଚ୍ଚିଦାନନ୍ଦ ପଣ୍ଡା)**



ଖୁଣ୍ଟୁଣୀର ବିଭିନ୍ନ ସ୍ଥାନରେ ମା’ ଦୁର୍ଗାଙ୍କ ଭସାଣି ଉତ୍ସବ ସମାରୋହରେ ସମ୍ପନ୍ନ ହୋଇଛି। ରାଧାକିଶୋରପୁର, ନଦୀକୂଳ ସତ୍ୟନାରାୟଣପୁର, କୁମାରପୁର ଆଦି ବିଭିନ୍ନ ଗ୍ରାମର ପୂଜା ମଣ୍ଡପରେ ମା’ଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ବିସର୍ଜନ କରିବା ପରେ ବାଣ ବାଜା ରୋଷଣିରେ ନିଆଯାଇ ଜୋର, ପୋଖରୀ, ନାଳ ଆଦିରେ ବିସର୍ଜନ କରାଯାଇଛି। ସତ୍ୟନାରାୟଣପୁରରେ ବିନା ଡିଜେ ବାଜାରେ ପାରମ୍ପରିକ ବାଦ୍ୟ, ନୃତ୍ୟରେ ରୋସଣି କରି ଭସାଣି ହୋଇଛି। ସତ୍ୟନାରାୟଣପୁର ଯୁବକ ସଂଘ ଯୁବକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୃଙ୍ଖଳାର ସହିତ ଭସାଣିରେ ନିଆଯାଇ ନିକଟସ୍ଥ ବିଶିନାହାକାଣୀ ଜୋରରେ ବିସର୍ଜନ କରାଯାଇଥିଲା। ସେହିପରି ରାଧାକିଶୋରପୁରରେ ମଧ୍ୟ ୫ଟି ପୂଜାମଣ୍ଡପରେ ମା’ଙ୍କ ପ୍ରତିମାଙ୍କୁ ସୋମବାର ଭସାଣି କରାଯାଇଛି। ପୁରୁଷୋତ୍ତମପୁର, କୁସ୍ପଙ୍ଗି, ମହାକାଳବସ୍ତ, କଖଡ଼ି, ଘଣ୍ଟିଖାଲ ଆଦିବିଭିନ୍ନସ୍ଥାନରେ ସୋମବାର ରାତି ୧୦ଟା ସୁଦ୍ଧା ସମସ୍ତ ମେଢ଼ ଭସାଣି ଶେଷ ହୋଇଛି। ଏଥିନେଇ ଖୁଣ୍ଟୁଣୀ ଓ ଗୁରୁ ଥାନା ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।



ପୂଜାମଣ୍ଡପ ବୁଲିବା ଅବସରରେ ମଙ୍ଗଳାବାଗ ପୂଜା କମିଟି ପକ୍ଷରୁ କଟକ–ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ବିଜୟା ଦଶମୀରେ କଟକ ଶେଖ୍ ବଜାର ପୂଜାମଣ୍ଡପ ସମ୍ମୁଖରେ ମହିଳାମାନଙ୍କ ପାରମ୍ପାରିକ ସିନ୍ଦୂର ଖେଳ।



ପୁରୀଘାଟ କାଠଯୋଡ଼ି ନଦୀତଟରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ଦେଖିବାକୁ ଲୋକଙ୍କ ଗହଳି। (ଫଟୋ: ରାଜକିଶୋର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୧୦।୨୦୨୪

| | |
|---|---|
| ୬,୪୨,୭୨୬ ଟଙ୍କା | |
| ସୁନା | ୩.୩୦୦ ଗ୍ରାମ୍ |
| ରୁପା | ୧୦୪.୩୦୦ ଗ୍ରାମ୍ |

# ଡିଜିଟାଲ ପ୍ଲାଟ୍‌ଫର୍ମରେ ସମୃଦ୍ଧ ହେବ ଓଡ଼ିଆ ଭାଷା

### ଠିକ୍ ବ୍ୟବହାର ପାଇଁ ଗୁଗ୍‌ଲ ଇଣ୍ଡିଆ ଟିମ୍ ସହ ଆଲୋଚନା

ଭୁବନେଶ୍ୱର, ୧୪।୧୦(ବନ୍ଦନା ସେଠୀ)

ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଦ୍ୱାରା ଲୋକେ ନିଜ ଘରେ ବସି ମୋବାଇଲ ମାଧ୍ୟମରେ ବିଭିନ୍ନ ତଥ୍ୟ ପାଇପାରୁଛନ୍ତି। ମାତ୍ର ଆଜି ବି ବିଭିନ୍ନ ସର୍ଚ୍ଚ ଇଞ୍ଜିନ ଏବଂ ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାରେ ଠିକ୍ ଓ ନିର୍ଭୁଲ ତଥ୍ୟ ପାଇପାରିବା ସମ୍ଭବପର ହୋଇପାରୁନାହିଁ। ଫଳରେ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ଓଡ଼ିଆ ୟୁଜର୍ସମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ସହ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମରେ ଠିକ୍ ଭାବେ ବ୍ୟବହାର ହେବା ଏବଂ ଓଡ଼ିଆ ଲୋକମାନେ ନିଜ ମାତୃଭାଷାରେ ଯେପରି ସହଜରେ ସମସ୍ତ ତଥ୍ୟ ପାଇପାରିବେ ସେନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗୁଗ୍‌ଲ ଇଣ୍ଡିଆ ଟିମ୍ ସହ ଆଲୋଚନା କରିଛି। ଏନେଇ ସୋମବାର ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିସହ ଇଂଲିଶ ଭାଷାରେ ଉପଲବ୍ଧ ହେଉଥିବା ତଥ୍ୟର ଠିକ୍ ଓଡ଼ିଆ ଅନୁବାଦ, ଓଡ଼ିଆ ଲିପିର ଷ୍ଟାଣ୍ଡାର୍ଡାଇଜେଶନ, ସାମାଜିକ ଗଣମାଧ୍ୟମରେ ଅଭିବ୍ୟକ୍ତି ପରିପ୍ରକାଶ ନିମନ୍ତେ ଠିକ୍ ଓଡ଼ିଆ ଭାଷାର ବ୍ୟବହାର ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ଓଡ଼ିଆ ଭାଷାରେ ସମସ୍ତ ତଥ୍ୟ ଉପଲବ୍ଧ ହେବା ପାଇଁ ପଦକ୍ଷେପ ନେବା ନିମନ୍ତେ ଆଲୋଚନା କରାଯାଇଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ, ଡିଜିଟାଲ ପ୍ଲାଟ୍‌ଫର୍ମରେ ଓଡ଼ିଆ ଭାଷାର ବ୍ୟବହାର ହେବା ଦ୍ୱାରା ବିଶ୍ୱର କୋଣଅନୁକୋଣରେ ବାସ କରୁଥିବା ଓଡ଼ିଆଙ୍କୁ ନିଜ ମାତୃଭାଷା ସହ ଯୋଡ଼ି ରଖାଯାଇପାରିବ। ଏଥିସହ ଅଭିବ୍ୟକ୍ତିର ପରିପ୍ରକାଶ ପାଇଁ ଏକ ପ୍ରକୃଷ୍ଟ ମାଧ୍ୟମ ପ୍ରଦାନ କରିପାରିବ ବୋଲି ମତ ଦେଇଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲରେ ଯେପରି ଓଡ଼ିଆ ଭାଷାରେ ସମସ୍ତ ତଥ୍ୟ ଉପଲବ୍ଧ ହୋଇପାରିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଭାରତ ସରକାରଙ୍କ ସଡ଼କ, ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଉପସଚିବ ଲକ୍ଷ୍ମୀନାରାୟଣ ମିଶ୍ର, ଓଡ଼ିଶା ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବପ୍ରସାଦ ଦାଶ, ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଫଣୀନ୍ଦ୍ର ନନ୍ଦ, ପ୍ରେମାନନ୍ଦ ମହାପାତ୍ର ଏବଂ ଗୁଗ୍‌ଲ ଇଣ୍ଡିଆ ଟିମ୍ ପକ୍ଷରୁ ହର୍ଷ ଧନ୍ଦ ଏବଂ ଅମ୍ରିତା କାମାତ୍ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିରରେ ହେବ ବନକଲାଗି ନୀତି

## ୧୬ରେ ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

ପୁରୀ,୧୪।୧୦(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ବୁଧବାର ଅବସରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦଇତାପତି ସେବକମାନେ ଏହି ବନକଲାଗି ନୀତି ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୁଏ। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଏବଂ ପହୁଡ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପାଦନା କରିବା ନିମନ୍ତେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିବେ। ସେବକମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦଇତାପତି ସେବକମାନେ ନୀତି ଶେଷ କରି ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଗୁପ୍ତ ନୀତି ପାଇଁ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସାପ କାମୁଡ଼ାରେ ୨ ଆହତ

ତ୍ରିଶୂଳିଆ,୧୪।୧୦ (ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ନରାଜ ମାର୍ଥାପୁର ଗ୍ରାମପଞ୍ଚାୟତର ମାର୍ଥାପୁର ଗ୍ରାମ ଓ ରାମଦାସପୁର ଗ୍ରାମପଞ୍ଚାୟତର ନେତଲ ଗ୍ରାମରେ ସାପ କାମୁଡ଼ାରେ ୨ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ଶନିବାର ସକାଳୁ ମାର୍ଥାପୁର ଗ୍ରାମର ଆନନ୍ଦ ନାୟକ(୧୮) ବିଲରେ କାମ କରିବା ସମୟରେ ଏକ ସାପ ତାଙ୍କ ଗୋଡ଼କୁ ଦଂଶିଥିଲା। ଏନେଇ ସେ ତାଙ୍କ ବାପାଙ୍କୁ ଜଣାଇବାରୁ ସେ ଆନନ୍ଦଙ୍କୁ କଟକ ବଡ଼ ମେଡିକାଲକୁ ନେଇ ଯାଇଥିଲେ। ସେଠାରେ ସେ ଚିକିତ୍ସା ପରେ ଏବେ ସୁସ୍ଥ ଥିବା ଜଣାପଡ଼ିଛି। ସେହିପରି ରାତିରେ ନେତଲ ଗ୍ରାମର ମାନସ ସାହୁଙ୍କ ସାନ ପୁଅ ଘରୁ ବାହାରକୁ ଆସୁଥିବାବେଳେ କବାଟ ସମ୍ମୁଖରେ ଶୋଇଥିବା ସାପଟି ଉପରେ ପାଦ ପକାଇଥିଲେ। ଫଳରେ ସାପଟି ତାଙ୍କୁ ଚୋଟ ମାରିଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇଯାଇଥିଲେ। ସେ ସୁସ୍ଥ ହେବା ପରେ ସୋମବାର ଘରକୁ ଫେରିଥିବା ଜଣାପଡ଼ିଛି।

## ପୂଜାମଣ୍ଡପରେ ନୃତ୍ୟ ପରିବେଷଣ ବେଳେ ଗଣ୍ଡଗୋଳ

ଟାଙ୍ଗୀ,୧୪।୧୦(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଝାଟିନୂଆଗାଁ କଲୋନୀ ଦୁର୍ଗାପୂଜା ପେଣ୍ଡାଲରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଥିଲା। ସୋମବାର ସନ୍ଧ୍ୟାରେ ନୃତ୍ୟ ପରିବେଷଣ ହେଉଥିବା ବେଳେ କେତେଜଣ ଯୁବକ ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ କମିଟି ଯୁବକମାନଙ୍କ ସହ ବଚସା ପରେ ଆକ୍ରମଣ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଖବରପାଇ ଟାଙ୍ଗୀ ଥାନା, ଭୂଷଣ୍ଡପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି।

# ଯୁବ ଶକ୍ତି ହେଉଛି ରାଷ୍ଟ୍ର ଶକ୍ତି




କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଯୁବ ନୃତ୍ୟ ଶିଳ୍ପୀମାନେ।

### କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୧୦ (ଅନୁରାଧା ମହାରଣା)

ଯୁବ ଶକ୍ତି ହେଉଛି ରାଷ୍ଟ୍ରର ଶକ୍ତି। ଯୁବ ବର୍ଗର ମୁକ୍ତ ବିଚାରଧାରା ନୂଆ ସମାଜ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ଏବଂ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆର୍‌ପିଏଫ୍ ଭୁବନେଶ୍ୱରର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରୂପେଶ କୁମାର, ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ୍ ଖୁସ୍‌ୱାହା, କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ଆଞ୍ଚଳିକ ନିୟୋଜନ ଅଧିକାରୀ ତପନ କୁମାର ରାଉଳ, ନେହେରୁ ଯୁବକେନ୍ଦ୍ରର ସହନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂ, ଯୁବ ଅଧିକାରୀ ବିପିନ କୁମାର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୬ଦିନ ଧରି ଚାଲିବାକୁ ଥିବା ଏହି ଯୁବ ବିନିମୟ କାର୍ଯ୍ୟକ୍ରମରେ କଶ୍ମୀରରୁ ୧୩୨ ଯୁବତୀଯୁବକ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବ ପରିଚାଳନାରେ ଶୁଭେନ୍ଦ୍ରନାଥ ସାହୁ, କୁଳମଣି ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିଲେ ଅଚିହ୍ନା ବୃଦ୍ଧ

ତ୍ରିଶୂଳିଆ,୧୪।୧୦(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ନରାଜ-ମାର୍ଥାପୁର ରେଲ୍‌ୱେ ଷ୍ଟେଶନ ନିକଟରେ ଜଣେ ବୃଦ୍ଧ ଯାତ୍ରୀ ଚଳନ୍ତା ଟ୍ରେନରୁ ଖସିପଡ଼ି ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ବୃଦ୍ଧଙ୍କ ପରିଚୟ ମିଳିପାରିନାହିଁ। ଖବରରୁ ପ୍ରକାଶ, ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍ ଟ୍ରେନ୍‌ରେ ବୃଦ୍ଧ ଜଣଙ୍କ ଯାଉଥିଲେ। ଅସାବଧାନତାବଶତଃ ସେ ନରାଜ ମାର୍ଥାପୁର ନିକଟରେ ଟ୍ରେନ୍‌ରୁ ଖସି ପଡ଼ିଥିଲେ। ଏ ସମ୍ପର୍କରେ ଖବର ପାଇ ରେଲ୍‌ୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରିଥିଲା। ପରେ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ପୋଲିସ ତାଙ୍କ ପରିଚୟ ପାଇବାକୁ ଉଦ୍ୟମ ଚଳାଇଛି।

# ଚନ୍ଦ୍ର ପଛରେ ଲୁଚିଲା ଶନି

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)

ସୋମବାର ମଧ୍ୟରାତ୍ର ପରେ ଏକ ବିରଳ ମହାଜାଗତିକ ଘଟଣା ଦେଖିବାକୁ ମିଳିଥିଲା। ଶନି ଗ୍ରହ ଚନ୍ଦ୍ର ପଛରେ ଲୁଚିଯାଇ ଅଦୃଶ୍ୟ ହୋଇଯାଇଥିଲା ଏବଂ ପୁନର୍ବାର ଦେଖାଯାଇଥିଲା। ରାତି ପ୍ରାୟ ୧୨ଟା ୩୩ ମିନିଟ୍‌ରେ ଶନି ଚନ୍ଦ୍ର ପଛରେ ଲୁଚି ରାତି ୧ଟା ୩୨ ମିନିଟରେ ଚନ୍ଦ୍ର ପଛରୁ ବାହାରିଥିଲା। ଏହି ଘଟଣାକୁ ଏକପ୍ରକାର ପରାଗ କୁହାଯାଇପାରିବ ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

ତାଙ୍କ କହିବାନୁସାରେ, ସୂର୍ଯ୍ୟପରାଗ ସମୟରେ ଚନ୍ଦ୍ର ଯେମିତି ସୂର୍ଯ୍ୟକୁ ଘୋଡ଼ାଇ ଦେଇଥାଏ, ସେହିପରି ଏଠାରେ ଚନ୍ଦ୍ର ଶନି ଗ୍ରହକୁ ଘୋଡ଼ାଇ ଦେଇଥିଲା। ଆକାଶରେ ଖାଲିଆଖିରେ ଦେଖାଯାଉଥିବା ଚନ୍ଦ୍ର, ସୂର୍ଯ୍ୟ, ତାରା ଓ ଗ୍ରହଗୁଡ଼ିକର ଆକାର ପ୍ରକୃତରେ ବହୁତ ବଡ଼। ସେଗୁଡ଼ିକ ଆମଠାରୁ ଅନେକ ଦୂରରେ ଥିବାରୁ ଆମକୁ ଏପରି ଛୋଟ ଦେଖାଯାଆନ୍ତି। ଆମକୁ ଖାଲିଆଖିରେ ଦେଖାଯାଉଥିବା ୫ଟି ଗ୍ରହ ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି ଓ ଶନି ସୂର୍ଯ୍ୟ ଚାରିପଟେ ବୁଲୁଛନ୍ତି। ଏଗୁଡ଼ିକ ଆମକୁ ଆକାଶରେ ଏକ ତାରା ଭଳି ଦେଖାଯାଆନ୍ତି। ପୃଥିବୀ, ଚନ୍ଦ୍ର ଓ ଗ୍ରହମାନଙ୍କ ଗତି ଫଳରେ ପୃଥିବୀ ସହ ଅନ୍ୟ ଦୁଇଟି ପିଣ୍ଡ ସମୟ ସମୟରେ ଏକ ସରଳରେଖାରେ ଚାଲିଆସନ୍ତି। ଯେତେବେଳେ ଲୁଚୁଥିବା ପିଣ୍ଡଟିର ଆକାର ଲୁଚାଉଥିବା ପିଣ୍ଡର ଆକାର ତୁଳନାରେ ଅନେକ ଗୁଣ ଛୋଟ ହୋଇଥାଏ, ସେତେବେଳେ ଏହାକୁ ସମାବରଣ କୁହାଯାଏ। ଯଦି ଆମ ଆକାଶରେ ବଡ଼ ଦେଖାଯାଉଥିବା ଚନ୍ଦ୍ର ପଛରେ ଖୁବ୍ ଛୋଟ ଦେଖାଯାଉଥିବା ତାରା ବା ଗ୍ରହଟିଏ ଲୁଚିଯାଏ, ତା'ହେଲେ ସମାବରଣ ଘଟିଥାଏ। ଚନ୍ଦ୍ର ପଛରେ ଲୁଚିଯାଉଥିବା ତାରା, ଗ୍ରହ, ଉପଗ୍ରହ ଅଥବା ନକ୍ଷତ୍ରପୁଞ୍ଜର ସମାବରଣ ଖାଲିଆଖିରେ ଦେଖାଯାଇଥାଏ ବୋଲି ଡ. ପଟ୍ଟନାୟକ କହିଛନ୍ତି।

## ମଧୁପୁର ଗାଁ ମୁଣ୍ଡରୁ ଅଜଗର ଉଦ୍ଧାର



ବାରଙ୍ଗ,୧୪।୧୦ (ଲିଙ୍ଗରାଜ ରାଉତ)

ମଧୁପୁର ଗାଁ ମୁଣ୍ଡରୁ କିଛି ଦୂରରେ ରାସ୍ତା କଡ଼ରେ ଥିବା ଏକ ପଥରଗଦା ପାଖରୁ ସୋମବାର ରାତିରେ ପ୍ରାୟ ୧୦/୧୨ ଫୁଟ ଲମ୍ବର ଏକ ଅଜଗର ସାପକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ପ୍ରଥମେ ସାପଟିକୁ ଦେଖିଥିଲେ। ଖବର ପ୍ରଚାରି ହେବା ପରେ ସାପକୁ ଦେଖିବାକୁ ସେଠାରେ ଭିଡ଼ ଲାଗିଥିଲା। ସ୍ଥାନୀୟ ଗ୍ରାମର ସ୍ନେକ୍ ଲାଇଭ୍ ସଦସ୍ୟ ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ସେ ସାପକୁ ନିକଟ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ମଧୁପୁର ଗାଁ ମୁଣ୍ଡରୁ ଏକ ବିରାଟ ଅଜଗର ଉଦ୍ଧାର ହୋଇଥିଲା।

# 'ୟୁଥ୍ ଆଇଡିଆଥନ୍'ରେ ଓଡିଏମ୍ ପ୍ରଥମ




'ୟୁଥ୍ ଆଇଡିଆଥନ'ର କନିଷ୍ଠ ବିଭାଗରେ ପ୍ରଥମ ହୋଇଥିବା ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୪।୧୦ (ଅନୁରାଧା ମହାରଣା)

ଭାରତର ସର୍ବୋଚ୍ଚ ପ୍ରଦ୍ୟୋଗିକ ସଂସ୍ଥାନ ଆଇଆଇଟି ଦିଲ୍ଲୀରେ 'ୟୁଥ୍ ଆଇଡିଆଥନ' ଅନୁଷ୍ଠିତ ହୋଇଯାଇଛି। ଫାଇନାଲ୍ ରାଉଣ୍ଡର କନିଷ୍ଠ ବିଭାଗରେ ଭୁବନେଶ୍ୱର ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ପ୍ରଥମ ହୋଇ ୧ ଲକ୍ଷ ଟଙ୍କାର ପୁରସ୍କାର ଜିତିଛନ୍ତି। ଏଥିରେ ୧ ହଜାରରୁ ଅଧିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡିଏମ୍ ପବ୍ଲିକ୍ ସ୍କୁଲର ପ୍ରତିଯୋଗୀମାନେ ନିଜ ନିଜର ପ୍ରକଳ୍ପ କାର୍ଯ୍ୟ 'ସ୍କାଏମିଷ୍ଟ' ପ୍ରଦର୍ଶନ କରି ପ୍ରଥମେ ଟପ୍ ୫୦୦କୁ ମନୋନୀତ ହୋଇଥିଲେ। ଫାଇନାଲ ରାଉଣ୍ଡରେ ଶୀର୍ଷସ୍ଥାନ ହାସଲ କରିଥିଲେ। ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଆମେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିରନ୍ତର ବିଜ୍ଞାନସମ୍ମତ ଚେତନା, ଜିଜ୍ଞାସା ସୃଜନଶୀଳତା ଏବଂ ନବାଚାର ଆଦି ଉତ୍ସାହିତ କରିବାକୁ ପ୍ରତିବଦ୍ଧ। ଏହା ଛାତ୍ରୀଛାତ୍ରଙ୍କୁ ରାଜ୍ୟ, ଦେଶ ଓ ବିଦେଶରେ ବିଦ୍ୟା, ଜ୍ଞାନ, ଗବେଷଣା, ଆବିଷ୍କାର ଓ ଉଦ୍ଭାବନ ଆଦି କ୍ଷେତ୍ରରେ ଅଗ୍ରଗଣ୍ୟ କରିପାରିବ। ଏହି ଅବସରରେ ସେ ପିଲାଙ୍କ ନେତୃତ୍ୱ ନେଇଥିବା ବିଜ୍ଞାନ ଶିକ୍ଷୟିତ୍ରୀ ମଣିଦୀପା ମହାପାତ୍ର, ଶାନ୍ତିଲତା ତ୍ରିପାଠୀ ଓ ଛାତ୍ରୀ ଅନ୍ୱେଷା ପି. ପଲାଇ, ଅଭିପ୍ସା ରାଉତରାୟ ଏବଂ ଆକ୍ରିତି ଜୈଶୱାଲଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ତଥା ବିଦ୍ୟାଳୟ ପ୍ରବନ୍ଧନର ଅନ୍ୟ ସମସ୍ତ ସଦସ୍ୟାସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ ଅନୀଲ



@ ବାପୁ



@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଆରମ୍ଭ

ପୁରୀ,୧୪।୧୦(ଅଜିତ କୁମାର ମହାନ୍ତି)



ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅର୍ଥାତ ସୋମବାରଠାରୁ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ କାର୍ତ୍ତିକ ନୀତି ଆରମ୍ଭ ହେବା ସହ ରତ୍ନସିଂହାସନରେ ଶ୍ରୀବିଗ୍ରହମାନେ ଦୁର୍ଲଭ ରାଧାଦାମୋଦର ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଦାରୁଦିଅଁଙ୍କ ଏହି ବେଶ ଦୀର୍ଘ ଏକମାସ ଧରି ଚାଲିବ। ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରୁ କାର୍ତ୍ତିକ ଶୁକ୍ଳ ଦଶମୀ ତିଥି ପର୍ଯ୍ୟନ୍ତ ମହାପ୍ରଭୁ ରାଧାଦାମୋଦର ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ସେହିପରି ଏକାଦଶୀ ତିଥିରୁ ମହାପ୍ରଭୁଙ୍କ ନିକଟରେ ବାଳଭୋଗ ଲାଗିହୋଇଛି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ମଙ୍ଗଳଆଳତି ଓ ଅବକାଶ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ। ଠାକୁରମାନେ ଏହି ବେଶରେ ବାଳଭୋଗ ପର୍ଯ୍ୟନ୍ତ ରହନ୍ତି। ଏହି ବେଶରେ ଥାଇ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ ଓ ବାଳ ଭୋଗ ହୋଇଥାଏ। ବାଳଭୋଗ ଛେକ ଆସିବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି ଓ ବାଳ ଭୋଗ ସରିବା ପରେ ତିନିବାଡ଼ରେ ବନ୍ଦାପନା ଏବଂ ବେଶ ଓଲାଗି ହୋଇଥାଏ। ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧରମାଳା ସହ ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଠାକୁରମାନଙ୍କୁ ଲାଗି କରାଯାଇଥାଏ। ଏଥିସହ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଦୁଇ ହସ୍ତରେ ସୁବର୍ଣ୍ଣ ନଳୀଭୁଜ , ତ୍ରିମୁଣ୍ଡିରେ ବାଉଁଶ ପାତିଆ ଓ କନାରେ ନିର୍ମିତ ଚୂଳ, ଚୂଳର ଅଗ୍ରଭାଗରେ ରୁପା, ଚନ୍ଦ୍ରିକା, କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ କମରପଟି, କଣ୍ଠରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ତିଳକ, ଚନ୍ଦ୍ର, ସୂର୍ଯ୍ୟ ଏବଂ ରାମାନନ୍ଦୀ ଚିତା ଇତ୍ୟାଦି ସୁବର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇଥାନ୍ତି। ମସ୍ତକରେ ତଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଓ ସୁବର୍ଣ୍ଣ ଅଳଙ୍କାର ସହ ପାଟଶାଢ଼ୀ, ଶିରି କପଡ଼ା, ବଳା, ଅଧରବଳା ଓ ଉତ୍ତରୀୟ ବସ୍ତ୍ର ଲାଗି ହୁଏ। ଏହି ବେଶରେ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଶ୍ରୀବିଗ୍ରହମାନେ ଲାଗି ହୋଇଥାନ୍ତି। ସେହିପରି ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ବାଳଭୋଗ ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବାଳ ଭୋଗ ଅନୁଷ୍ଠିତ ହେବ। ପଞ୍ଚ ଉପଚାରରେ ମହାପ୍ରଭୁଙ୍କ ନିକଟରେ ବାଳଭୋଗ ଲାଗି କରାଯାଇଥାଏ।



ବିଧାନସଭା ପରିସରରେ ସୋମବାର ବାଚସ୍ପତି ସୁରମା ପାଢ଼ୀଙ୍କୁ ଓଡ଼ିଶା ପ୍ରଧାନ ମହାଲେଖାକାର ରାଜ କୁମାର ଅଗ୍ରୱାଲ ସାକ୍ଷାତ କରି ଭାରତ ସରକାରଙ୍କ ସିଏଜି ପକ୍ଷରୁ ପ୍ରକାଶିତ 'ଦ କାଟାଲିଷ୍ଟ' ପୁସ୍ତକ ପ୍ରଦାନ କରୁଛନ୍ତି।

**ଜେଏସ୍‌ପି ଗ୍ରୁପ୍ ଫର୍ନେସରେ ବିସ୍ଫୋରଣ**

ଅନୁଗୋଳ,(ଜ୍ୟୋତିରଞ୍ଜନ ସାହୁ)/ ଛେଣ୍ଡିପଦା (ଅଜିତ ଧଳ): ଅନୁଗୋଳ ନିଶା ଶିଳ୍ପାଞ୍ଚଳଠାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ବ୍ଲାଷ୍ଟ ଫର୍ନେସରେ ସୋମବାର ସନ୍ଧ୍ୟାରେ କୌଣସି କାରଣରୁ ବିସ୍ଫୋରଣ ହୋଇଛି। ପ୍ଲାଣ୍ଟ ଭିତରେ ଥିବା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେଠାରେ କାର୍ଯ୍ୟରତ ଶ୍ରମିକ ଏବଂ ଅନ୍ୟ କର୍ମଚାରୀଙ୍କ ମଧ୍ୟରୁ କେହି ଏହି ଦୁର୍ଘଟଣାରେ ଆହତ ହୋଇ ନାହାନ୍ତି ଜରୁରୀକାଳୀନ ସୁରକ୍ଷା ପାଇଁ କମ୍ପାନୀ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରୀମନ୍ଦିରରେ ହେବ ୬ ଥାକିଆ ଦର୍ଶନ ବ୍ୟବସ୍ଥା

## କାର୍ତ୍ତିକ ମାସ ପରେ ସମୀକ୍ଷା କରାଯାଇ ନିଆଯିବ କାର୍ଯ୍ୟକାରୀ ନିଷ୍ପତ୍ତି

ପୁରୀ,୧୪।୧୦ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତର ଭିଡ଼ ନିୟନ୍ତ୍ରଣ ପାଇଁ ଲାଗୁ ହେବ ୬ ଥାକିଆ ଦର୍ଶନ ବ୍ୟବସ୍ଥା। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ଆସୁଛନ୍ତି। ତେବେ ଅନେକ ସମୟରେ ଭକ୍ତମାନେ ଶ୍ରୀମନ୍ଦିରରେ ଭିଡ଼ ଯୋଗୁ ସମସ୍ୟାର ସାମ୍ନା କରୁଛନ୍ତି। ତେଣୁ ଶ୍ରୀମନ୍ଦିର ଭିତର କ୍ରାଉଡ୍ ମ୍ୟାନେଜମେଣ୍ଟ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ସୁଲଭ ଦର୍ଶନ ସହ ଗହଳି ନିୟନ୍ତ୍ରଣ ନିମନ୍ତେ ନାଟମଣ୍ଡପରେ ୬ ଥାକିଆ ଦର୍ଶନ ବ୍ୟବସ୍ଥା ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଛି। ବିଶେଷ, ବୃଦ୍ଧାବୃଦ୍ଧ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ବାହାର କାଠ ଦର୍ଶନ ପାଇଁ ସୁଲଭ ର୍‌ୟାମ୍ପ ଓ ଷ୍ଟେ ବ୍ୟବସ୍ଥା ରହିବ। ଏନେଇ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍‌ସନ କର୍ପୋରେସନ ଲିମିଟେଡ୍ (ଓବିସିସି) ସ୍ୱତନ୍ତ୍ର ପ୍ରସ୍ତାବିତ ଡିଜାଇନ୍ ଦେଇଛି। ତେବେ କାର୍ତ୍ତିକ ମାସ ପରେ ଡିଜାଇନ୍‌ର ସମୀକ୍ଷା କରି ନିଷ୍ପତ୍ତି ନିଆଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଚାରିଦ୍ୱାର ପ୍ରବେଶ ଉନ୍ମୁକ୍ତ ହେବା ପରେ ବାହାରେ ଭିଡ଼ ନିୟନ୍ତ୍ରଣକୁ ଆସିଥିଲେ ହୋଇଥିବାବେଳେ ଶ୍ରୀମନ୍ଦିର ଭିତରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଭିତରବେଢ଼ାରୁ ନାଟମଣ୍ଡପକୁ ଯିବା ପାଇଁ ସାତପାହାଚ ଦ୍ୱାର ହିଁ ଏକମାତ୍ର ପ୍ରବେଶ ପଥ ପୂର୍ବରୁ ରହିଛି। ଏହାର ସେଭଳି ବିକଳ୍ପ ମଧ୍ୟ ନାହିଁ। ତେଣୁ ନାଟମଣ୍ଡପରେ ଦର୍ଶନ ଶୃଙ୍ଖଳା ପାଇଁ ନୂଆ କ୍ରାଉଡ୍ ମ୍ୟାନେଜମେଣ୍ଟ ଆପଣାଇବାକୁ ଶ୍ରୀମନ୍ଦିର ପ୍ରଶାସନ ଆଗ୍ରହ ଦେଖାଇଛି। ଏନେଇ ଓବିସିସି ସ୍ୱତନ୍ତ୍ର ଡିଜାଇନ୍ ସହ ଏକ ଡେମୋ ପାଇଁ ପ୍ରସ୍ତାବ ଦେଇଛି। ବାହାର କାଠ ଦର୍ଶନ ବେଳେ ବୟସ୍କ, ବୃଦ୍ଧାବୃଦ୍ଧ, ଶିଶୁ ଓ ମହିଳାଙ୍କୁ ଠେଲାପେଲା ପରିସ୍ଥିତି ସାମ୍ନା କରିବାକୁ ପଡୁଛି, ତାକୁ ନେଇ ନୂଆ ହ୍ୟୁମାନ ଚେନ୍ (ମାନବ ଶୃଙ୍ଖଳ) ସହ ଏକ ନିୟନ୍ତ୍ରିତ ଦର୍ଶନ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଫଳରେ ବାହାର କାଠ ନିକଟରୁ ଗରୁଡ଼ ସ୍ତମ୍ଭ ମଧ୍ୟରେ ୧୬ ଫିଟର ଥିବା ଓସାରିଆ ସ୍ଥାନରେ ଷ୍ଟେପ୍ ଓ ର୍‌ୟାମ୍ପ ବ୍ୟବସ୍ଥା ଥିବା ପ୍ରସ୍ତାବିତ ଡିଜାଇନ୍ ଅନୁଯାୟୀ ବାହାର କାଠରୁ ଗରୁଡ଼ ସ୍ତମ୍ଭ ପର୍ଯ୍ୟନ୍ତ ୬ଥାକିଆ ବା ୬ଟି ଧାଡ଼ି କରାଯିବ। ପ୍ରତି ଧାଡ଼ିରେ ଗୋଟିଏ ଲେଖାଏ ଷ୍ଟେପ୍ ରହିବ। ପ୍ରଥମ ଧାଡ଼ି ତଳ ଚଟାଣରେ ରହିବ, କିନ୍ତୁ ଦ୍ୱିତୀୟ ଧାଡ଼ି ତା' ପଛକୁ ଅର୍ଥାତ ୬ ଇଞ୍ଚ ଉପରକୁ ଷ୍ଟେପ୍ ହୋଇ ରହିବ। ଏଭଳି କ୍ରମ - ଛଅ ଇଞ୍ଚ ଉଚ୍ଚତାରେ ଷ୍ଟେପ୍‌ଗୁଡ଼ିକ ୬ଷ୍ଠ ଧାଡ଼ି ପର୍ଯ୍ୟନ୍ତ ଅନୁସରଣ କରିବ। ଅର୍ଥାତ୍ ଯିଏ ପଛରେ ରହିବେ, ଆଗ ଲୋକ ଯେପରି ବାଧକ ନ ହେବେ, ସେପରି ଷ୍ଟେପ୍ ଉପରୁ ସେ ଦର୍ଶନ କରିପାରିବେ। ଷ୍ଟେପ୍‌ର ଦୁଇ ପାର୍ଶ୍ୱରେ ସୁଲଭ ର୍‌ୟାମ୍ପ ରଖିବାକୁ ପ୍ରସ୍ତାବ ଦିଆଯାଇଛି। କିଭଳି ଏହା ନୀତି ଓ ଭୋଗକୁ ପ୍ରଭାବିତ ନ କରିବ ସେନେଇ ବ୍ୟବସ୍ଥା କରାଯିବ। ଷ୍ଟେପ୍‌ରେ ଚଢ଼ କମ ଲାଗିପାରେ ବୋଲି ପ୍ରସ୍ତାବ ରହିଛି। ତେବେ ଉପରୋକ୍ତ ୬ଟି ଧାଡ଼ିରୁ ବୃଦ୍ଧାବୃଦ୍ଧ, ବୟସ୍କ, ମହିଳା ଓ ଶିଶୁଙ୍କ ପାଇଁ ୩ଟି ଷ୍ଟେପ୍ ସଂରକ୍ଷିତ ରହିବାକୁ ଥିବାବେଳେ ଅନ୍ୟ ୩ଟିରେ ସମସ୍ତେ ଯାଇପାରିବେ। ଭିତରବେଢ଼ାରୁ ଯେଉଁବେଳେ ସାତପାହାଚ ଦେଇ ଭକ୍ତ ନାଟମଣ୍ଡପକୁ ପ୍ରବେଶ କରିବେ, ଗରୁଡ଼ସ୍ତମ୍ଭ ପାର୍ଶ୍ୱରେ ମୁଖିଆ ମାରିବା ପରେ ଏଠାରୁ ଦୁଇଟି ଲେୟାର ଦେଇ ଯିବାକୁ ପଡ଼ିବ। ଗୋଟିଏ ଗରୁଡ଼ସ୍ତମ୍ଭ ସାମ୍ନା ଦେଇ ବାହାର କାଠ ଭିତର ଦେଇ ଗାରଦ ନିକଟ ଦ୍ୱାରରେ ପ୍ରସ୍ଥାନ କରିବେ। ଦ୍ୱିତୀୟଟି ଗୁମ୍ଫି ନିକଟ ଦେଇ ବାହାର କାଠ ବାହାର ପାଖ ଅଞ୍ଚଳ ଦେଇ ଦର୍ଶନ କରି ଘଣ୍ଟିଦ୍ୱାରରେ ପ୍ରସ୍ଥାନ କରିବେ। ବାହାର କାଠ ପାଇଁ ଏସବୁ ସ୍ତରର ଉପମୁଖ୍ୟମନ୍ତ୍ରୀଙ୍କୁ ଦେଖାଯାଉଛି। ଦର୍ଶନ ବ୍ୟବସ୍ଥା ହେବାକୁ ଥିବାବେଳେ ଭିତର କାଠ ଦର୍ଶନ ବ୍ୟବସ୍ଥା ପୂର୍ବବତ ସ୍ୱାଭାବିକ ରହିବ। ତେବେ ଦିବ୍ୟାଙ୍ଗଙ୍କୁ ଏହି ୬ଥାକିଆ ଦର୍ଶନ ବ୍ୟବସ୍ଥାରୁ ନ ରଖି ସ୍ୱତନ୍ତ୍ର ଭାବେ ଜୟ ବିଜୟ ଦ୍ୱାର ନିକଟରେ ଦର୍ଶନ ସୁବିଧା କରାଇବାକୁ ସେବାୟତ ମହଲରୁ ଦାବି ହୋଇଛି। ସ୍ୱତନ୍ତ୍ର ସ୍ଲଟ୍ ବୁକିଙ୍ଗ କରି ନିର୍ଦ୍ଦିଷ୍ଟ ସମୟରେ ଦିବ୍ୟାଙ୍ଗଙ୍କୁ ନେଇ ଦର୍ଶନ କରାଇବାକୁ ସେବାୟତ ଦାବି କରିଛନ୍ତି। କାର୍ତ୍ତିକ ମାସ ପରେ ଏହି ଡିଜାଇନ୍‌କୁ ଆଉଥରେ ସମୀକ୍ଷା କରାଯିବା ପରେ କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି।

# ବାଇକ୍‌କୁ ଧକ୍କାଦେଇ ଜଳିଗଲା ଯାତ୍ରୀବାହୀ ବସ୍

## ବାଇକ୍ ଚାଳକ ମୃତ



ଜଳିଯାଉଥିବା ବସ୍।

ଚଣ୍ଡିଖୋଲ/ଛତିଆ,୧୪।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ ସୌମ୍ୟରଞ୍ଜନ ସାହୁ)

ଯାଜପୁର ଜିଲ୍ଲା ବଡ଼ଚଣା ଥାନା ୧୬ନଂ ଜାତୀୟ ରାଜପଥର ଛତିଆ ନିକଟ ଭାଟିଆ ଛକରେ ସୋମବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ବସ୍‌ଟି ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଯାଇଛି। ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ପ୍ରାୟ ଦେଢ଼ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ସୂଚନା ଅନୁଯାୟୀ, କଟକ ଜିଲ୍ଲା କନ୍ଦରପୁର ଥାନା ପରମହଂସ ଗ୍ରାମର ସନାତନ ସାହୁଙ୍କ ପୁଅ ବଳରାମ ଭଦ୍ରକରୁ କଟକ ଅଭିମୁଖେ ଏକ ବାଇକ୍‌ରେ ଆସୁଥିଲେ। ଛତିଆ ନିକଟରେ ତାଙ୍କ ଆଗରେ ଆସୁଥିବା ଏକ ବୋଲେରୋ ଡାହାଣ ପଟକୁ ହଠାତ୍ କାଟିଦେବାରୁ ସେ ନିଜ ବାଇକ୍‌କୁ ଡାହାଣକୁ କାଟି ଦେଇଥିଲେ। ଏହି ସମୟରେ ଦ୍ରୁତଗତିରେ ବାଲେଶ୍ୱର ପଟରୁ ଆସୁଥିବା ଏକ ବସ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ବଳରାମ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍‌ଟି ରାସ୍ତାରେ ଘୋଷାଡ଼ି ହେବା ଯୋଗୁ ସେଥିରୁ ନିଆଁ ବାହାରି ପ୍ରଥମେ ବସ୍‌ର ଏସିରେ ଲାଗିଯାଇଥିଲା। ଏହାର କିଛି ସମୟ ମଧ୍ୟରେ ବସ୍‌ଟି ହୁତୁହୁତୁ ହୋଇ ରାସ୍ତା ଉପରେ ଜଳି ଉଠିଥିଲା। ରାସ୍ତାପାର୍ଶ୍ୱରେ ଦୋକାନ କରିଥିବା ବ୍ୟବସାୟୀମାନେ ତୁରନ୍ତ ସେଠାରେ ପହଞ୍ଚି ଯାତ୍ରୀମାନଙ୍କୁ ବସ୍ ଭିତରୁ ଉଦ୍ଧାର କରିଥିଲେ। ବସ୍‌ରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ। ତେବେ କୌଣସି ଯାତ୍ରୀଙ୍କର ବିଶେଷ କିଛି କ୍ଷତି ହୋଇନାହିଁ। ଦୁର୍ଘଟଣା ପରେ ବସ୍‌ର ଡ୍ରାଇଭର ଓ ଅନ୍ୟ କର୍ମଚାରୀମାନେ ଫେରାର ହୋଇଯାଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

# ଟ୍ରେନ୍‌ରେ କଟି ଛୁଆ ହାତୀ ମୃତ



ରେଳ ଧାରଣାରେ ପଡ଼ିଥିବା ହାତୀର ମୃତଦେହ।

ବନ୍ଧମୁଣ୍ଡା,୧୪।୧୦(ସୁବ୍ରତ ଦେ)

ରାଉରକେଲା ପାନପୋଷ ଫରେଷ୍ଟ ରେଞ୍ଜର ସୋମବାର ରାତିରେ ବନ୍ଧମୁଣ୍ଡା ରେଳ ଖଣ୍ଡର ଏ- କ୍ୟାବିନ ଏବଂ ଆର କ୍ୟାବିନ ମଧ୍ୟରେ ଟ୍ରେନରେ କଟି ଜଣେ ଛୁଆ ମାଈ ହାତୀର ମୃତ୍ୟୁ ଘଟିଛି। ଘଟଣା ସ୍ଥଳରେ ମା' ହାତୀ ସମେତ ୨୭ଟି ହାତୀ ଜଗି ରହିଥିଲେ। ବନ୍ଧମୁଣ୍ଡା ରେଞ୍ଜର ଦଳବଳ ସହିତ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ହାତୀପଲ ଜଗି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେଉଛି। ସୂଚନାଯୋଗ୍ୟ, ସନ୍ଧ୍ୟା ୮ଟାରେ ମୋଟ ୨୭ଟି ଜଙ୍ଗଲୀ ହାତୀ ପ୍ଲାନ୍ଟ କୁତୁରବାହାଲ ଜଙ୍ଗଲରୁ ବାହାରି ବନ୍ଧମୁଣ୍ଡା ସ୍ଥିତ ମଙ୍ଗଳବଜାର ଛକଦେଇ ଯୋଗାରାବାହାଲ ପଟେ ଟ୍ରେନ ଲାଇନ ଅତିକ୍ରମ କରୁଥିବା ବେଳେ ଏହି ଅଘଟଣ ଘଟିଛି। ହାୱଡ଼ା- ମୁମ୍ବାଇ ରୁଟରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ରାଉରକେଲା ରେଳଷ୍ଟେସନରେ ଟ୍ରେନ ଅଟକି ରହିଛି।

# ବିଭାଗୀୟ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନକଲେ ଉପମୁଖ୍ୟମନ୍ତ୍ରୀ

- ଚାରାରୋପଣ ନାଁରେ ଲକ୍ଷାଧିକ ଟଙ୍କା ଚଳୁ
- ଦେଖେଇ ପାରିଲେନି ରୋପଣ ଚାରା: ଫରେଷ୍ଟର ନିଲମ୍ବିତ

ପାଟଣାଗଡ଼,୧୪।୧୦ (ସଚ୍ଚିଦାନନ୍ଦ ମହାଭୁଇ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବନବିଭାଗ ରେଞ୍ଜ ଲାଗୁଆ ସେକ୍ସନ ଅନ୍ତର୍ଗତ ଅନ୍ଧାରି ପାହାଡ଼ ଓ ଦୁଡ଼ାକାଜା ପାହାଡ଼ର ପାଦଦେଶରେ ଚାରାରୋପଣ ନାଁରେ ମିଛ ବିଲ୍ କରି ବିଭାଗୀୟ କର୍ମଚାରୀ ଲକ୍ଷାଧିକ ଟଙ୍କା ହେରଫେର୍ କରିଥିବା ଅଭିଯୋଗ ହୋଇଥିଲା। ଏହି ପ୍ରସଙ୍ଗ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଦୃଷ୍ଟିକୁ ଆସିଥିଲା। ଏହାପରେ ସିଂହଦେଓ ଶୁକ୍ରବାର ବିଭାଗୀୟ ରେଞ୍ଜର ଓ ଡିଏଫ୍‌ଓଙ୍କୁ ଏ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ହେଲେ ସେମାନଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଶନିବାର ଉପମୁଖ୍ୟମନ୍ତ୍ରୀ ସିଂହଦେଓ, ବଲାଙ୍ଗିର ଜିଲ୍ଲାର ଡିଏଫ୍‌ଓ ଫ୍ଲାଇଙ୍ଗ ଛତିଆ, ବିଭାଗୀୟ ଡିଏଫ୍‌ଓ, ଏସିଏଫ, ରେଞ୍ଜର, ସେକ୍ସନ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ପାରା କର୍ମଚାରୀଙ୍କ ସହ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ପ୍ରଥମେ ଦମକିପଲିର ଦର୍ପଣ ଯୋଗ, ଗୁଣଚାଚିହି ସଂଲଗ୍ନିତ ଜଙ୍ଗଲ ସହ ମଲ୍ଲିକଡ଼ିହିର ଗାଁ ମୁଣ୍ଡରେ ଥିବା ଅନ୍ଧାରି ପାହାଡ଼ର ପାଦଦେଶ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ୨୦୨୨-୨୩, ୨୦୨୩-୨୪ ଆର୍ଥିକ ବର୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ରୋପଣ କରାଯାଇଥିବା ଚାରା ଉପମୁଖ୍ୟମନ୍ତ୍ରୀଙ୍କୁ ଦେଖାଇପାରି ନ ଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତି ଥିବା ଡିଏଫ୍‌ଓ ଓ ରେଞ୍ଜରଙ୍କୁ ଘଟଣାସ୍ଥଳରେ ସିଂହଦେଓ ତାଗିଦ କରିବା ସହ ସମ୍ପୃକ୍ତ ଫରେଷ୍ଟରଙ୍କ ଉପରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ମଧ୍ୟାହ୍ନରେ ପାଟଣାଗଡ଼ସ୍ଥିତ ବନବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ଆସି ଉପମୁଖ୍ୟମନ୍ତ୍ରୀ କାଗଜପତ୍ର ତନଖି ପରେ ସମସ୍ତ କାଗଜପତ୍ର ଜିଲ୍ଲାକୁ ଡିଏଫ୍‌ଓଙ୍କୁ ନେବାକୁ କହିବା ସହ ପୁଙ୍ଖାନୁପୁଙ୍ଖ ଭାବେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ଫରେଷ୍ଟର ପ୍ରିୟବ୍ରତ ନାଏକଙ୍କୁ ନିଲମ୍ବିତ କରାଯାଇଥିଲା। କ୍ୟାସବୁକ୍‌ର ଭେରିଫିକେସନ୍ ପରେ ଚାରା ରୋପଣ ନ କରି ମିଛ ବିଲ୍ କରି ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ବିଭାଗୀୟ କର୍ମଚାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାର ଡିଏଫ୍‌ଓ ଛତିଆ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି।


**Women & Child Development Department**
**Government of Odisha**
Lokseva Bhawan, Bhubaneswar-751001
No.9-
Advt. No. ................/2024 Date: ..................

**TENDER CALL NOTICE FOR HIRING OF VEHICLES**

Sealed quotation/ tenders are invited from registered Travel Agencies / Tour Operators / Private individuals for providing of 4 Nos. of AC Hybrid/ Petrol /Diesel driven vehicles on monthly hiring basis. Details regarding required vehicles, eligibility criteria, terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the website: www.wcd.odisha.gov.in and www.odisha.gov.in. Interested registered Travel Agencies / Tour Operators / Private individuals may submit their tenders in a sealed envelope super-scribing on the top of the sealed envelope as "Tender for Hiring of Vehicles on Monthly Basis in reference to Advertisement No......../2024 dtd................

The tenders should reach the office of the undersigned by 29.10.2024 (till 03 PM). The Tenders will be opened at 04 PM on the same day. The undersigned reserves the right to reject any or all the tenders without assigning any reason thereof.

Sd/- Deputy Secretary to Government
Women & Child Development Department, Odisha
OIPR-33001/11/0022/2425



**OFFICE OF THE SUPERINTENDING ENGINEER DHENKANAL (R&B) DIVISION,DHENKANAL**

No.B-397: Email- eedklpwd@gmail.com

**INVITATION FOR BIDS THROUGH e-Procurement**
Bid Identification No.SEDKL (R&B) 14/2024-25
**Invitation For Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in single cover system in ONLINE MODE only, for Construction of Building work as detailed below. | |
| 2. | Nature of Work | 2 Nos. Civil Works & 1 No. Electrical Work |
| 3. | No. of Work | 03 Nos. |
| 4. | Bid Cost | Rs.6,000/- each |
| 5. | Class of Contractor | 'C' & 'D' License & Specialized agency with associate electrical contractor having valid license from ELBO |
| 6. | Availability of Bid documents in the website | From 10.00 AM of 15.10.2024 to 5.00 PM of 29.10.2024 |
| 7. | Date of Opening of Bid | Dt.30.10.2024 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

Sd/- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0010/2425



**ODISHA PUBLIC SERVICE COMMISSION**

**NOTICE**

No.5814/PSC, Dt.14.10.24

**TIME TABLE FOR**
**ODISHA CIVIL SERVICES PRELIMINARY EXAMINATION-2023**

No.D:It is for information of all concerned that the Commission has decided to conduct the Odisha Civil Services Preliminary Examination-2023 on 27.10.2024 (Sunday) in the five zones i.e. Balasore, Berhampur, Bhubaneswar, Cuttack & Sambalpur, pursuant to Advt. No. 20 of 2023-24 as per the following time table:-

| DATE | Timing | Subject | No. of objective type questions with multiple choice answers | Subject Code No. to be filled up in the OMR answer sheet |
|---|---|---|---|---|
| 27.10.2024 | 10.00 A.M. to 12.00 P.M. | General Studies (Paper-I) | 100 | 01 |
| (Sunday) | 1.30 P.M. to 3.30 P.M. | General Studies (Paper-II) | 80 | 02 |

N.B.:- All the candidates belonging to PwD category will be given 40 minutes extra in each sitting i.e. 10.00 A.M. to 12.40 P.M. & 1.30 P.M. to 4.10 P.M.

2. "Admission certificates" and "Instructions to candidates" of all the admitted candidates will be available in the website of Commission later. The candidates are advised to visit the website of the Commission at http://opsc.gov.in to download their "Admission Certificate" & Instructions to Candidates".

OIPR-12002/11/0077/2425 Sd./- Secretary (I/C)



//1B// No.A-398

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, ANANDAPUR**
e-Mail ID : miananandpur@yahoo.co.in
"e" Procurement Notice
Identification No. - 06 MID (ANP/2024-25)

The Superintending Engineer, Minor Irrigation Division, Anandapur on behalf of Governor of Odisha invites percentage rate bids in double cover system through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of the works | Civil Construction works |
| 2 | Total No. of works | 05 Nos. |
| 3 | Estimated Cost | Varies from 74.18 Lakhs to 80.86 Lakhs (Detailed list of work Annexed) |
| 4 | Class of Contractor | As mentioned against work |
| 5 | Period of completion | As mentioned against work |
| 6 | Date & time of Availability of on-line Bid Document in the Portal | 18.10.2024 at 10.00 A.M. to 03.11.2024 upto 5.00 P.M. |
| 7 | Last date/Time for online receipt of Bid in the Portal | 03.11.2024 up to 5.00 P.M. |
| 8 | Date/Time of Opening of Technical Bid | 04.11.2024 at 11.00 A.M. Onwards at Office of the S.E.M.I.Divn. Anandapur |
| 9 | Date/Time of Opening of Financial Bid | 08.11.2024 at 11.00 A.M. Onwards at Office of the S.E.M.I.Divn. Anandapur |
| 10 | date/Time of lottery if required | 11.11.2024 at 11.00 A.M. at Office of the S.E.M.I.Divn. Anandapur |
| 11 | Name & Address of the Officer Inviting the Bid | Superintending Engineer, M.I.Division, Anandapur |
| 12 | Mode of Payment of Bid Cost & Bid Security Online | |
| 13 | Further details can be seen from the "e" Procurement Portal https://tendersorissa.gov.in | |

Sd/- 26.09.2024
OIPR-32108/11/0011/2425 Superintending Engineer, M.I. Division, Anandapur



No.N-113

**GOVERNMENT OF ODISHA**
**HIGHER EDUCATION DEPARTMENT**
**(SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2024-25)**

The Higher Education Department, Government of Odisha invites online application for award of scholarship under **Mukhyamantri Medhabi Chhatra Protsahan Yojana- Higher Education** scheme for the year 2024-25 from eligible students of Odisha, who are pursuing general courses, i.e. UG (+3) courses, PG Courses and Technical & Professional Courses in SAMS and Non-SAMS institutions (i.e. UGC/AICTE/MCI affiliated Universities/Management, Engineering, Medical & other Technical institutions) inside and outside Odisha.

**Students can apply for scholarships under URL www.scholarship.odisha.gov.in**. The applicants are advised to follow detailed guidelines of 2023-24 available at the State Scholarship Portal of the Higher Education Department under URL **www.scholarship.odisha.gov.in**.

The different categories of merit, number, rate, amount to be paid and courses applicable for the scholarship are given in a tabular form :

| Sl. No. | Category of Merit | No. of Scholarship | Rate of Scholarship per Year | Amount of Scholarship to be paid during the whole duration of the course | Remarks |
|---|---|---|---|---|---|
| 1 | e-Medhabruti Scholarship | | | | The number of scholarships under a particular category may be increased by the Government depending on the number of eligible students applied and validated in other categories in an academic year. |
| a | UG Merit (3 year Degree course) | 10,000 | Rs. 10,000/- | Rs. 30,000/- (for 3 years) | |
| b | PG Merit (2 year course) | 5,000 | Rs. 15,000/- | Rs. 30,000/- (for 2 years) | |
| c | Technical & Professional Merit | 10,000 (details stream wise break-up is available on the website) | Rs. 20,000/- | (Rs.20,000) x (course duration) (Example :- for 4 years Engineering courses, Rs.80,000/- will be paid) | |
| 2 | Gopabandhu Sikhya Sahayata Yojana | | Rs. 20,000/- per year | Rs. 20,000/- *(course duration) (Example-for 3 years +3/Degree courses, Rs.60,000/- will be paid) | Eligible students will get GSSY scholarship irrespective of getting any other scholarship |

NB: (1) Aadhaar is made mandatory for availing scholarship. Please provide correct Aadhaar number of self in the Online Application form. In case it is found that Aadhaar number provided by the student is wrong or is not his/her, the application is liable to be rejected.

(2) Applicants have to be very careful while furnishing their Bank Account information in the specified box of the Online Application. Any wrong entry or mismatch of the SavingsBank Account and IFSC code, this Department will not be held responsible for mis-credit/no credit.

**Scheduled Timeline for Online Application**

| | | |
|---|---|---|
| 01 | Opening date of Online Application for students | 14.10.2024 |
| | Last date of Online Application for students | 13.11.2024 |
| 02 | Validation of students record by Principal/Head of the Institution. | 14.10.2024 to 19.11.2024 |
| 03 | Validation of students record by DWO (only for GSSY) | 14.10.2024 to 09.12.2024 |

NO FURTHER EXTENSION OF DATELINE WILL BE MADE BY THE HIGHER EDUCATION DEPARTMENT

ELIGIBILITY CONDITIONS AND DOCUMENTS TO BE UPLOADED

• Please see the concerned Guidelines and Bank related Advisory

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **helpline, Higher Education Department- 0674(2396550), 0674(2323401), 0674(2323402), 0674(2323403), 0674(2323404)** (on all working days from 10.30 AM to 5.30 PM) or e-mail on **scholarshiphed@gmail.com**.

OIPR-11001/11/0030/2425 Sd./- Joint Secretary to Government



**OFFICE OF THE SUB-COLLECTOR & SUB-DIVISIONAL MAGISTRATE, CUTTACK**

No. 14440 Date: 08.10.2024

**TENDER NOTICE FOR AUCTION SALE OF PARKING SPACES AT DIFFERENT LOCATION OF CUTTACK TOWN FOR BALIJATRA CUTTACK UTSAV - 2024**

No. W-69: Sealed tenders are invited in the prescribed form, from the intending persons/firms/institution for auction sale of parking spaces at different locations of Cuttack town listed below on "As is where is basis". For details of tender including tender schedule, terms and condition, please visit our website **https://cuttack.odisha.gov.in**.

The tender will be received by Registered Post/Speed Post/Courier/Tender in Box only addressed to **The Sub-Collector & Sub-Divisional Magistrate, Cuttack** from intending parties in the prescribed tender form along with EMD for lease of the following parking places within Cuttack town area for the period of lease mentioned below and may continue as decided by the Collector & District Magistrate, Cuttack.

**LIST OF PARKING PLACES**

| Sl. No. | Name of the Parking Zone | Approximate area to be Auctioned (in Sq.ft.) | Reserve Price (Rs. Per Sq.ft.) | EMD Amount (in Rs.) | Period of Lease |
|---|---|---|---|---|---|
| 1 | Parking Space (A) West Side Ring Road to Silver City Boating Complex | 1,00,000 | 12/- | 1,80,000/- | 15.11.2024 to 22.11.2024 |
| 2 | Parking Space (B) West Side Ring Road to Silver City Boating Complex | 1,00,000 | 11/- | 1,65,000/- | 15.11.2024 to 22.11.2024 |
| 3 | Parking Space (C) West Side Ring Road to Silver City Boating Complex | 1,00,000 | 11/- | 1,65,000/- | 15.11.2024 to 22.11.2024 |
| 4 | Parking Space (D) West Side Ring Road to Silver City Boating Complex | 1,00,000 | 10/- | 1,50,000/- | 15.11.2024 to 22.11.2024 |
| 5 | Parking Space (E) West Side Ring Road to Silver City (Beside Boating Club Gate) | 20,000 | 10/- | 30,000/- | 15.11.2024 to 22.11.2024 |
| 6 | Kartikeswar Gada East Side | 40,000 | 25/- | 1,50,000/- | 15.11.2024 to 22.11.2024 |
| 7 | Kartikeswar Gada West Side | 20,000 | 25/- | 75,000/- | 15.11.2024 to 22.11.2024 |
| 8 | Christian Padia | 60,000 | 25/- | 2,25,000/- | 15.11.2024 to 22.11.2024 |
| 9 | Dayashram Front | 50,000 | 18/- | 1,35,000/- | 15.11.2024 to 22.11.2024 |
| 10 | Gorakabar Padia | 25,000 | 8/- | 30,000/- | 15.11.2024 to 22.11.2024 |
| 11 | Hadia Patha | 25,000 | 8/- | 30,000/- | 15.11.2024 to 22.11.2024 |
| 12 | Bhuasuni Padia | 80,000 | 5/- | 60,000/- | 15.11.2024 to 22.11.2024 |
| 13 | Parking Space behind Krushak Bazar (Besides Fire Station, CDA) | 20,000 | 5/- | 15,000/- | 15.11.2024 to 22.11.2024 |
| 14 | Parking Space opposite Bhubanananda Odisha School of Engineering (BOSE), Cuttack | 1,00,000 | 5/- | 75,000/- | 15.11.2024 to 22.11.2024 |

Bidders can download or copy bid document from Dtd.14.10.2024 onwards from the website **https://cuttack.odisha.gov.in** and should enclosed Rs.1,000/- Demand Draft along with tender forms with copy of terms and conditions and the documents mention there.

Willing bidders may submit their tenders in the tender box between 11.00 A.M. to 03.00 P.M. on all working days upto Dtd.22.10.2024 to 03.00 P.M. and the tender box will be opened on Dtd.23.10.2024 at 12.30 P.M. in the Conference Hall of Sub-Collector, Cuttack and in presence of the bidders or their authorized representatives. The EMD and tender paper cost separately should be in shape of Bank Draft drawn in favour of District Culture Officer, Cuttack and payable at Cuttack. The details of the tender are available at Office Notice Board of O/o. the Collector & District Magistrate, Cuttack, O/o. the Sub-Collector & Sub-Division Magistrate Cuttack, CMC, Cuttack and in the website: **https://cuttack.odisha.gov.in**.

**The Important Dates & Information are as follows:**

1. Date of Issue of Tender Paper : 14.10.2024
2. Last date of submission of written queries for clarification, if any: 18.10.2024
3. Last date & time for submission/receipt of tender paper: 22.10.2024 at 03.00 P.M.
4. Opening of tender papers: 23.10.2024 at 12.30 P.M. in the Conference Hall of Sub-Collector, Cuttack in presence of the tenderers and the consituted committee for the purpose.
5. Earnest Money Deposit (EMD): As mentioned in the notice against each Parking Zone in shape of Demand Draft.
6. Tender Cost (Non-refundable): Rs.1,000/- (Rupees one thousand only) in shape of Demand Draft.

By the Order of Collector & D.M., Cuttack
OIPR-24410/11/0001/2425 Sd./- Sub-Collector & Sub-Divisional Magistrate, Cuttack



Government Of Odisha "e"- PROCUREMENT NOTICE

**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**Tender call Notice**
E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-11/2024-25
Memo No. - 1986 Dt. 04.10.2024

No. B-395 : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road Works as detailed in the table below :

| | | |
|---|---|---|
| 1 | Nature of Work | Road Works |
| 2 | No. of Work | 4 Nos. |
| 3 | Tender Cost | Rs. 10000.00 (On-Line) |
| 4 | Class of Contractor | A & Special Class |
| 5 | Available of Bid document in the Website | From 10.00 AM of Dt. 17.10.2024 up to 05.00 P.M. Dt. 01.11.2024 up to 5.00 P.M. |
| 6 | Date of opening of Bid | Dt. 02.11.2024 at 11.30 A.M. |
| 7 | The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | |

Chief Construction Engineer,
OIPR-34127/11/0014/2425 Khordha (R&B) Circle, Khordha



**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
**INVITATIONS FOR BIDS (IFB)**

Letter No.1318 Dtd. 14.10.2024

**1st Corrigendum to Tender Call Notice No. BP-I/05/2024-25, Dt.08.10.2024**

No.CAD:The Tender Call Notice No. BP–I/05/2024-25 Date 08.10.2024 was published in "The New Indian Express", "Samaj" and "Dharitri" on 10.10.2024.

The following changes are made for the tender:

The Superintending Engineer, O.T.D.C. Ltd Bhubaneswar, on behalf of Managing Director, OTDC Ltd. invites Item rate bids in Double cover system in OFFLINE MODE only, for the work - Preparation Of Structural Safety Audit Report For Panthanivas at Cuttack, Bhubaneswar, Chandipur & Yatriniwas Konark (Old Block) may be read as

The Superintending Engineer, O.T.D.C. Ltd Bhubaneswar, on behalf of Managing Director, OTDC Ltd. invites Item rate bids in Double cover system in OFFLINE MODE only from reputed Consultants having minimum 5 (Five) years experience in structural safety audit of existing Multi Storied Buildings with reference to structural stability and safety as per provisions of relevant IS Code/ NBC 2016 for the work - **Preparation Of Structural Safety Audit Report For Panthanivas at Cuttack, Bhubaneswar, Chandipur & Yatriniwas Konark (Old Block).**

All other terms & conditions remain unchanged.

Sd/- Superintending Engineer
OIPR-37002/11/0022/2425 O.T.D.C. Ltd., Bhubaneswar

**ବିଏମ୍ଏଫ୍ର ନୂତନ ଉତ୍ପାଦ**

ନୂଆଦିଲ୍ଲୀ: ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍ଏଫ୍)ର ନୂତନ ଉତ୍ପାଦ 'ବନ୍ଧନ ନିଫ୍ଟି ୫୦୦ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡ ଓ ବନ୍ଧନ ନିଫ୍ଟି ୫୦୦ ମୋମେଣ୍ଟମ୍ ୫୦ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ଫଣ୍ଡ ଅଫରଗୁଡିକ ୨୦୨୪ ଅକ୍ଟୋବର ୨୪ରେ ଶେଷ ହେବ। ଏ ସମ୍ପର୍କରେ ବନ୍ଧନ ଏଏମ୍ସିର ସିଇଓ ବିଶାଲ କପୁର କହିଛନ୍ତି, ବନ୍ଧନ ନିଫ୍ଟି ୫୦୦ଭାଲ୍ୟୁ ୫୦ଇଣ୍ଡେକ୍ସ ଫଣ୍ଡ ନିଜର ଅନ୍ତର୍ନିହିତ ମୂଲ୍ୟଠାରୁ କମ୍ରେ କାରବାର କରୁଥିବା ଆଉଟ୍-ଅଫ୍-ଫେଭର ଷ୍ଟକ୍ଗୁଡିକ ପାଇଁ ଏକ୍ସପୋଜର ପ୍ରଦାନ କରିବା ଏବଂ ସେମାନଙ୍କର ସମ୍ଭାବ୍ୟ ପୁନରୁଦ୍ଧାରରୁ ଲାଭାନ୍ୱିତ ହେବା ପାଇଁ ଲକ୍ଷ୍ୟ ରଖିଛି।

# ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୪୯%

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)



ପନିପରିବା ମୂଲ୍ୟରେ ବ୍ୟାପକ ବୃଦ୍ଧି ହେତୁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ତୀବ୍ର ବୃଦ୍ଧି ଘଟିଛି। ଗତ ୯ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ପହଞ୍ଚିଛି। ୨୦୨୪ ସେପ୍ଟେମ୍ବର ପାଇଁ ପ୍ରକାଶିତ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ ଇଣ୍ଡେକ୍ସ) ଅନୁଯାୟୀ, ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫% ଅତିକ୍ରମକରି ୫.୪୯%ରେ ପହଞ୍ଚିଛି। ତେବେ ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୬୫% ଥିବାବେଳେ ଜୁଲାଇରେ ୩.୫୪ ପ୍ରତିଶତ ଥିଲା। ଏହି କ୍ରମରେ ଖୁଚୁରା ମୁଦ୍ରାସ୍ଫୀତି ଆର୍ବିଆଇର ଟଲରାନ୍ସ ବ୍ୟାଣ୍ଡକୁ ୪% ଅତିକ୍ରମ କରିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁସାରେ ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୮୭% ଏବଂ ସହରାଞ୍ଚଳରେ ଏହା ୫.୦୫% ରହିଛି। ମନ୍ତ୍ରଣାଳୟ କହିଛି, ହାଇ ବେସ୍ ଇଫେକ୍ଟ ଏବଂ ପାଗ ଯୋଗୁ ଏହା ଘଟିଛି। ସେପ୍ଟେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ମଧ୍ୟ ବହୁତ ବୃଦ୍ଧି ଘଟି ଏହା ୯.୨୪ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୯.୦୮ ପ୍ରତିଶତ ଏବଂ ସହରାଞ୍ଚଳରେ ଏହା ୯.୫୬ ପ୍ରତିଶତ ରହିଛି। ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୫.୬୬% ଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ହୋଲ୍ସେଲ ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ହୋଲ୍ସେଲ ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ଘଟିଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ସେପ୍ଟେମ୍ବରରେ ପନିପରିବା ମୁଦ୍ରାସ୍ଫୀତି ହାରରେ ବହୁ ବୃଦ୍ଧି ଘଟିଛି। ଅଗଷ୍ଟରେ ପନିପରିବାର ମୁଦ୍ରାସ୍ଫୀତି ହାର ୧୦.୭୧% ଥିଲା। ଏହା ସେପ୍ଟେମ୍ବରରେ ୩୫.୯୯% ରହିଛି। କ୍ଷୀର ଏବଂ ଏହାର ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ବୃଦ୍ଧି ପାଇଛି ଏବଂ ଅଗଷ୍ଟରେ ଏହା ୨.୯୮% ଥିବାବେଳେ ସେପ୍ଟେମ୍ବରରେ ୩.୦୩% ରହିଛି। ଡାଲିର ମୁଦ୍ରାସ୍ଫୀତି ହ୍ରାସ ପାଇଛି ଏବଂ ଅଗଷ୍ଟରେ ୧୩.୬୦% ତୁଳନାରେ ଏହା ୯.୮୧%କୁ ଖସି ଆସିଛି। ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ପାଇଛି ଏବଂ ସେପ୍ଟେମ୍ବରରେ ୬.୮୪% ରହିଛି ଯାହା ଅଗଷ୍ଟରେ ୭.୩୧% ଥିଲା। ଚିନିର ମୁଦ୍ରାସ୍ଫୀତି ହାର ୩.୪୬%କୁ ହ୍ରାସ ପାଇଛି । ସେହିପରି ଅଣ୍ଡାର ମୁଦ୍ରାସ୍ଫୀତି ହାର ୬.୩୧%କୁ ହ୍ରାସ ପାଇଛି। ମାଂସ ଏବଂ ମାଛର ମୁଦ୍ରାସ୍ଫୀତି ହାର ୨.୬୬% କୁ ଖସି ଆସିଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୪।୧୦

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୯୨ (୫୯୧.୬୯) ପଏଣ୍ଟ ବଢି ୮୧,୯୭୩ (୮୧,୯୭୩.୦୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬୪ (୧୬୩.୭୦) ପଏଣ୍ଟ ବୃଦ୍ଧି ଘଟି ୨୫,୧୨୮ (୨୫,୧୨୭.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ୧୧.୪ % ବଢ଼ିଲା କୋଇଲା ଆମଦାନୀ



ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

ଭାରତର କୋଇଲା ଆମଦାନୀ ପରିମାଣ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଭାରତର କୋଇଲା ଆମଦାନୀ ୧୧.୪ ପ୍ରତିଶତ ବୃଦ୍ଧି ହୋଇ ୧୨୧.୧ ମିଲିୟନ ଟନ୍ରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଦେଶ ୧୦.୮୭ କୋଟି ଟନ୍ କୋଇଲା ଆମଦାନୀ କରିଥିଲା। ଇ-କମର୍ସ ପ୍ଲାଟ୍ଫର୍ମ 'ଏମ୍ଜଙ୍କସନ' ଏହି ତଥ୍ୟ ପ୍ରକାଶ କରିଛି। କେବଳ ଅଗଷ୍ଟରେ କୋଇଲା ଆମଦାନୀ ୫.୪% ବୃଦ୍ଧି ହୋଇ ୨୦.୭ ନିୟୁତ ଟନ୍ରେ ପହଞ୍ଚିଛି। ଅଗଷ୍ଟରେ ମୋଟ ଆମଦାନୀ ମଧ୍ୟରେ ଅଣ-କୋକିଂ କୋଇଲା ଆମଦାନୀ ୧୧.୮ ନିୟୁତ ଟନ୍ରୁ ବାର୍ଷିକ ୧୩.୦ ନିୟୁତ ଟନ୍କୁ ବୃଦ୍ଧି ପାଇଛି। ମାତ୍ର କୋକିଂ କୋଇଲା ଆମଦାନୀ ୪୬.୨ ଲକ୍ଷ ଟନ୍ରୁ ୪୫.୩ ଲକ୍ଷ ଟନ୍କୁ ହ୍ରାସ ପାଇଛି। ଚଳିତ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଅଣକୋକିଂ କୋଇଲା ଆମଦାନୀ ୭୮.୬ ନିୟୁତ ଟନ୍ରେ ପହଞ୍ଚିଛି। କୋକିଂ କୋଇଲା ଆମଦାନୀ ପରିମାଣ୨.୪୭ କୋଟି ଟନ୍ ରହିଛି।

# ରିଲାଏନ୍ସ ଡିଜିଟାଲର ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ

ମୁମ୍ବାଇ,୧୪।୧୦

ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ସେଲ୍ 'ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍ ଚଳିତ ପାର୍ବଣରେ ଯୋଗଦେଇଥିବା ନୂଆ ଡିଲ୍ ସହିତ ଭାରତର ଉତ୍ସବ ମାହୋଲକୁ ଆହୁରି ବଢ଼ାଇବାକୁ ପ୍ରସ୍ତୁତ କରାଯାଇଛି। ଏହା ଉତ୍ସବକୁ ବେଶ୍ ଆକର୍ଷଣୀୟ କରିବ। ଅଗ୍ରଣୀ ବ୍ୟାଙ୍କ କାର୍ଡ ସହ କିଣାକିଣି କଲେ ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ରିହାତି ଉପଭୋଗ କରିପାରିବେ। ଅତିରିକ୍ତ ଭାବେ ରିଲାଏନ୍ସ ଡିଜିଟାଲ ୨୨,୫୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହ ଏକାଧିକ ଆର୍ଥିକ ବିକଳ୍ପ ପ୍ରଦାନ କରୁଛି, ଯେଉଁଥିରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସକୁ ଅପ୍ଗ୍ରେଡ୍ କରିବା ସହ ପୂର୍ବାପେକ୍ଷା ଏହାକୁ ଅଧିକ ସହଜ କରିଥାଏ। ସେହିଭଳି ଉନ୍ନତ ଭାବେ ଦେଖିବାର ଅନୁଭବ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ କ୍ୟାଶ୍ବ୍ୟାକ୍ରେ ୫୫ଇଞ୍ଚ ୪କେ ସ୍ମାର୍ଟଟିଭି ୨୭,୪୯୯ ଟଙ୍କାରୁ ଆରମ୍ଭ ହେଉଛି। ୩ ବର୍ଷର ୱାରେଣ୍ଟି ସହିତ ଲେଜିର ଓଏଲ୍ଇଡିଇ ଇଭିଓ ଏଆଇ ସି୪ ୪କେ ସ୍ମାର୍ଟଟିଭି ୧,୧୪,୯୯୦ ଟଙ୍କାର ଡିଲ ମୂଲ୍ୟରେ ଉପଲବ୍ଧ ହେଉଛି। ଖାଲି ସେତିକି ନୁହେଁ, ୩ ବର୍ଷର ୱାରେଣ୍ଟି ଓ ୨୦% କ୍ୟାଶ୍ବ୍ୟାକ୍ ସହ ସାମ୍ସଙ୍ଗ୍ ନିଓ କ୍ୟୁ ଏଲ୍ଇଡି ୪କେ ସ୍ମାର୍ଟଟିଭି କିଣନ୍ତୁ ଏବଂ ୪୨,୪୯୦ ଟଙ୍କା ମୂଲ୍ୟର ସାମ୍ସଙ୍ଗ୍ ୪କେ ୟୁଏଚ୍ଡି ଟିଭି ସମ୍ପୂର୍ଣ୍ଣ ମାଗଣା ପାଆନ୍ତୁ। ଅପରପକ୍ଷରେ ଫିଟ୍ନେସ୍ ପ୍ରତି ଉତ୍ସାହୀ ଲୋକମାନଙ୍କ ପାଇଁ ସ୍ମାର୍ଟୱାଚ୍ ଉପରେ ଚମତ୍କାର ଡିଲ୍ ରହିଛି। ଆପଲ ୱାଚ୍ ସିରିଜ୧୦ ପ୍ରାରମ୍ଭିକ ମୂଲ୍ୟ ୪୪,୪୦୦ ଟଙ୍କାରେ ଉପଲବ୍ଧ, ଯେଉଁଥିରେ ୨୫୦୦ ଟଙ୍କାର କ୍ୟାଶ୍ବ୍ୟାକ୍ ଅନ୍ତର୍ଭୁକ୍ତ ରହିଛି, ଏହା ସହିତ ଆପଲ ୱାଚ୍ ସିରିଜ୯କୁ ୩୯,୯୦୦ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ କ୍ରୟ କରାଯାଇ ପାରିବ, ଯେଉଁଥିରେ କ୍ୟାଶବ୍ୟାକ୍ ୧୦୦୦ ଟଙ୍କା ଅନ୍ତର୍ଭୁକ୍ତ ରହିଛି । ସ୍ମାର୍ଟଫୋନ କ୍ରେତାମାନେ ଆଇଫୋନ୧୪କୁ ଅପ୍ଗ୍ରେଡ୍ କରିପାରିବେ ଏବଂ ୫୦୦୦ଟଙ୍କା ତତ୍କାଳ ରିହାତି ଏବଂ ୪୦୦୦ ଟଙ୍କାର କ୍ୟାଶବ୍ୟାକ୍ ପାଇପାରିବେ। ସେମାନେ ବିଶେଷ ଭାବେ ରିଲାଏନ୍ସ ଡିଜିଟାଲରେ କେବଳ ୯୯୯୯ ଟଙ୍କାରୁ ଆରମ୍ଭ ମୋଟରୋଲା ଫୋନର ବିସ୍ତୃତ ରେଞ୍ଜକୁ ମଧ୍ୟ ଅନୁସନ୍ଧାନ କରିପାରିବେ। ଏହା ବ୍ୟତୀତ ଗୁଗଲ ପିକେଲ ସିରିଜ ମଧ୍ୟ ଉପଲବ୍ଧ, ଯାହା ମାତ୍ର ୨୬,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଡିଜିଟାଲରେ ଲାପ୍ଟପ୍ ରେଞ୍ଜ, ହୋମ ମେକର ରେଞ୍ଜ, ପର୍ସନାଲ ଅଡିଓ ରେଞ୍ଜ ଭଳି ଅନେକ ଉତ୍ପାଦରେ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ବିଭିନ୍ନ ସୁବିଧା ଉପଲବ୍ଧ ରହିଛି। ଏହି ଅଫରଗୁଡିକ ୨୦୨୪ ନଭେମ୍ବର ୩ ପର୍ଯ୍ୟନ୍ତ ସମସ୍ତ ରିଲାଏନ୍ସ ଡିଜିଟାଲ୍/ମାଇ ଜିଓ ଷ୍ଟୋର ଉପରେ ବୈଧ ରହିଛି।

# ପାର୍ବଣରେ ରୟାଲ ଏନ୍ଫିଲ୍ଡର ଆକର୍ଷଣୀୟ ଅଫର

- ଶୋ'ରୁମ୍ରେ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି
- ଧନ୍ତେରସ୍ ଓ ଦୀପାବଳି ବୁକିଂ ଆରମ୍ଭ

ଭୁବନେଶ୍ୱର,୧୪।୧୦ (ଅଭୟ ଦାଶ)



ରୟାଲ ଏନଫିଲ୍ଡ ପକ୍ଷରୁ ଅଗ୍ରିମ ବୁକିଂ ଗ୍ରାହକମାନଙ୍କୁ ଗାଡ଼ି ହସ୍ତାନ୍ତରଣ କରାଯାଉଛି।

ଚଳିତ ବର୍ଷର ପାର୍ବଣ ଋତୁ ସାଙ୍ଗକୁ ଉତ୍ସବର ମାହୋଲ ମଧ୍ୟ ଆରମ୍ଭ ହୋଇଯାଇଛି। ଏପରିକି ରୟାଲ ଏନ୍ଫିଲ୍ଡ ଶୋ'ରୁମ୍ଗୁଡିକରେ ଅହେତୁକ ଭାବେ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେହିଭଳି ବ୍ରାଣ୍ଡର ସମସ୍ତ ଆଶାୟୀ ଗ୍ରାହକ ସେମାନଙ୍କର ପ୍ରିୟ ରୟାଲ୍ ଏନ୍ଫିଲ୍ଡ ମୋଟରସାଇକେଲ ବୁକ୍ କରିବାକୁ ଉତ୍ସାହୀ ଥିଲାବେଳେ ବ୍ରାଣ୍ଡ ମଧ୍ୟ ନିର୍ଦ୍ଧାରିତ ଦିନରେ ବିତରଣ କରିବାକୁ ପ୍ରୟାସ କରୁଛନ୍ତି। ତେଣୁ ରୟାଲ୍ ଏନ୍ଫିଲ୍ଡ ମଧ୍ୟ ନିଶ୍ଚିତ କରିଛି ଯେ ସମସ୍ତ ଗ୍ରାହକ ସେମାନଙ୍କର ଇଚ୍ଛା ମୋଟରସାଇକେଲକୁ ଠିକ୍ ସମୟରେ ବିତରଣ କରିବେ। ଏପରିକି ଗ୍ରାହକଙ୍କ ଉତ୍ସାହ ଦେଖି ରୟାଲ ଏନ୍ଫିଲ୍ଡ କ୍ଲାସିକ୍ ୩୫୦ର ନୂତନ ରଙ୍ଗ (କଲର)ର ଶୁଭାରମ୍ଭ ମଧ୍ୟ ନିକଟରେ ହୋଇଯାଇଛି,ଯାହା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ସେହିପରି ଗ୍ରାହକଙ୍କ ପାଇଁ ବ୍ରାଣ୍ଡର ହଣ୍ଟର ୩୫୦, ମେଟେର ୩୫୦, ଗରିଲା ଓ ଅନ୍ୟାନ୍ୟ ଡେଲଗୁଡିକ ଉପଲବ୍ଧ କରିବାକୁ ରୟାଲ ଏନ୍ଫିଲ୍ଡ ପ୍ରସ୍ତୁତ ରହିଛି। କେବଳ ସେତିକି ନୁହେଁ , ଗ୍ରାହକଙ୍କ ଉନ୍ନତି ଲାଗି ହଣ୍ଟର ପାଇଁ ୪୯୯୯ ଟଙ୍କା ଏବଂ କ୍ଲାସିକ୍ ୩୫୦ ପାଇଁ ୯୯୯୯ ଟଙ୍କା ପେମେଣ୍ଟ ଓ ଫାଇନାନ୍ସ ବିକଳ୍ପରେ କ୍ରୟ କରିପାରିବେ। ଏଥିସହ ପ୍ରତି ୧ ଲକ୍ଷ ଟଙ୍କାରେ ୧୮୮୮ ଟଙ୍କାର ସରଳ ଇଏମ୍ଆଇ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଅପରପକ୍ଷରେ ଚଳିତ ବର୍ଷର ଦୀପାବଳି ଓ ଧନ୍ତେରସ୍ ପାଇଁ ଅଗ୍ରିମ ବୁକିଂ ମଧ୍ୟ ଆରମ୍ଭ ହୋଇଯାଇଛି ବୋଲି ରୟାଲ ଏନ୍ଫିଲ୍ଡ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

# ଜିଓର ତ୍ରୈମାସିକ ନେଟ୍ ଲାଭ ୬୫୩୯ କୋଟି

ମୁମ୍ବାଇ,୧୪।୧୦

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସର ପରିଚାଳନାଗତ ଏବଂ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଡିଜିଟାଲ କ୍ଷେତ୍ରରେ କମ୍ପାନୀ ଚଳିତ ବର୍ଷ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ସେହିଭଳି ଜିଓ ପ୍ଲାଟ୍ଫର୍ମସର ନେଟ୍ ଲାଭ ପୂର୍ବ ବର୍ଷ ସମାନ ତ୍ରୈମାସ ତୁଳନାରେ ୨୩.୪% ବୃଦ୍ଧି ନେଟ୍ ଲାଭ ୬୫୩୯ କୋଟି ଟଙ୍କାରେ ପହଞ୍ଚିଥିବା କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଜିଓ ପ୍ଲାଟ୍ଫର୍ମର ତ୍ରୈମାସିକ ମୋଟ ରାଜସ୍ୱ ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୧୭.୭% ବୃଦ୍ଧିପାଇ ୩୭,୧୧୯ କୋଟିଟଙ୍କା ହୋଇଛି। ଏହିତ୍ରୈମାସରେ ଜିଓର ଗ୍ରାହକସଂଖ୍ୟାରେ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୪.୨% ବୃଦ୍ଧି ସହିତ ସେପ୍ଟେମ୍ବର ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୪୭.୮୮ କୋଟି ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ୧୪.୮ କୋଟି ଗ୍ରାହକ ଜିଓ ୫ଜି ନେଟ୍ ୱର୍କ ଆପଣାଇବା ସହିତ ୫ଜି କ୍ଷେତ୍ରରେ ଜିଓ ଏହାର ଅଗ୍ରଣୀ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଏହି ତ୍ରୈମାସରେ ଜିଓ ନେଟ୍ୱର୍କରେ ଡାଟା ଟ୍ରାଫିକ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୨୪% ବୃଦ୍ଧି ପାଇ ୪୫ ବିଲିୟନ ଜିବି ହୋଇଥିବାବେଳେ ଭଏସ ଟ୍ରାଫିକ ୬.୪% ବୃଦ୍ଧି ସହିତ ୧.୪୨ ଟ୍ରିଲିୟନ ମିନିଟ ରହିଥିବା ଜଣାପଡିଛି।

# ୧୦ ଦିନରେ ୧୩୪%ର ଅଭିବୃଦ୍ଧି ହାସଲ

**ନୂଆଦିଲ୍ଲୀ,୧୪।୧୦:** ଭାରତରେ ପାର୍ବଣ ଋତୁ ବ୍ୟବସାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଧିକୁ ଚିହ୍ନିତ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ କର୍ପୋରେଟ ଆବଶ୍ୟକତାକୁ ସମ୍ବୋଧିତ କରି ଭାରତର ଅଗ୍ରଣୀ ବିଟୁବି ଅନ୍ଲାଇନ ମାର୍କେଟପ୍ଲେସ୍ ଆମାଜନ ବିଜନେସ୍ ପକ୍ଷରୁ ଶୁଭାରମ୍ଭ କରାଯାଇଥିବା ଏକ ଉତ୍ସର୍ଗୀକୃତ କର୍ପୋରେଟ୍ ଗିଫ୍ଟିଂ ଷ୍ଟୋର୍ ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ କେବଳ ୧୦ ଦିନରେ ୧୩୪% ଅଭିବୃଦ୍ଧି ହାସଲ କରିଛି। ଏହି ସମୟରେ ମୋଟ ଅର୍ଡରରେ ୯୫% ଓ କ୍ରୟ କରୁଥିବା ଗ୍ରାହକଙ୍କ ସଂଖ୍ୟାରେ ୧୦୭% ବୃଦ୍ଧି ଦେଖିବାକୁ ମିଳିଛି। ଏକ ବିସ୍ତୃତ ଶୃଙ୍ଖଳାର ଉପହାର ବିକଳ୍ପ ସହ ୮୫୦୦ ରୁ ଅଧିକ ଜିଏସ୍ଟି-ସକ୍ଷମ ଉତ୍ପାଦ ଅନ୍ତର୍ଭୁକ୍ତ ଥିବା ଏହି ଷ୍ଟୋରରେ ଲୋକପ୍ରିୟ ଉପହାର ସାମଗ୍ରୀ ଭାବେ ମିକ୍ସର ଗ୍ରାଇଣ୍ଡର ଓ ଜୁସର ୫.୫ଗୁଣ ଅଭିବୃଦ୍ଧି ହାସଲ କରିଥିବା ବେଳେ କୁକର ଭଳି ଅନ୍ୟ କିଚେନୱେୟାର ୩ ଗୁଣ ବୃଦ୍ଧି ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଆମାଜନ ବିଜନେସ୍ର ନିର୍ଦ୍ଦେଶକ ସୁଚିତ ସୁବାଷ କହିଛନ୍ତି, ଚଳିତ ପାର୍ବଣ ଋତୁରେ ଆମର କର୍ପୋରେଟ ଗିଫ୍ଟିଂ ଷ୍ଟୋରର ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଭାରତରେ ଇ-କ୍ରୟର ଦ୍ରୁତ ଗ୍ରହଣୀୟତାକୁ ହାଇଲାଇଟ୍ କରୁଛି। ଏହି ବୃଦ୍ଧି ଅନ୍ଲାଇନ ଗିଫ୍ଟିଂର ସୁବିଧା ଓ ଆଧୁନିକ ବ୍ୟବସାୟଗୁଡିକର ବିକଶିତ ଆବଶ୍ୟକତାକୁ ପ୍ରତିଫଳନ କରୁଛି।

**ଫୁର୍ସତ୍**

# ମନ୍ଦିରରେ ପୂଜାପାଉଛନ୍ତି ରାବଣ

ଯୋଧପୁର



ଭାରତରେ ରାବଣ ଦହନ ବା ରାବଣ ପୋଡ଼ି ଉତ୍ସବ ଅସତ୍ୟ ଉପରେ ସତ୍ୟର ପ୍ରତୀକ ଭାବରେ ଜଣାଶୁଣା। ପ୍ରତିବର୍ଷ ବିଜୟାଦଶମୀ ଉପଲକ୍ଷେ ରାବଣ ପୋଡ଼ି କରାଯାଇଥାଏ। ସାଧାରଣତଃ ଲୋକମାନେ ରାବଣକୁ ମନ୍ଦର ପ୍ରତୀକ ଭାବରେ ଦେଖିଥାନ୍ତି। କିନ୍ତୁ ରାଜସ୍ଥାନର ଯୋଧପୁରରେ ଏପରି ଏକ ସ୍ଥାନ ରହିଛି, ଯେଉଁଠାରେ ରାବଣର ପୂଜା କରାଯାଇଥାଏ। ଯୋଧପୁରର ମାଣ୍ଡୋର ରେଳ ଷ୍ଟେଶନ ନିକଟରେ ରାବଣର ଏକ ମନ୍ଦିର ରହିଛି, ଯାହା ବିଷୟରେ କୁହାଯାଏ ଯେ ରାବଣର ବିବାହ ସେଠାରେ ହୋଇଥିଲା। ଉକ୍ତ ମନ୍ଦିରରେ ରାବଣର ପୂଜା କରାଯାଇଥାଏ। ମାଣ୍ଡୋର ରେଳ ଷ୍ଟେଶନ ସମ୍ମୁଖରେ ଏକ ସ୍ଥାନ ରହିଛି, ଯାହାକୁ ରାବଣର ବିବାହ ସ୍ଥଳ ବୋଲି କୁହାଯାଏ। ମାଣ୍ଡୋର ରାବଣର ସ୍ତ୍ରୀ ମନ୍ଦୋଦରୀଙ୍କ ବାପଘର ଭାବରେ ଜଣାଶୁଣା। ତେବେ ଉକ୍ତ ଦାବି ନେଇ କେବଳ ଲୋକମାନଙ୍କ ବିଶ୍ୱାସ ରହିଛି। ଏନେଇ କୌଣସି ଐତିହାସିକ ପ୍ରମାଣ କିମ୍ବା ପୌରାଣିକ ଆଧାର ନାହିଁ। ରାବଣ ମାଣ୍ଡୋର ଅଞ୍ଚଳର ଜ୍ୱାଇଁ ବୋଲି ଏଠାକାର ଅଧିବାସୀମାନେ ବିଶ୍ୱାସ କରନ୍ତି, ତେଣୁ ସେମାନେ ରାବଣର ପୂଜା କରି ଆସନ୍ତି।

ସାଧାରଣତଃ ଭାରତରେ ଜ୍ୱାଇଁଙ୍କୁ ଦେବତା ପରି ପୂଜା କରାଯାଇଥାଏ। ଏହି ନ୍ୟାୟରେ ମାଣ୍ଡୋରବାସୀମାନେ ଜ୍ୱାଇଁ ମାନ୍ୟତା ସହ ରାବଣର ପୂଜା କରିଥାନ୍ତି। ୨୦୦୮ରେ ଏଠାରେ ରାବଣର ମନ୍ଦିରକୁ ସ୍ଥାପନ କରାଯାଇଥିଲା ଏବଂ ଏହା ପରଠାରୁ ଏଠାରେ ରାବଣର ପୂଜା କରାଯାଉଛି। ତେବେ ଦଶହରାରେ ରାବଣ ଦହନ ହେବା ପରେ ଏଠାକାର ଲୋକେ ଶୋକ କରିଥାନ୍ତି ବୋଲି ଏହି ମନ୍ଦିରର ପୂଜାରୀ କହିଛନ୍ତି। କାହାଣୀ ଅନୁଯାୟୀ, ମନ୍ଦୋଦରୀ ମାଣ୍ଡୋରର ରାଜକୁମାରୀ ଥିଲେ। ମନ୍ଦୋଦରୀଙ୍କ ନାମରେ ମାଣ୍ଡୋରର ନାମ ରଖାଯାଇଛି।

# 'ଦୋ ପତ୍ତି' ଟ୍ରେଲର ଆଉଟ



କ୍ରିତି ସାନନ୍

ମୁମ୍ବାଇ

ଅଭିନେତ୍ରୀ କାଜୋଲ, କ୍ରିତି ସାନନ୍ ଓ ଅଭିନେତା ଶାହିର ଶେଖ୍ଙ୍କ ଅଭିନୀତ 'ଦୋ ପତ୍ତି' ଟ୍ରେଲରକୁ ସୋମବାର ଜାରି କରାଯାଇଛି। ୨ ମିନିଟ ୩୬ ସେକେଣ୍ଡ ବିଶିଷ୍ଟ ଏହି ଟ୍ରେଲରକୁ ଦେଖିବା ପରେ ଫିଲ୍ମକୁ ନେଇ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏହି ଟ୍ରେଲରଟି ଶାହିରଙ୍କ ଚରିତ୍ର ଧ୍ରୁଭ୍ଠାରୁ ଆରମ୍ଭ ହେଉଛି, ଯେଉଁଠାରେ ପୋଲିସ ଅଫିସର ଚରିତ୍ରରେ ଅଭିନେତ୍ରୀ କାଜୋଲ ତାଙ୍କୁ ଏକ ହତ୍ୟା ମାମଲାରେ ପଚରାଉଚରା କରିଛନ୍ତି। ଏହି ସିନେମାରେ କ୍ରିତି ସାନୋନଙ୍କର ଡବଲ୍ ରୋଲ୍ ରହିଛି। ସେ ଫିଲ୍ମରେ ୨ଟି ଚରିତ୍ରରେ ନଜରକୁ ଆସିବେ। ଟ୍ରେଲର ଅନୁଯାୟୀ, କ୍ରିତିଙ୍କ ଏକ ଚରିତ୍ରର ପ୍ରେମରେ ପଡ଼ି ଶାହିରଙ୍କ ଧ୍ରୁଭ ଚରିତ୍ରକୁ ଜେଲ ଯିବାକୁ ପଡୁଛି, ଯାହା କାହାଣୀର ରହସ୍ୟ ଏବଂ ରୋମାଞ୍ଚକୁ ଚରମ ସୀମାରେ ପହଞ୍ଚାଇଛି। ଶଶାଙ୍କ ଚତୁର୍ବେଦୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ କନିକା ଢିଲ୍ଲୋଙ୍କ ଦ୍ୱାରା ଲିଖିତ ଏବଂ ପ୍ରଯୋଜିତ ଏହି ଚଳଚ୍ଚିତ୍ରଟି ଆସନ୍ତା ୨୫ରେ ଓଟିଟି ପ୍ଲାଟ୍ଫର୍ମ ନେଟ୍ଫ୍ଲିକ୍ସରେ ମୁକ୍ତିଲାଭ କରିବ। କ୍ରିତି ସାନନ୍ ଏହି ଚଳଚ୍ଚିତ୍ରରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ମଧ୍ୟ ଦେଉଛନ୍ତି। ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ତନଭି ଅଜମି, ପ୍ରାଚୀ ଶାହା ପାଣ୍ଡ୍ୟା, ଅଭିନେତା ବିଜେନ୍ଦ୍ର କାଲା, ବିବେକ ମୁଶରାନ୍ ମଧ୍ୟ ନଜରକୁ ଆସିବେ। 'ଦୋ ପତ୍ତି' ଟ୍ରେଲରର ଲଞ୍ଚିଂ କାର୍ଯ୍ୟକ୍ରମରେ କାଜୋଲ କହିଛନ୍ତି, ସେ ଏହି ଫିଲ୍ମରେ ପୋଲିସ୍ ଭୂମିକାରେ ଅଭିନୟ କରିବା ପାଇଁ ସ୍ୱାମୀ ଅଜୟ ଦେବଗନଙ୍କଠାରୁ ଟିପ୍ସ ନେଇଥିଲେ।

# ଦୃଷ୍ଟିହୀନ ଲୋକଙ୍କ ସାହାରା

## ବିଶ୍ୱ ଧଳାବାଡ଼ି ଦିବସ



ପ୍ରତିବର୍ଷ ଅକ୍ଟୋବର ୧୫ରେ ସାରା ବିଶ୍ୱରେ ହ୍ୱାଇଟ କେନ ଡେ' ବା ବିଶ୍ୱ ଧଳା ବାଡ଼ି ଦିବସ ପାଳନ କରାଯାଏ। ଦୃଷ୍ଟିହୀନ ଓ କମ୍ ଦୃଷ୍ଟିସମ୍ପନ୍ନ ଲୋକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ସାମ୍ନାକୁ ଆଣିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ଦୃଷ୍ଟିହୀନ ଲୋକେ ଦୈନନ୍ଦିନ ଜୀବନରେ କେତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି, ତାହା ସମସ୍ତେ ଜାଣିପାରିବେ। ହ୍ୱାଇଟ କେନ ଦୃଷ୍ଟିହୀନ ଲୋକଙ୍କ ପାଇଁ ଏକ ଉପକରଣ, ଯାହା ସେମାନଙ୍କୁ ସ୍ୱାଧୀନ ଜୀବନଯାପନ କରିବାର କ୍ଷମତା ଦେଇଥାଏ।

ଦୃଷ୍ଟିହୀନ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ୧୯୩୧ରେ ଫ୍ରାନ୍ସରେ ଗୁଇଲି ଡି'ହର୍ବୋମ୍ପଙ୍କ ଦ୍ୱାରା ପ୍ରଥମେ ହ୍ୱାଇଟ କେନ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେତେବେଳେ ଆମେରିକା ରାଷ୍ଟ୍ରପତି ଲିଣ୍ଡନ ଜନସନ ପ୍ରଥମ ଥର ପାଇଁ ଏହାକୁ ସବୁଜ ସଂକେତ ଦେଇଥିଲେ। ଏହାପରେ 'ନ୍ୟାଶନାଲ ଫେଡେରେସନ ଅଫ୍ ଦି ବ୍ଲାଇଣ୍ଡ'ର ଅନୁରୋଧକ୍ରମେ ୧୯୬୪ରେ ପ୍ରତିବର୍ଷ ଅକ୍ଟୋବର ୧୫ରେ ହ୍ୱାଇଟ କେନ ଡେ ପାଳନ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା କଂଗ୍ରେସ ପ୍ରସ୍ତାବ ଦେଇଥିଲା।

# ଶାଢ଼ି ପିନ୍ଧି ଲୁଟିନେଲେ ସୁନା ଅଳଙ୍କାର

ଉଦଳା,୧୪।୧୦(ସନ୍ତୋଷ କୁମାର ବାଛିନୀ)

ଅପରାଧର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଭିନବ ଉପାୟ ଅବଲମ୍ବନ କରି ଅପରାଧୀମାନେ ଲୁଟ କରୁଛନ୍ତି। ସିସିଟିଭି ଲାଗିଥିଲେ ସୁଦ୍ଧା ଏହାକୁ ଖାତିର କରୁ ନାହାନ୍ତି। ସିସିଟିଭିରୁ ବର୍ତ୍ତିବା ପାଇଁ ବିଭିନ୍ନ ଉପାୟ ଆପଣାଉଛନ୍ତି। ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ। ଜଣେ ଲୁଟେରା ଶିକ୍ଷକଙ୍କ ଘରେ ଶାଢ଼ି ପିନ୍ଧି ମହିଳା ବେଶରେ ପଶି ସିସିଟିଭି କ୍ୟାମେରାରେ ଶାଢ଼ି ଢାଙ୍କି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଓ ନଗଦ ୧୩ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ଅଭିଯୋଗ ପରେ ଉଦଳା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଉଦଳା ଏନ୍ଏସି ଅଧୀନ ୪ନଂ. ୱାର୍ଡରେ ରହୁଥିବା ଶିକ୍ଷକ ଦୈତାରୀ ବିନ୍ଧାଣୀ ମେଡିକାଲ କାମରେ ନିଜର ଦୁଇ ଝିଅ ଏବଂ ସ୍ତ୍ରୀଙ୍କ ସହ ବାଲେଶ୍ୱର ଯାଇଥିଲେ। ସୋମବାର ଭୋର ସମୟରେ ଘରେ ପହଞ୍ଚି ମୁଖ୍ୟ କବାଟ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହ ଉଦଳା ପୋଲିସ ପହଞ୍ଚି ଛାନଭିନ୍ ଚଳାଇଛି। ତେବେ ଶିକ୍ଷକଙ୍କ ଘରେ ଲାଗିଥିବା ସିସିଟିଭି ଯାଞ୍ଚ ପରେ ରୋଚକ ଘଟଣା ସାମ୍ନାକୁ ଆସିଛି। ସିସିଟିଭିରେ କଏଦ ହୋଇଥିବା ଭିଜୁଆଲ ଅନୁସାରେ, ଜଣେ ଲୁଟେରା ପ୍ରଥମେ ଘର ପାଚେରି ନିକଟରେ ଥିବା ଲତାବୁଦାରେ ପଶିବା ସହିତ ଘର ସାମ୍ନା ରାସ୍ତାରେ ଚଲାବୁଲା କରି ସ୍ଥିତି ପରଖିଥିଲେ। ପରେ ଘର ବାହାରପଟେ ଲାଗିଥିବା ସିସିଟିଭି ଓ ଘରର ମୁଖ୍ୟ କବାଟକୁ ଭାଙ୍ଗି ଘର ଭିତରେ ପଶିଥିଲେ। ନିଜେ ଏକ ଶାଢ଼ି ପନ୍ଧିବା ସହ ଏକ ବାଡି ସାହାଯ୍ୟରେ ଘର ଭିତରେ ଲାଗିଥିବା ସିସିଟିଭିକୁ ଶାଢ଼ିରେ ଢାଙ୍କି ଦେଇଥିଲେ। ପରେ ଘରେ ଥିବା ସୁନା ଅଳଙ୍କାର, ଟଙ୍କା ଆଦି ଲୁଟ୍ କରି ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲେ। ଉଲ୍ଲେଖଯୋଗ୍ୟ, କିଛି ସପ୍ତାହ ହେବ ଉଦଳାରେ ଲୁଟ୍ ଘଟଣା ବଢ଼ି ଚାଲିଥିବା ବେଳେ ପୋଲିସ୍ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ।

**ଲୁଟରୁ ବର୍ତ୍ତିବା ପାଇଁ ସିସିଟିଭିରେ ଶାଢ଼ି ଢାଙ୍କିଲେ**



ସିସିଟିଭିରେ କଏଦ ହୋଇଥିବା ଲୁଟ୍ ବେଳର ଦୃଶ୍ୟ।

## ନାବାଳିକାଙ୍କୁ ଛୁରି ଦେଖାଇ ସାରା ରାତି ବଳାତ୍କାର, ଅଭିଯୁକ୍ତ ଫେରାର

ଏମ୍ଭି ୭୯, ୧୪।୧୦(ଭିକି ବାରିକ)

ଦୁର୍ଗାପୂଜା ପାଇଁ ମଣ୍ଡପଗୁଡିକରେ ଗହଳି ଲାଗି ରହିଥିବା ବେଳେ ମାଲାକନଗିରି ଜିଲା ମୋଟୁ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଛୁରି ଦେଖାଇ ଭୟଭୀତ କରି ସାରା ରାତି ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ.୧୩୬/୨୪ରେ ମାମଲା ରୁଜୁ ହୋଇଛି । ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି ।

ପ୍ରକାଶ ଯେ, ଶନିବାର ରାତି ପ୍ରାୟ ୮ଟାରେ ଅଭିଯୁକ୍ତ ଯୁବକ ମୋଟୁ ଥାନା ଅଞ୍ଚଳର ଏକ ଗାଁମୁଣ୍ଡରେ ରହୁଥିବା ଜଣେ ବ୍ୟକ୍ତି ମାଛ ଧରିବାକୁ ବାହାରକୁ ଯାଇଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ନାବାଳିକା ଝିଅ ଏକାକୀ ଥିବା ସମୟରେ ଘରେ ପଶି ତାଙ୍କୁ ଏକ ଛୁରି ଦେଖାଇ ଭୟଭୀତ କରିଥିଲେ। ପାଟି କଲେ ହତ୍ୟା ଧମକ ଦେଇଥିଲେ। ଏହାପରେ ସାରା ରାତି ନାବାଳିକାଙ୍କୁ ବଳାତ୍କାର କରିବା ସହ ଶରୀରର ବିଭିନ୍ନ ସ୍ଥାନକୁ କାମୁଡ଼ି କ୍ଷତାକ୍ତ କରି ପକାଇଥିଲେ। ଭୋର ସମୟରେ ଯୁବକ ଜଣଙ୍କ ଘଟଣା ବିଷୟରେ କାହାକୁ ଜଣାଇଲେ ହତ୍ୟା ଧମକ ଦେଇ ଫେରାର ହୋଇଯାଇଥିଲେ। ପରେ ନାବାଳିକା ଘଟଣା ସମ୍ପର୍କରେ ନିଜ ଭାଇଙ୍କୁ ଫୋନ ଯୋଗେ ଜଣାଇବାରୁ ପାଖଆଖ ଲୋକେ ଆସି ତାଙ୍କୁ ଉଦ୍ଧାର କରିବା ସହ ମାଛ ଧରିବାକୁ ଯାଇଥିବା ତାଙ୍କ ବାପାଙ୍କୁ ଘଟଣା ବିଷୟରେ ଅବଗତ କରିଥିଲେ। ଏହାପରେ ପୀଡ଼ିତାଙ୍କ ବାପାଙ୍କ ସମେତ ଗ୍ରାମବାସୀ ମୋଟୁ ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ।

## ରୋଗୀ ମୃତ୍ୟୁ ଗୁଜବକୁ ନେଇ ହସ୍ପିଟାଲରେ ଉତ୍ତେଜନା

### ସାମ୍ବାଦିକଙ୍କୁ ଧକ୍କା ମାରି ଭୁଲ୍ ମାଗିଲେ ସୁରକ୍ଷା କର୍ମୀ

ଭୁବନେଶ୍ୱର,୧୪।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ସୋମବାର ରୋଗୀମୃତ୍ୟୁ ଗୁଜବକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ସମୟରେ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ପୋର୍ଟାଲ ସାମ୍ବାଦିକଙ୍କୁ ଉକ୍ତ ହସ୍ପିଟାଲର ସୁରକ୍ଷା କର୍ମୀ ଧକ୍କା ମାରିବାରୁ ସ୍ଥିତି ଆହୁରି ଅଶାନ୍ତ ହୋଇଥିଲା। ଖବର ପାଇ ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଜଣେ ସୁରକ୍ଷା କର୍ମୀ କାନ ଧରି ଭୁଲ ମାଗିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାନୁସାରେ ଉକ୍ତ ହସ୍ପିଟାଲରେ ପୁରୀ କଣାସ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ହସ୍ପିଟାଲ ବିଲ୍ ୫ ଲକ୍ଷରୁ ଅଧିକ ହୋଇଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିବାର ଲୋକେ ଅଢ଼େଇ ଲକ୍ଷ ଦେଇଥିଲେ। ଏହାପରେ ହସ୍ପିଟାଲ ପକ୍ଷରୁ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ଆଉ ଟଙ୍କା ଦାବି କରାଯିବାରୁ ଏହାକୁ ବିରୋଧ କରି ମୃତ ବ୍ୟକ୍ତିଙ୍କ ପରିବାର ଓ ସମ୍ପର୍କୀୟ ହସ୍ପିଟାଲ ଗେଟ୍ ବାହାରେ ଧାରଣା ଦେଇଥିଲେ। ଏହି ସମୟରେ ବିଦ୍ୟୁତ୍ ଆଘାତ ପାଇ ଉକ୍ତ ହସ୍ପିଟାଲର ଭେଣ୍ଟିଲେଟରରେ ଚିକିତ୍ସିତ ହେଉଥିବା ଜଣେ ଅଟୋଚାଳକଙ୍କ ମୃତ୍ୟୁ ହୋଇଥିବା ମିଛ ଖବର ପ୍ରସାରିତ ହୋଇଥିଲା। ଏହା ଜାଣିବା ପରେ ଅଟୋ ଡ୍ରାଇଭରଙ୍କ ସମ୍ପର୍କୀୟ ହସ୍ପିଟାଲକୁ ଯାଇ ଦେଖା କରିବାକୁ କହିବାରୁ ତାଙ୍କୁ ସୁରକ୍ଷା କର୍ମୀମାନେ ଭିତରକୁ ଯିବାକୁ ଅନୁମତି ଦେଇ ନ ଥିଲେ। ଫଳରେ ଆହତ ଅଟୋ ଚାଳକଙ୍କ ସମ୍ପର୍କୀୟମାନେ ହୋହାଲ୍ଲା କରି ଗେଟ୍ ବାହାରେ ଧାରଣା ଦେଇଥିଲେ। ଏ ସଂକ୍ରାନ୍ତରେ ଉକ୍ତ ହସ୍ପିଟାଲ ବାହାରେ ଜଣେ ପୋର୍ଟାଲ ସାମ୍ବାଦିକ ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ତାଙ୍କୁ ମଧ ସୁରକ୍ଷା କର୍ମୀ ଅଟକାଇବା ସହ ଧକ୍କା ଦେଇ ବାହାର କରି ଦେଇଥିଲେ, ଯାହାକୁ ନେଇ ଅନ୍ୟ ସାମ୍ବାଦିକମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସୁରକ୍ଷା କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣାରେ ବସିଥିଲେ। ଖବର ପାଇ ଶହୀଦନଗର ପୋଲିସ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଅଟୋ ଚାଳକ ଜୀବିତ ଥିବା ଜଣାପଡ଼ିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା

ବୌଦ୍ଧ/ହରଭଙ୍ଗା, ୧୪।୧୦(ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ମଣିପୁର ମେଣ୍ଡିଖାଇ ପାହାଡ଼ ନିକଟରେ ଥିବା ଏକ ନର୍ସରିରୁ ଜଣେ ଯୁବକଙ୍କ ମୃତଦେହ ସୋମବାର ଠାବ ହୋଇଛି। ଯୁବକଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ବୌଦ୍ଧ ଥାନା ତାଲବାହାଲ ଗ୍ରାମର ଲକ୍ଷ୍ମଣ ମୁର୍ଦ୍ଧା (୩୫)। ତେବେ କେଉଁମାନେ ଓ କାହିଁକି ହତ୍ୟା କଲେ ତାହା ଜଣାପଡ଼ିନାହିଁ। ମଣିପୁର ଗ୍ରାମର କେତେଜଣ ଲୋକ ସକାଳେ ଛତୁ ଖୋଜିବାକୁ ମେଣ୍ଡିଖାଇ ପାହାଡ଼ ଆଡ଼କୁ ଯାଇଥିଲେ। ଛତୁ ଖୋଜିବା ସମୟରେ ଦୁର୍ଗନ୍ଧ ହେବାରୁ ପାଖକୁ ଯାଇ ଦେଖିବାରୁ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଜାଣିପାରିଥିଲେ। ଲୋକେ ପୁରୁଣାକଟକ ଥାନାକୁ ଖବର ଦେବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଥିଲା। ଲକ୍ଷ୍ମଣଙ୍କ ତଣ୍ଟି ଓ ପେଟକୁ କାଟି ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେଇଛି। ମୃତଦେହ ପଡିଥିବା ସ୍ଥାନରେ ମଦ ବୋତଲ, ମାଂସ ହାଡ ଓ ପାଣି ବୋତଲ ପଡିଥିବା ଦେଖିବାକୁ ମିଳିଥିଲା। ଲକ୍ଷ୍ମଣ ଗତ ୧୨ ତାରିଖଠାରୁ ଘରୁ ବାହାରକୁ ଯାଇଥିବା ପରିବାର ଲୋକେ କହିଛନ୍ତି। ହେଲେ କାହା ସହ ଯାଇଥିଲେ ଜାଣିନାହାନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ପୁରୁଣାକଟକ ଥାନାରେ ଏକ ହତ୍ୟା ମାମଲା (ନଂ.୧୪୭/୨୦୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ କହିଛନ୍ତି।



ସନ୍ଧାନୀ କୁକୁର ସହ ପୋଲିସ ତଦନ୍ତ କରୁଛି।

**ପୋଲିସର ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ**

## ଯୁବତୀଙ୍କୁ ଅପହରଣ ଅଭିଯୋଗରେ ବାବା ଅଟକ

ଢେଙ୍କାନାଳ,୧୪।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି ଅଞ୍ଚଳରୁ ଜନୈକା ଯୁବତୀଙ୍କୁ କଟକ ଜିଲା ତିଗିରିଆ ଥାନା ଅଞ୍ଚଳର ଜଣେ ବାବା ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ଯୁବତୀଙ୍କ ପରିବାର ପକ୍ଷରୁ ଏପରି ଏତଲା ଦିଆଯିବା ପରେ ଢେଙ୍କାନାଳ ସଦର ଥାନାରେ ନଂ. ୮୦୯।୨୪ରେ ଏକ ମାମଲା ରୁଜୁ କରି ପୋଲିସ ତିଗିରିଆ ପୋଲିସ ସହାୟତାରେ ୨ ଦିନ ତଳେ ଅଭିଯୁକ୍ତ ବାବାଙ୍କୁ ଆଣି ଅଟକ ରଖି ପଚରା ଉଚରା କରିଥିଲା। ଏଥିସହ ସମ୍ପୃକ୍ତା ଯୁବତୀଙ୍କୁ ଉଦ୍ଧାର କରିଥିଲା। ସୋମବାର ଉଦ୍ଧାର ଯୁବତୀ ଓ ଅଟକ ବାବାଙ୍କ ୧୬୪ ଧାରା ଅନୁଯାୟୀ ବୟାନ ଅଦାଲତରେ ରେକର୍ଡ କରାଯାଇଥିଲା। ଏହି ସମୟରେ ଯୁବତୀ ଜଣକ ବାବାଙ୍କ ବିରୋଧରେ କୌଣସି ଅଭିଯୋଗ କରି ନ ଥିଲେ। ଏପରିକି ସେ ୧୮ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବାରୁ ନିଜ ଇଚ୍ଛାରେ ଯାଇଥିବା କହିଥିଲେ। ତେଣୁ ଅଟକ ବାବାଙ୍କୁ ଓକିଲଙ୍କ ଉପସ୍ଥିତିରେ ଥାନାରୁ ଛଡ଼ାଯିବ ବୋଲି ସ୍ଥିର ହୋଇଥିବା ସଦର ଏସ୍ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ରୁଜୁ ହୋଇଥିବା ମାମଲାକୁ ନେଇ ତଦନ୍ତ ଜାରି ରହିବ। ବାବାଙ୍କୁ ଆଶ୍ରମରୁ ଆଣିବା ସମୟରେ ତାଙ୍କ ଜିନ୍ସ ପ୍ୟାଣ୍ଟ ପକେଟରୁ ଅନେକ ଆପତିଜନକ ସାମଗ୍ରୀ ସହ ଆଶ୍ରମରୁ ଅନ୍ୟଜଣେ ଯୁବତୀଙ୍କ ପାସପୋର୍ଟ ଫଟୋ ପୋଲିସକୁ ମିଳିଥିଲା ବୋଲି ପୋଲିସ ପ୍ରକାଶ କରିଛି।

## ଗିରଫ ହେଲେ ୟୁଟ୍ୟୁବର ଶଙ୍କର

ଭୁବନେଶ୍ୱର,୧୪।୧୦(ସତ୍ୟଜିତ୍ ରାଉତ)

**ମହିଳା ନେତ୍ରୀଙ୍କୁ ରୋଷ୍ଟିଂ**



ଶଙ୍କର ଓମ୍ ଶରଣ।

ଏକ ରାଜନୈତିକ ଦଳର ଜଣେ ନେତ୍ରୀଙ୍କୁ ୟୁଟ୍ୟୁବ୍ ଚ୍ୟାନେଲରେ ରୋଷ୍ଟିଂକରି ତାଙ୍କ ସମ୍ମାନହାନି କରିବା ଅଭିଯୋଗରେ ଶଙ୍କର ଓମ୍ ଶରଣ ପୁଣି ଗିରଫ ହୋଇଛନ୍ତି। ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଅଭିଯୁକ୍ତ ୟୁଟ୍ୟୁବର ଶଙ୍କର ଓମ୍ ଶରଣ ଓରଫ ଉମାଶଙ୍କର ପାଣିଗ୍ରାହୀଙ୍କୁ ସୋମବାର ଗିରଫ କରିଛି। ଶଙ୍କରଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ବରମୁଣ୍ଡା ଶତାବ୍ଦୀ ନଗରରେ ରହୁଛନ୍ତି। ଶଙ୍କରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପିଟିସି ଓଡ଼ିଶା (ପାଣିଗ୍ରାହୀ ଟେଲି-ମିଡିଆ କମ୍ୟୁନିକେଶନ୍) ନାଁରେ ଶଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଥିଲେ। ସେହି ଚ୍ୟାନେଲରେ ସେ କିଛିଦିନ ତଳେ ଏକ ଭିଡିଓ ପୋଷ୍ଟ କରିଥିଲେ। ଉକ୍ତ ଭିଡିଓରେ ଶଙ୍କର ପୀଡ଼ିତା ନେତ୍ରୀଙ୍କ ନାଁରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ବିଭିନ୍ନ ପ୍ରକାର ଖରାପ ଭାଷା ପ୍ରୟୋଗ କରି ନେତ୍ରୀଜଣଙ୍କୁ ସେ ରୋଷ୍ଟିଂ ଅର୍ଥାତ୍ ଫଟୋ ଦେଖାଇ ଅଶାଳୀନ ମନ୍ତବ୍ୟ ପ୍ରକାଶ କରିଥିଲେ। ଏନେଇ ପୀଡ଼ିତାଙ୍କ ଏତଲାକ୍ରମେ ଶନିବାର ସାଇବର ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ବିଭିନ୍ନ ଦଫା ଓ ଆଇଟି ଆକ୍ଟରେ ଏକ ମାମଲା (ନଂ.୨୬୧/୨୦୨୪) ରୁଜୁକରି ତଦନ୍ତ କରିଥିଲା। ଶଙ୍କରଙ୍କ ବିରୋଧରେ ସିମୁଳିଆ ଥାନାରେ ୨ ଓ ଭୁବନେଶ୍ୱର ମହିଳା ଥାନାରେ ମଧ ଗୋଟିଏ ମାମଲା ରହିଥିବା ଏସିପି ଅଞ୍ଜନା ଟୁଟୁ କହିଛନ୍ତି। ପୋଲିସର ସୁପାରିସ ପରେ ଭିଡିଓ ପୋଷ୍ଟ ହୋଇଥିବା ଶଙ୍କରଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ଡିଲିଟ୍ କରି ଦିଆଯାଇଛି। ତେବେ ପୂର୍ବରୁ ମଧ ଜଣେ ଯୁବତୀଙ୍କ ନାଁରେ ସୋସିଆଲ୍ ମିଡିଆରେ ଅଶ୍ଳୀଳ ଭାଷା ବ୍ୟବହାର ଅଭିଯୋଗରେ ୨୦୨୩ ଏପ୍ରିଲ ୧୨ରେ ଭୁବନେଶ୍ୱର ମହିଳା ଥାନା ଶଙ୍କରଙ୍କୁ ଗିରଫ କରିଥିଲା।

## କାର୍-ବାଇକ୍ ଧକ୍କା: ହକି ଖେଳାଳି ମୃତ

ଦେବଗଡ଼,୧୪।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ହଦମୁଣ୍ଡା ଘାଟି ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ହକି ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଥାନା ଅନ୍ତର୍ଗତ କଟେଇ ଗ୍ରାମର ସୁରେନ୍ଦ୍ର କାଣ୍ଡିର। ବାଇକ୍‌ରେ ବସିଥିବା ଅନ୍ୟ ୨ଜଣ ଖେଳାଳି ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ ଥାନା ଅନ୍ତର୍ଗତ କଟେଇ ଗ୍ରାମର ସୁରେନ୍ଦ୍ର କାଣ୍ଡିର ଓ ତାଙ୍କ ଭାଇ ରଣସିଂ କାଣ୍ଡିର ଉକ୍ତ ଗ୍ରାମର ସୁଧୀର କାଣ୍ଡିରଙ୍କ ସହ ରିଆମାଳ ବ୍ଲକ ବୈଶପଡା ଗ୍ରାମରେ ଚାଲିଥିବା ହକି ପ୍ରତିଯୋଗିତାରେ ଖେଳିସାରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଦେବଗଡ଼ ପଟୁ ରିଆମାଳ ଆଡ଼କୁ ଦ୍ରୁତଗତିରେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେବାରୁ ସୁରେନ୍ଦ୍ର, ତାଙ୍କ ଭାଇ ରଣସିଂ ଓ ସୁଧୀର ବାଇକ୍ ସହିତ ରାସ୍ତାକଡକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଚାଳକ ଅଳ୍ପ ଦୂର ଯିବାପରେ ନିକଟସ୍ଥ ରତନପୁର ଗ୍ରାମ ନିକଟରେ କାର୍‌କୁ ଛାଡି ଫେରାର ହୋଇଯାଇଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ରଣସିଂ ଓ ସୁଧୀରଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ଘଟଣାର ଅଧିକ ତଦନ୍ତ କରୁଛି।

## ଭୁଲ୍ ଇଞ୍ଜେକ୍ସନରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଅନୁଗୋଳ,୧୪।୧୦(ମାନସ ବିଶ୍ୱାଳ)- ଅନୁଗୋଳ ଜିଲା ଖମାର ଥାନା ସିଆଳିମାଳିଆ ଗ୍ରାମର ବାବୁଲାଲ ମହାକୁଡ଼ଙ୍କ ପୁଅ ଅନନ୍ତ ମହାକୁଡ଼ (୪୦)ଙ୍କ ଭୁଲ ଇଞ୍ଜେକ୍ସନ କାରଣରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଅନନ୍ତ ବଲଣ୍ଡା ଅଞ୍ଚଳରେ ରହି ଏକ ଢାବାରେ କାମ କରୁଥିଲେ। କିଛିଦିନ ହେଲା ତାଙ୍କୁ ଜ୍ୱର ହୋଇଥିଲା। ଡାକ୍ତରଙ୍କ ପରାମର୍ଶ ନେଇ ସେ ଔଷଧ ଖାଉଥିଲେ। ତଥାପି ଜ୍ୱର ନ ଛାଡ଼ିବାରୁ ସେ ମୁଣ୍ଡା ବଜାର ସ୍ଥିତ ଏକ ମେଡିଶିନ ଷ୍ଟୋରକୁ ଯାଇଥିଲେ। ସେଠାରେ ସେ ପରାମର୍ଶ ନେବା ପରେ ୨ଟି ଇଞ୍ଜେକ୍ସନ ନେଇଥିଲେ। ଏହାପରେ ଅନନ୍ତଙ୍କ ଅବସ୍ଥା ବିଗିଡ଼ିବାରୁ ମେଡିଶିନ ଷ୍ଟୋର ପକ୍ଷରୁ ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ତ୍ରୀ କହିଛନ୍ତି, ଅନନ୍ତ ଘରୁ ଚାଲିଚାଲି ଆସିଥିଲେ। ଉକ୍ତ ମେଡିଶିନ ଷ୍ଟୋରରେ ତାଙ୍କୁ ଇଞ୍ଜେକ୍ସନ ଦିଆଯିବା ପରେ ଦେହ ଅଧିକ ଖରାପ ହୋଇଥିଲା। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ଯା, ଗୟା ଯା
କର୍ମ ଘେନି ବୁଲୁ ଥା।**

କର୍ମ ହିଁ ସବୁ। କର୍ମ ବିନା ଜୀବନ ତୁଚ୍ଛ ଓ ଅସାର। ବିନା କର୍ମରେ ଭଗବଦ୍ ଆରାଧନାର କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରକୁ ସାଜେ ବୁଢ଼ୀ
ବିଲକୁ ସାଜେ ଆଡ଼ି।**

ପୁରୁଖା ବ୍ୟକ୍ତିଙ୍କୁ ଘରର ମୁରବି ଏବଂ ମର୍ଯ୍ୟାଦାବନ୍ତ ବୋଲି କୁହାଯାଏ। ବୃଦ୍ଧ ବୃଦ୍ଧା ବା ବୟସ୍କ ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳ ହେବା ସହ ନିଜ ସାଂସାରିକ ଅଭିଜ୍ଞତା ବଳରେ ଘର ପରିବାରକୁ ଏକ ସୂତ୍ରରେ ବାନ୍ଧି ରଖିବାକୁ ସକ୍ଷମ ହୋଇଥାନ୍ତି। ସେହିପରି ଜମି ବା ବିଲରେ ରହିଥିବା ହିଡ଼ ଜମିର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଇବାରେ ସହାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସାନର ଗୁଳିମାଡ଼ରୁ ବର୍ତ୍ତିଲେ ବଡ଼ଭାଇ

ଟାଙ୍ଗୀ,୧୪।୧୦(ରଘୁନାଥ ସାହୁ)

- ନାବାଳକଙ୍କ ଦେହରେ ବାଜିଲା ଗୁଳି
- ୨ ଭାଇ ଗିରଫ, ବନ୍ଧୁକ ଜବତ

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଦୀକ୍ଷିତପଡ଼ାରେ ଗତ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। କୌଣସି କାରଣକୁ ନେଇ ବଚସା ହେବାରୁ ସାନଭାଇର ଗୁଳିମାଡ଼ରେ ବଡ଼ଭାଇ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଜଣେ ନାବାଳକ ଆହତ ହୋଇଛନ୍ତି। ସେ ହେଲେ ସେକ୍ ଅରମାନ୍(୧୦)। ଅନ୍ୟପଟେ ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ଦୁଇଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଶିବ ନାୟକ (୨୧) ଏବଂ ସାନଭାଇ ରବି ନାୟକ(୧୯)। ଏମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ ହୋଇଛି।

ଅଭିଯୋଗ ମୁତାବକ, ଦୀକ୍ଷିତପଡ଼ା ଗ୍ରାମରେ କୌଣସି କାରଣକୁ ନେଇ କେଳା ସମ୍ପ୍ରଦାୟର ଦୁଇଭାଇ ଶିବ ଓ ରବିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସାନଭାଇ ରବି ଉତ୍ତ୍ୟକ୍ତହୋଇ ବଡ଼ଭାଇ ଶିବଙ୍କ ଉପରୁ ଗୁଳିମାଡ଼ କରିଥିଲେ। ତେବେ ଗୁଳିଟି ଲକ୍ଷ୍ୟଚ୍ୟୁତ ହୋଇ ଶିବଙ୍କ ଦେହରେ ନ ବାଜି ଘର କାନ୍ଥରେ ବାଜିଥିଲା। ଏହାପରେ ଗୁଳିଟି ଛିଟିକିପାଖରେ ଥିବା ଅରମାନଙ୍କ ଦେହରେ ବାଜିଥିଲା। ଫଳରେ ଅରମାନ ଗୁରୁତର ଆହତ ହୋଇଥିଲା। ତାଙ୍କୁ ତୁରନ୍ତ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ଥିବା ଜଣାପଡ଼ିଛି। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ଦୁଇଭାଇଙ୍କୁ ଗିରଫ କରିବା ସହ ଏକ ଦେଶୀ ବନ୍ଧୁକ ଜବତ କରିଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୬୮୬/୨୪)ରୁଜୁ କରିଛି। ସୂଚନାଥାଉ କି, ଉପରୋକ୍ତ ଅଭିଯୁକ୍ତମାନେ ବେଆଇନଭାବେ ଘରେ ଦେଶୀ ବନ୍ଧୁକ ରଖିବା ସହ ବନ୍ୟପ୍ରାଣୀ ଶିକାର କରୁଥାଇପାରନ୍ତି ବୋଲି ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଗଲେ ସତ୍ୟ ପଦାକୁ ଆସିପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି।

## ଝିଅଙ୍କୁ ଅସଦାଚରଣ ଉଦ୍ୟମ, ବାପା ଗିରଫ

ଅନୁଗୋଳ,୧୪।୧୦ (ମାନସ ବିଶ୍ୱାଳ)- ଅନୁଗୋଳ ସଦର ଥାନା ଅଞ୍ଚଳରେ ଶନିବାର ଘଟିଛି ଏକ ଅଭାବନୀୟ ଘଟଣା। ନିଜ ନାବାଳିକା ଝିଅଙ୍କୁ ଅସଦାଚରଣ ଉଦ୍ୟମ କରିଛନ୍ତି ବାପା। ଏ ନେଇ ନାବାଳିକା ଝିଅ ମା'ଙ୍କ ସହ ଥାନାକୁ ଯାଇ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି ଜେଲ୍‌କୁ ପଠାଇଦେବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁଗୋଳ ସଦର ଥାନା ଅଞ୍ଚଳର ସମ୍ପୃକ୍ତା ୧୬ ବର୍ଷୀୟା ନାବାଳିକା ବାପା ଓ ଜେଜେମା'ଙ୍କ ସହ ରହୁଥିଲା ବେଳେ ମା' ଅଲଗା ରୁହନ୍ତି। ଗତ ଶନିବାର ଅଚାନକ ସମ୍ପୃକ୍ତା ନାବାଳିକା ଝିଅଙ୍କୁ ବାପା ଅସଦାଚରଣ ଉଦ୍ୟମ କରିଥିଲେ। କୌଣସି ମତେ ଝିଅ ଖସିଯାଇ ନିଜ ମାଉସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମାଉସୀ ଗାଁରେ ସଭା ଡାକିବା ସହ ଥାନାରେ ଏତଲା ଦିଆଯିବ ବୋଲି ସ୍ଥିର କରିଥିଲେ। ଏପରି ଖବରପାଇ ଅଲଗା ରହୁଥିବା ନାବାଳିକାଙ୍କ ମା' ପହଞ୍ଚି ଝିଅଙ୍କୁ ଧରି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଯୁବ ଇଞ୍ଜିନିୟରଙ୍କ ଆତ୍ମହତ୍ୟା

### ଝିଅ ପାଇଁ ଜୀବନ ଗଲା: ବାପା

ଭୁବନେଶ୍ୱର,୧୪।୧୦(ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ଏକ ଆପାର୍ଟମେଣ୍ଟର ୮ ମହଲା ଉପରୁ ଡେଇଁ ଜଣେ ଯୁବ ଇଞ୍ଜିନିୟର ଆତ୍ମହତ୍ୟା କରିଛନ୍ତି। ଶନିବାର ଏହି ଘଟଣା ଘଟିଛି। ମୃତ ଯୁବକ ହେଲେ ରୋନିତ୍ ଜେନା (୨୩)। ସାନପୁଅ ରୋନିତଙ୍କୁ ହରାଇ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏହି ଘଟଣା ସଂକ୍ରାନ୍ତରେ ଖାରବେଳନଗର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଅପରପକ୍ଷେ ଗୋଟେ ଝିଅ ପାଇଁ ପୁଅର ଜୀବନ ଗଲା ବୋଲି ରୋନିତଙ୍କ ବାପା ସୂଚନା ଦେଇଛନ୍ତି।

ରୋନିତ୍ ବ୍ରହ୍ମପୁରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିଲେ। ନିକଟରେ ତାଙ୍କର ଏକ କମ୍ପାନୀରେ ଚାକିରି ମଧ୍ୟ ହୋଇଥିଲା। ଦଶହରା ପାଇଁ ରୋନିତ୍ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଘରକୁ ଆସିଥିଲେ। ସନ୍ଧ୍ୟାରେ ତାଙ୍କ ମା' ଅର୍ଚ୍ଚନାଙ୍କୁ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲାଇଥିଲେ। ପରେ ସେ ଘରକୁ ଆସି ନିଜ ରୁମ୍‌ରେ ଶୋଇଥିଲେ। ଶନିବାର ସକାଳେ ରୋନିତ୍ ଆପାର୍ଟମେଣ୍ଟ ତଳେ ମୃତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ଏନେଇ ବାପା ନବ କୁମାର ଜେନା କହିଛନ୍ତି, ରୋନିତ୍‌ଙ୍କ ସାଙ୍ଗମାନଙ୍କ ସହ କଥା ହେଲା ପରେ ଆତ୍ମହତ୍ୟାର କାରଣ ସଂକ୍ରାନ୍ତରେ ବହୁ କଥା ଜଣାପଡ଼ିଥିଲା। ରୋନିତ୍ ତାଙ୍କ କଲେଜର ତୃତୀୟ ବର୍ଷର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଉକ୍ତ ଯୁବତୀ ଜଣଙ୍କ ରୋନିତ୍‌ଙ୍କଠୁ ବହୁ ଟଙ୍କା ନେଇଛନ୍ତି। ସେହି ଝିଅ ପାଇଁ ତାଙ୍କ ପୁଅର ଜୀବନ ଗଲା ବୋଲି ନବ କାନ୍ଦି କାନ୍ଦି ଗଣମାଧ୍ୟମକୁ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବର୍ଷାରେ ଧୋଇଲା ଓଡ଼ିଶାର ପ୍ରଥମ ମ୍ୟାଚ

## ରଣଜୀ ଟ୍ରଫି

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ଚଳିତ ରଣ୍‌ଜୀ ଟ୍ରଫି ସିଜନରେ ଓଡ଼ିଶାର ପ୍ରଥମ ମ୍ୟାଚ ବର୍ଷାରେ ଧୋଇଯାଇଛି। ଅଗରତାଲାରେ ଓଡ଼ିଶା-ତ୍ରିପୁରା ମ୍ୟାଚରେ ବର୍ଷା ଏବଂ ତଦ୍‌ଜନିତ ପରିସ୍ଥିତି ଯୋଗୁ ଗୋଟିଏ ମଧ ବଲ୍ ପଡ଼ିବା ସମ୍ଭବ ହୋଇନାହିଁ। ଫଳରେ ଅପେକ୍ଷାକୃତ ଦୁର୍ବଳ ତ୍ରିପୁରା ବିପକ୍ଷରେ ଓଡ଼ିଶା ମାତ୍ର ୧ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଛି। ଏଲିଟ ଗ୍ରୁପ୍ 'ଏ'ରେ ସର୍ଭିସେସ ଏକ ଇନିଂସ ୬୫ ରନରେ ମେଘାଳୟକୁ ହରାଇଥିବାରୁ ୭ ପଏଣ୍ଟ ସହ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଶକ୍ତିଶାଳୀ ମୁମ୍ବାଇକୁ ୮୪ ରନରେ ହରାଇଥିବା ବରୋଦା ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ମ୍ୟାଚ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ନେଇଥିବାରୁ ଜମ୍ମୁ-କଶ୍ମୀର ୩ ପଏଣ୍ଟ ପାଇ ପରବର୍ତ୍ତୀ ସ୍ଥାନ ଅଧିକାର କରିଛି। ପ୍ରଥମ ରାଉଣ୍ଡ ଖେଳ ପରେ ଟେବୁଲର ୬ଷ୍ଠ ସ୍ଥାନରେ ଥିବା ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୮ରୁ ୨୧ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ।






# ଭାରତର କ୍ଲିନ୍ ସୁଇପ୍


ବାଂଲାଦେଶ ବିପକ୍ଷରେ ଟି୨୦ ସିରିଜ ବିଜୟୀ ଭାରତୀୟ ଦଳ।

## ବାଂଲାଦେଶ ବିପକ୍ଷ ଟି୨୦ ସିରିଜ

**ହାଇଦ୍ରାବାଦ, ୧୪।୧୦**

ସଞ୍ଜୁ ସାମସନଙ୍କ ବିସ୍ଫୋରକ ଶତକ ସହାୟତାରେ ଭାରତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ବାଂଲାଦେଶକୁ ୧୩୩ ରନରେ ପରାସ୍ତ କରିଛି। ଫଳରେ ଭାରତ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ କରିଛି। ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ବିଶାଳ ୨୯୭ ରନ ସ୍କୋର କରିଥିବାବେଳେ ବାଂଲାଦେଶ ୧୬୪/୭ରେ ସୀମିତ ରହିଥିଲା। କ୍ୟାରିୟରର ପ୍ରଥମ ଟି୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଥିବା ସାମସନ ପ୍ଲେୟର ଅଫ୍ ଦି ମ୍ୟାଚ ଓ ହାର୍ଦ୍ଦିକ ପାଣ୍ଡ୍ୟା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ମ୍ୟାଚରେ ଅନେକ ଭାରତୀୟ ରେକର୍ଡ ସୃଷ୍ଟି ହୋଇଥିଲା। ସାମସନ ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୮ ଛକା ସହାୟତାରେ ୧୧୧ ରନ ସ୍କୋର କରିଥିଲେ। ଟି୨୦ ଅନ୍ତର୍ଜାତୀୟରେ ଭାରତର ଏହାଥିଲା ଦ୍ୱିତୀୟ ଦ୍ରୁତ ଶତକ। ପୂର୍ବରୁ ରୋହିତ ଶର୍ମା ୩୫ ବଲ୍‌ରୁ ଶତକ ହାସଲକରି ରେକର୍ଡର ଅଧିକାରୀ ଅଛନ୍ତି। ସାମସନ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ଉଇକେଟରେ ୧୭୩ ରନର ଭାଗୀଦାରି ଗଢ଼ି ଭାରତର ବଡ଼ ସ୍କୋର ପାଇଁ ପଥ ପ୍ରସ୍ତୁତ କରିଥିଲେ। ୨୯୭ ରନ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ଭାରତର ସର୍ବାଧିକ ଏବଂ ଓଭରଅଲ୍ ଦ୍ୱିତୀୟ ବୃହତ୍ତମ ସ୍କୋର ଥିଲା। ଆଫଗାନିସ୍ତାନ ବିପକ୍ଷରେ ନେପାଳ ୩ ଉଇକେଟ ହରାଇ ୨୭୮ ରନକରି ଏହି ତାଲିକାର ଶୀର୍ଷରେ ରହିଛି। ସୂର୍ଯ୍ୟକୁମାର ୭୫ (୩୫ ବଲ), ହାର୍ଦ୍ଦିକ ପାଣ୍ଡ୍ୟା ୧୮ ବଲ୍‌ରୁ ୪୭ ଓ ରିୟାନ ପରାଗ ୧୩ ବଲ୍‌ରୁ ୩୪ ରନ କରିଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ତାଞ୍ଜିମ ହାସନ ସାକିବ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ବାଂଲାଦେଶ ୨୦ ଓଭରରେ ୭ ଉଇକେଟ ହରାଇ ୧୬୪ ରନ କରିଥିଲା। ତୋହିଦ ହ୍ରିଦୟ ସର୍ବାଧିକ ୬୩ ରନକରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ୩ଟି ଓ ମୟଙ୍କ ଯାଦବ ୨ଟି ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୨୯୭/୬ (ସଞ୍ଜୁ ସାମସନ-୧୧୧, ସୂର୍ଯ୍ୟକୁମାର ଯାଦବ-୭୫, ହାର୍ଦ୍ଦିକ ପାଣ୍ଡ୍ୟା-୪୭, ତାଞ୍ଜିମ ହାସନ ସାକିବ-୩/୬୬, ତସକିନ ଅହମଦ-୧/୫୧, ମୁସ୍ତାଫିଜୁର ରହମନ-୧/୫୨, ମହମୁଦୁଲ୍ଲା-୧/୨୬)। ବାଂଲାଦେଶ ୨୦ ଓଭରରେ ୧୬୪/୭ (ତୋହିଦ ହ୍ରିଦୟ-୬୩*, ଲିଟନ ଦାସ-୪୨, ରବି ବିଷ୍ଣୋଇ-୩/୩୦, ମୟଙ୍କ ଯାଦବ-୨/୩୨, ୱାଶିଂଟନ ସୁନ୍ଦର-୧/୪, ନୀତୀଶ କୁମାର ରେଡ୍ଡୀ-୧/୩୧)।

# ଆହାନଙ୍କୁ ଡବଲ ଟାଇଟଲ

## ଫିନେଷ୍ଟା ଜାତୀୟ ଟେନିସ

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଅନୁଷ୍ଠିତ ଫିନେଷ୍ଟା ଜାତୀୟ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଆହାନ ଡବଲ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ସେ ମହାରାଷ୍ଟ୍ରର ପି. ମୁଣ୍ଡେଙ୍କୁ ୬-୧, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ସେ ଏ. ଯାଦବଙ୍କୁ ୭-୫, ୨-୬, ୬-୧ ସେଟ୍‌ରେ ହରାଇ ଦ୍ୱିମୁକୁଟ ପିନ୍ଧିଛନ୍ତି। ଭାରତର ଅନ୍ୟତମ କଷ୍ଟସାଧ୍ୟ ଟେନିସ ପ୍ରତିଯୋଗିତା ଫିନେଷ୍ଟା ଜାତୀୟ ଚାମ୍ପିୟନଶିପ୍‌ରେ ବିଜୟୀ ହେବାଦ୍ୱାରା ଆହାନ ୨୦୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି।



ଏହା ବ୍ୟତୀତ ୭୧,୦୦୦ ଟଙ୍କାର ପୁରସ୍କାର ରାଶି ମଧ୍ୟ ହାସଲ କରିଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ୪


ଦେବରାଜ ବେହେରା, ନକୁଳ ବଡ଼ନାୟକ, ପଙ୍କଜ ଭୁଏ ଓ ସୁଖରାମ ମାଝି।

## ଦୃଷ୍ଟିବାଧିତ ଟି୨୦ କ୍ରିକେଟ ବିଶ୍ୱକପ

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ଦୃଷ୍ଟିବାଧିତ ଟି୨୦ କ୍ରିକେଟ ବିଶ୍ୱକପର ୪ର୍ଥ ସଂସ୍କରଣ ପାକିସ୍ତାନରେ ଆସନ୍ତା ନଭେମ୍ବର ୨୨ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (କାଭି) ଭାରତ ସରକାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ନିକଟରୁ ଏନ୍‌ଓସି ଅପେକ୍ଷାରେ ରହିଛି। ତେବେ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୨୬ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହା ମଧ୍ୟରେ ୪ ଜଣ ଓଡ଼ିଶା ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ଦେବରାଜ ବେହେରା, ପଙ୍କଜ ଭୁଏ, ନକୁଳ ବଡନାୟକ ଓ ସୁଖରାମ ମାଝି। ପ୍ରଥମଥର ପାଇଁ ପାକିସ୍ତାନ ବ୍ଲାଇଣ୍ଡ କ୍ରିକେଟ କାଉନ୍ସିଲ ଟି୨୦ ବିଶ୍ୱକପ ଆୟୋଜନ କରିବାକୁ ଯାଉଛି। ପ୍ରତିଯୋଗିତାର ପ୍ରଥମ ୩ ସଂସ୍କରଣ ଭାରତରେ ଆୟୋଜିତ ହୋଇଥିଲା। ୩ ଥରଯାକ ଭାରତ ଚାମ୍ପିୟନ ହୋଇଥିଲା। ଦଳ ଚୟନ ପୂର୍ବରୁ ଦିଲ୍ଲୀର ବିଭିନ୍ନ ଭେନ୍ୟୁରେ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା।

# ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ୧୯ରୁ

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

କଟକ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ୧୫ ବର୍ଷରୁ କମ୍ (ବାଳିକା-ବାଳକ) ଚେସ୍ ଚଳିତ ମାସ ୧୯ରୁ ୨୧ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମ ହର୍ଷ ଗେଟ୍ ଭେନ୍ୟୁରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ମୋଟ ୨୦୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ୨୦୦୯ ଜାନୁଆରୀ ୧ କିମ୍ବା ତାପରେ ଜନ୍ମ ହୋଇଥିବା ପିଲାମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏଣ୍ଟ୍ରି ଫି ୬୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗିତାରେ ୭ ରାଉଣ୍ଡ ଖେଳ ହେବ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୨୫୦୦ ଓ ୧୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଆସୋସିଏଶନ ସଭାପତି ବିବେକ ତିବରୱାଲ ପ୍ରକାଶ କରିଛନ୍ତି।


# Classified Everyday

0674-2580101, 2549949


**REAL ESTATE**

**SALE**

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-1642

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526




**2350sqft. Office space available for rent in Saheed nagar, Bhubaneswar. 300mtr. from Rupali square. 7735111058, 9348206389.** D-1630

One BHK spacious house Two Toilets covered Car Parking gated community Sector-9, CDA, Cuttack, available on rent. Contact- 8249311472. D-1639




Kerala Massage therapy gents/ Ladies pain relief Bhubaneswar. 9337672475. D-1575

Newly open Jyoti SPA positively health benefits (Expert therapist). 8458067955. D-76162

**AFFIDAVIT**

I, Sanjaya Ku. Sahoo, S/o- Mahabir Prasad Sahoo, resident of P.O./ P.S.-Thuamul Rampur, Dist.- Kalahandi, PIN-766037, Odisha declared by this affidavit dated 07.10.2024. That now onwards I shall be known as **Sanjay Ku. Sahoo** for all future purpose. D-1641

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।

BHIM | UPI

ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

By virtue of an affidavit sworn before the Notary Public, Ranchi, I, Smt. Anita Maru aged about 66 years residing at 802, Maru Tower, PO/ PS. Kanke Road Ranchi, Jharkhand declare that I had given my signature in 6 blank pages in 2022 to my nephew Mr. Manesh Kumar Nayak, S/o- Late Jyotsna Nayak, residing at Pilgrim Road, College Square, P.S.- Malgodown, Dist. Cuttack- 753003. To take steps or file any objections required on my behalf in the day to day proceedings in the case L.A Case No.-248 of 2021 which is pending before the court of presiding officer, L.A.R & R Authority Cuttack, where I am one of the defendant along with her mother Late Jyotsna Nayak (my elder sister). Recently I came to know that no such steps were taken or objections were filed on my behalf before the court. So if those 6 blank pages with my signature are used in any other documents except for the above mentioned case then I will not accept those documents as it was without my consent. I have also informed these facts to Manesh Kumar Nayak by a registered letter. D-1646

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**LEGAL NOTICE**

ମାନ୍ୟବର ୧ମ ଅତିରିକ୍ତ ଜିଲ୍ଲା ଜଜ୍, ଭୁବନେଶ୍ୱର କୋର୍ଟଙ୍କ ଦେୱାନି କାର୍ଯ୍ୟବିଧି ଆଇନର ଅର୍ଡର ୫ସ୍ଥ ରୁଲ୍ ୨୦ ସମ୍ବନ୍ଧ ସବ୍ ରୁଲ୍ ନଂ.୧(କ) ମତେ ରେସ୍ପଣ୍ଡାଂଟମାନଙ୍କ ପ୍ରତି ନୋଟିସ
ଏଫ୍.ଏ.ଓ ନଂ.-୧୮୦/୨୦୨୩
ସୁନାକର ପଣ୍ଡା ଏବଂ ଅନ୍ୟଜଣେ
....ଆପିଲାଣ୍ଟମାନେ
ବନାମ
ଏସ୍.ଜି. ଇନ୍‌ଫ୍ରା ପ୍ରପରଟି, ପି.ଭି.ଟି. ଏଲ୍.ଟି.ଡି। ଯେ କି ଏହାର ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରତିନିଧିତ୍ୱ କରନ୍ତି ଓ ଅନ୍ୟଜଣେ ରେସ୍ପଡାଂଟମାନେ
୧. ଗୌରହରି ରଣସିଂହ, ପିତା- ବାସୁଦେବ ରଣସିଂହ। ୨. ସୌମେନ୍ଦ୍ର ମହାପାତ୍ର, ପିତା- ୰ବନବିହାରୀ ମହାପାତ୍ର ଉଭୟଙ୍କ ଅଫିସ୍ ସା- ପ୍ଲଟ୍ ନଂ.-୩୩୬୧/୪୦୦୩, ମ୍ୟୁନିସିପାଲିଟି ରୋଡ୍, ଓଲ୍‌ଡଟାଉନ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
...ରେସ୍ପଣ୍ଡାଂଟମାନେ
ଏହିକି ଉପର ନାମିତ ରେସ୍ପଣ୍ଡାଂଟମାନେ ନୋଟିସ ସତ୍ତ୍ୱେ ଉପର ଲିଖିତ ଅପିଲରେ ହାଜର ନ ହେଉଥିବାରୁ ଓ ନୋଟିସ ରଖିବାକୁ ଏଡ଼ାଇ ଯାଉଥିବାରୁ ମାତ୍ର ନିମ୍ନ ଅଦାଲତରେ ଉପରୋକ୍ତ ଠିକଣାରେ ରହୁଥିବା ଦର୍ଶାଇ ଡିଗ୍ରୀ ଜାରି ମକଦ୍ଦମା ଲଢୁଥିବାରୁ ଏ ନୋଟିସ ଦୈନିକ ସ୍ଥାନୀୟ ପ୍ରକାଶିତ ଓଡ଼ିଆ ଖବରକାଗଜ ମାଧ୍ୟମରେ ପ୍ରକାଶ କରାଗଲା ଯେ, ସେମାନେ ଆସନ୍ତା ତା ୦୪।୧୧।୨୪ରିଖରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜଲାସରେ ହାଜର ହୋଇ ତାଙ୍କ ପକ୍ଷ ରଖିବେ, ନଚେତ୍ ମକଦ୍ଦମାଟି ଏକତରଫା ଶୁଣାଣୀ ହୋଇ ରାୟ ପ୍ରକାଶ ପାଇବ।
ସ୍ୱା./- ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍, ଭୁବନେଶ୍ୱର
ଧ-୧୬୪୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ଆମ୍ଭେ ପାର୍ବତୀ ସାହୁ, ସ୍ୱାମୀ- ୰ଭରତ ସାହୁ, ପିତା- ୰ସୁରଥ ସାହୁ, ସା/ପୋଷ୍ଟ- ରୂପଦେଇପୁର, ଥାନା- ବଳଙ୍ଗା, ଜିଲ୍ଲା- ପୁରୀ ଆମ୍ଭ ପିତାଙ୍କ ନାମରେ ଥିବା ସାକ୍ଷୀଗୋପାଳ ତହସିଲ ଅନ୍ତର୍ଗତ ମୁନିନ୍ଦା ମୌଜା, ଖାତା ନଂ- ୩୭୯, ଚକ ନଂ- ୨୬୦, ପ୍ଲଟ୍ ନଂ- ୧୦୯୮, ଏ ୧.୦୨୭ ଡିସିମିଲ ଜମିକୁ ଚଞ୍ଚକତା କରି ଆମ୍ଭର ଦୁଇ ଭାଇ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ପିତା- ୰ସୁରଥ ସାହୁ ତାଙ୍କ ନାମରେ ଦାଖଲଖାରଜ ଖାତା ନଂ- ୩୯୮/୧୫୬, ଚକ ନଂ- ୨୬୦, ପ୍ଲଟ୍ ନଂ.- ୧୦୯୮, ଏ ୧.୦୨୭ ଡିସିମିଲ ଜମିକୁ ଏହା ଉପରେ କୋର୍ଟ ଓଫ ସିଭିଲ ଜଜ୍ (ସିନିୟର ଡିଭିଜନ) ପିପିଲିଙ୍କ ନିକଟରେ ସିଏସ୍ ନଂ- ୧୬୯/୨୦୨୧ ମୋକଦ୍ଦମା ଥାଇ ମଧ ଏହାକୁ ବିକ୍ରି ଖର୍ଦ୍ଦି କରିବାକୁ ଚାହୁଁଛନ୍ତି । ଯଦି ଏହା ଜାଣିଶୁଣି ଏହାକୁ କେହି ବିକ୍ରି ଖର୍ଦ୍ଦି କରନ୍ତି, ଆମ୍ଭେ କୌଣସି ପ୍ରକାର ଦାୟୀ ରହିବୁ ନାହିଁ ଓ ଆମ୍ଭେ ଏଥି ସଙ୍କ୍ରାନ୍ତେ ପିପିଲି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ସତ୍ୟପାଠ କରିଅଛୁ, ଯାହାର ନଂ.- ୧୫୮୯, ତା.୩୦.୦୮.୨୦୨୪ ଅଟେ।
ପାର୍ବତୀ ସାହୁ
ରୂପଦେଇପୁର, ବଳଙ୍ଗା, ପୁରୀ
ଧ-୧୬୪୫

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସରୋଜିନୀ ମିଶ୍ର**

ଓମ୍ ନଗର, ଫାଷ୍ଟଗେଟ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୬।୦୫।୧୯୫୬
ତିରୋଧାନ: ୦୪।୧୦।୨୦୨୪
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ମିଶ୍ର ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ ।
ଧ-୧୬୪୮

**ଶତାୟୁ ମହିଳାଙ୍କ ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



**୰ରଙ୍ଗଲତା ଆଚାର୍ଯ୍ୟ**

ଆବିର୍ଭାବ - ୦୩.୦୪.୧୯୨୦
ତିରୋଧାନ - ୦୪.୧୦.୨୦୨୪
ଏହା ମଧ୍ୟରେ ୧୧ଦିନ ବିତିଗଲାଣି, ତୁମେ ଆଉ ଆମ ସହିତ ନାହିଁ। ତୁମେ ଥିଲ ଆମ ପ୍ରେରଣାର ଉତ୍ସ। ଆମ ପ୍ରତି ତୁମର ତ୍ୟାଗ ଓ ମମତା ଚିରସ୍ମରଣୀୟ। ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର- ସୁଶାନ୍ତ କୁମାର ଆଚାର୍ଯ୍ୟ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ପରିବାରବର୍ଗ
ଧ-୧୬୪୪

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ଅନନ୍ତଚରଣ ବରାଳ**

(ମୁରବି ଓ ସମାଜସେବୀ)
ପୁରୁଣା କାଚରାମାଳ, ଫୁଲନଖରା, କଟକ
ଧରାବତରଣ-୧୪।୦୯।୧୯୪୯
ସ୍ୱର୍ଗାରୋହଣ- ୦୭।୧୦।୨୦୨୨
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସଚ୍ଚୋଟତା, ସହନଶୀଳତା, ସରଳ ଜୀବନ ଓ ସତ୍ୟନିଷ୍ଠ ମନୋବୃତ୍ତି ଆମ୍ଭମାନଙ୍କୁ ସର୍ବଦା ଦିଗଦର୍ଶନ ଦେଉଥିବ । ଆପଣ ଯେଉଁଠି ଅଛନ୍ତି ଶାନ୍ତିରେ ରୁହନ୍ତୁ; ଆଜି ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବରେ ପ୍ରଭୁ ଶ୍ରୀଲକ୍ଷେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପତ୍ନୀ-ଶାରଳା ବରାଳ, ଭ୍ରାତା, ଭ୍ରାତାବଧୂ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ ଏବଂ ବନ୍ଧୁ ଓ ବରାଳ ପରିବାରବର୍ଗ ।
ଧ-୧୬୪୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କୁନ୍ତଳା ବେହେରା**

ସ୍ୱାମୀ - ୰ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ, ସବରସାହି ଲେନ୍, ଭୁବନେଶ୍ୱର
ଆଜି ଆପଣଙ୍କର ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୧୬୪୩

ଫ୍ୟାଶନ୍

# ଅଫିସ୍‌ରେ ଦେଖାଯିବେ ଷ୍ଟାଇଲିଶ୍



ଡ୍ରେସ୍‌କୁ ନେଇ ଝିଅମାନେ ବେଶି ଚୁଜି ହୋଇଥାନ୍ତି। ଯଦି ଆପଣ ଅଫିସ୍‌ରେ ଷ୍ଟାଇଲିଶ୍ ଏବଂ କ୍ଲାସି ଦେଖାଯିବାକୁ ଚାହୁଁଛନ୍ତି, ତେବେ କିଛି ଆଉଟ୍‌ଫିଟ୍ ବିଷୟରେ ଜାଣିନିଅନ୍ତୁ। ଏଠାରେ କିଛି ଆଉଟ୍‌ଫିଟ୍ ବିଷୟରେ ସୂଚନା ଦିଆଯାଉଛି, ଯାହା ଅଫିସ୍ ହେଉ କି କଲେଜ ସବୁଠାରେ ଭଲ ମାନିବ। ଜାଣନ୍ତୁ ଏ ସମ୍ପର୍କରେ...

**ମିଡି ଡ୍ରେସ:** ଝିଅମାନଙ୍କୁ ମିଡି ଡ୍ରେସ ଭଲ ମାନିଥାଏ। ଏଥିରେ ଯଦି ଆପଣ ନେକ୍ ଆଉଟ୍‌ଫିଟ୍ ପିନ୍ଧନ୍ତି, ତେବେ ଏହା ବହୁତ ସୁନ୍ଦର ମାନିଥାଏ। ଆପଣଙ୍କୁ ଯେଉଁ କଲର ପସନ୍ଦ, ଯଦି ଆପଣ ନିଜ ଆଉଟ୍‌ଫିଟ୍‌କୁ ସେହି ପ୍ରକାର ରଖିଲେ ତେବେ ଆପଣଙ୍କ ଲୁକ୍ ଏକଦମ୍ ଷ୍ଟାଇଲିଶ୍ ଦେଖାଯିବ। ମିଡି ଡ୍ରେସ୍ ସହିତ ଆପଣ ହାଲୁକା ମେକ୍‌ଅପ୍ ଏବଂ ମିନିମମ୍ ଜୁଏଲାରି ପିନ୍ଧିପାରିବେ। ଏହି ଆଉଟ୍‌ଫିଟ୍‌କୁ ଆପଣ କଲେଜକୁ ମଧ ପିନ୍ଧି ଯାଇପାରିବେ।

**ଚିକନକାରୀ କୁର୍ତ୍ତି:** ଚିକନକାରୀ କୁର୍ତ୍ତିର ଏବେ ଟ୍ରେଣ୍ଡ ଚାଲିଛି। ଝିଅମାନଙ୍କୁ ଏହା ବେଶ୍ ପସନ୍ଦ ଆସୁଛି। ଏହି କୁର୍ତ୍ତି ଆପଣଙ୍କୁ କ୍ଲାସି ଏବଂ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଆପଣ ଅଫିସ୍‌ରେ ଏହି ଆଉଟ୍‌ଫିଟ୍‌କୁ ପିନ୍ଧି ଯାଇପାରିବେ। ଏହା ସହିତ ଆପଣ ପେନସିଲ୍ ହିଲ୍ ପିନ୍ଧିଲେ ଲୁକ୍‌କୁ ଅଧିକ ଆଟ୍ରାକ୍ଟିଭ୍ କରିଥାଏ।

**ଫ୍ଲୋରାଲ ଡ୍ରେସ୍:** ଯଦି ଆପଣ କଲେଜ କିମ୍ବା ଅଫିସ୍ ଯାଉଛନ୍ତି, ତେବେ ଆପଣ ଲଙ୍ଗ୍ ଫ୍ଲୋରାଲ ପ୍ରିଣ୍ଟ ଡ୍ରେସ ପିନ୍ଧିବା ଆବଶ୍ୟକ। ଏହି ଡ୍ରେସ୍ ଆପଣଙ୍କୁ କୌଣସି ବି ଅକେଜନ୍‌ରେ ଭଲ ମାନିଥାଏ। ଯଦି ଆପଣ ଅଫିସ୍‌ରେ ଫର୍ମାଲ ଲୁକ୍ ଦେଖାଯିବାକୁ ଚାହୁଁଛନ୍ତି, ତେବେ ଫର୍ମାଲ କଲରର ଡ୍ରେସ୍ ପିନ୍ଧିପାରିବେ। ଏହା ସହିତ ଛୋଟ ଇୟରରିଙ୍ଗ୍‌ସ ଏବଂ ସଟଲ ମେକଅପ୍ ଟ୍ରାଏ କରିବା ଆବଶ୍ୟକ।

**ଶାଢ଼ି:** ଯଦି ଆପଣ ଅଫିସ୍ କିମ୍ବା କଲେଜର କୌଣସି ଫଙ୍କସନ୍‌ରେ ଯିବାର ଥାଏ, ତେବେ ବ୍ଲାକ୍ କଲର ଶାଢ଼ି ମଧ ଟ୍ରାଏ କରିପାରିବେ। ଝିଅମାନଙ୍କୁ ଶାଢ଼ି ବହୁତ ପସନ୍ଦ, ଆଜିକାଲି ଫ୍ୟାଶନ୍ ଟ୍ରେଣ୍ଡରେ ବ୍ଲାକ କଲରର ଡିମାଣ୍ଡ ଚାଲିଛି।

# ପିତ୍ତଳ ବାସନକୁ ସଫା କରୁଥିଲେ...



**ଲେମ୍ବୁ ଏବଂ ଲୁଣ ବ୍ୟବହାର**

ପିତ୍ତଳ ବାସନ ନୂଆ ଭଳି ଦେଖାଯିବାକୁ ହେଲେ ଆପଣ ଲେମ୍ବୁ, ଲୁଣର ବ୍ୟବହାର କରିପାରିବେ। ଲେମ୍ବୁ ରସ ଏବଂ ଲୁଣ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ପୁଣି ପିତ୍ତଳ ବାସନ ଉପରେ ଲଗାଇ ବାସନକୁ ଘଷନ୍ତୁ। ଏହାଦ୍ୱାରା କଳା ହୋଇଥିବା ପରସ୍ତ ଆସ୍ତେ ଆସ୍ତେ ଛାଡ଼ିଯିବ।

**ବେକିଂ ସୋଡ଼ା**

ବେକିଂ ସୋଡ଼ାକୁ ପାଣିରେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଭଲ ଭାବେ ଘଷନ୍ତୁ। ଏପରି କରିବା ଦ୍ୱାରା ପିତ୍ତଳ ବାସନରେ ଲାଗିଥିବା କଳାଦାଗ ଧୀରେ ଧୀରେ ଛାଡ଼ିଯିବ। ଦହି ଏବଂ ହଳଦୀ ପେଷ୍ଟ ବନାନ୍ତୁ। ଦୁଇଟିକୁ ଭଲ ଭାବେ ମିଶାଇ ଅଳ୍ପ ପାଣି ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଅଳ୍ପ ସମୟ ପାଇଁ ବାସନରେ ଲଗାଇ ରଖନ୍ତୁ। ପୁଣି ହାତରେ ଭଲଭାବେ ଘଷି ଧୋଇଦିଅନ୍ତୁ। ଫଳରେ ଏହାଦ୍ୱାରା ବାସନ ଚମକି ଉଠିବ।

**ସିର୍କା ଏବଂ ଲୁଣର ବ୍ୟବହାର**

ଆପଣ ତମ୍ବା ବାସନକୁ ସଫା କରିବାକୁ ହେଲେ ସିର୍କା ଏବଂ ଲୁଣର ବ୍ୟବହାର କରିପାରିବେ। ଆପଣ ସିର୍କା, ଲୁଣ ପାଣିକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହି ପେଷ୍ଟକୁ ପିତ୍ତଳ ବାସନରେ ଲଗାଇବାକୁ ହେବ। ପୁଣି ଏହାପରେ ହାଲୁକା ହାତରେ ଘଷି ନରମ କପଡ଼ାରେ ରଗଡ଼ନ୍ତୁ। ଏହାଦ୍ୱାରା ଆପଣଙ୍କ ବାସନ ଚମକି ଉଠିବ।



# ଗର୍ଭରେ ଶିଶୁ ମୃତ୍ୟୁ

ଆଜି ବିଶ୍ୱ ଗର୍ଭନଷ୍ଟ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

– ଡା. ସରୋଜିନୀ ଷଡ଼ଙ୍ଗୀ



ନାରୀ ପାଇଁ ମାତୃତ୍ୱ ଏକ ସ୍ୱପ୍ନ। ସେ ସ୍ୱପ୍ନ ସାକାର ହୁଏ, ଯେତେବେଳେ ମା'ର କୋଳ ପୂର୍ଣ୍ଣ କରି ଏକ ସୁସ୍ଥ ଶିଶୁ ଜନ୍ମ ହୁଏ। ନଅ ମାସର ଏ ଯାତ୍ରା ବଡ଼ କଷ୍ଟଦାୟକ। ଟିକିଏ ଅସାବଧାନ ହେଲେ ଗର୍ଭଜନିତ ଜଟିଳତା ଦେଖାଦେଇଥାଏ। ଏଥିରେ କାହାର ବାରମ୍ବାର ଗର୍ଭ ନଷ୍ଟ ହୋଇଥାଏ ତ ଆଉ କାହାର ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ। ଏଥିପାଇଁ ସ୍ତ୍ରୀରୋଗ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କର ପରାମର୍ଶ ନେଇ ହସ୍ପିଟାଲରେ ଡେଲିଭରି କରିବା ଦରକାର। ଜୀବନର ଏ ସବୁ ଦୁଃଖଦାୟକ ଘଟଣାକୁ ମନେପକାଇ ସତର୍କତା ଅବଲମ୍ବନ କରିବା ପାଇଁ ଅକ୍ଟୋବର ୧୫ ତାରିଖ ବିଶ୍ୱ ଗର୍ଭନଷ୍ଟ ଓ ଶିଶୁମୃତ୍ୟୁ ସ୍ମରଣୀୟ ଦିବସ ପାଳନ କରାଯାଉଛି।

ଗର୍ଭଧାରଣର ଆଦ୍ୟ ପର୍ଯ୍ୟାୟରୁ ହିଁ ଭାବୀ ମା'ଟିଏ ଗୋଟିଏ ସୁସ୍ଥ ସନ୍ତାନର ସ୍ୱପ୍ନ ଦେଖିଥାଏ। କେତେକ କ୍ଷେତ୍ରରେ ଏମିତି ବି ଘଟିଥାଏ ଯେ, ପ୍ରସବ ପୂର୍ବରୁ ଭାବୀ ଶିଶୁ ପାଇଁ ବିଭିନ୍ନ ସାମଗ୍ରୀ କିଣା ସରିଯାଏ। କିନ୍ତୁ ଏ ସମସ୍ତ ଆଶା ଧୂଳିସାତ୍ ହୋଇଯାଏ, ଯେତେବେଳେ ଶିଶୁର ଗର୍ଭରେ ମୃତ୍ୟୁ ଘଟିଥାଏ। ଗର୍ଭଧାରଣର ୨୮ ସପ୍ତାହ ପରେ (ଶିଶୁର ଓଜନ ଏକ କେ.ଜି. ରୁ ଊର୍ଦ୍ଧ୍ୱ ହୋଇଥିଲେ) ଏବଂ ପ୍ରସବ ପୂର୍ବରୁ ଯଦି ଶିଶୁର ଗର୍ଭରେ ମୃତ୍ୟୁ ଘଟେ ତେବେ ତାହାକୁ ଆଇ.ୟୁ. ଡି. ବା ଇଣ୍ଟ୍ରାୟୁଟେରାଇନ୍ ଫିଟାଲ୍ ଡେଥ୍ ବୋଲି କୁହାଯାଏ।



**କାରଣ:** ପ୍ରାୟ ୩୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୮ ବର୍ଷରୁ କମ୍ ବୟସର ବହୁଗର୍ଭା ମା', ନିମ୍ନ ମଧ୍ୟବିତ୍ତ ପରିବାର ଏବଂ ପୁଷ୍ଟିସାର କମ୍‌ଥିବା ମହିଳାମାନେ ଗର୍ଭରେ ଶିଶୁ ମୃତ୍ୟୁଜନିତ ଜଟିଳତା ବେଶି ଭୋଗିଥାନ୍ତି। ଯେକୌଣସି କାରଣ ପାଇଁ ହେଉ ମା'ର ଲୌହସାରଜନିତ ରକ୍ତହୀନତା, ଥାଲାସିମିଆ, ସିକଲ୍‌ସେଲ ଏନିମିଆ ଏବଂ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ କମିଗଲେ, ଗର୍ଭରେ ଶ୍ୱାସରୁଦ୍ଧ ହୋଇ ଶିଶୁର ମୃତ୍ୟୁ ଘଟିଥାଏ। ୩୦% କେସ୍‌ରେ ମା'ର ଗର୍ଭାବସ୍ଥାର ଜଟିଳତା ପାଇଁ ଗର୍ଭରେ ଶିଶୁମୃତ୍ୟୁ ହୋଇଥାଏ। ଯଥା ଗର୍ଭାବସ୍ଥାରେ ମଧୁମେହ ରୋଗ, ଗର୍ଭାବସ୍ଥାରେ ଗର୍ଭଫୁଲ ବିଚ୍ଛିନ୍ନ ହେବା ଏବଂ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ। ୩୦% କେଶ୍‌ରେ ଠିକ୍ ପ୍ରସବ ଆଗରୁ ଅମ୍ଳଜାନର ଅଭାବ ଯୋଗୁ ଶିଶୁମୃତ୍ୟୁ ହୋଇଥାଏ। ଏହାଛଡ଼ା ୧୫% ଗର୍ଭରେ ମୃତ୍ୟୁ ଶିଶୁର ବିକଳାଙ୍ଗତା ପାଇଁ ହୋଇଥାଏ। ୫% ସଂକ୍ରମଣ ପାଇଁ ହେଲାବେଳେ କୌଣସି କାରଣ ନ ଥାଇ ମଧ ୨୦% ମୃତ୍ୟୁ ହୋଇଥାଏ। ତେବେ ମା'ର ରୋଗଛଡ଼ା ଆହୁରି ଅନେକ ଜଟିଳତା ଅଛି, ଯାହା ଗର୍ଭାବସ୍ଥାରେ ସମସ୍ୟା ସୃଷ୍ଟି କରିଥାଏ। ମା'ର ସଂକ୍ରମଣ ଯଥା ମ୍ୟାଲେରିଆ, ଯକୃତର କାମଳ ରୋଗ (ହେପାଟାଇଟିସ୍), ଇନ୍‌ଫ୍ଲୁଏଞ୍ଜା, ଟକ୍‌ସୋପ୍ଲାଜ୍‌ମା, ସିଫିଲିସ୍, ଖୁବ୍ ବେଶି ଜ୍ୱର (୩୯.୪୦ ସେଣ୍ଟିଗ୍ରେଡ଼ଠାରୁ ବେଶି) ହେଲେ ଗର୍ଭରେ ଶିଶୁମୃତ୍ୟୁ ହୋଇଥାଏ।

"ଗର୍ଭାବସ୍ଥାରେ ମଧୁମେହ ରୋଗ, ଗର୍ଭାବସ୍ଥାରେ ଗର୍ଭଫୁଲ ବିଚ୍ଛିନ୍ନ ହେବା ଏବଂ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ। ୩୦% କେସ୍‌ରେ ଠିକ୍ ପ୍ରସବ ଆଗରୁ ଅମ୍ଳଜାନର ଅଭାବ ଯୋଗୁ ଶିଶୁମୃତ୍ୟୁ ହୋଇଥାଏ। ଏହାଛଡ଼ା ୧୫% ଗର୍ଭରେ ମୃତ୍ୟୁ ଶିଶୁର ବିକଳାଙ୍ଗତା ପାଇଁ ହୋଇଥାଏ।"

ଏହାବ୍ୟତୀତ ଅତିରିକ୍ତ ପ୍ରସବ ବ୍ୟଥା ହୋଇ ପ୍ରସବ ନ ହେଲେ, ବିଦୀର୍ଣ୍ଣ ଜରାୟୁ ବା ଜରାୟୁ ଫାଟିଗଲେ ଶିଶୁର ମୃତ୍ୟୁ ହୋଇଥାଏ। ପ୍ରସବର ସମ୍ଭାବ୍ୟ ତାରିଖ ପରେ ପ୍ରସବ ନ ହେଲେ ବି ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ। ଏହାବ୍ୟତୀତ ନାଭିନାଡ଼ର ଦୁର୍ଘଟଣା, ଯଥା- ଗର୍ଭସ୍ଥ ପାଣିଥଳି ଫାଟି ନାଭିନାଡ଼ ଖସିଗଲେ, ନାଭିନାଡ଼ରେ ଗଣ୍ଠି ପଡ଼ିଗଲେ ବା' ଶିଶୁର ବେକ ଚାରିପଟେ ନାଭିନାଡ଼ ଗୁଡ଼େଇ ହୋଇଗଲେ କିମ୍ବା ଗର୍ଭରେ ଯାଆଁଳା ଶିଶୁ ହେଲେ, ଗୋଟିଏ ଶିଶୁ ଦେହରୁ ଅନ୍ୟ ଶିଶୁ ଦେହକୁ ରକ୍ତ ସଂଚାଳିତ ହୋଇଗଲେ ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ। ମା' ପାଇଁ ହେଉ ବା ଶିଶୁ ପାଇଁ କିମ୍ବା ଅନ୍ୟକୌଣସି ଅଜଣା କାରଣରୁ ହେଉ ଗର୍ଭଫୁଲ ଦେଇ ମା' ପାଖରୁ ଶିଶୁ ପାଖକୁ ନାଭିନାଡ଼ ଦେଇ ଭଲଭାବରେ ରକ୍ତ ବିନିମୟ ନ ହୋଇପାରିଲେ ଶିଶୁ ପୁଷ୍ଟିସାର ନ ପାଇ ମୃତ୍ୟୁମୁଖରେ ପଡ଼ିଥାଏ।

**ଶିଶୁମୃତ୍ୟୁର ଲକ୍ଷଣ:** ମା' ଗର୍ଭରେ ଶିଶୁ ଅନେକ ସମୟଧରି ନ ବୁଲିଲେ ଗର୍ଭରେ ଶିଶୁମୃତ୍ୟୁର ସନ୍ଦେହ ହୋଇଥାଏ। ଗର୍ଭବତୀ ମା'ର ସ୍ତନର ଆକାର କମିଯାଏ। ଶିଶୁଟି ବଞ୍ଚିଥିବା ବେଳେ ମା'ର ଜରାୟୁର ଉଚ୍ଚତା ଯେତିକି ଥାଏ, ଆସ୍ତେ ଆସ୍ତେ ଉଚ୍ଚତା ଓ ଆକାର କମିଯିବା ସହ ଜରାୟୁ ମଧ ଶିଥିଳ ହୋଇଯାଏ। ହାତ ଦେଇ ପେଟ ଉପରେ ଜରାୟୁ ପରୀକ୍ଷା କରିବା ବେଳେ ଡାକ୍ତରଙ୍କ ହାତକୁ ଶିଶୁ ବୁଲିବା ବା' ଶିଶୁର ଘୂର୍ଣ୍ଣନ ଜାଣି ହୁଏନାହିଁ। ଷ୍ଟେଥୋସ୍କୋପ ବା ଫିଟାଲ୍ ଡପଲ୍‌ରରେ ଶୁଣିଲେ ଶିଶୁର ହୃତ୍‌ସ୍ପନ୍ଦନ ଶୁଣାଯାଏ ନାହିଁ। ଶିଶୁର ମୁଣ୍ଡ ବହୁତ ନରମ ଲାଗେ।

**ଶିଶୁମୃତ୍ୟୁ ରୋକିବା ଲାଗି:** ଗର୍ଭଧାରଣ ପୂର୍ବରୁ ପ୍ରତ୍ୟେକ ମହିଳାଙ୍କୁ ମଧୁମେହ ରୋଗ, ରକ୍ତଚାପ ବା କୌଣସି ବଂଶଗତ ରୋଗର ଚିକିତ୍ସା କରାଇବା ନିହାତି ଦରକାର। ଗର୍ଭଧାରଣର ୧୧ରୁ ୧୪ ସପ୍ତାହ ମଧ୍ୟରେ ଏନ୍.ଟି. ସ୍କାନ୍, ଡୁଆଲ୍ ମାର୍କର୍, ତା'ପରେ ଟ୍ରିଲ୍ ମାର୍କର୍ ଏବଂ ଗର୍ଭାବସ୍ଥାର ୫ ମାସ ପରେ ବିକଳାଙ୍ଗ ବା 'ଟିଫାସ୍କାନ୍' (ଶିଶୁ ଶରୀରର ପ୍ରତ୍ୟେକଟି ଅଙ୍ଗର ସ୍କାନିଂ) କରିବା ଉଚିତ। ଯେଉଁ ମା'ମାନେ 'ହାଇରିସ୍କ' ହୋଇଥାନ୍ତି, ସେମାନଙ୍କ ପାଇଁ ତଥା ଗର୍ଭସ୍ଥ ଶିଶୁ ପାଇଁ ବେଶି ଯତ୍ନଶୀଳ ହେବା ଉଚିତ।

**ମା' ପାଇଁ ଜଟିଳତା :**

ଗର୍ଭରେ ଶିଶୁମୃତ୍ୟୁ ହେଲେ ମାନସିକ ଅବସାଦ ବେଳେବେଳେ ମା' ପାଇଁ ଦୁର୍ବିଷହ ହୋଇପଡ଼େ। ମା' ବହୁତ ଦିନଯାଏ ମାନସିକ ଅବସାଦଜନିତ ଦୁଃଖ ଭୋଗକରେ। ଗର୍ଭରେ ମୃତଶିଶୁ ଥିଲେ ସଂକ୍ରମଣର ଆଶଙ୍କା ବଢ଼ିଯାଏ। ଗର୍ଭଥଳି ଫାଟି ନ ଥିଲେ ବେଶି ଅସୁବିଧା ହୋଇ ନ ଥାଏ, କିନ୍ତୁ ଗର୍ଭଥଳି ଫାଟିଗଲେ, ଶିଶୁର ପଚାଦେହରେ କ୍ଲଷ୍ଟ୍ରିଡିଅମ୍ ୱେଲଚାଇ ଏବଂ ଟିଟାନସ୍ ଆଦି ମାରାତ୍ମକ ରୋଗ ହୋଇଥାଏ। ଅନ୍ୟାନ୍ୟ ଜୀବାଣୁ ଦ୍ୱାରା ସଂକ୍ରମିତ ହେବାର ଆଶଙ୍କା ମଧ ଅଧିକ ଥାଏ। ତା'ଛଡ଼ା ବ୍ଲଡ୍ କୋଆଗୁଲେସନ୍ ଡିଜ୍‌ଅର୍ଡ଼ର: ମୃତଶିଶୁର କୋଷ ଓ ଗର୍ଭଫୁଲରୁ ବାହାରୁଥିବା ବିଷ, ଥ୍ରମ୍ବୋପ୍ଲାଷ୍ଟିନ୍ ସବୁ ଶୋଷଣ କରୁଥିବାରୁ ପ୍ରସବ ସମୟରେ ଏବଂ ପରେ ପରେ ଅତିରିକ୍ତ ରକ୍ତସ୍ରାବ ହୋଇଥାଏ।

ଗର୍ଭଧାରଣ ପୂର୍ବରୁ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କଠାରୁ ଉନ୍ନତ ମାନର ପରାମର୍ଶ, ଗର୍ଭାବସ୍ଥାରେ ଚିକିତ୍ସା ଓ ପ୍ରସବବେଳେ ଭଲ କେନ୍ଦ୍ରରେ, ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କର ଉପସ୍ଥିତିରେ ପ୍ରସବ ହୋଇପାରିଲେ, ଗର୍ଭରେ ଶିଶୁ ମୃତ୍ୟୁହାର କମିଯାଇଥାଏ। ଏହାଛଡ଼ା ଗର୍ଭାବସ୍ଥାରେ ଶିଶୁର ବିକଳାଙ୍ଗତାର ଚିହ୍ନଟ ଖୁବ୍‌ଶୀଘ୍ର ହୋଇପାରିଲେ ଶିଶୁମୃତ୍ୟୁ ହାର କମିଯାଏ।

– ଲିଙ୍କ୍‌ରୋଡ୍, କଟକ-୧୨
ମୋ: ୯୪୩୭୦୫୫୦୦୭





ସୌନ୍ଦର୍ଯ୍ୟ

# ନାଇଟ୍ ସ୍କିନ୍ କେୟାର

ଦିନ ମଧ୍ୟରେ ଧୂଳି, ମାଟି ଏବଂ ମେକ୍‌ଅପ୍ ରହିଯାଇ ତ୍ୱଚାର ପୋର୍ସ୍‌କୁ ବନ୍ଦ କରିଦିଏ। ଏହାଦ୍ୱାରା ମୁହଁରେ ପିମ୍ପଲ୍ସ, ମୁଖବ୍ରଣ ଆଦି ସମସ୍ୟା ହେବାର ଆଶଙ୍କା ରହିଛି। ନାଇଟ୍ ସ୍କିନ୍ କେୟାର ରୁଟିନ୍ କେବଳ ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ଏହା ସୁସ୍ଥ ଏବଂ ଚମକ ରଖିବାରେ ମଧ ସାହାଯ୍ୟ କରିଥାଏ।



**ନାଇଟ୍ ସ୍କିନ୍ କେୟାର ଫାଇଦା:** ରାତି ସମୟରେ ତ୍ୱଚାର ଯାହା ଡ୍ୟାମେଜ୍ ହୋଇଥାଏ, ତାହା ରାତିରେ ହିଁ କ୍ରମଶଃ ଠିକ୍ ହୋଇଥାଏ। ରାତିରେ ସଠିକ୍ ମଶ୍ଚରାଇଜର ବ୍ୟବହାର କରିବା ଦ୍ୱାରା ତ୍ୱଚା ଠିକ୍ ରହିଥାଏ। ଫଳରେ ଏଜିଙ୍ଗ୍ ସମସ୍ୟା ଶିଥିଳ ହୋଇଯାଏ। ଏହାଦ୍ୱାରା ତ୍ୱଚା ସକାଳୁ ବହୁତ ଫ୍ରେଶ୍ ଲାଗିଥାଏ। ନାଇଟ୍ କ୍ରିମ୍ ଏବଂ ସେରମ୍‌ରେ ଆଣ୍ଟି ଏଜିଙ୍ଗ ତ୍ୱଚା ଉପରେ ଅଧିକ କାମ କରିଥାଏ, ଯାହା ଚର୍ମରେ ଝୁରିଆଁକୁ କମ୍ କରିଥାଏ।

**ପ୍ରଥମେ କରନ୍ତୁ କ୍ଲିନିଂ :** ପ୍ରଥମେ ମୁହଁକୁ ମାଇଲ୍ଡ କ୍ଲିଞ୍ଜର ସାହାଯ୍ୟରେ ଭଲଭାବେ ଫେସ୍‌କୁ କ୍ଲିନ୍ କରନ୍ତୁ। ଫଳରେ ପୂରାଦିନର ଅପରିଷ୍କାର ଏବଂ ତେଲ ସଫା ହୋଇଯିବ। ମେକ୍‌ଅପ୍ ଯଦି କରୁଥାନ୍ତି, ତେବେ ଡବଲ କ୍ଲିନିଂ କରିବା ଆବଶ୍ୟକ।

**ଟୋନର ବ୍ୟବହାର :** କ୍ଲିଞ୍ଜର ପରେ ଆପଣ ମୁହଁ ଏବଂ ବେକରେ ଟୋନର ବ୍ୟବହାର କରିପାରନ୍ତି। ଏହା ତ୍ୱଚାର ପୋର୍ସ୍‌କୁ ଖୋଲିବା ସହିତ ଟାଇଟ୍ କରିବାରେ ସାହାଯ୍ୟ କରିଥାଏ।

**ଆପ୍ଲାଏ କରନ୍ତୁ ସିରମ୍:** ସ୍କିନ୍ ଅନୁଯାୟୀ ତ୍ୱଚାର ସିରମ୍ ବ୍ୟବହାର କରନ୍ତୁ। ଏହା ତ୍ୱଚାକୁ ପୋଷଣ ଏବଂ ହାଇଡ୍ରେସନ୍ ଦେଇଥାଏ। ସ୍କିନ୍ ଏଜିଙ୍ଗଠାରୁ ରକ୍ଷା କରିଥାଏ।

**ମଶ୍ଚରାଇଜର ଲଗାନ୍ତୁ:** ତ୍ୱଚାକୁ ହାଇଡ୍ରେଟ୍ ରଖିବାକୁ ହେଲେ ନାଇଟ୍ କ୍ରିମ୍ କିମ୍ବା ମଶ୍ଚରାଇଜର ଲଗାଇବା ବହୁତ ଜରୁରୀ ହୋଇଥାଏ। ଏହା ସ୍କିନ୍‌କୁ ଫ୍ଲେକ୍ସିବୁଲ୍ କରିବାରେ ସାହାଯ୍ୟ କରିଥାଏ।

**ଆଇକ୍ରିମ୍ ଜରୁରୀ:** ଯଦି ଆପଣଙ୍କ ଆଖି ଚାରିପଟେ ସ୍କିନ୍ ଢିଲା ଅଛି, ତେବେ ରାତିରେ ଆଇକ୍ରିମ୍‌ର ବ୍ୟବହାର ନିହାତି କରନ୍ତୁ।

**ଲିପ୍ ବାମ୍ ଭୁଲନ୍ତୁ ନାହିଁ:** ଯଦି ଆପଣ ଓଠକୁ ସଫ୍ଟ ରଖିବାକୁ ଚାହାନ୍ତି, ତେବେ ଶୋଇବା ପୂର୍ବରୁ ଏକ୍ସଫୋଲିଏଟ୍ ଯୁକ୍ତ ଲିପ୍‌ବାମ୍ ବ୍ୟବହାର କରନ୍ତୁ।




ଖାଦ୍ୟରୁଚି

# ରୁଟି ଚାଓମିନ୍

**ଆବଶ୍ୟକ ସାମଗ୍ରୀ**

ବଳି ପଡ଼ିଥିବା ରୁଟି-୧, ଛୋଟ ଦୁଇ ଚାମଚ ତେଲ, ୩-୪ଟି କଟା ହୋଇଥିବା ରସୁଣ, କଞ୍ଚାଲଙ୍କା ୩ରୁ ୪ଟି, ପିଆଜ-୨ଟି, ଗାଜର-୧, ଶିମ୍‌ଲା ଲଙ୍କା-୧ଟି, ଅଧାକପ୍ ବନ୍ଧାକୋବି, ସ୍ୱାଦ ଅନୁସାରେ ଲୁଣ, ଦୁଇ ଚାମଚ ଟମାଟୋ ସସ୍, ଏକ ଚାମଚ ଲେମ୍ବୁ ରସ, ଦୁଇଚାମଚ କଟା ହୋଇଥିବା ଧନିଆ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ରୁଟିକୁ ଗୁଡ଼ାଇ ରୋଲ କରି ତାକୁ ଛୁରିରେ ସରୁ ସରୁ କରି କାଟିଦିଅନ୍ତୁ। ଏବେ କଟା ହୋଇଥିବା ରୁଟିକୁ ଅଲଗା ପାତ୍ରରେ ରଖିଦିଅନ୍ତୁ। ଏବେ ସେଥିରେ ଅଧାକପ୍ ତେଲ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ତେଲ ପକାଇ ସେଥିରେ କଟା ହୋଇଥିବା ରସୁଣକୁ ଭାଜି ଦିଅନ୍ତୁ। ଏହାପରେ ସିମ୍‌ଲା ଲଙ୍କା ଏବଂ ପିଆଜ ପକାଇ ଭାଜନ୍ତୁ। ଏହା ଟିକେ ଭାଜି ହୋଇଗଲା ପରେ ସେଥିରେ ବନ୍ଧାକୋବି ଏବଂ ଗାଜର ପକାଇ ଭାଜନ୍ତୁ। ଏବେ ସେଥିରେ ଟମାଟୋ ସସ୍, ଲୁଣ ଆଦି ପକାଇ ଭଲଭାବେ ମିଶାନ୍ତୁ। ଏବେ ଆଗରୁ କଟା ହୋଇଥିବା ରୁଟିକୁ ପକାଇ ଭଲଭାବେ ଘାଣ୍ଟନ୍ତୁ। ଏହାପରେ ଏଥିରେ ଲେମ୍ବୁ ରସ ପକାଇ ତାକୁ ଭଲଭାବେ ଗୋଳାଇ ଉପରେ ଗାର୍ଣ୍ଣିସିଙ୍ଗ କରିବା ଲାଗି ଧନିଆଁ ପତ୍ର ପକାଇ ଏବେ ସର୍ଭ କରନ୍ତୁ।



ଧରିତ୍ରୀ 50 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୫/୨୦୨୪ Bhubaneswar, Tuesday, October 15/ 2024

# ହରମନପ୍ରୀତ୍ ସବୁଠୁ ଦାମୀ

## ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମ

■ ଅମିତ ରୋହିଦାସଙ୍କୁ ନେଲା ତାମିଲନାଡୁ ଡ୍ରାଗନ୍ସ

**ନୂଆଦିଲ୍ଲୀ, ୧୪।୧୦ (ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ପାଇଁ ଖେଳାଳି ନିଲାମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗ ନେଉଥିବା ସମସ୍ତ ୮ ଫ୍ରାଞ୍ଚାଇଜ୍ ଭାରତୀୟ ପୁରୁଷ ହକି ଦଳର ଖେଳାଳିଙ୍କୁ ନେବା ଲାଗି ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। ଷ୍ଟାର ଡ୍ରାଗ୍ ଫ୍ଲିକର ତଥା ଭାରତୀୟ ହକି ଦଳର ଅଧିନାୟକ ହରମନପ୍ରୀତ୍ ସିଂଙ୍କୁ ସୁର୍ମା ହକି କ୍ଲବ ୭୮ ଲକ୍ଷ ଟଙ୍କାରେ କ୍ରୟ କରିଛି। ସେ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି। ଦ୍ୱିତୀୟ ଦାମୀ ଖେଳାଳି ଅଭିଷେକଙ୍କୁ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ୭୨ ଲକ୍ଷ ଟଙ୍କାରେ କ୍ରୟ କରିଥିବା ବେଳେ ୟୁପି ରୁଦ୍ରାସ ୭୦ ଲକ୍ଷ ଟଙ୍କାରେ ହାର୍ଦ୍ଦିକ ସିଂଙ୍କୁ ନେଇଛି। ଅନ୍ୟ ଜଣାଶୁଣା ଖେଳାଳିମାନଙ୍କ ମଧ୍ୟରେ ଅମିତ ରୋହିଦାସଙ୍କୁ ତାମିଲନାଡୁ ଡ୍ରାଗନ୍ସ ୪୮ ଲକ୍ଷ ଟଙ୍କାରେ କ୍ରୟ କରିଥିବା ବେଳେ ୟୁଗରାଜ ସିଂଙ୍କୁ ସମାନ ମୂଲ୍ୟରେ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ନେଇଛି। ସେହିପରି ହାଇଦ୍ରାବାଦ ତୁଫାନ୍ସ ସୁମିତଙ୍କୁ ୪୬ ଲକ୍ଷ ଟଙ୍କାରେ କ୍ରୟ କରିଛି। ରବିବାର ୧୮ ବିଦେଶୀ ଖେଳାଳିଙ୍କ ସମେତ ମୋଟ ୫୪ ଖେଳାଳି ନିଲାମ ହୋଇଛନ୍ତି। ପ୍ରଥମ ଦିବସରେ ୮ଟି ଯାକ ଫ୍ରାଞ୍ଚାଇଜ ମୋଟ ୧୬ କୋଟି ୮୮ ଲକ୍ଷ ଓ ୫୦ ହଜାର ଟଙ୍କା ବ୍ୟୟ କରିଛନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଜର୍ମାନୀର ଗୋଞ୍ଜାଲେଜ୍ ପେଲେଟ୍ ସବୁଠାରୁ



ହରମନପ୍ରୀତ୍ ସିଂ

ଦାମୀ ଖେଳାଳି। ତାଙ୍କୁ ୬୮ ଲକ୍ଷ ଟଙ୍କା ବ୍ୟୟରେ ତାମିଲନାଡୁ ଡ୍ରାଗନ୍ସ କ୍ରୟ କରିଛି। ନେଦରଲାଣ୍ଡ୍ସର ଜିପ୍ ଜାନସେନଙ୍କୁ ମଧ୍ୟ ତାମିଲନାଡୁ ଡ୍ରାଗନ୍ସ ୫୪ ଲକ୍ଷ ଟଙ୍କାରେ କ୍ରୟ କରିଛି। ବିଦେଶୀ ଗୋଲକିପରଙ୍କ ମଧ୍ୟରୁ ଆୟର୍ଲାଣ୍ଡର ଡେଭିଡ ହାର୍ଟେ ବହୁମୂଲ୍ୟରେ ବିକ୍ରି ହୋଇଛନ୍ତି। ତାମିଲନାଡୁ ଡ୍ରାଗନ୍ସ ତାଙ୍କୁ ୩୨ ଲକ୍ଷ ଟଙ୍କାରେ ନେଇଛି। ନିଲାମ ହୋଇଥିବା ଅନ୍ୟ ଗୋଲକିପରମାନେ ହେଲେ ଜର୍ମାନୀର ଜିନ୍-ପଲ୍ ଡେନ୍‌ବର୍ଗ (ହାଇଦ୍ରାବାଦ ତୁଫାନ୍ସ, ୨୭ ଲକ୍ଷ ଟଙ୍କା), ନେଦରଲାଣ୍ଡର ପିରମିନ ବ୍ଲାକ (ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ, ୨୫ ଲକ୍ଷ) ଏବଂ ବେଲଜିୟମର ଭିନ୍‌ସେଣ୍ଟ ଭାନାଶ୍ଚ (ସୁର୍ମା ହକି କ୍ଲବ, ୨୩ ଲକ୍ଷ)। ଭାରତୀୟ ଗୋଲକିପର ସୁରଜ କାର୍‌କେରା ଓ ପୱନଙ୍କୁ ଯଥାକ୍ରମେ ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ୨୨ ଲକ୍ଷ ଓ ୧୫ ଲକ୍ଷ ଟଙ୍କାରେ ନେଇଛନ୍ତି।

**ପ୍ରଥମ ଦିବସରେ ବିକ୍ରି ହୋଇଥିବା ଟପ୍ ୫ ଖେଳାଳି:** ୧. ହରମନପ୍ରୀତ୍ ସିଂ (ଭାରତ)-ସୁର୍ମା ହକି କ୍ଲବ-୭୮ଲକ୍ଷ ଟଙ୍କା। ୨. ଅଭିଷେକ (ଭାରତ)-ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ-୭୨ ଲକ୍ଷ। ୩. ହାର୍ଦ୍ଦିକ ସିଂ (ଭାରତ)-ୟୁପି ରୁଦ୍ରାସ-୭୦ ଲକ୍ଷ। ୪.ଗୋଞ୍ଜାଲେଜ୍ ପେଲେଟ୍ (ଜର୍ମାନୀ)-ହାଇଦ୍ରାବାଦ ତୁଫାନ୍ସ-୬୮ଲକ୍ଷ ଟଙ୍କା। ୫.ଜିପ୍‌ଜାନସେନ(ନେଦରଲାଣ୍ଡ୍ସ)-ତାମିଲନାଡୁ ଡ୍ରାଗନ୍ସ-୫୪ ଲକ୍ଷ।

### ପ୍ରଥମ ଦିବସରେ ବିକ୍ରି ହୋଇଥିବା ଅନ୍ୟ ଖେଳାଳି

୧. ଅମିତ ରୋହିଦାସ-ତାମିଲନାଡୁ ଡ୍ରାଗନ୍ସ-୪୮ ଲକ୍ଷ, ୨. ଗୁରଜାଣ୍ଟ ସିଂ-ସୁର୍ମା ହକି କ୍ଲବ-୧୯ ଲକ୍ଷ। ୩. ମନଦୀପ ସିଂ-ଟିମ୍ ଗୋନାସିକା-୨୫ ଲକ୍ଷ। ୪.ମନପ୍ରୀତ ସିଂ-ଟିମ୍ ଗୋନାସିକା-୪୨ ଲକ୍ଷ। ୫.ସୁଖଜିତ୍ ସିଂ-ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ-୪୨ ଲକ୍ଷ। ୬. ନୀଳକାନ୍ତ ଶର୍ମା-ହାଇଦ୍ରାବାଦ ତୁଫାନ୍ସ-୩୪ ଲକ୍ଷ। ୭. ସଞ୍ଜୟ-କଳିଙ୍ଗ ଲାନ୍ସର୍ସ-୩୮ ଲକ୍ଷ। ୮. ଲଳିତ କୁମାର ଉପାଧ୍ୟାୟ-ୟୁପି ରୁଦ୍ରାସ-୨୮ ଲକ୍ଷ। ୯. ବିବେକ ସାଗର ପ୍ରସାଦ-ସୁର୍ମା ହକି କ୍ଲବ-୪୦ ଲକ୍ଷ। ୧୦. ସୁମିତ ହାଇଦ୍ରାବାଦ ତୁଫାନ୍ସ-୪୬ ଲକ୍ଷ। ୧୧. ୟୁଗରାଜ ସିଂ-ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ-୪୮ ଲକ୍ଷ। ୧୨. କ୍ରିଶନ ବି. ପାଠକ-କଳିଙ୍ଗ ଲନ୍ସର୍ସ-୩୨ ଲକ୍ଷ। ୧୩. ସମଶେର ସିଂ-ଦିଲ୍ଲୀ ଏସ୍.ଜି ପାଇପର୍ସ-୪୨ ଲକ୍ଷ। ୧୪. ଜରମନପ୍ରୀତ ସିଂ-ଦିଲ୍ଲୀ ଏସ୍‌ଜି ପାଇପର୍ସ-୪୦ ଲକ୍ଷ। ୧୫. ରାଜକୁମାର ପାଲ୍-ଦିଲ୍ଲୀ ଏସ୍‌ଜି ପାଇପର୍ସ-୪୦ ଲକ୍ଷ। ୧୬. ଡେଭିଡ୍ ହାର୍ଟ (ଆୟର୍ଲାଣ୍ଡ)-ତାମିଲନାଡୁ ଡ୍ରାଗନ୍ସ-୩୨ ଲକ୍ଷ। ୧୭. ଜିନ୍ ପଲ୍-ଡେନ୍‌ବର୍ଗ (ଜର୍ମାନୀ)-ହାଇଦ୍ରାବାଦ ତୁଫାନ୍ସ-୨୭ ଲକ୍ଷ। ୧୮. ଅଲିଭର ପେନ୍ (ୟୁନାଇଟେଡ କିଙ୍ଗଡମ)-ଟିମ୍ ଗୋନାସିକା-୧୫ ଲକ୍ଷ। ୧୯. ପିର୍‌ମାନ ବ୍ଲାକ (ନେଦରଲାଣ୍ଡ)-ଶ୍ରାଚି ବାର୍ ବେଙ୍ଗଲ ଟାଇଗର୍ସ-୨୫ ଲକ୍ଷ। ୨୦. ଟୋମାସ ସାଣ୍ଟିଆଗୋ (ଆର୍ଜେଣ୍ଟିନା)-ଦିଲ୍ଲୀ ଏସ୍‌ଜି ପାଇପର୍ସ-୧୦ ଲକ୍ଷ। ୨୧. ଭିନ୍‌ସେଣ୍ଟ ଭାନାସ୍କ (ବେଲଜିୟମ)-ସୁର୍ମା ହକି କ୍ଲବ-୨୩ ଲକ୍ଷ। ୨୨. ସୁରଜ କାରକେରା-ଟିମ୍ ଗୋନାସିକା-୨୨ ଲକ୍ଷ। ୨୩. ପୱନ-ଦିଲ୍ଲୀ ଏସ୍‌ଜି ପାଇପର୍ସ-୧୫ ଲକ୍ଷ।

## ଦ୍ୱିତୀୟ ଦିବସରେ ୱେଗ୍‌ନେଜ୍

**ନୂଆଦିଲ୍ଲୀ, ୧୪।୧୦ (ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଖେଳାଳି ନିଲାମର ଦ୍ୱିତୀୟ ଦିବସରେ ବେଲଜିୟମ ମିଡ୍‌ଫିଲ୍ଡର ଭିକ୍ଟର ୱେଗ୍‌ନେଜ୍ ସବୁଠାରୁ ଦାମି ବିବେଚିତ ହୋଇଛନ୍ତି। ସୁର୍ମା ହକି କ୍ଲବ ତାଙ୍କୁ ୪୦ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରିଛି। ସୋମବାର ବିକ୍ରି ହୋଇଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ନେଦରଲାଣ୍ଡ୍ସର ଥିଏରୀ ବ୍ରିଙ୍କମାନ (୩୮ଲକ୍ଷ) ଓ ଆର୍ଥର ଭାନ୍ ଡୋରେନ (୩୨ ଲକ୍ଷ)। ଏହି ଦୁଇ ଖେଳାଳିଙ୍କୁ କଳିଙ୍ଗ ଲାନ୍ସର୍ସ ନେଇଛି। ସେହିପରି ଟୋମାସ ଡୋମେନଙ୍କୁ ୩୬ ଲକ୍ଷ ଟଙ୍କା ବିନିମୟରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ନେଇଥିବା ବେଳେ ଅଷ୍ଟ୍ରେଲିଆ ଆରନ ଜେଲସ୍କିଙ୍କୁ କଳିଙ୍ଗ ଲାନ୍ସର୍ସ ୨୭ଲକ୍ଷ ଏବଂ ବ୍ଲେକ ଗୋଭର୍ସଙ୍କୁ ତାମିଲନାଡୁ ଡ୍ରାଗନ୍ସ ୨୭ ଲକ୍ଷରେ କ୍ରୟ କରିଛି। ଅନ୍ୟପକ୍ଷରେ ଦ୍ୱିତୀୟ ଦିବସରେ ବିକ୍ରି ହୋଇଥିବା ଟପ୍ ଭାରତୀୟ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ମୋରିଆଙ୍ଗଥିମ୍ ରବିଚନ୍ଦ୍ର (କଳିଙ୍ଗ ଲାନ୍ସର୍ସ ୩୨ ଲକ୍ଷ) ଓ ମହମ୍ମଦ ରାହିଲ ମୋସିନ (ତାମିଲନାଡୁଡ୍ରାଗନ୍ସ, ୨୫ଲକ୍ଷ)।

# ଫାଇନାଲରେ କୋଣାର୍କ ସୂର୍ଯ୍ୟସ୍



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଇର୍‌ଫାନ ପଠାନ।

## ଲିଜେଣ୍ଡ୍ସ ଲିଗ୍ କ୍ରିକେଟ

### ୧୭ରେ ସଦର୍ନ ସୁପର ଷ୍ଟାର୍ସଙ୍କୁ ଭେଟିବ ଓଡ଼ିଶା

**ଶ୍ରୀନଗର, ୧୪।୧୦**

ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ପ୍ରଥମ ପଦାର୍ପଣରେ ଫାଇନାଲରେ ପ୍ରବେଶ କରିଛି କୋଣାର୍କ ସୂର୍ଯ୍ୟସ ଓଡ଼ିଶା। ସୋମବାର ଅନୁଷ୍ଠିତ କ୍ୱାଲିଫାୟର-୨ରେ ଏହି ଦଳ ଟୋୟମ ହାଇଦ୍ରାବାଦକୁ ରୋମାଞ୍ଚକଭାବେ ମାତ୍ର ୧ ରନରେ ପରାସ୍ତ କରି ଟାଇଟଲ ମୁକାବିଲାରେ ପହଞ୍ଚିଛି। ଆସନ୍ତା ୧୭ରେ କୋଣାର୍କ ସୂର୍ଯ୍ୟସ ଓ ସଦର୍ନ ସୁପର ଷ୍ଟାର୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। କ୍ୱାଲିଫାୟର-୧ରେ ସୁପର ଷ୍ଟାର୍ସ ନିକଟରୁ କୋଣାର୍କ ସୂର୍ଯ୍ୟସ ପରାସ୍ତ ହୋଇଥିଲା। ତେଣୁ ଏହାର ମଧୁର ପ୍ରତିଶୋଧ ନେବାସହ ଟାଇଟଲ ବିଜୟ ପାଇଁ ଦଳ ନିକଟରେ ଭଲ ସୁଯୋଗ ରହିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ୨୦ ଓଭରରେ ୫ ଉଇକେଟ ହରାଇ ୧୫୬ କରିଥିଲା। ଜବାବରେ ହାଇଦ୍ରାବାଦ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନରେ ସୀମିତ ରହି ଯାଇଥିଲା। ଶେଷ ବଲ୍‌ରୁ ବିଜୟ ପାଇଁ ୨ ରନ ଆବଶ୍ୟକ ହେଉଥିଲା। ୧ ରନ ହୋଇଥିଲେ ମ୍ୟାଚ ସୁପର ଓଭରକୁ ଯାଇଥାନ୍ତା। ମାତ୍ର ଅଧିନାୟକ ଇରଫାନ ପଠାନ ଚତୁରତାର ସହ ବୋଲିଂ କରି ବିପକ୍ଷ ଦଳର ଅଧିନାୟକ ଗୁରକୀରଟ ସିଂ ମାନ୍‌ଙ୍କୁ ରନ କରିବାକୁ ଦେଇ ନ ଥିଲେ। ମାନ୍ ୨୭ ରନରେ ଅପରାଜିତ ରହି ଦଳ ପରାଜୟର ପ୍ରତ୍ୟକ୍ଷଦର୍ଶୀ ସାଜିଥିଲେ। ରିକି କ୍ଲାର୍କ ଦଳ ପକ୍ଷରୁ ସର୍ବାଧିକ ୬୭ ରନ କରିଥିଲେ। କୋଣାର୍କ ସୂର୍ଯ୍ୟସ ପକ୍ଷରୁ ଦିୱେଶ ପଠାନିଆ, ବିନୟ କୁମାର, ବେନ୍ ଲାଫଲିନ, ଶାହାବାଜ ନଦୀମ, କେ.ପି. ଅପନ୍ନା ଓ ଇରଫାନ ପଠାନ ଗୋଟିଏ ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଣାର୍କ ସୂର୍ଯ୍ୟସ ମାତ୍ର ୨୦ ରନରେ ଓପନର ରଚାର୍ଡ ଲେଭିଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। କେଭିନ ଓ'ବ୍ରାଏନ ଅର୍ଦ୍ଧଶତକ ହାସଲ କରି ଇନିଂସ ସମ୍ଭାଳି ଥିବାବେଳେ ଅଧିନାୟକ ଇରଫାନ ପଠାନ ଦୃଢ଼ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓ'ବ୍ରାଏନ ୩୯ ବଲ୍‌ରୁ ୫୦ (୫ ଚୌକା, ୧ ଛକା) ରନକରି ଆଉଟ ହୋଇଥିଲେ ଏବଂ ଇରଫାନ ୪୯ (୩୫ ବଲ୍, ୫ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। କ୍ୱାଲିଫାୟର-୧ରେ କୋଣାର୍କ ସୂର୍ଯ୍ୟସ ୭ ଉଇକେଟରେ ସଦର୍ନ ସୁପର ଷ୍ଟାର୍ସ ନିକଟରୁ ହାରି ଯାଇଥିଲା। ଏଲିମିନେଟରରେ ଟୋୟମ ହାଇଦ୍ରାବାଦ ୭ ଉଇକେଟରେ ଇଣ୍ଡିଆ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା।

**ସଂକ୍ଷିପ୍ତ ସ୍କୋର**

କୋଣାର୍କ ସୂର୍ଯ୍ୟସ ଓଡ଼ିଶା ୨୦ ଓଭରରେ ୧୫୬/୫ (କେଭିନ ଓ'ବ୍ରାଏନ-୫୦, ଇରଫାନ ପଠାନ-୪୯, ଷ୍ଟୁଆର୍ଟ ବିନ୍ନି-୨/୧୯, ନୂଆନ ପ୍ରଦୀପ-୧/୪୨, ଇସୁରୁ ଉଡାନା-୧/୨୭, ମଣ୍ଟି ପନିସର-୧/୨୩)। ଟୋୟମ ହାଇଦ୍ରାବାଦ ୨୦ ଓଭରରେ ୧୫୫/୬ (ରିକି କ୍ଲାର୍କ-୬୭, ଗୁରକୀରଟ ସିଂ ମାନ-୨୭*, ଦିୱେଶ ପଠାନିଆ-୧/୩୦, ବିନୟ କୁମାର-୧/୧୫, ବେନ୍ ଲାଫଲିନ-୧/୨୪, ଶାହାବାଜ ନଦୀମ-୧/୨୧, କେ.ପି. ଅପନ୍ନା-୧/୩୯, ଇରଫାନ ପଠାନ-୧/୧୦)।

# ଭାରତର ଅଭିଯାନ ଶେଷ

## ମହିଳା ଟି୨୦ ବିଶ୍ୱକପ୍

■ ସେମିଫାଇନାଲରେ ନ୍ୟୁଜିଲାଣ୍ଡ

**ଦୁବାଇ, ୧୪।୧୦**

ଚଳିତ ମହିଳା ଟି୨୦ ବିଶ୍ୱକପରୁ ଭାରତର ଅଭିଯାନ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଛି। ସୋମବାର ନ୍ୟୁଜିଲାଣ୍ଡ ୫୪ ରନରେ ପାକିସ୍ତାନକୁ ହରାଇ ଗ୍ରୁପ୍ 'ଏ'ରୁ ଦ୍ୱିତୀୟ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ୪ ମ୍ୟାଚରୁ ୮ ଓ ନ୍ୟୁଜିଲାଣ୍ଡ ସମାନ ସଂଖ୍ୟକ ମ୍ୟାଚରୁ ୬ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭାରତ ୪ ମ୍ୟାଚରୁ ୪ ପଏଣ୍ଟ ସହିତ ବିଦାୟ ନେଇଛି। ନିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ୫୮ ରନରେ ହାରିଥିବା ଭାରତ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ପାକିସ୍ତାନକୁ ୬ ଉଇକେଟରେ ଏବଂ ଶ୍ରୀଲଙ୍କାକୁ ୮୨ ରନରେ ହରାଇଥିଲେ ହେଁ ୪ର୍ଥ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ୯ ରନରେ ହାରି ଯାଇଥିଲା। ଏହାପରେ ପାକିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚର ଫଳାଫଳ ଉପରେ ଭାରତର ଭାଗ୍ୟ ନିର୍ଭର କରୁଥିଲା। ପାକିସ୍ତାନ ବିଜୟୀ ହୋଇଥିଲେ ଉନ୍ନତ ରନ୍ ହାରରେ ଭାରତ ପାଇଁ ସୁଯୋଗ ସୃଷ୍ଟି ହୋଇଥାନ୍ତା। ମାତ୍ର ପାକିସ୍ତାନର ପରାଜୟ ସହ ଭାରତର ବିଦାୟ ନିଶ୍ଚିତ ହୋଇଛି।

ପାକିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚ ଲୋ-ସ୍କୋରିଂ ବିଶିଷ୍ଟ ହୋଇଥିଲା। ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୧୦ ରନ କରିଥିବାବେଳେ ପାକିସ୍ତାନ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧.୪ ଓଭରରେ ମାତ୍ର ୫୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ନ୍ୟୁଜିଲାଣ୍ଡର ଇଡେନ କାର୍ସନ ୩ ଓଭରରେ ଗୋଟିଏ ମେଡେନ ନେବାସହ ମାତ୍ର ୭ ରନ ଦେଇ ୨ଟି ଉଇକେଟ ନେଇଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୦୧୬ ପରେ ନ୍ୟୁଜିଲାଣ୍ଡ ପ୍ରଥମଥରପାଇଁ ମହିଳା ଟି୨୦ ବିଶ୍ୱକପର ସେମିଫାଇନାଲରେପ୍ରବେଶକରିଛି।

# ପଦ୍ମିନୀ ତୃତୀୟ, କିରଣ ଚତୁର୍ଥ



ପୁରସ୍କାର ସହ କିରଣ ମନୀଷା ମହାନ୍ତି ଓ ପଦ୍ମିନୀ ରାଉତ।

## ଜାତୀୟ ମହିଳା ଚେସ୍

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ତାମିଲନାଡୁର କରାଇକୁଡ଼ିରେ ଅନୁଷ୍ଠିତ ୫୦ତମ ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତ ତୃତୀୟ ଓ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ୪ର୍ଥ ସ୍ଥାନ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପଦ୍ମିନୀ ପିଏସ୍‌ପିବି ଓ କିରଣ ଏଲ୍‌ଆଇସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ଉଭୟ ଖେଳାଳି ୧୧ ରାଉଣ୍ଡରୁ ୮.୫ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ଉଭୟେ ଗୋଟିଏ ଲେଖାଏ ମ୍ୟାଚ ହାରିଥିବାବେଳେ ୩ଟି ଡ୍ର ଓ ଅବଶିଷ୍ଟ ୭ଟି ମ୍ୟାଚରେ ବିଜୟୀ ହୋଇଛନ୍ତି। ତାମିଲନାଡୁର ମହିଳା ଗ୍ରାଣ୍ଡମାଷ୍ଟର ପି.ଭି. ନନ୍ଧିଧା ୯ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିବାବେଳେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ପ୍ରିୟଙ୍କା କେ.(୮.୫) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ୟଶିତା ରାଉତ (୬ ପଏଣ୍ଟ-୫୩ ତମ ସ୍ଥାନ), ପ୍ରତ୍ୟାଶା ଜେନା (୬-୫୮), ଅପରାଜିତା ଗୋଚ୍ଛିକାର (୫.୫-୭୪), ଶୂନ୍ୟସକ୍ତା ଶତପଥୀ(୫-୮୫), ସାଞ୍ଚି ସାହୁ (୫-୯୯) ପ୍ରମୁଖ ପଛକୁ ପଛ ରହିଛନ୍ତି।




# ଡ୍ରିମ୍ସ ଟାଇଟନକୁ ହରାଇ ଟାଙ୍ଗୀ ସୁପରକିଙ୍ଗ୍ସ ଚାମ୍ପିୟନ

**ମଙ୍ଗୁଳି-ଜଗତପୁର, ୧୪।୧୦**
**(ମାନସ ସାମଲ)**

କଟକ ଟାଙ୍ଗୀଠାରେ ଡ୍ରିମ୍ସ ଟାଇଟନ ଓ ଟାଙ୍ଗୀ ସୁପରକିଙ୍ଗ୍ସ ମଧ୍ୟରେ କ୍ରିକେଟ ଧମାକା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରିମ୍ସ ଟାଇଟନକୁ ହରାଇ ଟାଙ୍ଗୀ ସୁପରକିଙ୍ଗ୍ସ ଚାମ୍ପିୟନ ହୋଇଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଆୟୋଜିତ ଟି୨୦ର ଏହି ମ୍ୟାଚ୍‌ରେ ଡ୍ରିମ୍ସ ଟାଇଟନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଟାଙ୍ଗୀ ସୁପର କିଙ୍ଗ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୨୫ରନ କରିଥିଲା। ଡ୍ରିମ୍ସ ଟାଇଟନ ୧୨୬ ରନର ବିଜୟ ଲକ୍ଷ୍ୟ ପିଛା କରି ୧୯ ଓଭରରେ ମାତ୍ର ୮୦ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଇଂ. ଦୁର୍ଗାପ୍ରସାଦ ରଥଙ୍କ ଅଧିନାୟକତ୍ୱରେ ଟାଙ୍ଗୀ ସୁପର କିଙ୍ଗ୍ସ ୪୫ ରନ୍‌ରେ ବିଜୟୀ ହୋଇଥିଲା। ଏଥିରେ ଇଂ. ଶକ୍ତି ପ୍ରସାଦ ରଥ 'ମ୍ୟାନ ଅଫ୍ ଦ ମ୍ୟାଚ୍' ଘୋଷିତ ହୋଇଥିଲେ। ଇଂ. ବୈଭବ ଷଡଙ୍ଗୀ 'କ୍ୟାଚ୍ ଅଫ ଦି ମ୍ୟାଚ୍', ଇଂ. ଶିବପ୍ରସାଦ ରଥ 'ପର୍ପଲ କ୍ୟାପ୍' ଓ ରଣଜିତ୍ ସାହୁ 'ଅରେଞ୍ଜ କ୍ୟାପ୍' ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡ. ରୁଦ୍ର ନାରାୟଣ ମିଶ୍ର, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ରଙ୍କ ସମେତ ଡ୍ରିମ୍ସର ବରିଷ୍ଠ ପଦାଧିକାରୀ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜୁବେନ ମହାନ୍ତିଙ୍କ ସଂଯୋଜନାରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଖେଳାଳିଙ୍କ ସହ ଅତିଥିବୃନ୍ଦ।

## ବିସିସିଆଇ ସିନିୟର ମହିଳା ଟି୨୦

# ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ ଟ୍ରଫି ଭଦୋଦରାରେ ଚଳିତ ମାସ ୧୭ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ୧୭ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ସୁମନ ଶର୍ମା, ସହକାରୀ କୋଚ୍ ମଧୁସ୍ମିତା ବେହେରା, ମ୍ୟାନେଜର ମଧୁସ୍ମିତା ମହାପାତ୍ର, ଫିଜିଓ ପ୍ରଞ୍ଜଳି ପାଲକର, ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଗୋମ୍ପା ପୋଲାମା, ଭିଡିଓ ଆନାଲିଷ୍ଟ ଗାୟତ୍ରୀ ବେହେରା ଓ ମାଲିସ ପାଇଁ ଜୟଶ୍ରୀ ମହନା ଟୁର୍ନାମେଣ୍ଟ ଅବସରରେ ଦଳସହ ରହିବେ। ଭଦୋଦରା କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ୧୭ ତାରିଖରେ ଗୁଜରାଟ ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହାପରେ ୧୮ରେ ଜମ୍ମୁ-କଶ୍ମୀର, ୨୦ରେ ତାମିଲନାଡୁ, ୨୨ରେ ମିଜୋରାମ, ୨୪ରେ ଗୋଆ, ୨୬ରେ ମୁମ୍ବାଇ ଓ ୨୬ରେ ଆନ୍ଧ୍ର ପ୍ରଦେଶକୁ ଭେଟିବ।

**ଓଡ଼ିଶା ଦଳ:** ମାଧୁରୀ ମେହେଟା (ଅଧିନାୟିକା), ତନ୍ମୟୀ ବେହେରା, ସଙ୍ଗିତା ଖାଡ଼ିଆ, କାଜଲ ଜେନା, ସୁଶ୍ରୀ ଦିବ୍ୟଦର୍ଶିନୀ (ଉପ-ଅଧିନାୟିକା), ସରିତା ମେହେର, ଶିଲ୍ପା ସ୍ୱାଇଁ, ପ୍ରଜ୍ଞା ପାରମିତା ମହାନ୍ତି, ରଶ୍ମିତା ଚିନାରା, ଡି. ଜାନକୀ ରେଡ୍ଡୀ, ରସନାରା ପରୱିନ, ଭବାନୀ ଧଡ଼ା, ରାମେଶ୍ୱରୀ ନାଏକ, ରିମାଲକ୍ଷ୍ମୀ ଏକ୍କା, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତରନ୍ନା ପ୍ରଧାନ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ।



ବିସିସିଆଇ ସିନିୟର ମହିଳା ଟି୨୦ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ